ପୃଷ୍ଠା–୧୨+୮

DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୩/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Tuesday, April 23/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୧୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 149 | ମୂଲ୍ୟ ₹୭/-



**ଚହଲଙ୍କ ୨୦୦ ଉଇକେଟ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ୨୦୦ ଉଇକେଟ ପୂରଣ କରିଛନ୍ତି ରାଜସ୍ଥାନ ରୟାଲ୍ସ ବୋଲର ଯୁଜବେନ୍ଦ୍ର ଚହଲ।

୧୨

୦୨

**ଟ୍ରୋଲ୍ ହେଲେ ଈଶା**

ମା' ହେମାମାଳିନୀଙ୍କ ପାଇଁ ପ୍ରଚାର କରୁଥିବା ସମୟରେ ଅଭିନେତ୍ରୀ ଈଶା ଦେଓଲ ଲିପ୍ ସର୍ଜରି କରାଇଛନ୍ତି ବୋଲି କମେଣ୍ଟ କରି ଅନେକ ୟୁଜର୍ସ ତାଙ୍କୁ ଟ୍ରୋଲ୍ କରିଛନ୍ତି।



# ୬ରୁ ୫ ନୂଆ ଚେହେରା

## ବିଜେଡିର ୭ମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

ଭୁବନେଶ୍ୱର, ୨୨।୪(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୭ମ ପର୍ଯ୍ୟାୟରେ ୬ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କରିଛନ୍ତି। ଏଥିରେ ୫ଜଣ ନୂଆ ଚେହେରାଙ୍କୁ ଦଳ ସୁଯୋଗ ଦେଇଥିବାବେଳେ କେବଳ କାକଟପୁର ଆସନରେ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ପୁନର୍ବାର ପ୍ରାର୍ଥୀ କରାଯାଇଛି। ବରୀ, ବାଲିକୁଦା-ଏରସମା, ହିନ୍ଦୋଳ ଏବଂ ରଘୁନାଥପାଲି ବିଧାୟକଙ୍କୁ ବାଦ୍ ଦିଆଯାଇ ସେଠାରେ ନୂଆ ପ୍ରାର୍ଥୀ ଘୋଷଣା କରାଯାଇଛି। ମୟୂରଭଞ୍ଜ ଲୋକ ସଭା ଆସନ ପାଇଁ ଦଳ ପୂର୍ବରୁ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ନାମ ଘୋଷଣା କରିଥିବାବେଳେ ତାଙ୍କ ବିଧାନସଭା ଆସନ ବାଙ୍ଗିରିପୋଷି ନିମନ୍ତେ ସ୍ତ୍ରୀ ରଞ୍ଜିତା ମାର୍ଣ୍ଡିଙ୍କୁ ଟିକେଟ ମିଳିଛି। ସେହିପରି ପୂର୍ବତନ ମନ୍ତ୍ରୀ ☞ପୃଷ୍ଠା-୪

# ଚାପରେ ଭୁଲ୍ ତଥ୍ୟ ଦେଉଛନ୍ତି ଜେଲ କର୍ତ୍ତୃପକ୍ଷ

## ଦୈନିକ ଇନ୍‌ସୁଲିନ୍ ପାଇଁ କହିଥିଲି: କେଜ୍‌ରିୱାଲ

ନୂଆଦିଲ୍ଲୀ, ୨୨।୪

ତିହାର ଜେଲ କର୍ତ୍ତୃପକ୍ଷ ଇନ୍‌ସୁଲିନ୍‌ଯୋଗାଣକୁ ସ୍ଥଗିତ ରଖିଥିବା ଡାଇବେଟିସ୍ ଆକ୍ରାନ୍ତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଅଭିଯୋଗ କରିଛନ୍ତି। ସେମାନେ ଶାସକ ଭାଜପାର ଚାପରେ ପଡ଼ି ମିଥ୍ୟା ବୟାନ ଦେଉଥିବା କେଜ୍‌ରିୱାଲ କହିଛନ୍ତି। ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାର୍ଚ୍ଚ ୨୧ରେ କେଜ୍‌ରିୱାଲଙ୍କୁ ଗିରଫ କରିଥିଲା। ଏପ୍ରିଲ ୧ରୁ ସେ ତିହାର ଜେଲରେ ଅଛନ୍ତି। ସୋମବାର ସେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ, ପ୍ରତିଦିନ ଇନ୍‌ସୁଲିନ୍ ଯୋଗାଇବା ପାଇଁ ସେ କହିଥିଲେ। ତାଙ୍କର ଡାଇବେଟିସ୍ ସ୍ଥିତିକୁ ନେଇ ବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ଏମ୍ସ ଡାକ୍ତର କଦାପି କହିନାହାନ୍ତି। ସୂଚନାଯୋଗ୍ୟ, ଦିନକ ପୂର୍ବରୁ ଜେଲ୍ କର୍ତ୍ତୃପକ୍ଷ ଏକ ବିବୃତି ଜାରି କରି କହିଥିଲେ, ଏମ୍ସର ବରିଷ୍ଠ ବିଶେଷଜ୍ଞମାନଙ୍କ ସହ ସେମାନେ ଭିଡିଓ କନ୍‌ଫରେନ୍ସର ଆୟୋଜନ କରିଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଜୀବନକୁ ପାଣି ଛଡ଼ାଇ

# ଦେଶର ଉତ୍ତପ୍ତ ସହର ଭୁବନେଶ୍ୱର

ଭୁବନେଶ୍ୱର, ୨୨।୪(ଅସମାପିକା ସାହୁ)

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ କଲବଲ କରୁଛି। ଗରମ ପବନ ବା ଝାଞ୍ଜିରେ ଦେହମୁଣ୍ଡ ପୋଡ଼ିଗଲା ଭଳି ଲାଗୁଛି। ଏପରିସ୍ଥିତିରେ ସୋମବାର ରାଜଧାନୀ ଭୁବନେଶ୍ୱରରେ ସର୍ବାଧିକ ଦିନ ତାପମାତ୍ରା ୪୩.୮ ଡିଗ୍ରୀ ସେଲସିୟସ୍ ଛୁଇଁଛି। ଏଥିସହ ଭୁବନେଶ୍ୱର ରାଜ୍ୟ ତଥା ଦେଶର ଉତ୍ତପ୍ତ ସହର ପାଲଟିଛି। ଭାରତୀୟ ପାଣିପାଗ ବିଭାଗର ସୂଚନାନୁସାରେ, ସୋମବାର ଭୁବନେଶ୍ୱର ସହ ଆନ୍ଧ୍ରପ୍ରଦେଶର କଡ଼ପା ଦେଶର ଉତ୍ତପ୍ତ ସହର ରହିଥିଲା। ସେହିଭଳି ସୋମବାର ରାଜ୍ୟର ୧୭ ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀରୁ ☞ପୃଷ୍ଠା-୪

## ଅଂଶୁଘାତରେ ୮୯ ଅସୁସ୍ଥ

ରାଜ୍ୟରେ ଚଳିତ ବର୍ଷ ଏଯାଏ ୧୬ ଜିଲାରେ ଅଂଶୁଘାତ ଘଟଣା ସାମ୍ନାକୁ ଆସିଛି। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇ କହିଛନ୍ତି, ଅଂଶୁଘାତ ଓ ତାତି ଜନିତ ସମସ୍ୟା ପାଇଁ ୮୯ଜଣ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୁନ୍ଦରଗଡ଼ରୁ ସର୍ବାଧିକ ୪୧ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାବେଳେ ଖୋର୍ଦ୍ଧା ଜିଲାର ୧୨ଜଣଙ୍କ ମଧ୍ୟରୁ ୭ଜଣ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ଅନୁଗୋଳରୁ ୯ଜଣ, ମୟୂରଭଞ୍ଜରୁ ୭, ଝାରସୁଗୁଡ଼ାରୁ ୭ ଓ ସମ୍ବଲପୁରରୁ ୫ଜଣ ଅଂଶୁଘାତ ଆକ୍ରାନ୍ତ ଚିକିତ୍ସିତ ହେଉଥିବାବେଳେ ଭର୍ତ୍ତି ହୋଇଥିଲେ। ଜଣଙ୍କର ମୃତ୍ୟୁ ହୋଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ଧରି ଅଂଶୁଘାତରେ ଆଉକେତେଜଣ ବ୍ୟକ୍ତିଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ହେଲେ ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ।

# ଅଧିକ ଖରା, ରୋଗ ଆଶଙ୍କା

ଭୁବନେଶ୍ୱର, ୨୨।୪(ଅସମାପିକା ସାହୁ)

ସାରା ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରଚଣ୍ଡ ଖରା ଓ ତାତି ଯୋଗୁ ଏବେ ସୂର୍ଯ୍ୟ କିରଣରେ ଅତି ବାଇଗଣି ରଶ୍ମି (ୟୁଭି)ର ମାତ୍ରା ୧୨ ରହୁଛି। ୟୁଭି ସ୍ତର ୧୧ ରୁ ଅଧିକ ଥିବା ଖରା ସଂସ୍ପର୍ଶରେ ଲଗାତର ଆସିଲେ ଚର୍ମ କର୍କଟ ରୋଗ ହୋଇଥାଏ। ସନ୍‌ବର୍ଣ୍ଣ ଏବଂ ଆଖି ଖରାପ



ହେବାର ଆଶଙ୍କା ମଧ୍ୟ ଅଧିକ ଥାଏ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଏଥିପାଇଁ ଜରୁରୀ ନ ଥିଲେ ଖରାକୁ ନ ଯିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି। ଶରୀର ସିଧାସଳଖ ଖରା ସଂସ୍ପର୍ଶରେ ନ ଆସିବାକୁ ଛତା ବ୍ୟବହାର କରିବା, ଦେହ ଓ ହାତକୁ ଘୋଡ଼ାଇବା ସହ ସନ୍‌ଗ୍ଲାସ ପିନ୍ଧିବାକୁ କୁହାଯାଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି, ପ୍ରଥମତଃ ୟୁଭି ଏକ୍ସପୋଜର ଯେତେ ଅଧିକ ହେବ ଆମ ଶରୀରରେ ଥିବା ଉପର ଚମଡ଼ା ନଷ୍ଟ ହେବା ସହିତ ବିଭିନ୍ନ ପ୍ରକାର ☞ପୃଷ୍ଠା-୪

# ଚେସ୍‌ରେ ଭାରତକୁ ସଫଳତା

## ସର୍ବକନିଷ୍ଠ ଖେଳାଳିଭାବେ ଗୁକେଶ ଜିତିଲେ କ୍ୟାଣ୍ଡିଡେଟ୍ସ ଚେସ୍ ଟାଇଟଲ



ଟରଣ୍ଟୋ, ୨୨।୪ (ପି.ଟି.)

ଚେସ୍‌ରେ ଭାରତକୁ ମିଳିଛି ଆଉ ଏକ ବଡ଼ ସଫଳତା। ୧୭ ବର୍ଷୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ କ୍ୟାଣ୍ଡିଡେଟ୍ସ ଚେସ୍ ଟାଇଟଲ ଜିତି ଦେଶକୁ ଗର୍ବିତ କରିଛନ୍ତି। ସର୍ବକନିଷ୍ଠ ଖେଳାଳିଭାବେ ସେ ବିଶ୍ୱ ଟାଇଟଲ ଲଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏ କ୍ଷେତ୍ରରେ କିମ୍ବଦନ୍ତୀ ଚେସ୍ ଖେଳାଳି ରୁଷିଆର ଗ୍ୟାରୀ କାସ୍ପାରୋଭଙ୍କ ଦୀର୍ଘ ୪୦ ବର୍ଷର ରେକର୍ଡ ଭାଙ୍ଗିଛନ୍ତି। ସୋମବାର ଅନୁଷ୍ଠିତ ୧୪ଶ ତଥା ଅନ୍ତିମ ରାଉଣ୍ଡ ମ୍ୟାଚକୁ ସେ ଆମେରିକାର ହିକାରୁ ନାକାମୁରାଙ୍କ ବିପକ୍ଷରେ ଡ୍ର ରଖିଥିଲେ। ଏହା ତାଙ୍କ ପାଇଁ କ୍ୟାଣ୍ଡିଡେଟ୍ସ ଟାଇଟଲ ଜିତିବାକୁ ପର୍ଯ୍ୟାପ୍ତ ହୋଇଥିଲା। ସମ୍ଭାବ୍ୟ ୧୪ ପଏଣ୍ଟରୁ ସେ ୯ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। କ୍ୟାଣ୍ଡିଡେଟ୍ସ ଟାଇଟଲ ଜିତିବା ଦ୍ୱାରା ସେ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଚାଇନାର ଡିଙ୍ଗ ଲିରେନଙ୍କ ସହ ବିଶ୍ୱ ଟାଇଟଲ ପାଇଁ ଲଢ଼େଇ କରିବାକୁ ଯୋଗ୍ୟତା ପାଇଛନ୍ତି। ଚଳିତ ବର୍ଷର ଶେଷ ଭାଗରେ ଏହି ମୁକାବିଲା ହେବ। ମାତ୍ର ୧୭ ବର୍ଷରେ କ୍ୟାଣ୍ଡିଡେଟ୍ସ ଟାଇଟଲ ଜିତି ଚେନ୍ନାଇଭିତ୍ତିକ ଗୁକେଶ ☞ପୃଷ୍ଠା-୯

KISS

KALINGA INSTITUTE OF SOCIAL SCIENCES (KISS)

Bhubaneswar, Odisha, India

A home for 80,000 indigenous children



KISS HUMANITARIAN AWARD 2021

Date: 22nd April 2024

PAST RECIPIENTS

**Mr. Bill Gates**
Co-chair of the Bill & Melinda Gates Foundation, and Co-Founder & former CEO of Microsoft **(2023)**

**Her Excellency Mama Rachel Ruto, EGH**
First Lady of the Republic of **Kenya (2022)**

**Dr. Dansa KOUROUMA**
President, National Transition Council of Guinea, **Guinea (2019)**

**Professor Muhammad Yunus**
(Nobel Laureate) Founder, Grameen Bank, **Bangladesh (2018)**

**His Holiness The 14th Dalai Lama (2017)**
Nobel Laureate, 2005 and Spiritual Leader

**Ms. Ashley Judd,**
Hollywood Actor, Activist & Global Goodwill Ambassador, **UNFPA (2016)**

**His Excellency Dr Alejandro Toledo,**
Former President of **Peru (2015)**

**Ms. Anne F. Stenhammer**
Former Regional Programme Director, UN Women, **South Asia Regional Office (2014)**



Mr. Ratan Naval Tata, Chairman Emeritus, Tata Sons receiving the prestigious KISS Humanitarian Award 2021 from Prof. Achyuta Samanta, Founder, KIIT, KISS & KIMS, Bhubaneswar.

AWARDEES ARE FROM

5 Continents

13 Countries

2 Nobel Laureates among the awardees

**Madam Albina Du Boisrouvray**
Founder, Association François-Xavier Bagnoud (FXB International), **Switzerland (2013)**

**His Excellency Lyonchhen Jigmi Y. Thinley**
Hon'ble Prime Minister, The Royal Government of **Bhutan (2012)**

**Rt Hon. Lord Nicholas Addison Phillips**
President (Chief Justice) of the Supreme Court of the **United Kingdom (2011)**

**Rt. Hon. Sir Anerood Jugnauth**
Eminent Social Worker & His Excellency the President of **Mauritius (2010)**

**Dr. Ham Kee-Sun**
Eminent Educationist & Physician and Hon'ble President & Founder, Hanseo University, **South Korea (2009)**

**Ms. Edna Bomo Molewa**
Noted Social Worker & Hon'ble Cabinet Minister, Social Development, South Africa National Assembly, **South Africa (2008)**

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT and KISS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta

ଡିପ୍‌ଫେକ୍ ଭିଡିଓ: ମାମଲା ଦାଏର କଲେ ରଣବୀର ସିଂ

ଅଭିନେତା ରଣବୀର ସିଂଙ୍କୁ ନେଇ ଏକ ଡିପ୍‌ଫେକ୍ ଭିଡିଓ ଭାଇରାଲ ହେଉଥିବାରୁ ସେ ଏହା ବିରୋଧରେ ପୋଲିସରେ ଅଭିଯୋଗ କରିଛନ୍ତି। ଉକ୍ତ ଭିଡିଓରେ ରଣବୀର ସାକ୍ଷାତ୍କାର ଦେଉଥିବାବେଳେ ସେ ଏକ ଦଳକୁ ସମର୍ଥନ କରୁଥିବା ଦେଖାଯାଇଛି। ଏଆଇ ଟେକ୍‌ନୋଲୋଜିରେ ଏହାର ଅଡିଓକୁ ବଦଳାଯାଇଛି।



## ସଂକ୍ଷେପରେ

### ଅରୁଣାଚଳର ୮ ବୁଥ୍‌ରେ ସାନି ନିର୍ବାଚନ ୨୪ରେ

**ନୂଆଦିଲ୍ଲୀ,୨୨।୪:** ଅରୁଣାଚଳପ୍ରଦେଶର ୮ଟି ଭୋଟଗ୍ରହଣ କେନ୍ଦ୍ରରେ ଆସନ୍ତା ୨୪ ତାରିଖରେ ସାନି ମତଦାନ ହେବ। ମତଦାନ ସକାଳ ୬ରୁ ଆରମ୍ଭ ହୋଇ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଚାଲିବ। ଗତ ୧୯ ତାରିଖରେ ଉକ୍ତ ବୁଥ୍‌ଗୁଡ଼ିକରେ ହୋଇଥିବା ମତଦାନକୁ ରଦ୍ଦ କରିଦିଆଯାଇଛି। ସେଠାରେ ଇଭିଏମ୍ ଭଙ୍ଗାରୁଜା ସାଙ୍ଗକୁ ହିଂସାକାଣ୍ଡ ଘଟିଥିବା ରିପୋର୍ଟ ପାଇବା ପରେ ସାନି ମତଦାନ ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

### ଇସ୍ରାଏଲ୍ ସେନା ଗୋଇନ୍ଦା ମୁଖ୍ୟଙ୍କ ଇସ୍ତଫା


ମେଜର ଜେନେରାଲ ଅହରୋନ୍ ହାଲିଭା

**ଜେରୁଜେଲମ୍,୨୨।୪:** ଗତବର୍ଷ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏନେଇ ପୂର୍ବରୁ ଗୋଇନ୍ଦା ବିଭାଗ ସତର୍କ କରାଇବାରେ ବିଫଳ ହୋଇଥିଲା। ଏଥିପାଇଁ ନୈତିକତା ଦୃଷ୍ଟିରୁ ନିଜକୁ ଦାୟୀ କରି ଇସ୍ରାଏଲ୍ ସେନାର ଗୋଇନ୍ଦା ମୁଖ୍ୟ ପଦରୁ ମେଜର ଜେନେରାଲ ଅହରୋନ୍ ହାଲିଭା ସୋମବାର ଇସ୍ତଫା ଦେଇଛନ୍ତି। ହାଲିଭା ହେଉଛନ୍ତି ଇସ୍ରାଏଲ୍ ସେନାର ପ୍ରଥମ ଜେନେରାଲ ଯେ ଗୋଇନ୍ଦା ବିଫଳତା ପାଇଁ ପଦବୀ ଛାଡ଼ିଛନ୍ତି। ହମାସ ଆକ୍ରମଣ ସମ୍ପର୍କରେ ଇସ୍ରାଏଲ୍ ନିକଟରେ କୌଣସି ପୂର୍ବ ସୂଚନା ନ ଥିଲା। ଫଳରେ ହମାସ ବିଦ୍ରୋହୀମାନେ ଇସ୍ରାଏଲ୍‌ରେ ପଶି ୧,୨୦୦ ଲୋକଙ୍କୁ ମାରିବା ସହ ଅନେକଙ୍କୁ ପଣବନ୍ଦୀ କରିନେଇଥିଲେ। ଏହାର ପ୍ରତିଶୋଧ ନେବା ଓ ହମାସ୍‌କୁ ମୂଳପୋଛ କରିଦେବା ପାଇଁ ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ ଜାରି ରଖିଛି।

### ୟୁପି ମନ୍ତ୍ରୀ ସଞ୍ଜୟ ନିଶାଦଙ୍କୁ ଆକ୍ରମଣ

**ସନ୍ଥ କବିରନଗର, ୨୨।୪:** ନିଶାଦ ପାର୍ଟିର ଅଧ୍ୟକ୍ଷ ତଥା ଉତ୍ତରପ୍ରଦେଶ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ସଞ୍ଜୟ ନିଶାଦଙ୍କୁ ରବିବାର ବିଳମ୍ବିତ ରାତ୍ରିରେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ସନ୍ଥ କବିରନଗର ଜିଲା ଖଲିଲାବାଦ କୋଟ୍‌ୱାଲି ଥାନା ଅନ୍ତର୍ଗତ ମହମ୍ମଦପୁର କଠାର ଗ୍ରାମର ଏକ ବିବାହ ଉତ୍ସବରେ ନିଶାଦ ଯୋଗଦେଇଥିବାବେଳେ ସେଠାରେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ନିଶାଦ ଆହତ ହୋଇଥିବାବେଳେ ତତ୍‌କ୍ଷଣାତ ତାଙ୍କୁ ସ୍ଥାନୀୟ ଲୋକ ଓ ସୁରକ୍ଷାକର୍ମୀଙ୍କ ଦ୍ୱାରା ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ନିଶାଦଙ୍କ ବ୍ୟକ୍ତିଗତ ସହାୟକ ବିନୋଦ କୁମାରଙ୍କ ଦ୍ୱାରା ସ୍ଥାନୀୟ ଖଲିଲାବାଦ କୋଟ୍‌ୱାଲି ଥାନାରେ ସୋମବାର ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ କରି ଏହି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ପଶ୍ଚିମବଙ୍ଗରେ ବେଆଇନ ନିଯୁକ୍ତି ରଦ୍ଦ

**କୋଲକାତା,୨୨।୪**


ମମତା ବାନାର୍ଜୀ



■୨୫ ହଜାର ଶିକ୍ଷକ ନିଯୁକ୍ତି ହରାଇବେ
■ସୁଧ ସହ ବେତନ ଫେରାଇବାକୁ ନିର୍ଦ୍ଦେଶ
■ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ କରିବେ ମମତା

ପଶ୍ଚିମବଙ୍ଗର ସରକାରୀ ତଥା ଅନୁଦାନପ୍ରାପ୍ତ ସ୍କୁଲ୍‌ଗୁଡ଼ିକ ପାଇଁ ୨୦୧୬ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ କାଲ୍‌କାଟା ହାଇକୋର୍ଟ ସୋମବାର ରଦ୍ଦ କରିଦେଇଛନ୍ତି। ଫଳରେ ୨୫,୭୫୩ ଜଣ ଶିକ୍ଷକ ନିଯୁକ୍ତି ହରାଇବାକୁ ଯାଉଥିବାବେଳେ ସେମାନଙ୍କୁ ୧୨ ପ୍ରତିଶତ ସୁଧ ସହ ବେତନ ଫେରାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏଭଳି ରାୟ ମମତା ବାନାର୍ଜୀ ସରକାରଙ୍କ ପାଇଁ ଶକ୍ତ ଧକ୍କା ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମମତା ବେଆଇନ କହିବା ସହ ଏହାକୁ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି। ଭାଜପା ନେତାମାନେ କେତେକ ନ୍ୟାୟିକ ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା ମମତା ଅଭିଯୋଗ କରିଛନ୍ତି। ଯେଉଁମାନେ ନିଯୁକ୍ତି ହରାଇବାକୁ ଯାଉଛନ୍ତି, ଆମେ ସେମାନଙ୍କ ସହ ରହିଛୁ ଏବଂ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବୁ ବୋଲି ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରିବା ଅବସରରେ ମମତା ପ୍ରତିଶ୍ରୁତି ଦେଇଛନ୍ତି।

୨୦୧୬ରେ ରାଜ୍ୟସ୍ତରୀୟ ଚୟନ ପରୀକ୍ଷାର ନିଯୁକ୍ତି ପ୍ରକ୍ରିୟା ବେଆଇନ ହୋଇଥିବାରୁ ସମସ୍ତ ନିଯୁକ୍ତିକୁ ରଦ୍ଦ କରିବା ପାଇଁ ଜଷ୍ଟିସ ଦେବାଂଶୁ ବାସକ ଏବଂ ମହମ୍ମଦ ଶାବ୍ବରଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଶିକ୍ଷକମାନଙ୍କୁ ୪ ସପ୍ତାହ ମଧ୍ୟରେ ବେତନ ଅର୍ଥ ଫେରାଇବାକୁ ହେବ। ଅର୍ଥ ଫେରାଇ ଆଣିବା ଦାୟିତ୍ୱ ହାଇକୋର୍ଟ ଜିଲାପାଳମାନଙ୍କୁ ଦେଇଛନ୍ତି। ତେବେ କ୍ୟାନ୍‌ସରରେ ଆକ୍ରାନ୍ତ ଥାଇ ଚିକିତ୍ସିତ ହେଉଥିବା ସୋମା ଦାସ ନାମ୍ନୀ ଶିକ୍ଷକଙ୍କ ନିଯୁକ୍ତିକୁ ମାନବିକତା ଦୃଷ୍ଟିକୋଣରୁ କାଏମ ରଖିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଖଣ୍ଡପୀଠ ନିଯୁକ୍ତି ପ୍ରକ୍ରିୟାର ଅଧିକ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେବା ସହ ୩ ମାସ ମଧ୍ୟରେ ରିପୋର୍ଟ ଦାଖଲ ଲାଗି କହିଛନ୍ତି। ସାନି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ନିମନ୍ତେ ପଶ୍ଚିମବଙ୍ଗ ସ୍କୁଲ୍ ସେବା ଆୟୋଗ (ଡବ୍ଲ୍ୟୁବିଏସ୍‌ଏସ୍‌ସି)କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି ଡବ୍ଲ୍ୟୁବିଏସ୍‌ଏସ୍‌ସି ଅଧ୍ୟକ୍ଷ ସିଦ୍ଧାର୍ଥ ମଜୁମଦାର କହିଛନ୍ତି।

ସୂଚନାଯୋଗ୍ୟ, ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ସମ୍ପୃକ୍ତ ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ସମେତ କେତେଜଣ ତୃଣମୂଳ କଂଗ୍ରେସ ନେତା, ପୂର୍ବତନ ଅଧିକାରୀ ଜେଲରେ ଅଛନ୍ତି। ଏକ ରାଲିକୁ ଉଦ୍‌ବୋଧନ ଦେବା ଅବସରରେ ମମତା କହିଛନ୍ତି, ଅଦାଲତ ରାୟକୁ ଭାଜପା ନେତାମାନେ ପ୍ରଭାବିତ କରୁଛନ୍ତି। ଏକ ରାଜନୈତିକ ବିସ୍ଫୋରଣ ହେବ ବୋଲି ଗତ ସପ୍ତାହରେ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ପୂର୍ବାନୁମାନ କରିଥିଲେ ବୋଲି ମମତା କହିଛନ୍ତି। ତେବେ ୨୫ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କ ନିଯୁକ୍ତି ଛଡ଼ାଇନେଇ ସେମାନଙ୍କୁ ମୃତ୍ୟୁ ମୁଖକୁ ଠେଲିଦେବା କ'ଣ ରାଜନୈତିକ ବିସ୍ଫୋରଣ କି ବୋଲି ଟିଏମ୍‌ସି ଅଧ୍ୟକ୍ଷା ପ୍ରଶ୍ନ କରିଛନ୍ତି। ଯଦି ସେମାନେ ପ୍ରଭାବ ପକାଇନାହାନ୍ତି, ତେବେ କୋର୍ଟ କ'ଣ ରାୟ ଦେବେ ତାହା ସେମାନେ ଜାଣିଲେ କିପରି ବୋଲି ମମତା ପ୍ରଶ୍ନ କରିଛନ୍ତି।

୨୦୧୬ରେ ରାଜ୍ୟସ୍ତରୀୟ ଶିକ୍ଷକ ନିଯୁକ୍ତି ପରୀକ୍ଷାରେ ୨୪,୬୪୦ ଖାଲି ପଦବୀ ପାଇଁ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଆଶାୟୀ ପରୀକ୍ଷା ଦେଇଥିଲେ। ୨୫,୭୫୩ ଜଣଙ୍କ ପାଖକୁ ନିଯୁକ୍ତିପତ୍ର ପଠାଯାଇଥିଲା। ଗତବର୍ଷ କାଲ୍‌କାଟା ହାଇକୋର୍ଟ ଡବ୍ଲ୍ୟୁବିଏସ୍‌ଏସ୍‌ସି ଦ୍ୱାରା ଗଠିତ ପ୍ୟାନେଲଗୁଡ଼ିକ ବାତିଲ କରିବା ସହ ୩୬,୦୦୦ ଅଣତାଲିମପ୍ରାପ୍ତ ପ୍ରାଥମିକ ଶିକ୍ଷକଙ୍କ ନିଯୁକ୍ତିକୁ ବାତିଲ କରିଥିଲେ। ପରେ ଏହି ସଂଖ୍ୟାକୁ ସଂଶୋଧନ କରାଯାଇ ୩୨,୦୦୦ କରାଯାଇଥିଲା। ଶିକ୍ଷକ ନିଯୁକ୍ତିର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବିଚାରପତି ଅଭିଜିତ ଗଙ୍ଗୋପାଧ୍ୟାୟ ନିଜ ପଦବୀରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିଲେ।

## ସୁରଟ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ନୂଆଦିଲ୍ଲୀ,୨୨।୪**

ଆସନ୍ତା ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଥିବାବେଳେ ଗୁଜରାଟର ସୁରଟ ସଂସଦୀୟ କ୍ଷେତ୍ରରେ ଭାଜପା ପ୍ରାର୍ଥୀ ମୁକେଶ ଦଲାଲଙ୍କୁ ବିଜୟୀ ଘୋଷଣା କରାଯାଇଛି। ବିରୋଧୀ ଦଳ କଂଗ୍ରେସ ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ର ଖାରଜ ହେବା ସହ ଅନ୍ୟ କେତେଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବା ପରେ ଏକମାତ୍ର ପ୍ରାର୍ଥୀ ଭାବେ ଦଲାଲଙ୍କୁ ବିଜୟୀ ଘୋଷଣା କରାଯାଇଛି। କଂଗ୍ରେସ ପ୍ରାର୍ଥୀ ନିଲେଶ କୁମ୍ଭାନୀଙ୍କ ନାମାଙ୍କନପତ୍ରରେ ପ୍ରସ୍ତାବକମାନଙ୍କ ଦସ୍ତଖତ ମେଳ ନ ଖାଇବାରୁ ତାହାକୁ ନାକଚ କରିଦିଆଯାଇଥିଲା। ତାଙ୍କ ବଦଳରେ କଂଗ୍ରେସ ସୁରେଶ ପଡସାଲାଙ୍କୁ ପ୍ରାର୍ଥୀ କରିଥିବାବେଳେ ତାଙ୍କ ନାମାଙ୍କନପତ୍ର ମଧ୍ୟ ଖାରଜ ହୋଇଯାଇଥିଲା। ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୩୬(୨) ଅନୁଯାୟୀ ପ୍ରାର୍ଥୀପତ୍ର ନାକଚ ହୋଇଛି। ପ୍ରତିଯୋଗିତାରୁ କଂଗ୍ରେସର ପ୍ରାର୍ଥୀ ବାଦ୍ ପଡ଼ିବା ପରେ ଦିନକରେ ୮ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଥିଲେ। ଫଳରେ ଦଲାଲ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ରିଟର୍ନିଂ ଅଫିସର ସୌରଭ ପାର୍ଢ଼ୀ କହିଛନ୍ତି।


ରାଷ୍ଟ୍ରପତି ଭବନରେ ସୋମବାର ଅନୁଷ୍ଠିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁଙ୍କୁ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରୁଛନ୍ତି। ସୁଲଭ ଇଣ୍ଟରନ୍ୟାଶନାଲର ପ୍ରତିଷ୍ଠାତା ବିନ୍ଦେଶ୍ୱର ପାଠକ, ଖ୍ୟାତନାମା ଭାରତନାଟ୍ୟମ ନୃତ୍ୟଶିଳ୍ପୀ ସୁବ୍ରମଣ୍ୟମ୍‌ଙ୍କୁ ମଧ୍ୟ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ମିଥୁନ୍ ଚକ୍ରବର୍ତ୍ତୀ, ଗାୟକ ଉଷା ଉଥୁପ, ଉତ୍ତରପ୍ରଦେଶର ପୂର୍ବତନ ରାଜ୍ୟପାଳ ରାମ ନାଏକ ଏବଂ ଶିଳ୍ପପତି ସୀତାରାମ ଜିନ୍ଦଲଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ସୋମ୍ୟା ବିଶ୍ୱନାଥନ ହତ୍ୟା ମାମଲା: ଦିଲ୍ଲୀ ସରକାରଙ୍କୁ ନୋଟିସ

**ନୂଆଦିଲ୍ଲୀ, ୨୨।୪**



ବହୁଚର୍ଚ୍ଚିତ ସାମ୍ବାଦିକା ସୋମ୍ୟା ବିଶ୍ୱନାଥନ ହତ୍ୟା ମାମଲାରେ ସୋମବାର ଶୁଣାଣି କରି ଦିଲ୍ଲୀ ସରକାର ଓ ମାମଲାର ୪ ଦୋଷୀଙ୍କୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି। ଗତ ଫେବୃଆରୀ ୧୨ରେ ଦିଲ୍ଲୀ ହାଇକୋର୍ଟ ମାମଲାରେ ଜଡ଼ିତ ୪ ଦୋଷୀଙ୍କୁ ଜାମିନ ପ୍ରଦାନ କରିଥିଲେ। ହାଇକୋର୍ଟଙ୍କ ରାୟ ବିରୋଧରେ ସୋମ୍ୟାଙ୍କ ମା' ସୁପ୍ରିମକୋର୍ଟରେ କରିଥିବା ଆବେଦନର ଶୁଣାଣି କରି ଜଷ୍ଟିସ ବେଲା. ଏମ୍. ତ୍ରିବେଦୀ ଓ ଜଷ୍ଟିସ ପଙ୍କଜ ମିଥଲଙ୍କ ଗଠିତ ଖଣ୍ଡପୀଠ ଏହି ନୋଟିସ ଜାରି କରିଛନ୍ତି। ସୂଚନାଯୋଗ୍ୟ, ୨୦୦୮ ସେପ୍ଟେମ୍ବର ୩୦ରେ ଏକ ଇଂରାଜୀ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ସୋମ୍ୟା ଘରକୁ କାର୍‌ରେ ଫେରୁଥିବା ସମୟରେ ଦକ୍ଷିଣ ଦିଲ୍ଲୀର ନେଲସନ୍ ମଣ୍ଡେଲା ମାର୍ଗଠାରେ ତାଙ୍କୁ ହତ୍ୟା କରାଯାଇଥିଲା। ସୋମ୍ୟାଙ୍କୁ ହତ୍ୟା କରିଥିବା ୪ ଅଭିଯୁକ୍ତ ରବି କପୁର, ଅମିତ ଶୁକ୍ଳା, ବଲଜିତ ସିଂ ମଲ୍ଲିକ ଏବଂ ଅଜୟ କୁମାରଙ୍କୁ ଦିଲ୍ଲୀର ସ୍ୱତନ୍ତ୍ର କୋର୍ଟ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ ଲକ୍ଷ ୨୫ ହଜାର ଟଙ୍କା ଲେଖାଏ ଜରିମାନା କରିଥିଲେ।

## ନାବାଳିକା ପୀଡ଼ିତାଙ୍କୁ ଗର୍ଭପାତ ଅନୁମତି

**ନୂଆଦିଲ୍ଲୀ,୨୨।୪**

ବଳାତ୍କାର ପୀଡ଼ିତା ଜଣେ ୧୪ ବର୍ଷୀୟାଙ୍କୁ ୩୦ ସପ୍ତାହର ଗର୍ଭପାତ କରାଇବାକୁ ସୁପ୍ରିମକୋର୍ଟ ସୋମବାର ଅନୁମତି ପ୍ରଦାନ କରିଛନ୍ତି। ଏହା ଏକ ଅସାଧାରଣ ଘଟଣା। ନାବାଳିକାଙ୍କ କଲ୍ୟାଣ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୪୨ରେ ପ୍ରଦତ୍ତ କ୍ଷମତାକ୍ରମେ କୌଣସି ମାମଲାରେ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ ଲାଗି ଅଦାଲତ ଆବଶ୍ୟକ ନିର୍ଦ୍ଦେଶ ଦେଇପାରିବେ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଜେ.ବି. ପର୍‌ଡିୱାଲାଙ୍କ ଖଣ୍ଡପୀଠ କହିଛନ୍ତି। ସ୍ଥିତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ନାବାଳିକାଙ୍କ ସୁରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଦର୍ଶାଇ ସର୍ବୋଚ୍ଚ ଅଦାଲତ ବମ୍ବେ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଛନ୍ତି। ଗତ ୪ ତାରିଖରେ ବମ୍ବେ ହାଇକୋର୍ଟ ନାବାଳିକା ପୀଡ଼ିତାଙ୍କୁ ଗର୍ଭପାତ ପାଇଁ ଅନୁମତି ଦେବାକୁ ମନା କରିଦେଇଥିଲେ।

## ଘରୋଇ ଡାକ୍ତରଙ୍କ ସହ ଭିଡିଓ କନ୍‌ଫରେନ୍ସ ପାଇଁ କେଜ୍‌ରିୱାଲଙ୍କ ଆବେଦନ ଖାରଜ

**ନୂଆଦିଲ୍ଲୀ,୨୨।୪**

ଟାଇପ୍-୨ ଡାଇବେଟିସ୍‌ରେ ପୀଡ଼ିତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରତିଦିନ ଘରୋଇ ଡାକ୍ତରଙ୍କ ସହ ଭିଡିଓ କନ୍‌ଫରେନ୍ସର ବ୍ୟବସ୍ଥା କରାଇବା ପାଇଁ କରିଥିବା ଆବେଦନକୁ ଦିଲ୍ଲୀର ଏକ ଅଦାଲତ ଖାରଜ କରିଦେଇଛନ୍ତି। ସେ ନିଜର ବ୍ୟକ୍ତିଗତ ଡାକ୍ତରଙ୍କ ସହ ଦୈନିକ ୧୫ ମିନିଟ୍ ଭିଡିଓ ପରାମର୍ଶ କରିବା ପାଇଁ ଆବେଦନ କରିଥିଲେ। ଅନ୍ୟପକ୍ଷରେ କେଜ୍‌ରିୱାଲଙ୍କର ନିୟମିତ ଇନ୍‌ସୁଲିନ୍ ଆବଶ୍ୟକ କି ନାହିଁ, ନିଷ୍ପତ୍ତି ନେବା ନିମନ୍ତେ ବିଶେଷଜ୍ଞ ଡାକ୍ତରମାନଙ୍କୁ ନେଇ ଏକ ମେଡିକାଲ ପ୍ୟାନେଲ ଗଠନ କରିବାକୁ ରାଉସ୍ ଆଭିନ୍ୟୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ଉକ୍ତ ପ୍ୟାନେଲ କେଜ୍‌ରିୱାଲଙ୍କ ଖାଦ୍ୟ ଏବଂ ବ୍ୟାୟାମ ଯୋଜନା ସମ୍ପର୍କରେ ପରାମର୍ଶ ଦେବ। ଉକ୍ତ କମିଟିର ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଘରରନ୍ଧା ଖାଦ୍ୟ ଯୋଗାଇଦେବାକୁ ଅଦାଲତ କହିଛନ୍ତି। ଡାଇବେଟୋଲୋଜିଷ୍ଟ ଏବଂ ଏଣ୍ଡୋକ୍ରିନୋଲୋଜିଷ୍ଟମାନଙ୍କ ଦ୍ୱାରା କେଜ୍‌ରିୱାଲଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ କୋର୍ଟ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଏଲ୍‌ଏଲ୍‌ବି ପାଠ୍ୟକ୍ରମ ୫ ବର୍ଷ ରହିବ

**ନୂଆଦିଲ୍ଲୀ,୨୨।୪**



### ୩ ବର୍ଷକୁ କମାଇବା ପାଇଁ ପିଆଇଏଲ୍ ସୁପ୍ରିମକୋର୍ଟରେ ଅଗ୍ରାହ୍ୟ

ଆଇନ ପେସାକୁ ପରିପକ୍ୱ ବ୍ୟକ୍ତିମାନେ ଆସିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେବା ସହ ଆଇନ ଡିଗ୍ରୀ ପାଠ୍ୟକ୍ରମକୁ ୩ ବର୍ଷକୁ ହ୍ରାସ କରିବା ପାଇଁ ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ଅଗ୍ରାହ୍ୟ କରିଦେଇଛନ୍ତି। ବର୍ତ୍ତମାନ ଡିଗ୍ରୀ ପାଠ୍ୟକ୍ରମ ୫ ବର୍ଷ ରହିଥିବାବେଳେ ଦ୍ୱାଦଶ ଶ୍ରେଣୀ ପରେ ଏଲ୍‌ଏଲ୍‌ବିକୁ ୩ ବର୍ଷିଆ କରିବା ପାଇଁ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଏହାର ସମ୍ଭାବ୍ୟତାକୁ ଅନୁଧ୍ୟାନ କରିବା ଲାଗି ଏକ ବିଶେଷଜ୍ଞ କମିଟି ଗଠନ ନିମନ୍ତେ କେନ୍ଦ୍ର ସରକାର ଏବଂ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆକୁ ନିର୍ଦ୍ଦେଶ ଦେବା ନିମନ୍ତେ ପିଟିଶନରେ ନିବେଦନ କରାଯାଇଥିଲା। ତେବେ ୫ ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ଭଲ କାମ କରୁଛି। ଏଥିରେ ପରିବର୍ତ୍ତନ କରାଯିବାର କିଛି ଆବଶ୍ୟକତା ନାହିଁ ବୋଲି ପ୍ରଧାନ ବିଚାରପତି(ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଜେ.ବି. ପର୍‌ଡିୱାଲାଙ୍କ ଖଣ୍ଡପୀଠ କହିଛନ୍ତି। ୩ ବର୍ଷିଆ ପାଠ୍ୟକ୍ରମ କାହିଁକି ହେବ। ସେମାନେ କ'ଣ ହାଇସ୍କୁଲ୍ ପରେ ଆଇନ ପଢ଼ା ଆରମ୍ଭ କରିପାରିବେ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏପରିକି ୫ ବର୍ଷିଆ ପାଠ୍ୟକ୍ରମ ମଧ୍ୟ ବହୁତ କମ୍। ଆଇନ ପେସାକୁ ପରିପକ୍ୱ ବ୍ୟକ୍ତିମାନେ ଆସିବା ଆବଶ୍ୟକ ବୋଲି ସିଜେଆଇ କହିଥିଲେ। ୫ ବର୍ଷିଆ ପାଠ୍ୟକ୍ରମ ଲାଭଦାୟକ ହେଉଥିବା ଦର୍ଶାଇ ଖଣ୍ଡପୀଠ ଜନସ୍ୱାର୍ଥ ମାମଲା ପ୍ରତ୍ୟାହାର କରିନେବା ପାଇଁ ଅନୁମତି ଦେଇଛନ୍ତି।

## ଫୁର୍‌ସତ୍

# ଲେଖକଙ୍କୁ ସମ୍ମାନ ଦେବା ଶିଖାଏ ବହି

### ବିଶ୍ୱ ପୁସ୍ତକ-କପିରାଇଟ୍ ଦିବସ



ପ୍ରତିବର୍ଷ ଏପ୍ରିଲ ୨୩ରେ ବିଶ୍ୱ ପୁସ୍ତକ ଏବଂ କପିରାଇଟ୍ ଦିବସ ପାଳନ କରାଯାଇଥାଏ। ସମୟ ବଦଳିବା ସହିତ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ବର୍ତ୍ତମାନ ପୁସ୍ତକ ବି ବଦଳାଇଛି। ଯେଉଁଥିପାଇଁ ଲୋକମାନେ ବର୍ତ୍ତମାନ ପଢ଼ିବାରେ କ୍ୱଚିତ୍ ବହି ବ୍ୟବହାର କରୁଛନ୍ତି। ତେଣୁ ପୁସ୍ତକଗୁଡ଼ିକର ମହତ୍ତ୍ୱ ବିଷୟରେ ଲୋକଙ୍କୁ ଜଣାଇବା ଲକ୍ଷ୍ୟରେ ୟୁନେସ୍କୋ ୨୩ ଏପ୍ରିଲକୁ ବିଶ୍ୱ ପୁସ୍ତକ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଛି।

#### ବିଶ୍ୱ ପୁସ୍ତକ ଏବଂ କପିରାଇଟ୍ ଦିବସର ଇତିହାସ

୧୯୨୨ରେ ସର୍ଭାଣ୍ଟେସ ପ୍ରକାଶନ ଗୃହର ନିର୍ଦ୍ଦେଶକ ଭିସେଣ୍ଟେ କ୍ଲାଭେଲଙ୍କ ଦ୍ୱାରା ବିଶ୍ୱ ପୁସ୍ତକ ଦିବସ ଆରମ୍ଭ ହୋଇଥିଲା। ମିଗୁଏଲ ଡି. ସର୍ଭାଣ୍ଟେସ୍‌ଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ସେ ଏହି ଦିନ ପାଳନ କରିବାକୁ ପଦକ୍ଷେପ ନେଇଥିଲେ। ଏହା ପରେ ୧୯୨୬ରେ ବାର୍ସିଲୋନାରେ ପ୍ରଥମ ବିଶ୍ୱ ପୁସ୍ତକ ଦିବସ ପାଳନ କରାଯାଇଥିଲା। ଅକ୍ଟୋବର ୭ରେ ମିଗୁଏଲ ଡି. ସର୍ଭାଣ୍ଟେସ୍‌ଙ୍କ ଜନ୍ମଦିନ। ଏହିଦିନ ପୁସ୍ତକ ଦିବସ ପାଳନ କରାଯାଇଥିଲା। କିନ୍ତୁ ପରେ ମିଗୁଏଲଙ୍କ ମୃତ୍ୟୁ ଅର୍ଥାତ୍ ଏପ୍ରିଲ ୨୩ରେ ଏହି ଦିବସ ପାଳନ କରାଯିବାକୁ ମନୋନୀତ ହୋଇଥିଲା।

#### ବିଶ୍ୱ ପୁସ୍ତକ ଦିବସ ପାଳନର ଲକ୍ଷ୍ୟ

ବିଶ୍ୱ ପୁସ୍ତକ ଦିବସ ଲୋକମାନଙ୍କୁ ବହି ଏବଂ ଲେଖକମାନଙ୍କୁ ସମ୍ମାନ ଦେବା ଶିଖାଏ। ଯେଉଁମାନେ ପଢ଼ିବାକୁ ଭଲ ପାଆନ୍ତି ସେମାନଙ୍କ ପାଇଁ ଏହି ଦିନଟି ଅତ୍ୟନ୍ତ ସ୍ୱତନ୍ତ୍ର। ବିଶ୍ୱର ଲୋକମାନଙ୍କୁ ସମ୍ମାନିତ କରିବା ପାଇଁ ବିଶ୍ୱ ପୁସ୍ତକ ଦିବସ ମଧ୍ୟ ପାଳନ କରାଯାଏ। ବିଶେଷକରି ଯେଉଁମାନେ ଗଣମାଧ୍ୟମ, ଲେଖକ ଏବଂ ଏକାଡେମିକ୍ ପରି ପୁସ୍ତକ ଶିଳ୍ପକୁ ପ୍ରୋତ୍ସାହିତ କରିବାରେ ସହଯୋଗ କରନ୍ତି। ବିଶ୍ୱ ପୁସ୍ତକ ଏବଂ କପିରାଇଟ୍ ଦିବସ ସୁନିଶ୍ଚିତ କରେ ଯେ, ସାକ୍ଷରତାକୁ ସମସ୍ତ ରୂପରେ ପ୍ରୋତ୍ସାହନ ଦିଆଯିବା ଉଚିତ୍ ଏବଂ ଲୋକମାନେ ସମସ୍ତ ପ୍ରକାର ଶିକ୍ଷାଗତ ଉତ୍ସ ପାଇବା ଜରୁରୀ।

## ଟ୍ରୋଲ୍ ହେଲେ ଈଶା



**ମୁମ୍ବାଇ:** ଚଳିତ ଲୋକ ସଭା ନିର୍ବାଚନରେ ମଥୁରା ଆସନରୁ ବଲିଉଡ୍‌ର ଭେଟେରାନ ଅଭିନେତ୍ରୀ ହେମାମାଳିନୀଙ୍କୁ ଭାଜପା ପୁନର୍ବାର ପ୍ରାର୍ଥୀ କରିଛି। ହେମାଙ୍କ ପାଇଁ ପ୍ରଚାର କରିବାକୁ ତାଙ୍କର ୨ ଝିଅ ଈଶା ଦେଓଲ ଏବଂ ଆହାନା ଦେଓଲ ମଥୁରାରେ ପହଞ୍ଚିଛନ୍ତି। ମା'ଙ୍କ ପାଇଁ ପ୍ରଚାର କରୁଥିବା ସମୟରେ ଉଭୟ ଈଶା ଓ ଆହାନା ଗଣମାଧ୍ୟମରେ ବିବୃତି ରଖିଥିଲେ। ତେବେ ଏହି ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ ହେବା ପରେ ଅନେକ ୟୁଜର୍ସଙ୍କ ଧ୍ୟାନ ଈଶାଙ୍କ ଓଠ ଉପରେ ପଡ଼ିଛି। ଈଶା ପୂର୍ବଠାରୁ ଅଲଗା ଦେଖାଯାଉଛନ୍ତି କହିବା ସହ ସେ ବୋଧହୁଏ ନିଜର ଲିପ୍ ସର୍ଜରି କରାଇଛନ୍ତି ବୋଲି କେତେ ଜଣ ୟୁଜର୍ସ କମେଣ୍ଟ କରିଛନ୍ତି। ଏହି ଭିଡିଓ ସାମ୍ନାକୁ ଆସିବା ମାତ୍ରେ ଈଶାଙ୍କୁ କ୍ରମାଗତଭାବେ ଟ୍ରୋଲ କରାଯାଉଛି। ତେବେ ଲିପ୍ ସର୍ଜରି କରିଥିବା ନେଇ ଈଶାଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ୨ ମାସ ତଳେ ଅଭିନେତ୍ରୀ ଈଶା ତାଙ୍କ ସ୍ୱାମୀ ଭରତ ତଖ୍‌ତାନୀଙ୍କଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ଈଶା ଏବଂ ଭରତ ପ୍ରଥମେ ଏକ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତାରେ ପରସ୍ପରକୁ ଭେଟିଥିଲେ ଓ ପରେ ଉଭୟ ଉଭୟଙ୍କୁ ଭଲ ପାଇ ବସିଥିଲେ। ୨୦୧୨ରେ ଈଶା ଓ ଭରତଙ୍କର ବିବାହ ହୋଇଥିଲା। ରାଧ୍ୟା ଏବଂ ମିରାୟା ନାମରେ ସେମାନଙ୍କର ୨ ଝିଅ ମଧ୍ୟ ରହିଛନ୍ତି। ବିବାହର ୧୨ ବର୍ଷ ପରେ ଗତ ଫେବୃଆରୀ ୬ରେ ଉଭୟ ଈଶା ଏବଂ ଭରତ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ।




# ହାଇକୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

## ମାହାଙ୍ଗା ଡବଲ ମର୍ଡର ଘଟଣାରେ ନିମ୍ନକୋର୍ଟ କଗ୍ନିଜାନ୍ସ ବିରୋଧରେ ମାମଲା

କଟକ,୨୨।୪ (କାର୍ତ୍ତିକ ସାହୁ)

ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଧାୟକ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଅଭିଯୋଗ ମାମଲାରେ ନିମ୍ନକୋର୍ଟଙ୍କ କଗ୍ନିଜାନ୍ସ ଆଦେଶ ବିରୋଧରେ ରୁଜୁ ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ଶେଷ ହୋଇଛି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠ ବିଧାୟକ ଜେନାଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଜାନୁଆରୀ ୨ରେ ମାହାଙ୍ଗାରେ ଭାଜପା ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାରେ ତତ୍କାଳୀନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା। ମାତ୍ର ମାହାଙ୍ଗା ପୋଲିସ୍ ଏହି ହତ୍ୟା ଘଟଣାର ଅଭିଯୋଗପତ୍ରରୁ ଜେନାଙ୍କ ନାମକୁ ବାଦ୍ ଦେଇଥିଲା। ଅପରପକ୍ଷରେ ଏହି ମାମଲାରେ ଜେନାଙ୍କୁ ନିମ୍ନ ଅଦାଲତରେ ହାଜର ହେବାକୁ ଆଦେଶ ଦିଆଯାଇଥିବାବେଳେ ସେ ହାଜର ହୋଇ ନ ଥିଲେ। ନିଜ ଓକିଲଙ୍କ ମାଧ୍ୟମରେ ଅଦାଲତରେ ହାଜର ହେବାକୁ ଆବେଦନ କରିଥିଲେ। ହେଲେ ନିମ୍ନ ଅଦାଲତ ବିଧାୟକ ଜେନାଙ୍କ ବିରୋଧରେ କଗ୍ନିଜାନ୍ସ ଆଦେଶ ଦେଇଥିଲେ। ନିମ୍ନ ଅଦାଲତଙ୍କ ଏପରି କଗ୍ନିଜାନ୍ସ ଆଦେଶକୁ ବିରୋଧ କରି ବିଧାୟକ ଜେନା ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରି ତାଙ୍କୁ ଅନ୍ତରୀଣ ସୁରକ୍ଷା ଯୋଗାଇ ଦେଇଥିଲେ। ମାମଲାର ଶୁଣାଣି ଚାଲିଥିବାବେଳେ ପର୍ଯ୍ୟାୟକ୍ରମେ ବିଧାୟକଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ବଳବତ୍ତର ରଖିଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ କର୍ମୀଙ୍କ ଆତ୍ମହତ୍ୟା

ସୋର, ୨୨।୪(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ଆଟପୁର ପଞ୍ଚାୟତ ହଂସୀପାଟଣା ଗ୍ରାମର ଅଙ୍ଗନୱାଡି କର୍ମୀ ସବିତା ମହାନ୍ତି(୪୦) ସୋମବାର ସକାଳେ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଆତ୍ମହତ୍ୟା କରିଛନ୍ତି। ଅଙ୍ଗନୱାଡିକୁ ପଢିବାକୁ ଯାଇଥିବା ପିଲାମାନଙ୍କୁ ଛୁଟି କରିବା ପରେ ସେ ଏଭଳି ଚରମ ପଦକ୍ଷେପ ନେଇଥିବା ଜଣାପଡିଛି। ତେବେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

ସବିତା ୮ବର୍ଷ ଧରି ସ୍ଥାନୀୟ ହଂସୀପାଟଣା ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ ଥିଲେ। ପିଲାଙ୍କୁ ଛୁଟି କରିବା ପରେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପରେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ଭିତରପଟୁ ପଡିଥିବା ସ୍ଥାନୀୟ ଲୋକେ ଦେଖି କବାଟ ଭାଙ୍ଗିଥିଲେ। ସବିତା ବେକରେ ରଶି ଲଗାଇ ଫ୍ୟାନରେ ଝୁଲୁଥିବା ଦେଖିବା ପରେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା(ନଂ.୩୧/୨୪) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଉଲ୍ଲେଖଯୋଗ୍ୟ, ସବିତାଙ୍କର ୧୭ ବର୍ଷୀୟ ପୁଅ ଗତ ୨ମାସ ତଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସେବେଠାରୁ ସେ ମାନସିକ ଭାରସାମ୍ୟ ହରାଇ ବସିଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ସାନ ଭାଇଙ୍କୁ ଗିରଫ କଲା ଏସ୍‌ଟିଏଫ୍

## ଗଞ୍ଜେଇ ଚାଲାଣ ର୍ୟାକେଟ

- ଜବତ ହେଲା ଆଉ ୫ କାର୍, ୨ ବାଇକ
- ମାଓବାଦୀଙ୍କ ଲିଙ୍କ୍ ସନ୍ଦେହରେ ଖୋଳତାଡ଼



ସୌମ୍ୟ ରଞ୍ଜନ ଦିଗଲ

ଭୁବନେଶ୍ୱର,୨୨।୪ (ସତ୍ୟଜିତ୍ ରାଉତ)

ଗଞ୍ଜେଇ ଜବତ ଘଟଣାରେ ବଡ଼ଭାଇ ଗିରଫ ହେବାର ୯ ଦିନ ପରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) କନ୍ଧମାଳ ଟିକାବାଲି ଅଞ୍ଚଳରୁ ସାନଭାଇଙ୍କୁ ଧରିଛି। ସେ ହେଲେ ଭୁବନେଶ୍ୱର ମୈତ୍ରୀ ବିହାର ଥାନା ଅନ୍ତର୍ଗତ ସିଆଁ ଶ୍ରମିକ ବସ୍ତିରେ ରହୁଥିବା ଫୁଲବାଣୀ ସଦର ଥାନା ଅଞ୍ଚଳର ସୌମ୍ୟ ରଞ୍ଜନ ଦିଗଲ (୨୫)। ତାଙ୍କଠାରୁ ଆଉ ୪ ଦାମୀ କାର୍ ଓ ଦୁଇଟି ବାଇକ ଜବତ ହୋଇଛି। ଏଥିସହ ଏସ୍‌ଟିଏଫ୍ ୧୩ଟି ପାସ୍‌ବୁକ୍ ଜବତ କରି ଆର୍ଥିକ ଦିଗକୁ ନେଇ ଖୋଳତାଡ଼ କରୁଛି। ରବିବାର ଗିରଫ ପରେ ସୋମବାର ସୌମ୍ୟଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ପୂର୍ବରୁ ଜେଲରେ ଥିବା ବଡ଼ ଭାଇ ବିକାଶ ଦିଗଲଙ୍କ ସହ ସୌମ୍ୟଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରିବ ବୋଲି ଏସ୍‌ଟିଏଫ୍ ଯୋଜନା କରୁଛି।

ଗତ ୧୧ ତାରିଖରେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏସ୍‌ଟିଏଫ୍ ଚଢ଼ାଉ କରି ଏକ କାର୍ ସମେତ ୫୨ କେଜି ଗଞ୍ଜେଇ ଜବତ କରିଥିଲା। ସେହି ସମୟରେ ବିକାଶ ଧରାପଡ଼ିଥିବା ବେଳେ ସୌମ୍ୟ ଖସି ପଳାଇଥିଲେ। ଏନେଇ ଏସ୍‌ଟିଏଫ୍ ମାମଲା (ନଂ.୧୭/୨୦୨୪) ରୁଜୁ କରି ଅଧିକ ତଦନ୍ତ କରୁଛି। ଦୁଇ ଭାଇ ଗଞ୍ଜେଇ ର୍ୟାକେଟ୍ ଚଳାଇ ୩ ବର୍ଷ ମଧ୍ୟରେ ବହୁ ସମ୍ପତ୍ତି କରିଛନ୍ତି। ବିଶେଷକରି ସେମାନେ ବୌଦ୍ଧ, କନ୍ଧମାଳରୁ କାର୍ ଯୋଗେ ଗଞ୍ଜେଇ ଆଣି ଭୁବନେଶ୍ୱରସ୍ଥିତ ଘରେ ରଖି ଚାଲାଣ କରୁଥିଲେ। ପୋଲିସ ହାତରେ ଧରା ନ ପଡ଼ିବା ପାଇଁ କମ୍ ପରିମାଣର ଗଞ୍ଜେଇ ଆଣିବା ସହ କାର୍‌ରେ ପରିବାରର ମହିଳା ଓ ଛୋଟ ପିଲାଙ୍କୁ ଆଣୁଥିଲେ। ତେବେ ଦୁଇ ଭାଇ ଗତ ୬ ବର୍ଷରେ ଏଭଳି ବେଆଇନ କାରବାରରୁ ଠୁଳ କରିଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଜବତ କରି ସେସବୁକୁ ବାଜ୍ୟାପ୍ତି କରିବାକୁ କୋଲକାତାସ୍ଥିତ କମ୍ପିଟେଣ୍ଟ ଅଥରିଟିଙ୍କୁ ଜଣାଇବ। ଅନ୍ୟପକ୍ଷରେ ଏମାନେ ଅନ୍ୟ ଗଞ୍ଜେଇ ବେପାରୀ ଓ କେତେଜଣ ମାଓବାଦୀଙ୍କ ସହ ସମ୍ପର୍କରେ ଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି। ଏହି ଦିଗକୁ ନେଇ ଏସ୍‌ଟିଫ୍ ଖୋଳତାଡ଼ କରୁଛି। ଅନ୍ୟପକ୍ଷରେ ଅଭିଯୁକ୍ତ ସୌମ୍ୟଙ୍କ ବିରୋଧରେ ଫୁଲବାଣୀ ସଦର ଥାନାରେ ଏକ ବଳାତ୍କାର ମାମଲା (ନଂ.୧୨/୨୦୨୩) ରହିଥିବା ଏସ୍‌ଟିଏଫ୍ ସୂଚନା ଦେଇଛି।

# ଆଇଇଡି ବିସ୍ଫୋରଣରେ ଜଣେ ମୃତ

ମାଲକାନଗିରି,୨୨।୪ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ଗଙ୍ଗାଲୁର ଥାନା ଅଞ୍ଚଳରେ ସୁରକ୍ଷା କର୍ମୀଙ୍କୁ ଲକ୍ଷ୍ୟକରି ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବ ଆଇଇଡି ବୋମା ବିସ୍ଫୋରଣରେ ଜଣେ ଗ୍ରାମବାସୀଙ୍କର ସୋମବାର ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲା ଗଙ୍ଗାଲୁର ଥାନା ଅନ୍ତର୍ଗତ ମୁତବେଣ୍ଡି ଜଙ୍ଗଲକୁ ଯୁବକ ଗଡ଼ିୟା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯାଇଥିଲେ। ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବୋମା ଉପରେ ଗୋଡ଼ ପଡିଯିବାରୁ ବିସ୍ଫୋରଣ ହେବା ଫଳରେ ଘଟଣାସ୍ଥଳରେ ଗଡିୟାଙ୍କ ମୃତ୍ୟୁ ହୋଇଥିଲା। ଖବର ଜଣାପଡିବା ପରେ ମୃତକଙ୍କ ସମ୍ପର୍କୀୟ ଗ୍ରାମବାସୀଙ୍କ ସହ ନିକଟସ୍ଥ ଥାନାରେ ଜଣାଇବା ପରେ ସୁରକ୍ଷାକର୍ମୀ ଘଟଣାସ୍ଥଳରୁ ମୃତଦେହ ଜବତ କରିଥିଲେ। ପରେ ପୋଲିସ ଏକ ମାମଲା ରୁଜୁକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

# ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ

ଗୋପବନ୍ଧୁନଗର, ୨୨।୪ (ଶାନ୍ତନୁ କୁମାର ମଝୁଆଳ)

ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ସୋମବାର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାଙ୍ଗରା ଛକ ପଥରଖାଦାନ ନିକଟରେ ପଥର ପିଟୁଥିବା ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ମୃତକ ହେଲେ ବଡସାହି ଥାନା ଯଦୁନାଥପୁର ଗ୍ରାମର ଶୁକରାମ ସିଂ (୩୯)।

ଶୁକରାମ ସେଠାକୁ କାମ କରିବାକୁ ଆସିଥିବା ବେଳେ ପୂର୍ବାହ୍ନ ପ୍ରାୟ ୧୦ଟା ୪୦ ମିନିଟ୍‌ରେ ଅସୁସ୍ଥ ଅନୁଭବ କରିଥିଲେ। ସେ ଏକ ଗଛମୂଳେ ଆଶ୍ରୟ ନେବାର ମାତ୍ର ଦୁଇ ମିନିଟ୍ ମଧ୍ୟରେ ବସିଥିବା ସ୍ଥାନରେ ଟଳି ପଡିଥିଲେ। ତେବେ ତାଙ୍କୁ ଡୁକୁରା ଡାକ୍ତରଖାନା ଅଣାଯାଇଥିଲା। ଶୁକରାମଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଥିଲେ। ବାରିପଦାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଡୁକୁରା ଫାଣ୍ଡି ଅଧିକାରୀ ସୂର୍ଯ୍ୟନାରାୟଣ ପତି ଏକ ଅପମୃତ୍ୟୁ ମାମଲା(ନଂ.୨୩/୨୪) ରୁଜୁ କରିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ଠିକ କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ହିଙ୍ଗୁଳା ପୀଠରେ ୩ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ



ଉଭାସ୍ଥଳରେ ମା' ହିଙ୍ଗୁଳାଙ୍କୁ ଭୋଗ ଅର୍ପଣ କରାଯାଉଛି।

ତାଳଚେର,୨୨।୪ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୦ତମ ଲୋକ ମହୋତ୍ସବ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୩ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେଇ ମା' ହିଙ୍ଗୁଳାଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ।

ଚଳିତବର୍ଷ ଅଗ୍ନିରୂପା ମା' ହିଙ୍ଗୁଳା ମନ୍ଦିରର ପଶ୍ଚିମ ଦିଗରେ ଅବସ୍ଥିତ ଗୋପାଳ ପ୍ରସାଦ ହାଇସ୍କୁଲ ପଡ଼ିଆରେ ଆବିର୍ଭାବ ହୋଇଛନ୍ତି। ମା'ଙ୍କ ଦର୍ଶନ କରିବା ପାଇଁ ଉଭାସ୍ଥଳକୁ ଭୋର ସମୟରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ପ୍ରତ୍ୟୁଷରୁ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ମା'ଙ୍କ ଚଳନ୍ତି ପ୍ରତିମା ଆଲମକୁ ଭବ୍ୟ ଶୋଭାଯାତ୍ରାରେ ଦିଅଁ ଘରୁ ବଡ଼ ମଣ୍ଡପ(ହିଙ୍ଗୁଳା ମନ୍ଦିର)କୁ ଅଣାଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ଉଭାସ୍ଥଳକୁ ନିଆଯାଇଥିଲା। ଗ୍ରୀଷ୍ମ ପ୍ରବାହ ସାମାନ୍ୟ ହ୍ରାସ ପାଇଥିବାରୁ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଉଭୟ ଉଭାସ୍ଥଳ ଏବଂ ହିଙ୍ଗୁଳା ପୀଠରେ ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିବା ବେଳେ ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା। ପୁରୁଷ ଓ ମହିଳା ଭକ୍ତମାନେ ମା'ଙ୍କୁ ଦର୍ଶନ କରିବା ସହ ଅଗ୍ନିରୂପାଙ୍କୁ ନଡ଼ିଆ, କଦଳୀ, ଗୁଡ଼, ଘିଅ, ଝୋଟ, ସିନ୍ଦୂର, ଚୁଡ଼ି, ଛିଟ, ପୁଷ୍ପ ଆଦି ଭୋଗ ଅର୍ପଣ କରିଥିଲେ। ଭିଡ଼ ନିୟନ୍ତ୍ରଣ ତଥା ଶାନ୍ତିଶୃଙ୍ଖଳା ପାଇଁ ଜିଲା ପ୍ରଶାସନ ପକ୍ଷରୁ ୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ବିଭିନ୍ନ ସଙ୍ଗଠନ, ସଂଘ ଓ ଏମ୍‌ସିଏଲ୍ ପକ୍ଷରୁ ଭକ୍ତମାନଙ୍କ ସୁବିଧା ପାଇଁ ନାନା ବ୍ୟବସ୍ଥା କରାଯାଇଥିଲା। ମା'ଙ୍କ ଏହି ଅନନ୍ୟ ଯାତ୍ରା ଆସନ୍ତା ୩୦ ତାରିଖ ଦିନ ସମାପନ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଆନ୍ଦୋଳନ ପରେ ପରୀକ୍ଷା ବାତିଲ

## ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ

### ୩ ବର୍ଷିଆ ଆଇନ ପାଠ୍ୟକ୍ରମ ପ୍ରଶ୍ନପତ୍ରରେ ତ୍ରୁଟି

କଟକ,୨୨।୪ (କାର୍ତ୍ତିକ ସାହୁ)

ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅଧୀନରେ ଆରମ୍ଭ ହୋଇଥିବା ୩ ବର୍ଷିଆ ଆଇନ ପାଠ୍ୟକ୍ରମ ପରୀକ୍ଷାର ସୋମବାର ପ୍ରଥମ ଦିନ ପ୍ରଶ୍ନପତ୍ରରେ ତ୍ରୁଟି ଯୋଗୁ ଘୋର ବିଭ୍ରାଟ ଘଟିଛି। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଷଷ୍ଠ ସେମିଷ୍ଟରର ପ୍ରଥମ ପେପର୍ ଲେବର ଲ'-୨ ପରୀକ୍ଷାକୁ ବାତିଲ କରାଯାଇଥିବା ବିଜ୍ଞପ୍ତିରୁ ଜଣାପଡିଛି। ପରବର୍ତ୍ତୀ ସମୟରେ ଉକ୍ତ ବିଷୟର ପରୀକ୍ଷାସୂଚୀ ସ୍ଥିର କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ ୮ଟାରେ ପରୀକ୍ଷା ଆରମ୍ଭ ହେବା କ୍ଷଣି ପ୍ରଶ୍ନପତ୍ରରେ ତ୍ରୁଟିଥିବା ଛାତ୍ରୀଛାତ୍ରମାନେ ଜାଣିବାକୁ ପାଇଥିଲେ। ପ୍ରଶ୍ନପତ୍ରରେ ଷଷ୍ଠ ସେମିଷ୍ଟର ଲେବର ଲ'-୨ ବଦଳରେ ୫ମ ସେମିଷ୍ଟର ଲେବର ଲ'-୧ ପ୍ରଶ୍ନ ଆସିଥିବା ସେମାନେ ଅଭିଯୋଗ କରିଥିଲେ। ଏନେଇ ପରୀକ୍ଷାର୍ଥୀମାନେ କୁଳପତିଙ୍କ ନିକଟରେ ଅଭିଯୋଗ କରିବା ସହ ହୋହଲ୍ଲା କରିଥିଲେ। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ଆଇନ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଏପରି ଆନ୍ଦୋଳନ ଯୋଗୁ ସୋମବାର ପରୀକ୍ଷାକୁ ବାତିଲ କରାଯାଇଛି। ଏନେଇ କୁଳପତି ପ୍ରଫେସର ଡ. କମଲ୍‌ଜିତ୍ ସିଂହଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଆସନ୍ତା ୨୯ ତାରିଖରେ ଷଷ୍ଠ ସେମିଷ୍ଟର ପରୀକ୍ଷାର୍ଥୀଙ୍କ ଦ୍ୱିତୀୟ ପେପର୍ ପରୀକ୍ଷା ରହିଛି। ଉଲ୍ଲେଖଯୋଗ୍ୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ରାଜ୍ୟର ସମସ୍ତ ଘରୋଇ ଆଇନ ମହାବିଦ୍ୟାଳୟରେ ୩ ବର୍ଷିଆ ଆଇନ ପାଠ୍ୟକ୍ରମର ଷଷ୍ଠ ସେମିଷ୍ଟର ପରୀକ୍ଷା ଏପ୍ରିଲ୍ ୨୨ରୁ ମେ'୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ୮ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା

କବିସୂର୍ଯ୍ୟନଗର, ୨୨।୪ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଷଣ୍ଢମରା-ବାଲିଆସରା ରାସ୍ତାରେ ଥିବା ଶିବ ମନ୍ଦିର ନିକଟରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ବାଲିଆସରା ଗ୍ରାମର ପଞ୍ଚାନନ ନାୟକଙ୍କ ପୁଅ ଗଣେଶ ନାୟକ। ସେ ପଥରାରୁ ଖାଦ୍ୟପୁଡ଼ିଆ ଧରି ନିଜ ବାଇକ୍‌ରେ ଗ୍ରାମକୁ ଫେରୁଥିବା ବେଳେ ଶିବ ମନ୍ଦିର ନିକଟରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ତେବେ କବିସୂର୍ଯ୍ୟନଗରର କେତେକ ଅସବର୍ଣ୍ଣ ଯୁବକ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି।

# ଇସିରେ ଫେରାଦ ହେଲା କଂଗ୍ରେସ

## ମୋଦିଙ୍କ 'ଅନୁପ୍ରବେଶକାରୀ' ମନ୍ତବ୍ୟ

ନୂଆଦିଲ୍ଲୀ,୨୨।୪

ରାଜସ୍ଥାନର ବଂଶୱାରାରେ ଏକ ରାଲିକୁ ସମ୍ବୋଧିତ କଲାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା 'ଅନୁପ୍ରବେଶକାରୀ' ମନ୍ତବ୍ୟକୁ ବିରୋଧ କରି କଂଗ୍ରେସ ସୋମବାର ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଫେରାଦ ହୋଇଛି। ପ୍ରଧାନମନ୍ତ୍ରୀଙ୍କଠାରୁ ଏଭଳି ମନ୍ତବ୍ୟ ଆଶା କରାଯାଏ ନାହିଁ। ସେ ତାଙ୍କ ମନ୍ତବ୍ୟକୁ ଫେରାଇନେବାକୁ ଆମେ ନିବେଦନ କରୁଛୁ ବୋଲି କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି କହିଛନ୍ତି। ରବିବାର ଏକ ରାଲିକୁ ସମ୍ବୋଧିତ କରି ମୋଦି କଂଗ୍ରେସ ଇସ୍ତାହାରକୁ ସମାଲୋଚନା କରିଥିଲେ। ଇସ୍ତାହାରରେ କୁହାଯାଇଛି, ସେମାନେ ମାଆ ଓ ଭଉଣୀଙ୍କ ସହ ସୁନାକୁ ଆକଳନ କରିବା ପରେ ସେଗୁଡ଼ିକୁ ବଣ୍ଟନ କରିବେ। ଦେଶର ସମ୍ପତ୍ତିରେ ମୁସଲମାନଙ୍କର ପ୍ରଥମ ଅଧିକାର ବୋଲି ମନମୋହନ ସିଂ ସରକାର କହିଥିଲେ। ଏହାର ଅର୍ଥ ଯେଉଁମାନଙ୍କର ଅଧିକ ସନ୍ତାନ ସେମାନଙ୍କୁ ସମ୍ପତ୍ତି ବଣ୍ଟନ କରାଯିବ। ଆପଣମାନଙ୍କ କଷ୍ଟ ଉପାର୍ଜିତ ଧନ ଅନୁପ୍ରବେଶକାରୀମାନଙ୍କୁ ବଣ୍ଟନ କରାଯିବା ଉଚିତ କି ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଥିଲେ। ନିର୍ବାଚନରେ ଫାଇଦା ହାସଲ ପାଇଁ ମୋଦି ଏଭଳି ମନ୍ତବ୍ୟ ଦେଇ ସାମ୍ପ୍ରଦାୟିକ ଧ୍ରୁବୀକରଣ ସୃଷ୍ଟି ଲାଗି ଉଦ୍ୟମ କରୁଛନ୍ତି ବୋଲି ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଅଭିଯୋଗ କରିଛନ୍ତି।

# ଜିଲାରେ ମିଳୁନି ଟିବି ମେଡିସିନ

- ଏକ ମାସ ହେବ ଔଷଧ ଯୋଗାଣ ବନ୍ଦ
- ଅନିଶ୍ଚିତତାରେ ଯକ୍ଷ୍ମା ରୋଗୀ

କେନ୍ଦୁଝର,୨୨।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଔଷଧ ମିଳୁ ନ ଥିବାରୁ ଯକ୍ଷ୍ମା ରୋଗୀ ଅନିଶ୍ଚିତତା ମଧ୍ୟରେ ରହୁଛନ୍ତି। ପ୍ରାୟ ଏକ ମାସ ହେବ ଔଷଧ ଯୋଗାଣ ବନ୍ଦ ହୋଇଯାଇଥିବାରୁ ରୋଗୀମାନେ ଔଷଧ ପାଇଁ ଧାଇଁ ଧାଇଁ ନୟାନ୍ତ ହେଲେଣି। ଜିଲା ମୁଖ୍ୟ ଡାକ୍ତରଖାନାର ଯକ୍ଷ୍ମା ୱାର୍ଡରେ ମଧ୍ୟ ରୋଗୀ ବିନା ଔଷଧରେ ଚିକିତ୍ସିତ ହେଉଥିବାରୁ ସେମାନେ ଭଲ ହେବା ନେଇ ପରିବାର ଲୋକ ଚିନ୍ତାରେ ରହିଛନ୍ତି। ସେହିପରି ସମଗ୍ର ଜିଲାର ସମସ୍ତ ମେଡିକାଲରେ ମଧ୍ୟ ଔଷଧ ମିଳୁ ନ ଥିବାରୁ ରୋଗୀ ଚିନ୍ତାରେ ରହିଛନ୍ତି। ରୋଗୀ ବାହାରୁ ଔଷଧ କିଣି ଖାଉଥିବା ବେଳେ ଗରିବ ରୋଗୀ ଚିକିତ୍ସିତ ହୋଇ ପାରୁନାହାନ୍ତି। ଫଳରେ ଯକ୍ଷ୍ମା ନିରାକରଣ ଯୋଜନା ଫେଲ ମାରିଛି ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, କେନ୍ଦୁଝରରେ ୧୭୬୮ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇ ଚିକିତ୍ସିତ ହେଉଛନ୍ତି। ବିଶେଷକରି ଜିଲାର ଖଣିବହୁଳ ବଡ଼ବିଲ ଓ ସଦର ବ୍ଲକ୍‌ରେ ଅଧିକ ରୋଗୀ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ବିଳମ୍ବରେ ଯକ୍ଷ୍ମା ଚିହ୍ନଟ ହେଉଥିବା ବେଳେ ଏବେ ନୂତନ ପଦ୍ଧତିରେ ଚିହ୍ନଟ କରାଯାଉଥିବାରୁ ଶୀଘ୍ର ରୋଗ ଚିହ୍ନଟ ହେଉଥିବାରୁ ରୋଗୀଙ୍କ ସଂଖ୍ୟା ବଢୁଛି। ରୋଗୀ ଶୀଘ୍ର ବି ଚିକିତ୍ସା ସେବା ପାଇପାରୁଛନ୍ତି। ପୂର୍ବରୁ ବିଳମ୍ବ ଚିହ୍ନଟ ଏବଂ ନିୟମିତ ଔଷଧ ଖାଉ ନ ଥିବାରୁ ବହୁ ରୋଗୀ ଗୁରୁତର ହୋଇ ମୃତ୍ୟୁ ବରଣ କରୁଥିଲେ। ଏ ନେଇ ସରକାର ଯକ୍ଷ୍ମା ନିରାକରଣ ପାଇଁ ଯୋଜନା କାର୍ଯ୍ୟକାରୀ କରି ରୋଗ ଚିହ୍ନଟ କରିବା ସହ ମାଗଣାରେ ଚିକିତ୍ସା କରି ଔଷଧ ଦେବା ବ୍ୟବସ୍ଥା କରିଥିଲେ। ଏପରିକି ଏହି ରୋଗ ପାଇଁ ନିୟମିତ ଔଷଧ ଖାଇବାକୁ ପଡ଼ିଥାଏ। ତେବେ ପ୍ରାୟ ଏକ ମାସ ହେଲା ଔଷଧ ଯୋଗାଣ ବନ୍ଦ ରହିଥିବାରୁ ରୋଗୀ ନିୟମିତ ଔଷଧ ଖାଇପାରୁନାହାନ୍ତି। କେତେଜଣ ପଇସା ଦେଇ ବାହାରୁ କିଣି କାମ ଚଳାଉଥିବା ବେଳେ ଅନେକ ଗରିବ ରୋଗୀ ଡାକ୍ତରଖାନାକୁ ଧାଇଁ ଧାଇଁ ଔଷଧ ଅପେକ୍ଷାରେ ରହିଛନ୍ତି। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ତଥା ଜିଲା ଯକ୍ଷ୍ମା ଅଧିକାରିଣୀ ଡା. ନିଲମ ମହାନ୍ତି କହିଛନ୍ତି, ଯକ୍ଷ୍ମା ନିରାକରଣ ପାଇଁ ସରକାରୀସ୍ତରରେ ବ୍ୟାପକ ବ୍ୟବସ୍ଥା କରାଯାଉଛି। ମାଗଣା ଚିକିତ୍ସା ଓ ଔଷଧ ବ୍ୟବସ୍ଥା କରାଯାଇଛି। ତେଣୁ ରୋଗୀସଂଖ୍ୟା ବଢୁନାହିଁ ଓ ଠିକ ଚିହ୍ନଟ ସାଙ୍ଗକୁ ଭଲ ଚିକିତ୍ସା ବ୍ୟବସ୍ଥା ଯୋଗୁ ଜିଲାରେ ରୋଗ ନିୟନ୍ତ୍ରଣରେ ରହିଛି। ତେବେ ଔଷଧ ଯୋଗାଣରେ ବିଳମ୍ବ ଯୋଗୁ ସମଗ୍ର ରାଜ୍ୟରେ ସମସ୍ୟା ଦେଖାଦେଇଛି। ଯେଉଁମାନଙ୍କ ମେଡିସିନ ସରିଯାଇଛି, ସେମାନଙ୍କୁ ଆସିଲେ ପୁଣି ଦିଆଯିବ ବୋଲି କୁହାଯାଉଛି। ବିଶେଷକରି ଜିଲାରେ ଏହି ରୋଗ ନିୟନ୍ତ୍ରଣ କରାଯାଇ ପାରିଛି। କିନ୍ତୁ ବାହାରୁ କାମଧନ୍ଦା କରିବାକୁ ଆସୁଥିବା ଲୋକ ଏହି ରୋଗର ବାହକ ହୋଇ ଆସି ଅନ୍ୟମାନଙ୍କୁ ସଂକ୍ରମିତ କରୁଛନ୍ତି ବୋଲି ଡାକ୍ତର ମହାନ୍ତି କହିଛନ୍ତି।


# ବୈଦ୍ୟନାଥ

## ପ୍ରାକୃତିକ ପ୍ରତିକାର ପାଇଁ ମାର୍ଗଦର୍ଶିକା

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆର୍ଥ୍ରାଇଟିସ୍ | ଆର୍ଥ ଅଏଲ୍ ଓ ଆର୍ଥ ପ୍ଲସ୍ କ୍ୟାପ୍‌ସୁଲ୍ |
| କୋଷ୍ଠକାଠିନ୍ୟ | ବୈଦ୍ୟନାଥ ତ୍ରିଫଳା ଚୂର୍ଣ |
| ଗ୍ୟାସ ଓ ପେଟ ଫାମ୍ପିବା | ଗ୍ୟାସାନ୍ତକ୍ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍, ସ୍ପିରୁଲିନା ପ୍ଲସ୍ |
| କେଶର ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ ରକ୍ତ ଶର୍କରା | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ବଦହଜମି | ଏକ୍ୱାଜେଷ୍ଟ, ଅଜୱାଇନ୍ ଆର୍କ, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ମହିଳାଙ୍କ ସମସ୍ୟା | ସୁନ୍ଦରୀ ସଖୀ, ମେନୋ ଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଡାଙ୍ଗାଦି ଲୌହ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୂତ୍ରର ସମସ୍ୟା | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଦି ଗୁଗ୍ଗୁଲୁ |

ଆୟୁର୍ବେଦିକ ସୋରୁମ୍ ସହିତ ଡାକ୍ତର ପରାମର୍ଶ :

CUTTACK: 9437511462 BHUBANESWAR: 9437301302 PURI: 9861068109 GANJAM/BERHAMPUR: 9437646389 JAJPUR: 9853909674 ANGUL: 8658021555 BOLANGIR: 9437126153 BARIPADA: 7325940817 BALASORE: 9438725025 SAMBALPUR: 7008508066, 9437256336 BARGARH: 9861246674 KORAPUT: 7008421308 RAYAGADA: 9937649097 GAJAPATI: 9437513129 SONEPUR: 9777776468 ROURKELA: 9337400604 JHARSUGUDA: 8260211300

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନୃତ୍ୟ ସମର୍ପିତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସମୃଦ୍ଧ ଓଡ଼ିଶା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୪ଟା।
- ୧୨ତମ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ 'ରାଗମାଳା', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଇଣ୍ଡିଆନ ସୁପର ଲିଗ୍ ସେମିଫାଇନାଲ-୧ ଓଡ଼ିଶା ଏଫ୍‌ସି ବନାମ ମୋହନ ବାଗାନ ସୁପର ଜାଏଣ୍ଟ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- କବିବର ରାଧାନାଥଙ୍କ ୧୧୬ତମ ଶ୍ରାଦ୍ଧ ଓ ୭୯ତମ ସାଂସ୍କୃତିକ ସମାରୋହ, ସ୍ଥାନ: ରାଧାନାଥ ସ୍ମୃତିମଣ୍ଡପ, ସୋର, ସମୟ: ସକାଳ ୭ଟା।
- କବିବରଙ୍କ ଜନ୍ମପୀଠରେ ପ୍ରତିମୂର୍ତ୍ତିର ମାଲ୍ୟାର୍ପଣ, ସନ୍ଧ୍ୟା ଅଧିବେଶନ, ସ୍ଥାନ: ରାଧାନାଥ ସ୍ମୃତିମଣ୍ଡପ, ସୋର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- କୈବର୍ତ୍ତ ପୂର୍ଣ୍ଣିମା ପାଳନ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ମାର୍କେଟସାହି, ସମୟ:ସକାଳ ୭ଟା।
- ସଦଭାବନା ସମିତି ପକ୍ଷରୁ ମାନସ ମନ୍ଥନ ସନ୍ଥ ଦିବସ, ସ୍ଥାନ: ହେଟେଲ ଦୁର୍ଗା ବାରିପଦା,ସମୟ: ସକାଳ ୯ଟା।
- ଆମ ଆଦମୀ ପାର୍ଟିର ନିର୍ବାଚନୀ ରାଲି, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଶୀର୍ଷାପାଳ ଛକ, ଚିତ୍ରଡ଼ା ଶିବ ମନ୍ଦିର, ସମୟ:ସକାଳ ୯ଟା।
- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବିଧାନସଭା କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ ଟା ୪୫।
- ବିଜେଡିର କର୍ମୀ ବୈଠକ, ସ୍ଥାନ: ନାଆଁମୀ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ବିଜେଡିର କର୍ମୀ ବୈଠକ, ସ୍ଥାନ: ରାଜେନ୍ଦ୍ରପୁର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ମହାବୀର ଜୟନ୍ତୀ ପାଳନ, ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର, ଦୈନିକ ବଜାର ହନୁମାନ ମନ୍ଦିର, ବାଟ ମହାବୀର ମନ୍ଦିର, ବଡ଼ବିଲ, ସମୟ: ସକାଳ ୬ ଟା।
- ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ଛଟିଆ ଗ୍ରାମ, ଢେଙ୍କିକୋଟ, ସମୟ: ସକାଳ ୬ ଟା।
- ଭାଜପା ସମାବେଶ, ସ୍ଥାନ: ଆସନ ବାହାଳି ଗ୍ରାମ, ପାଟଣା, ସମୟ: ପୂର୍ବାହ୍ନ ୧୧ ଟା।
- ଅଷ୍ଟପ୍ରହର ନାମଯଜ୍ଞ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ବାଟୋ, ଘସିପୁରା, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହର ନାମଯଜ୍ଞ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ତରଭା, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହର ନାମଯଜ୍ଞ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ମୁଗୁପୁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ପଦ୍ମପୁର ଉପର ସାହି, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।
- ମା' ହିଙ୍ଗୁଳାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଉଜୁଣି ତରୁଆଁ, ଘସିପୁରା, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଆସିକା ବିଜେଡି ବିଧାୟିକ ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ, ସ୍ଥାନ: ନବରତ୍ନପୁର ଚନ୍ଦ୍ରକନ୍ତେଶ୍ୱର ମନ୍ଦିର, ସମୟ: ସକାଳ ୯ଟା ୦୫।
- କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଭଞ୍ଜନଗର ବ୍ଲକ ରାଇଗୋଛା, ସମୟ: ସକାଳ ୯ ଟା।
- ହନୁମାନ ମନ୍ଦିରରେ ପାରାୟଣ ସପ୍ତମ ଦିବସରେ ସୁନ୍ଦରାକାଣ୍ଡ ଆରମ୍ଭ , ସ୍ଥାନ: ବାଲାଜୀ ହନୁମାନ ମନ୍ଦିର ବଡ ବଜାର ଗଞ୍ଜାମ, ସମୟ:ସକାଳ ୯ଟା।

## କନ୍ଧମାଳ

- ଠାକୁରାଣୀ ଯାତ୍ରା ଶୁଭାରମ୍ଭ, ସ୍ଥାନ:ଦାରିଙ୍ଗବାଡି ଠାକୁରାଣୀ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା ୩୦।
- ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ, ସ୍ଥାନ:ସିମନବାଡି,ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି

- କଂଗ୍ରେସ ନିର୍ବାଚନୀ ରାଲି, ସ୍ଥାନ: ପାରଳାଖେମୁଣ୍ଡି ଦଳୀୟ କାର୍ଯ୍ୟାଳୟଠାରୁ ଆରମ୍ଭ, ସମୟ:ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ନେତା ଓ କର୍ମୀଙ୍କ ବୈଠକ, ସ୍ଥାନ : ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ : ସକାଳ ୯ଟା।
- ଶ୍ରୀରାମଙ୍କ ବେଶ କାର୍ଯ୍ୟକ୍ରମ, ସ୍ଥାନ : କମଳିବଜାର ରାମଜୀ ମନ୍ଦିର, ସମୟ: ସକାଳ ୯ଟା ୩୦।
- କଂଗ୍ରେସ ଲୋକ ସଭା ପ୍ରାର୍ଥୀଙ୍କ ସମଲେଇ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ସମଲେଶ୍ୱରୀ ମନ୍ଦିର, : ସମୟ ପୂର୍ବାହ୍ନ ୧୦ଟା।
- ରାମଲୀଳା ମହୋତ୍ସବ, ସ୍ଥାନ : ବିଶାଖିଣ୍ଡା ଗ୍ରାମ , ସମୟ : ରାତି ୯ଟା।
- ଶ୍ରୀରାମ ନବମୀରେ ରାମଲୀଳା ନାଟକ, ସ୍ଥାନ : କବରାପାଲି ଗ୍ରାମ, ସମୟ : ରାତି ୧୦ଟା ୩୦।

## ବଲାଙ୍ଗୀର

- ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ କୁଳୁତା ଦିବସ ପାଳନ, ସ୍ଥାନ: ହରିଶଙ୍କର ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସର, ଖପ୍ରାଖୋଲ ବ୍ଲକ, ସମୟ: ସକାଳ ୯ ଟା।
- ପ୍ରସିଦ୍ଧ ରାମଲୀଳା ଚତୁର୍ଥ ରଜନୀ କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥପଡା ମନ୍ଦିର ସମ୍ମୁଖ ମଞ୍ଚ, ବଲାଙ୍ଗୀର, ସମୟ: ରାତି ୧୦ଟା ୩୦।

## ସୁବର୍ଣ୍ଣପୁର

- ଅଷ୍ଟ ପ୍ରହର ନାମଯଜ୍ଞର ଉଦ୍‌ଯାପନୀ, ସ୍ଥାନ: ସିନ୍ଧିରିଆବାହାଲ, ଉଲୁଣ୍ଡା, ସମୟ : ସକାଳ ୮ଟା।
- ଶ୍ରୀରାମ ଲୀଳା ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଖଇରମାଲ,ବୀରମହାରାଜପୁର, ସମୟ: ସକାଳ ୯ ଟା।
- ତରଭା ନୂଆପଡା ଶନିଶ୍ଚର ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ, ସ୍ଥାନ: ନୂଆପଡା ଶନିଶ୍ଚର ମନ୍ଦିର ପ୍ରାଙ୍ଗଣ, ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ନବମୀର ସପ୍ତମ ଦିବସ, ସ୍ଥାନ: ମୁର୍ଷୁଣ୍ଡି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା୩୦।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମର ଦଶମ ଦିବସ, ସ୍ଥାନ: ଭାଲୁଡୁଙ୍ଗୁରିସ୍ଥିତ ଶୃଙ୍ଗଦର ମଠ, ବୀରମହାରାଜପୁର, ସମୟ : ଅପରାହ୍ନ ୪ଟା।
- ରାମଲୀଳା ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ମଞ୍ଚସ୍ଥ ସୀତଚୋରି ନାଟକ, ସ୍ଥାନ: ଉଲୁଣ୍ଡା ବ୍ଲକ କୁକିଆ ରଘୁନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ରାତି ୧୦ଟା।
- ଶ୍ରୀରାମଲୀଳାରେ ସୀତା ଚୋରୀ ଲୀଳା ନାଟକ ପରିବେଷଣ, ସ୍ଥାନ: ଚମ୍ପାମାଳ, ବୀରମହାରାଜପୁର, ସମୟ:ରାତି ୧୧ଟା।
- ଶ୍ରୀରାମ ଲୀଳା ନାଟକରେ ବାଳିବଧ ପରିବେଷଣ, ସ୍ଥାନ: ଯୁବରାଜପୁର, ବୀରମହାରାଜପୁର, ସମୟ: ରାତି ୧୧ଟା।
- ରାମଲୀଳା ନାଟକରେ ସୀତା ଚୋରି ନାଟକ ପରିବେଷଣ, ସ୍ଥାନ: ତିକୁଡା, ଉଲୁଣ୍ଡା, ସମୟ: ରାତି ୧୧ଟା।

## ରାଉରକେଲା

- ଭାଷା ସାହିତ୍ୟ ସଂସ୍କୃତି ଶିର୍ଷକ ଆଲୋଚନା ଚକ୍ର,ସ୍ଥାନ: ବାସନ୍ତୀ କଲୋନୀ କଳ୍ପତରୁ ଆଶ୍ରମ,ସମୟ:ପୂର୍ବାହ୍ନ ୧୦ଟା। .
- ବେଦବ୍ୟାସ ଗୁରୁକୁଳ ସଂସ୍କୃତ କଲେଜରେ ବିବିଧ କାର୍ଯ୍ୟକ୍ରମ,ସ୍ଥାନ:କଲେଜ ପରିସର,ସମୟ:ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ରାମଲୀଳା ଯାତ୍ରାରେ ଭାରତ ମିଳନ ମଞ୍ଚସ୍ଥ, ସ୍ଥାନ:ବଡ଼ଗାଁ ଦେବ ମଣ୍ଡପ, ସମୟ:ରାତି ୧୧ ଟା।

## ବରଗଡ଼

- ଜଳାଭିଷେକ ଓ ମହାଭୋଗ ଅର୍ପଣ, ସ୍ଥାନ: ସମଲେଶ୍ୱରୀ ମନ୍ଦିର ବରଗଡ଼, ସମୟ: ଭୋର୪ଟା।
- ରାମାୟଣ ପାରାୟଣ, ସ୍ଥାନ: ଗାଇସିଲେଟ୍ ବ୍ଲକ ସାନସାହାଜବାହାଲ, ସମୟ: ସକାଳ ୮ଟା।
- ରାମାୟଣ ପାରାୟଣ, ସ୍ଥାନ: ଗାଇସିଲେଟ୍ ବ୍ଲକ ବଜରଙ୍ଗବଳୀ ମନ୍ଦିର ଗୌରେନମୁଣ୍ଡା, ସମୟ: ସକାଳ ୮ଟା।
- ରାମାୟଣ ପୁରାଣ ପାଠ, ସ୍ଥାନ: ଗାଇସିଲେଟ୍ ବ୍ଲକ ଟୁର୍ଙ୍ଗା ନବନିର୍ମିତ ମନ୍ଦିର, ସମୟ: ସକାଳ ୮ଟା।
- ରାମାୟଣ ପାରାୟଣ, ସ୍ଥାନ: ଗାଇସିଲେଟ୍ ବ୍ଲକ ଛିନ୍ଦ୍ରାପାଲି, ସମୟ: ସକାଳ ୯ଟା।
- ରାମାୟଣ ପାରାୟଣ, ସ୍ଥାନ: ଗାଇସିଲେଟ୍ ବ୍ଲକ କଠଉମାଲ, ସମୟ: ସକାଳ ୯ଟା।
- ବାବା ବିଶାଶହେ କୁଳିତା ସମାଜ ପକ୍ଷରୁ କୁଳିତା ଦିବସ ପାଳନ, ସ୍ଥାନ: ସୋହେଲା,ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ହନୁମାନଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ବରଗଡ଼ ବିଶିପଡ଼ା, ୱାର୍ଡ଼ ନଂ. ୭, ସମୟ: ପୂର୍ବାହ୍ନ ୧୦ଟା।
- ରୋଟାରୀ କ୍ଲବ ବରଗଡ଼ ସେଣ୍ଟ୍ରାଲ ଆନୁକୂଲ୍ୟରେ ମାଗଣା ଫିଜିଓଥେରାପି କ୍ୟାମ୍ପ, ସ୍ଥାନ: ସିନ୍ଧୁ ଭବନ, ଶକ୍ତିନଗର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ବରଗଡ଼ ଜିଲା ବ୍ୟାଡ଼ମିଣ୍ଟନ ଆସୋସିଏଶନର ଖବରଦାତା ସମ୍ମିଳନୀ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ରାବଣ ଦରବାର କାର୍ଯ୍ୟକ୍ରମ, ସ୍ଥାନ: ଗାଇସିଲେଟ୍ ବ୍ଲକ କଠଉମାଲ ଛକ, ସମୟ: ସନ୍ଧ୍ୟା ୮ଟା।

## କଳାହାଣ୍ଡି

- ହନୁମାନ ଜୟନ୍ତୀ ଉପଲକ୍ଷେ ହରିମଣ୍ଡଳୀ ଦ୍ୱାରା ସହର ପରିକ୍ରମା, ସ୍ଥାନ: ବଲାଙ୍ଗୀର ଛକ, ସମୟ: ପ୍ରାତଃ ୫ଟା।
- ବିଜେଡି ପକ୍ଷରୁ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଜୁନାଗଡ଼ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରୁ ମା' ଲଙ୍କେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଜୁନାଗଡ଼ ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ, ସ୍ଥାନ: ଧର୍ମଗଡ଼ ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପ୍ରବଚନ, କେସିଙ୍ଗା ସହର ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପୁରାଣ ପଠନ, କେସିଙ୍ଗା ବ୍ଲକ ବାଲସି ଗ୍ରାମସ୍ଥିତ ଘୋଡ଼ାବାହାଳ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଗଣ୍ଡ ସମାଜ ସୋରୀ ବର୍ଗର ଗାଦି ଯାତ୍ରା, ସ୍ଥାନ: କୋମନା ବ୍ଲକ ପଣ୍ଡରାପଥର ଗ୍ରାମ, ସମୟ: ସକାଳ ୯ଟା।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡ଼ିଆଳ ବ୍ଲକ ଦାମାପଲା ଚିନ୍ଦାଗୁଡା, ସମୟ: ମଧ୍ୟାହ୍ନ ୧୨ଟା।
- ହନୁମାନ ଜୟନ୍ତୀ ଅବସରରେ ଖଡ଼ିଆଳ ନଗର ପରିକ୍ରମା, ସ୍ଥାନ: ଅଗ୍ରସେନ ଭବନ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ବହିରାରେ ଶ୍ରୀରାମଲୀଳା ଉତ୍ସବର ସପ୍ତମ ସନ୍ଧ୍ୟାରେ ନାଟକ ସୀତା ଚୋରି, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବୌଦ୍ଧ, ସମୟ: ରାତି ୯ଟା।
- ଘଣ୍ଟାପଡା ଶ୍ରୀ ରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ସପ୍ତମ ଦିବସ ନାଟକ ସୂର୍ପଣଖାର ନାସା, କର୍ଣ୍ଣଛେଦନ, ସ୍ଥାନ: ଘଣ୍ଟାପଡା ରଘୁନାଥଜୀଉ ମନ୍ଦିର, କଣ୍ଟାମାଳ, ସମୟ: ରାତି ୯ଟା।
- ଘଣ୍ଟାପଡାର ଶ୍ରୀଜଗନ୍ନାଥ ନାଟ୍ୟ ସଂସଦର ସପ୍ତମ ଦିବସ ନାଟକ ବାଳିବଧ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ମଣ୍ଡପ,କଣ୍ଟାମାଳ, ସମୟ ରାତି ୯ଟା।
- ବରଗାଁ ପଞ୍ଚାୟତ ମଲିକୁଦର ରାମାୟଣ ନାଟକର ସପ୍ତମ ଦିବସ ନାଟକ ବାଳିବଧ, ସ୍ଥାନ: ମଲିକୁଦ ରାମଲୀଳା ମଣ୍ଡପ, କଣ୍ଟାମାଳ,ସମୟ: ରାତି ୯ଟା।
- ବୌଦ୍ଧ ସହରର ଶ୍ରୀ ରାମଲୀଳା ଯାତ୍ରାର ସପ୍ତମ ଦିବସର ନାଟକ ଲଙ୍କାଦହନ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୧୦ଟା।
- ବଢିଙ୍ଗା ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ସପ୍ତମ ଦିବସ, ସ୍ଥାନ: ବଢିଙ୍ଗା ରଘୁନାଥ ମନ୍ଦିର,ବୌଦ୍ଧ, ସମୟ ରାତି ୧୦ଟା।
- ଦେବଗଡଠାରେ ରାମଲୀଳା ଯାତ୍ରାର ସପ୍ତମ ଦିବସ, ସ୍ଥାନ: ଦେବଗଡ, ହରଭଙ୍ଗା, ସମୟ ରାତି ୧୦ଟା।
- ବାଉଁଶୁଣୀ ରାମଲୀଳା ମହୋତ୍ସବର ସପ୍ତମ ଦିବସର ନାଟକ ସୀତାହରଣ, ସ୍ଥାନ: ବାଉଁଶୁଣୀ ଛକ, ବୌଦ୍ଧ, ସମୟ ରାତି ୧୦ଟା।

## ଦେବଗଡ଼

- ବିଶ୍ୱଶାନ୍ତି ଅଷ୍ଟପହର ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ରିଆମାଳ ବ୍ଲକ ତିମୁର ଗ୍ରାମ, ସମୟ: ସକାଳ ୬ଟା।
- ରାମ ନବମୀ ମହୋତ୍ସବ ଷଷ୍ଠ ଦିବସରେ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ଗୋପାଳଜି ମନ୍ଦିର ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ପୂର୍ଣ୍ଣିମା ଅବସରରେ ମାଉଲିଙ୍କ ପୂଜାର୍ଚ୍ଚନା, ସ୍ଥାନ: ସରବାହାଲ ମାଉଲି ମନ୍ଦିର, ସମୟ: ସକାଳ ୭ଟା।
- ଝାରସୁଗୁଡା ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଲଇକେର, ସମୟ: ସକାଳ ୮ଟା।

## ଢେଙ୍କାନାଳ

- ମା' ସିଦ୍ଧ ବାଶେଳୀ ଦେବୀଙ୍କ ମହାନ ଚୈତ୍ର ମହୋତ୍ସବ, ସ୍ଥାନ: ଭାଗିରଥୀ ସାଗର ପୂର୍ବତଟ, ସମୟ: ସକାଳ ୮ଟା।
- ଚୈତ୍ର ପୂର୍ଣ୍ଣିମା ଝାମୁଯାତ୍ରା ଉତ୍ସବ, ସ୍ଥାନ: ହିରାସାଗର ପୋଖରୀ ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ଝାମୁଯାତ୍ରା, ସ୍ଥାନ: ମଧୁବନ କୁଞ୍ଜକାନ୍ତ ଢେଙ୍କାନାଳ, ସମୟ: ମଧ୍ୟାହ୍ନ ୧୨ଟା।
- ମା' ତାରିଣୀଙ୍କ ନବମ ବାର୍ଷିକ ଚୈତ୍ର ପୂର୍ଣ୍ଣିମା ମହୋତ୍ସବର ଉଦ୍‌ଯାପନୀ ଦିବସ ଓ ସାମୁହିକ ପ୍ରସାଦସେବନ କାର୍ଯ୍ୟକ୍ରମ, ସ୍ଥାନ: ଇଲେକ୍ଟ୍ରିଅଫିସ ଛକ ନୂଆ ଆଳତୁମା, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ଭୋଟର୍ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାଇକସାହି ଗ୍ରାମ, ସମୟ: ସକାଳ ୮ଟା।
- ନିର୍ବାଚନ ଜନିତ ତାଲିମ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ବାର୍ଷିକ ଯାତ୍ରା ଓ ଶ୍ରୀ ଗୋପାଳଜୀଙ୍କ ବସନ୍ତ ରାସ ଉତ୍ସବ, ସ୍ଥାନ: କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମ, ସମୟ: ପୂର୍ବାହ୍ନ ୧୦ ଟା। ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଏନ୍‌ଫୋର୍ସମେଣ୍ଟ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ହେଙ୍ଗୁଳାଇଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ହାତମୁଣ୍ଡ ପାଟଣା ମା' ହେଙ୍ଗୁଳାଇଙ୍କ ପୀଠ, ସମୟ: ସକାଳ ୭ଟା।
- ସିଦ୍ଧ ବାସେଳୀଙ୍କ ଚଇତି ପର୍ବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଫକୀର ଅତିବୁଦ୍ଧିପାଟଣା ବରୁଣଦେବ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା୩୦।
- ହାଣ୍ଡି ଭଙ୍ଗା ଯାତ୍ରା, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଦରଦା ମହିଷାଷୁଣୀ ପୀଠ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମ୍ୟାଚର ନବମ ଦିବସରେ ପ୍ରଧାନ ସାନିଟାରି ଓରିୟର୍ସ ବନାମ ଆର ବି ଟ୍ୟୁଟୋରିଆଲସ ଦଳ, ସ୍ଥାନ: ନୂଆଗାଁ କଲେଜ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।
- ମା' ମଙ୍ଗଳା ଦେବୀଙ୍କ ବାର୍ଷିକୋତ୍ସବ, ସ୍ଥାନ: ନୟାଗଡ଼ ବ୍ଲକର ଗୋବିନ୍ଦପୁର, ସମୟ: ଅପରାହ୍ନ ୪ଟା।
- ତୁଳସୀପୁର ଯଜ୍ଞ, ସ୍ଥାନ: ନୟାଗଡ଼ ବ୍ଲକର ତୁଳସୀପୁର, ସମୟ: ଅପରାହ୍ନ ୫ଟା।
- ଭାରତ ପ୍ରସିଦ୍ଧ ଐତିହାସିକ ଲଙ୍କାପୋଡି ଯାତ୍ରାର ସପ୍ତମ ଦିବସରେ ବିରାୟୁଧ ବଧ ଓ ବେଢ଼ା ପରିକ୍ରମା, ସ୍ଥାନ: ଦଶପଲ୍ଲା ମହାବୀରଙ୍କ ପୀଠ, ସମୟ: ରାତି ୧୧ଟା।

## ଜଗତ୍‌ସିଂହପୁର

- ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନ ଫାଉଣ୍ଡେଶନ ପକ୍ଷରୁ ତଟ ସଫେଇ ଓ ପ୍ଲାଷ୍ଟିକ ମୁକ୍ତ ସମୁଦ୍ର କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ବେଳାଭୂମି, ପାରାଦୀପ, ସମୟ: ସକାଳ ୬ଟା।
- ପୁରୁଣା ବସନ୍ତରେ ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଞ୍ଚାୟତ କାର୍ଯ୍ୟାଳୟ: ସମୟ: ସକାଳ ୭ଟା।
- ମଙ୍ଗଳ କଳସ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାଠୁଆପଟଣାସ୍ଥିତ ଉଦାସ ଆଶ୍ରମ ପରିସର, ସମୟ: ଅପରାହ୍ନ ୪ଟା।
- ମା'ଚଣ୍ଡିକା ପୀଠରେ ବିଶ୍ୱଶାନ୍ତି ଦେବୀ ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ମର୍ଦୋଳ ଗ୍ରାମ କଟରା ପଞ୍ଚାୟତ, ତିର୍ତ୍ତୋଲ, ସମୟ: ରାତି ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଧିକାଂଶ କ୍ଷେତ୍ରରେ ଭୟ ସୃଷ୍ଟିହେବା ସହ ଆଶଙ୍କାଜନିତ ମନ ଅସ୍ଥିର ରହିବ। କେବଳ ରବିଙ୍କ ସୁପ୍ରଭାବ ଯୋଗୁ ଝିନ୍‌ଝଟ୍ ମଧ୍ୟରେ ହିଁ କାମଗୁଡ଼ିକ ସମାପନ ହେବା ଆଶା କରାଯାଇପାରେ। ଦୂରଯାତ୍ରା କରିପାରନ୍ତି ଓ ବ୍ୟବସାୟିକ ଦିଗରେ ଆଶାନୁଯାୟୀ ସଫଳତା ମିଳିବ। ସବୁ ସୁବିଧା ଥିଲେ ମଧ୍ୟ ମନ ବିଚଳିତ ହୋଇପାରେ।

**ବୃଷ** ଖୁସି ମନରେ କାମ କରିବାରେ ମୀନ ରାଶିସ୍ଥ ଶୁକ୍ର ସହାୟକ ହେବ। କଳା, ସାହିତ୍ୟ, ସଙ୍ଗୀତରେ ସମ୍ମାନିତ ହେବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ପ୍ରାଧାନ୍ୟ ଦେଇ ନିଜର ମହନୀୟତା ହେତୁ ପ୍ରଶଂସିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚ ଚିନ୍ତା କରିବେ, ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ସୁଧୁରିଯିବାରୁ ଏକ ପ୍ରକାର ହାଲୁକା ଅନୁଭବ କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ଲାଭକରି ଆଶା କରିଥିବା ଜିନିଷଟି ପାଇପାରନ୍ତି। ପାରିବାରିକ ସମସ୍ୟାର ସରଳ ସମାଧାନ ହେବାରେ ନିକଟ ସମ୍ପର୍କୀୟମାନଙ୍କ ଅବଦାନ ରହିବ। ସାମାଜିକ ସ୍ତରରେ ହସଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**କର୍କଟ** କର୍ମକ୍ଷେତ୍ରରେ ମାନସିକ ଚାପ ବୃଦ୍ଧି ସାଙ୍ଗକୁ ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତତା ବଢ଼ିବ। ଅଷ୍ଟମସ୍ଥ ମଙ୍ଗଳଙ୍କ କୁପ୍ରଭାବରୁ ସହକର୍ମୀଙ୍କ ଅସହଯୋଗ କର୍ମକ୍ଷେତ୍ରକୁ ପ୍ରଭାବିତ କରିବ। ବାଣିଜ୍ୟ ଓ ପ୍ରଶାସନ, ରାଜନୀତି ଏବଂ ସାଙ୍ଗଠନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ଭାବପ୍ରବଣତାରେ ଭାସିଯାଇ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ।

**ସିଂହ** ଅନ୍ୟମାନଙ୍କ ପାଇଁ ଯେତେ ତ୍ୟାଗ ସ୍ୱୀକାରକଲେ ମଧ୍ୟ କାମ ଶେଷରେ ସେମାନଙ୍କ ଦେଖା ମିଳିବନାହିଁ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବା ଆଶଙ୍କା ରହିଛି। ବ୍ୟବସାୟରେ ପରୋକ୍ଷ ଶତ୍ରୁତା ଓ ପ୍ରତିବନ୍ଧକ ଯୋଗୁ ଅଧିକାଂଶ ସମୟ ଟେନ୍‌ସନ ଲାଗି ରହିବ। ପାରିବାରିକ ସମସ୍ୟା ଅନେକାଂଶରେ ନିୟନ୍ତ୍ରଣାଧୀନ ରହିବ।

**କନ୍ୟା** ପାରିବାରିକ ଜୀବନରେ ବିଶୃଙ୍ଖଳିତ ସ୍ଥିତି ଉପୁଜିପାରେ। ବନ୍ଧୁ ଗହଣରେ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିବାରେ ସମର୍ଥ ହେବେ। ସାମାଜିକ ସ୍ତରରେ ଖଳଲୋକଙ୍କ ମିଥ୍ୟାଭିଯୋଗ ମନକୁ ସାମୟିକ ଭାରାକ୍ରାନ୍ତ କରିବ। ନୂତନ କର୍ମସଂସ୍ଥାନ ପାଇଁ କିମ୍ବା ବ୍ୟବସାୟିକ ପରିବର୍ତ୍ତନ ସକାଶେ ମନ ବଳାଇବେ।

**ତୁଳା** ଆର୍ଥିକ ସ୍ଥିତି ଭଲ ରହିଲେ ମଧ୍ୟ କାମ ଗଡ଼ବଡ଼ ହେବା କାରଣରୁ ଅସ୍ଥିରତା ଦେଖାଦେବ। ପରିବାରରେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। କୌଣସି କଥା ନ ବୁଝି ବନ୍ଧୁମାନେ ଅଯଥା ଭୁଲ୍ ବୁଝାମଣାଜନିତ କ୍ରୋଧ ପ୍ରକାଶ କରିପାରନ୍ତି। ଶୁକ୍ରଙ୍କ ଶୁଭ ସଂସ୍ଥାନ ହେତୁ କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ବିଛା** କୌଣସି କ୍ଷେତ୍ରରେ ଧୈର୍ଯ୍ୟ ହରାଇବାର ପରିସ୍ଥିତି ସୃଷ୍ଟି ହେବ ନାହିଁ। ଅର୍ଥ ଓ ସମ୍ମାନ ପାଇବା ସହ ପ୍ରଶାସନିକ ସଫଳତା ମଧ୍ୟ ମିଳିବ। ଆନୁଷ୍ଠାନିକ କ୍ଷେତ୍ର, ରାଜନୀତି, ପ୍ରଶାସନ ତଥା ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ଲାଭକରି ଦୀର୍ଘଦିନର ଆଶା ପୂରଣ କରିପାରିବେ।

**ଧନୁ** ପାରିବାରିକ ଜୀବନ, ଲୋକ ସମ୍ପର୍କ, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଓ ବନ୍ଧୁମିଳନରୁ ଖୁସି ରହିବେ। ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟ କ୍ଷେତ୍ରରୁ ଲାଭବାନ୍ ହୋଇପାରନ୍ତି। ସଭାସମିତି, ପରିବହନ, ପ୍ରକାଶନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ମାନର ରହିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ହିତୈଷୀଙ୍କ ସହ ଆଲୋଚନା କରନ୍ତୁ।

**ମକର** ବାହାର ଦୁନିଆରେ ଲୋକପ୍ରିୟତା ରହିଥିଲେ ହେଁ ପାରିବାରିକ କ୍ଷେତ୍ରରେ ଓଲଟା ପ୍ରତିଛବି ଦେଖିବାକୁ ପାଇବେ। ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଙ୍କୁଚିତ କରିପାରେ। ସବୁ କାମରେ ପଛୁଆ ହେତୁ ନିଜକୁ ଅପାରଗ ମନେକରିପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ଯେତେ ପାଇଲେ ମଧ୍ୟ ମନରେ ସନ୍ତୋଷ ଆସିବ ନାହିଁ।

**କୁମ୍ଭ** ବିଭିନ୍ନ ବିବାଦୀୟ ବିଷୟ ଅନୁଶୀଳନକରି ମନ ଭାରାକ୍ରାନ୍ତ ରହିବ। ସବୁ ସମୟରେ ମିଶୁଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ ସନ୍ଦେହ କରିପାରନ୍ତି। ପ୍ରଶାସନିକ କ୍ଷେତ୍ର, ଆଇନ ଅଦାଲତ, ରାଜନୀତିରେ କିମ୍ବା ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ସାହାଯ୍ୟ ପାଇବେ।

**ମୀନ** କେତେକ ଅସମାହିତ କାମକୁ ସମ୍ପନ୍ନ କରିବାରେ କୂଟନୀତି ପ୍ରୟୋଗ କରିବାକୁ ପଡ଼ିପାରେ। ବିଳାସବ୍ୟସନ ଦିଗକୁ ମନ ଢଳିବ, କିନ୍ତୁ ସମସ୍ୟା ବିଜଡ଼ିତ ରହିବେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ଆଲୋଚନା କ୍ଷେତ୍ରରେ ସଫଳତା ହାସଲ କରିବେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ।

ଆଜି ଏପ୍ରିଲ ୨୩ ତାରିଖ ମଙ୍ଗଳବାର, ବିଶ୍ୱ ପୁସ୍ତକ ଦିବସ, କପି ରାଇଟ୍ ଦିବସ, ଚୈତ୍ର ପୂର୍ଣ୍ଣିମା, ଚୈତ୍ର ମଙ୍ଗଳବାର ଓଷା ଶେଷ, ଶ୍ରୀମନ୍ଦିରରେ ଲଙ୍କାପୋଡ଼ି, ଅଦ୍ୟ ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ। ରାଶି ନକ୍ଷତ୍ର- ଚିତ୍ରା/କନ୍ୟା, ଦିବା ଘ.୦୯।୧୭ ମି. ଗତେ ତୁଳା ଚନ୍ଦ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୩୫ ଗତେ, ଘ.୧୦।୨୯ ମଧ୍ୟେ, ଘ.୦୧।୦୦ ଗତେ, ଘ.୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ, ଘ.୦୪।୨୯ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ଦେଶର ଉତ୍ତପ୍ତ...

ଅଧିକ ରହିଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ପାରଳାଖେମୁଣ୍ଡିରେ ୪୨.୯, ବାରିପଦା ୪୨.୬, ନୂଆପଡ଼ା ୪୨.୪, କେନ୍ଦ୍ରାପଡ଼ା ୪୧.୮, ଜଗତ୍‌ସିଂହପୁର ୪୧.୬, ଭଦ୍ରକ ଓ ଯାଜପୁରରେ ୪୧, ବୌଦ୍ଧ ୪୦.୮, ବାଲେଶ୍ୱର ଓ ଅନୁଗୋଳରେ ୪୦.୭, ଚାନ୍ଦବାଲି ଓ ତାଳଚେରରେ ୪୦.୪, କଟକ ୪୦.୨, ମାଲକାନଗିରି ଓ ଢେଙ୍କାନାଳରେ ୪୦.୧ ଏବଂ ନୟାଗଡ଼ରେ ୪୦ ଡିଗ୍ରୀ ରେକର୍ଡ କରାଯାଇଛି।

ଅପରପକ୍ଷେ କାଳବୈଶାଖୀ ବର୍ଷା ପାଇଁ ଦୁଇଦିନ ରାଜ୍ୟରେ ତାପମାତ୍ରାରେ ସାମାନ୍ୟ ହ୍ରାସ ପାଇବାର ସମ୍ଭାବନା ଥିଲେ ମଧ୍ୟ ୨୫ ତାରିଖଠାରୁ ତାପମାତ୍ରା ପୁଣି ବୃଦ୍ଧି ପାଇବ। ସ୍ଥାନେ ସ୍ଥାନେ ୪୬ ଡିଗ୍ରୀ ଡେଇଁଯିବାର ସମ୍ଭାବନା ରହିଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାତି ବଢ଼ିବ। ଉଷ୍ମ ଆର୍ଦ୍ର ଜଳବାୟୁ ସ୍ଥିତି ଲାଗିରହିବ। ଯଦିଓ କାଳବୈଶାଖୀ ବର୍ଷା ପ୍ରଭାବରେ ୨ରୁ ୩ ଡିଗ୍ରୀ ତାପମାତ୍ରା କମିବ, କିନ୍ତୁ ସେତେ ପରିମାଣରେ ଆଶ୍ୱସ୍ତି ମିଳିବ ନାହିଁ। କାରଣ ତାପମାତ୍ରା ୪୫ ପର୍ଯ୍ୟନ୍ତ ଯାଇଥିବା କାରଣରୁ ୨-୩ ଡିଗ୍ରୀ କମିଲେ ବି ୪୦ ଉପରେ ତାପମାତ୍ରା ରହିବ। ତେବେ ୨୬ ତାରିଖରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବା ସହିତ ବିଭିନ୍ନ ଜିଲାକୁ ଏଥିପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

## ଅଧିକ ଖରା...

ରୋଗ ହୋଇଥାଏ। ବିଶେଷକରି ଚର୍ମ କର୍କଟ ହେବାର ଅଧିକ ସମ୍ଭାବନା ରହିଥାଏ। କଳା ଲୋକଙ୍କ ଅପେକ୍ଷା ସଫା ରଙ୍ଗର ଲୋକଙ୍କୁ ଚର୍ମ କର୍କଟ ହେବାର ଆଶଙ୍କା ଅଧିକ ଥାଏ। ସେହିଭଳି ଯେଉଁମାନଙ୍କ ଶରୀରରେ କଳାଜାଇ ବଢୁଥିବ, ସେମାନେ ଅଧିକ ଯତ୍ନ ନେବା ଦରକାର। କାରଣ ସେହି କଳାଜାଇ ପାଇଁ କର୍କଟ ରୋଗ ହୋଇଥାଏ। ଏହି କର୍କଟ ରୋଗ ବହୁତ କମ୍ ଦେଖାଯାଏ, କିନ୍ତୁ ଏହାର ମୃତ୍ୟୁ ସମ୍ଭାବନା ମଧ୍ୟ ଅଧିକ ଥାଏ। ସାଧାରଣତଃ ତିନିପ୍ରକାର ଚର୍ମ କର୍କଟ ରୋଗ ହୋଇଥାଏ। ସଫା ଲୋକ ଏବଂ ପରିବାରରେ କାହାର ଏହି ରୋଗ ଥିଲେ ସେମାନଙ୍କ ଚର୍ମ କର୍କଟ ରୋଗ ହେବାର ସମ୍ଭାବନା ବେଶି। ତେବେ ରୋଗ ଚିହ୍ନଟ କରି ଆଗୁଆ ଚିକିତ୍ସା କଲେ ତାହା ଭଲ ହୋଇପାରେ ବୋଲି ଡା. ମିଶ୍ର କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ୟୁଭି ରଶ୍ମି ସଂସ୍ପର୍ଶରେ ଅଧିକ ଆସିଲେ ଶରୀରରେ ହୋଇଥିବା ଖଣ୍ଡିଆ ମଧ୍ୟ ଶୀଘ୍ର ଭଲ ହୁଏ ନାହିଁ। ସେହିଭଳି ସ୍କିନ୍‌ରେ ଏକ ଟ୍ୟାଗ୍ ପରି ଆସେ, ଯାହାକୁ ଆକ୍ଟିନିକ କେରାଟୋସିସ୍ ବୋଲି କୁହାଯାଏ। ଏହା କ୍ୟାନ୍‌ସରର ପୂର୍ବାବସ୍ଥା। ଚମଡ଼ା ଉପରେ ନାଲି ନାଲି ଉଠିକି ଥାଏ ଏବଂ ହାତକୁ ରଫ୍ ଲାଗେ। ଖରା ସଂସ୍ପର୍ଶରେ ଆସୁଥିବା କପାଳ, ବେକ ଭଳି ଜାଗାରେ ଏହା ହୋଇଥାଏ। ଏହାକୁ ଧ୍ୟାନ ନ ଦେଲେ ତାହା କର୍କଟ ରୋଗରେ ପରିଣତ ହୋଇପାରେ। ସେହିଭଳି ଆଖି ମଧ୍ୟ ଖରାପ ହୋଇଥାଏ। ଆଖି ରୋଗ 'କାଟରାକ୍ଟର' ୧୦ ପ୍ରତିଶତ କାରଣ ହେଉଛି ଖରା ବୋଲି ସେ କହିଛନ୍ତି।

ସକାଳ ୧୦ ଟାରୁ ଅପରାହ୍ନ ୪ଟା ଭିତରେ ୟୁଭି ରଶ୍ମିର ପ୍ରଭାବ ପଡ଼ିଥାଏ। ଏଥିରୁ ସୁରକ୍ଷିତ ରହିବା ପାଇଁ ଖରାକୁ ବାହାରିବା ବେଳେ ପ୍ରାକ୍‌ସାବଧାନତା ନେବାର ଅଛି। ଧଳା ରଙ୍ଗର କପଡ଼ା ପିନ୍ଧିବା ସହିତ ସନ୍‌ଗ୍ଲାସ ପିନ୍ଧିବା ଏବଂ ସନ୍‌ସ୍କ୍ରିନ ଲଗାଇ ବାହାରିବା ଉଚିତ। ଅଧିକ ସମୟ ଖରାରେ ବୁଲିଲେ ପ୍ରତି ଦୁଇ ତିନିଘଣ୍ଟାରେ ସନ୍‌ସ୍କ୍ରିନ ଲଗାଇବାକୁ ଡା. ପରାମର୍ଶ ଦେଇଛନ୍ତି।

ଏ ସମ୍ପର୍କରେ ବିଏମ୍‌ସି ହସ୍ପିଟାଲର ମେଡିସିନ ସ୍ପେଶାଲିଷ୍ଟ ଡା. ନିରଞ୍ଜନ ପାଢ଼ୀ କହିଛନ୍ତି, ଅତ୍ୟଧିକ ତାପମାତ୍ରା ବୃଦ୍ଧି କାରଣରୁ ଲୋକଙ୍କ ଉପରେ ଏହାର ଯଥେଷ୍ଟ କୁପ୍ରଭାବ ପଡ଼ିଥାଏ। ଏହିସମୟରେ କିଛିସାଧାରଣ ରୋଗର ପ୍ରାଦୁର୍ଭାବ ବଢ଼ିଯାଇଥାଏ। ଡିହାଇଡ୍ରେଶନ, ଅଂଶୁଘାତ, ହାଡ଼ଫୁଟି, ମିଳିମିଳା, ଟାଇଫଏଡ୍ ଇତ୍ୟାଦି ରୋଗ ସହିତ ସନ୍‌ବର୍ନ ଭଳି କିଛି ଚର୍ମରୋଗ ମଧ୍ୟ ଦେଖାଯାଏ। ଏହି ସମୟରେ ଫୁଡ୍ ପଏଜନିଂ ଅନ୍ୟ ଏକ ସାଧାରଣ ସମସ୍ୟା ଦେଖାଯାଇଥାଏ। ତେଣୁ ଯେତେ ସମ୍ଭବ ଖରାଠୁ ଦୂରେଇ ରହିବାକୁ ଚେଷ୍ଟା କରିବା ସହିତ ଅଧିକ ପାଣି ପିଇବା ଏବଂ ବାହାର ଖାଦ୍ୟ ନ ଖାଇବା ଉଚିତ ବୋଲି ଡା. ପାଢ଼ୀ ପରାମର୍ଶ ଦେଇଛନ୍ତି।

## ୬ରୁ ୫ ନୂଆ...

ତଥା ରଘୁନାଥପାଲି ବିଧାୟକ ସୁବ୍ରତ ତରାଇଙ୍କ ସ୍ଥାନରେ ତାଙ୍କ ସ୍ତ୍ରୀ ଅର୍ଚ୍ଚନା ରେଖା ବେହେରାଙ୍କୁ ପ୍ରାର୍ଥୀ କରାଯାଇଛି। ଏବେ ସୁଦ୍ଧା ବିଜେଡି ୧୪୧ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିଥିବାବେଳେ ଆଉ ୬ ଆସନ ବାକି ରହିଛି। ସେଗୁଡ଼ିକ ହେଲା ଖଣ୍ଡପଡ଼ା, ବେଗୁନିଆ, ଖୋର୍ଦ୍ଧା, କୋରେଇ, ନୀଳଗିରି ଏବଂ ଭୋଗରାଇ।

ଘୋଷିତ ପ୍ରାର୍ଥୀ ତାଲିକା ଅନୁଯାୟୀ ରଘୁନାଥପାଲିରୁ ଅର୍ଚ୍ଚନାରେଖା ବେହେରା, ବରୀରୁ ବିଶ୍ୱରଞ୍ଜନ ମଲ୍ଲିକ, ବାଲିକୁଦା-ଏରସମାରୁ ସାରଦା ଜେନା, ବାଙ୍ଗିରିପୋଷିରୁ ରଞ୍ଜିତା ମାଣ୍ଡି ନିର୍ବାଚନ ଲଢ଼ିବେ। ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ ହିନ୍ଦୋଳ ଆସନ ପାଇଁ ପ୍ରାର୍ଥୀ କରାଯାଇଛି। କାକଟପୁର ନିର୍ବାଚନମଣ୍ଡଳୀ ନିମନ୍ତେ ବିଜେଡି ଏକାଧିକ ଆଶାୟୀଙ୍କୁ ବାଦ୍ ଦେଇ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଉପରେ ଭରସା କରିଛି। ତୁଷାର କାକଟପୁରରୁ ପୁଣି ପ୍ରାର୍ଥୀ ହେବା ପରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ନିରାଶ ହୋଇଛନ୍ତି। ସେ ଏଥର କାକଟପୁରରୁ ଟିକେଟ ପାଇବା ନେଇ ଆଶାବାଦୀ ଥିଲେ। ୨୦୧୪ରେ ସେ ବିଜେଡି ଟିକେଟରେ ଏହି ଆସନରୁ ବିଜୟୀ ହୋଇଥିଲେ। ୨୦୧୯ରେ ଦଳ ତାଙ୍କୁ ଆଉ ଟିକେଟ ଦେଇ ନ ଥିଲା। ତାଙ୍କ ବଦଳରେ ଭାଜପା ଟିକେଟ୍ ଫେରାଇ ବିଜେଡିରେ ଯୋଗଦେଇଥିବା ତୁଷାରକାନ୍ତିଙ୍କୁ ଟିକେଟ ଦେଇଥିଲା।

ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ଏବଂ ବରୀ ବିଧାୟିକା ସୁନନ୍ଦା ଦାସ ଟିକେଟ ନ ପାଇ ନିରାଶ ହୋଇଛନ୍ତି। ହିନ୍ଦୋଳରୁ ସୀମାରାଣୀ ୨୦୧୪ ଓ ୨୦୧୯ରେ ବିଜୟୀ ହୋଇଥିଲେ ମଧ୍ୟ ଦଳ ତାଙ୍କ ଉପରେ ଆଉ ଭରସା କରି ନାହିଁ। ତାଙ୍କ ବଦଳରେ ଦଳ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ ପ୍ରାର୍ଥୀ କରିଛି। ଢେଙ୍କାନାଳ ଲୋକ ସଭା ଆସନରୁ ବିଜେଡି ଏଥର ଅବିନାଶ ସାମଲଙ୍କୁ ପ୍ରାର୍ଥୀ କରିଥିବାରୁ ମହେଶଙ୍କୁ ବିଜେଡି ହିନ୍ଦୋଳରେ ଥଇଥାନ କରିଛି। ସେ ପ୍ରଥମ ଥର ଲାଗି ହିନ୍ଦୋଳରୁ ବିଧାନସଭା ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ସେହିପରି ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ୨୦୧୯ରେ ବିଜୟୀ ହୋଇ ବିଧାନସଭାକୁ ଯାଇଥିଲେ। ମନ୍ତ୍ରୀ ମଧ୍ୟ ହୋଇଥିଲେ। ଏଥର ଦଳ ତାଙ୍କ ଉପରେ ଭରସା କରିନାହିଁ। ତାଙ୍କ ବଦଳରେ ଦଳ ସାରଦା ଜେନାଙ୍କୁ ପ୍ରାର୍ଥୀ କରିଛି। ସେହିପରି ବରୀ ବିଧାନସଭାରୁ ଥରେ ନିର୍ବାଚିତ ହୋଇଥିବା ସୁନନ୍ଦା ଦାସଙ୍କୁ ଚଳିତ ନିର୍ବାଚନ ପାଇଁ ଟିକେଟ ମିଳିନାହିଁ। ଏଥର ତାଙ୍କ ବଦଳରେ ଦଳ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଭରସା କରିଛି। ୩ ଥର ନିର୍ବାଚିତ ହୋଇଥିବା ରଘୁନାଥପାଲି ବିଧାୟକ ସୁବ୍ରତ ତରାଇଙ୍କ ଟିକେଟ କଟିଛି। ସେ ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ଟିକେଟରେ ଉକ୍ତ ବିଧାନସଭା ଆସନରୁ ବିଜୟୀ ହୋଇଥିଲେ। ଏହି ଆସନରୁ ଏଥର ଦଳ ସୁବ୍ରତଙ୍କ ସ୍ତ୍ରୀ ଅର୍ଚ୍ଚନାରେଖା ବେହେରାଙ୍କୁ ପ୍ରାର୍ଥୀ କରିଛି।

ଅନ୍ୟପକ୍ଷରେ ବିଜେଡି ନୟାଗଡ଼ ଜିଲାର ଖଣ୍ଡପଡ଼ା, ଯାଜପୁର ଜିଲାର କୋରେଇ, ବାଲେଶ୍ୱର ଜିଲାର ଭୋଗରାଇ ଓ ନୀଳଗିରି ଏବଂ ଖୋର୍ଦ୍ଧା ଜିଲାର ବେଗୁନିଆ ଓ ଖୋର୍ଦ୍ଧା ଆସନ ନିମନ୍ତେ ପ୍ରାର୍ଥୀ ଘୋଷଣା ବାକି ରଖିଛି। ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଦଳରୁ ବହିଷ୍କାର ପରେ ଖଣ୍ଡପଡ଼ା ଆସନରେ ବିଜେଡି କାହାକୁ ଟିକେଟ ଦେବ ତାହା ସ୍ଥିର ହୋଇପାରୁନି। ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଟିକେଟ ଲବିରେ ଅଛନ୍ତି। ସେହିପରି ଭୋଗରାଇରେ ମଧ୍ୟ ସମାନ ଅବସ୍ଥା। ବିଧାୟକ ଅନନ୍ତ ଦାସଙ୍କ ବୟସାଧିକ ଯୋଗୁ ଦଳ ନୂଆ ଚେହେରା ସନ୍ଧାନରେ ରହିଛି। ତେବେ ଅନନ୍ତ ନିଜ ପୁଅକୁ ଟିକେଟ ଦେବା ପାଇଁ ଅଡ଼ି ବସିଛନ୍ତି। କିଛିଦିନ ପୂର୍ବରୁ ସେ ନବୀନ ନିବାସ ଆସି ପୁଅ ପାଇଁ ଟିକେଟ ଦେବାକୁ ଦାବି କରିଥିବା ନେଇ ଚର୍ଚ୍ଚା ହୋଇଥିଲା। ସେହିପରି ବେଗୁନିଆରେ ବିଜେଡି ରାଜେନ୍ଦ୍ର ସାହୁ ଏବଂ ଖୋର୍ଦ୍ଧାରେ ଜିତୁ ମିତ୍ରଙ୍କ ବଦଳରେ ନୂଆ ପ୍ରାର୍ଥୀ ଦେବାକୁ ଚାହୁଁଛି। ଝମେଲା ତୁଟି ପାରୁ ନ ଥିବାରୁ ଏହି ୬ ଆସନ ଝୁଲି ରହିଛି।

## ଚାପରେ ଭୁଲ୍ ତଥ୍ୟ...

ଏହି ସମୟରେ କେଜ୍‌ରିୱାଲଙ୍କ ଇନ୍‌ସୁଲିନ୍ ପ୍ରସଙ୍ଗ ଉଠାଇ ନ ଥିଲେ କିମ୍ବା ଡାକ୍ତରମାନେ ମଧ୍ୟ ଏଥିପାଇଁ ପ୍ରସ୍ତାବ ଦେଇ ନ ଥିଲେ ବୋଲି ଜେଲ କର୍ତ୍ତୃପକ୍ଷ କହିଥିଲେ। ତେବେ ତିହାର ଜେଲ ପ୍ରଶାସନ ରାଜନୈତିକ ଚାପରେ ପଡ଼ି ଭୁଲ୍ ଏବଂ ବିଭ୍ରାନ୍ତିକର ବୟାନ ଦେଉଥିବା କେଜ୍‌ରିୱାଲ କହିଛନ୍ତି। କେଜ୍‌ରିୱାଲଙ୍କ ଏହି ଚିଠିକୁ ଦିଲ୍ଲୀ ମନ୍ତ୍ରୀ ଆତିଶୀ ସୋସିଆଲ ମିଡିଆ ଏକ୍ସ'ରେ ଶେୟାର କରିଛନ୍ତି।

ସୂଚନାଯୋଗ୍ୟ, କେଜ୍‌ରିୱାଲଙ୍କୁ ଧୀରେ ଧୀରେ ମୃତ୍ୟୁମୁଖକୁ ଠେଲିଦିଆଯାଉଥିବା ଆପ୍ ନେତା ସୌରଭ ଭରଦ୍ୱାଜ ଶନିବାର ଅଭିଯୋଗ କରିଥିଲେ। କେଜ୍‌ରିୱାଲଙ୍କ ସ୍ତ୍ରୀ ସୁନୀତା ମଧ୍ୟ ରବିବାର ଅନୁରୂପ ଅଭିଯୋଗ ଆଣିଥିଲେ। ଟାଇପ୍-୨ ଡାଇବେଟିସ୍‌ରେ ପୀଡ଼ିତ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଇନ୍‌ସୁଲିନ୍ ଦିଆଯାଉ ନାହିଁ କି ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଅନୁମତି ମିଳୁନାହିଁ ବୋଲି ଦଳ କହିଥିଲା।




ବିଜେଡି ଲୋକ ସଭା ପ୍ରାର୍ଥୀ ଲମ୍ବୋଦର ନିଆଲ, ଭବାନୀପାଟଣା ପ୍ରାର୍ଥିନୀ ଲଳିତା ନାଏକ ଓ ଲାଞ୍ଜିଗଡ଼ ବିଧାୟକ ପ୍ରାର୍ଥୀ ପ୍ରଦୀପ ଦିଶାରୀ ଏବଂ ଭାଜପା ଲୋକ ସଭା ପ୍ରାର୍ଥୀ ମାଳବିକା ଦେଓ, ବିଧାୟକ ପ୍ରାର୍ଥୀ ଅନିରୁଦ୍ଧ ପ୍ରଧାନ ନାମାଙ୍କନ ପାଇଁ ଆସିଛନ୍ତି।

# ୪ ଲୋକ ସଭା, ୮ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ

**କଳାହାଣ୍ଡି ଜିଲା**

ଭବାନୀପାଟଣା,୨୨।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଚଳିତ ସାଧାରଣ ନିର୍ବାଚନ ପାଇଁ ଗତ ୧୮ ତାରିଖରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲାରେ ଲୋକ ସଭା ପାଇଁ ୪ ଜଣ ଓ ୫ ବିଧାନସଭା ପାଇଁ ୮ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। କଳାହାଣ୍ଡି ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥିନୀ ମାଳବିକା କେଶରୀ ଦେଓ, ବିଜେଡି ପ୍ରାର୍ଥୀ ଲମ୍ବୋଦର ନିଆଲ, ବହୁଜନ ସମାଜ ପାର୍ଟି ପ୍ରାର୍ଥୀ ରାଜାରାମ ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଡ. ଧର୍ମେନ୍ଦ୍ର ଗହୀର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଭବାନୀପାଟଣା ବିଧାନସଭା ପାଇଁ ଭାଜପା ପ୍ରାର୍ଥୀ ପ୍ରଦିପ୍ତ କୁମାର ନାଏକ, ବିଜେଡି ପ୍ରାର୍ଥିନୀ ଲଳିତା ନାଏକ, ଜୁନାଗଡ ବିଧାନସଭା ପାଇଁ



ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦିପ୍ତ ନାଏକଙ୍କ ଶୋଭାଯାତ୍ରା।

କଂଗ୍ରେସ ପ୍ରାର୍ଥୀ ତୁଲେଶ୍ୱର ନାଏକ, ବହୁଜନ ମୁକ୍ତି ପାର୍ଟିପକ୍ଷରୁ ସୁଧାନିଧି ନାଏକ, ଧର୍ମଗଡ ବିଧାନସଭା ପାଇଁ ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ, ଲାଞ୍ଜିଗଡ ବିଧାନସଭା ପାଇଁ ବିଜେଡି ପ୍ରାର୍ଥୀ ପ୍ରଦୀପ ଦିଶାରୀ, ବିଏସ୍‌ପି ପ୍ରାର୍ଥୀ ମୋହନ ସିଂ ମାଝି, ନର୍ଲା ବିଧାନସଭା ପାଇଁ ଭାଜପା ପ୍ରାର୍ଥୀ ଅନିରୁଦ୍ଧ ପଧାନ ପ୍ରମୁଖ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଭବାନୀପାଟଣାରେ ଭାଜପା ଲୋକ ସଭା ପ୍ରାର୍ଥୀ ମାଳବିକା ଓ ବିଧାନସଭା ପ୍ରାର୍ଥୀ ପ୍ରଦିପ୍ତ ମା' ମାଣିକେଶ୍ୱରୀଙ୍କୁ ଦର୍ଶନ କରି ସେଠାରୁ ଶୋଭାଯାତ୍ରାରେ ଜିଲାପାଳ ଓ ଉପଜିଲାପାଳ କାର୍ଯ୍ୟାଳୟକୁ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ବିଜେଡି ମଧ୍ୟ ଶୋଭାଯାତ୍ରା କରି ସ୍ଥାନୀୟ ଉପଜିଲାପାଳ କାର୍ଯ୍ୟାଳୟକୁ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ଶୋଭାଯାତ୍ରା ଫଳରେ ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ ଜାମ ଭଳି ସ୍ଥିତି ଦେଖିବାକୁ ମିଳିଥିଲା।

# ପ୍ରାର୍ଥୀଙ୍କ ସପକ୍ଷରେ ଏକତ୍ରିତ ହେବାକୁ ଆହ୍ୱାନ

**ବିଜେଡି କର୍ମୀ ସମ୍ମିଳନୀ**

କେସିଙ୍ଗା,୨୨।୪(ତୁମେଶ୍ୱର ସାହୁ)

କେସିଙ୍ଗା ବ୍ଲକ୍ କନ୍ତେଶିର ପଞ୍ଚାୟତ ଅଧୀନ ତହଶିର ଗ୍ରାମ ଏମ୍‌ଆଇପି ପରିସରରେ ସୋମବାର ଜୋନ -୧ର ଜିଲାପରିଷଦ ସଭ୍ୟା ଦୀପାଞ୍ଜଳି ସାହୁଙ୍କ ନେତୃତ୍ୱରେ ଜୋନସ୍ତରୀୟ ବିଜେଡ଼ି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ସ୍ଥାନୀୟ ପ୍ରାର୍ଥୀଙ୍କ ସପକ୍ଷରେ ଏକତ୍ରିତ ହେବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ସମ୍ମିଳନୀରେ ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡ଼ି ବିଧାୟକ ପ୍ରାର୍ଥୀ ମନୋରମା ମହାନ୍ତି ଓ ତାଙ୍କ ସ୍ୱାମୀ ତଥା ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି ଯୋଗଦେଇ କେସିଙ୍ଗା ବ୍ଲକ ଜୋନ ୧ ଅନ୍ତର୍ଗତ ୯ ଗୋଟି ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ବିଜେଡ଼ି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ କେସିଙ୍ଗା ନଗରପାଳ ନୃପରାଜ ଯାଦବ ଯୋଗଦେଇ ନିର୍ବାଚନରେ ସ୍ଥାନୀୟ ପ୍ରାର୍ଥିତ୍ୱକୁ ପ୍ରସଙ୍ଗ କରି ଭୋଟ ଭିକ୍ଷା କରିବାକୁ କର୍ମୀଙ୍କୁ କହିଥିଲେ। ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡ଼ି ପର୍ଯ୍ୟବେକ୍ଷକ ଭବାନୀଶଙ୍କର ନିଆଲ ଦଳୀୟ ସଂଗଠନ ଉପରେ ଆଲୋକପାତ କରିଥିଲେ। ବେଲଖଣ୍ଡି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଆର୍ତ୍ତତ୍ରାଣ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇନଜୀବୀ ଦେବେନ୍ଦ୍ର ଭୁଜବଳ, ପୂର୍ବତନ ବିଜେଡ଼ି ବ୍ଲକ ସଭାପତି ଯଜ୍ଞସେନ ସାହୁ, ନଳିନ ପଟ୍ଟନାୟକ, କୁନୁ ସାହୁ, ସୁବାସ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



କର୍ମୀ ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

# ଅନ୍ୟ ଦଳର କର୍ମୀ ଭାଜପାରେ ସାମିଲ

ନୂଆପଡ଼ା,୨୨।୪ (ମକାରୁ ବେମାଲ)

ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ-୭ ପରସାଗୁଡାଠାରେ ରବିବାର ସନ୍ଧ୍ୟାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭୈରବ ସାହୁ, ହରିଶ୍ଚନ୍ଦ୍ର ପଣ୍ଡା, ଅଭିନନ୍ଦନ ପଣ୍ଡାଙ୍କ ଉପସ୍ଥିତିରେ ବିଭିନ୍ନ ଦଳ ଛାଡିଥିବା ଶତାଧିକ ଯୁବକ ଭାଜପାରେ ସାମିଲ ହୋଇଛନ୍ତି। ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତିରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ପ୍ରକାଶ କରିଥିଲେ। ହେମନ୍ତ କୁମାର ସାହୁ, ରଞ୍ଜିତ ସୁନା, ଆକାଶ ନାଗ, ରାକେଶ ଭାଇ, ବିପ୍ର ରାଉତ, ଅତିଶ ମଲ୍ଲିକ, ବିଜୟ ନିଆଲ, ସୁଶାନ୍ତ ହଂସ, ବିକେ ଦଣ୍ଡସେନା ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି । ସଦାନନ୍ଦ ଯୋଶୀ, ସୋମ ପଣ୍ଡା, ଅଭିଷେକ ପଣ୍ଡା ଉପସ୍ଥିତ ଥିଲେ ।

**PUBLIC NOTICE**

This is for the information of all that Shankar Lal Gupta (on 25/3/2023) & Suman gupta (on 2/4/2017 both residing at D-19, BJB Nagar , Bhubhaneswar, Odisha, Shiv Dayal Gupta (on 20/1/2017) residing 11A/3 Sunny Park, Ballygunge , kolkata-19 have expired.

We Usha Gupta - 9830029330, Madan Mohan Gupta-9124999997, Hari Narayan Gupta - 9830200208, Shri Gopal Gupta, Sushila Gupta - 9692853332, Sunita Sharma - 96653 46602 are legal heirs of the above.

All properties in Odisha whether in Individual or joint names are family properties owned equally by all of us.We all have equal rights on all properties in the above names. Anyone who has dealt or is dealing after the demise without the consent of all of us will be doing at their own risk.

# ନାମାଙ୍କନ ଭରିଲେ ୪ ବିଧାୟକ ପ୍ରାର୍ଥୀ

ନୂଆପଡ଼ା/ଖଡ଼ିଆଳ,୨୨।୪ (ମକାରୁ ବେମାଲ/ସୁଜିତ କୁମାର ପ୍ରଧାନ)

ନୂଆପଡା ନିର୍ବାଚନ ମଣ୍ଡଳୀରେ ୫ମ ଦିନରେ ସୋମବାର ୪ଜଣ ବିଧାୟକ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନୂଆପଡା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା, ସମୃଦ୍ଧ ଓଡ଼ିଶା ପାର୍ଟି ପ୍ରାର୍ଥୀ ସୁରେନ୍ଦ୍ର ପଣ୍ଡା ଓ ଖଡିଆଳ ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀ ହିତେଶ ବଗର୍ତ୍ତି, ସ୍ୱାଧୀନ ପ୍ରାର୍ଥୀ ଶ୍ରୀକାନ୍ତ ଚାଟାର୍ଜୀ ନିର୍ବାଚନ ଅଧିକାରୀଠାରେ ନାମାଙ୍କନ ଦାଖଲ କରିଛନ୍ତି। ନୂଆପଡା ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ନିଜ ସମର୍ଥକଙ୍କ ସହ ନୂଆପଡା ତେଲିପଡାସ୍ଥିତ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରି ବାଇକ୍ ଓ କାର୍ ଶୋଭାଯାତ୍ରାରେ ବାହାରି ଏକତା ଛକଠାରେ ପହଞ୍ଚିଥିଲେ। ସେଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଉପଜିଲାପାଳଙ୍କ କାର୍ଯ୍ୟାୟକୁ ଯାଇ ନିର୍ବାଚନୀ ଅଧିକାରୀ ଯୋଗେନ୍ଦ୍ର ମାଝିଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ଖଡିଆଳ ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ହିତେଶ ବଗର୍ତ୍ତି ଖଡିଆଳସ୍ଥିତ ମା' ସମଲେଶ୍ୱରୀ, ରକ୍ତାମ୍ବରୀ ଓ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ନିଜ ସମର୍ଥକଙ୍କ ସହ ବିଶାଳ ପଟୁଆରାରେ ବାହାରି ନୂଆପଡା ଏକତା ଛକରେ ଥିବା ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ନିର୍ବାଚନୀ ଅଧିକାରୀ ସୁବାସ ଚନ୍ଦ୍ର ରଇତଙ୍କଠାରେ ଙ୍ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସମୃଦ୍ଧ ଓଡିଶା ପାର୍ଟି ପ୍ରାର୍ଥୀ ସୁରେନ୍ଦ୍ର ପଣ୍ଡା ଓ ସ୍ୱାଧୀନ ପ୍ରାର୍ଥୀ ଭାବରେ ଶ୍ରୀକାନ୍ତ ଚାଟାର୍ଜୀ ନାମାଙ୍କନପତ୍ର ଦାଖଲ କରିଛନ୍ତି।




ସମର୍ଥକଙ୍କ ସହ ଅଭିନନ୍ଦନ ପଣ୍ଡା ଓ ହିତେଶ ବଗର୍ତ୍ତି ନାମାଙ୍କନପତ୍ର ଦାଖଲ ପାଇଁ ଯାଉଛନ୍ତି ।

# ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

କୋମନା, ୨୨।୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ କାଞ୍ଚନଜୟା ପବ୍ଲିକ ସ୍କୁଲ କୁରେଶ୍ୱରର ୧୨ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ମୁକେଶ କୁମାର ଭସାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଅତିଥି ଭାବେ ଭେଲା ସରପଞ୍ଚ ବିମଳ ଯୋଷୀ, କୁରେଶ୍ୱର ସରପଞ୍ଚ ବିଜୟଲକ୍ଷ୍ମୀ ବରାଳ, କୁରୁମ୍ପୁରୀ ସାଇ ମହାବିଦ୍ୟାଳୟର ଫିଜିଓଥେରାପି ପ୍ରାଧ୍ୟାପକ ଅବିନାଶ ତିୱାରୀ ଯୋଗଦେଇଥିଲେ। ବିଏମ୍ ମହାବିଦ୍ୟାଳୟ ଦହିତାର ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ଶିକ୍ଷକ ହୃଷୀକେଶ ସୁନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ମୁରଲୀ କୁମ୍ଭାର ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଭକ୍ତବନ୍ଧୁ ଦୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନ ସଚେତନତା ଶିବିର

କେସିଙ୍ଗା,୨୨।୪(ତୁମେଶ୍ୱର ସାହୁ)

ତାଲୁକ ଆଇନସେବା ସମିତି କେସିଙ୍ଗା ତରଫରୁ ସ୍ଥାନୀୟ ଅଦାଲତ ପରିସରରେ ସୋମବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷ ତାଲୁକ ଆଇନ ସେବା ସମିତି କେସିଙ୍ଗା ଧନଞ୍ଜୟ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ମହିଳାମାନଙ୍କ ଉପରେ ହେଉଥିବା ଯୌନ ଉତ୍ପୀଡନକୁ ରୋକିବା ଏବଂ ମହିଳାମାନଙ୍କ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ଏଥିରେ କେସିଙ୍ଗା ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ସମ୍ପାଦକ ସନ୍ଦୀପ କୁମାର ବାନାର୍ଜୀ, ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶ ଦାତା ସୌମ୍ୟରଞ୍ଜନ ମିଶ୍ର, ବରିଷ୍ଠ ଆଇନଜୀବୀ ଗୁରୁ ପ୍ରସାଦ ବଗର୍ତ୍ତି, ମନୋଜ କୁମାର ନାଗ, ଦିନେଶ କୁମାର ଭୋଇ, କୃଷ୍ଣଚନ୍ଦ୍ର ନାଗ, ବୈକୁଣ୍ଠ ମହଲା, ସୁକାନ୍ତ କୁମାର ପଧାନ, ସୁନ୍ଦର ବାବୁ ପାତ୍ର, ହରିପ୍ରସାଦ ତାଣ୍ଡି, ରଞ୍ଜିତ କୁମାର ଷଡଙ୍ଗୀ ଓ ସଞ୍ଜୀବ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଖଡ଼ିଆଳ,୨୨।୪ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ. ତରୁଣ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଯୁକ୍ତଦୁଇ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ଡିନ୍ ଡ଼. ପଦ୍ମଲୋଚନ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। 'ପ୍ରାଚ୍ୟ ଓ ପାଶ୍ଚାତ୍ୟ ସେତୁର ଆଧାର ରାଧାନାଥ ଆମର କବିବର' ଶୀର୍ଷକରେ ଛାତ୍ରୀଛାତ୍ର ଶ୍ୟାମ ସୁନ୍ଦର ହେର୍ଣ୍ଣା, ଧ୍ରୁବରାଜ ରଣା, ସୁଷମା ସାହୁ, ନନ୍ଦିତା ସାହୁ, ସାଗରିକା ପ୍ରଧାନ, ପ୍ରଫୁଲ୍ଲ ଜାଲ ପ୍ରମୁଖ ନିବନ୍ଧ ରଚନା କରି ଉପସ୍ଥାପନା କରିଥିଲେ। ଅତିଥିଗଣ ରାଧାନାଥଙ୍କ ଜୀବନୀ, ସାହିତ୍ୟ ସାଧନା ଉପରେ ଆଲୋଚନା କରିଥିଲେ।

# ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ଖଡ଼ିଆଳ,୨୨।୪ (ସୁଜିତ କୁମାର ପ୍ରଧାନ)

ଖଡ଼ିଆଳ ବ୍ଲକ ଜୁଆଝର ଶିବ ମନ୍ଦିର ପରିସରରେ ସୋମବାର ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମହୁଲକୋଟ ଗ୍ରାମର ନିତ୍ୟାନନ୍ଦ ମାଝି। ନିତ୍ୟାନନ୍ଦ ଜୁଆଝର ଶିବ ମନ୍ଦିରଠାରେ ବିଶ୍ରାମ ନେଇଥିବା ବେଳେ ଏକ ସାପ କାମୁଡିଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସୂଚନା ଦେଇଛି। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଏଏସ୍‌ଆଇ ଚଞ୍ଚଳା ତାଣ୍ଡି ସୂଚନା ଦେଇଛନ୍ତି।

# ପଥଚାରୀଙ୍କୁ ଜଳଦାନ କରି ପ୍ରଶଂସା ସାଉଁଟିଲେ

କର୍ଲାମୁଣ୍ଡା,୨୨।୪(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲର କଳାହାଣ୍ଡି ଭାରତ ସ୍କାଉଟ୍ସ ଗାଇଡ଼ ସୌଜନ୍ୟରେ ଛାତ୍ରମାନଙ୍କ ଦ୍ୱାରା ଜଳଦାନ ଶିବିର ଆରମ୍ଭ ହୋଇଛି। ପଥଚାରୀଙ୍କ ଉଦ୍ଦେଶ୍ୟରେ ଛାତ୍ରମାନଙ୍କ ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ପାଶାଙ୍କ ନେତୃତ୍ୱରେ ନେତାଜୀ ସ୍କାଉଟ୍ସ ଗ୍ରୁପର ଛାତ୍ରମାନେ ପଥଚାରୀମାନଙ୍କୁ ଦହି ସରବତ, ଥଣ୍ଡାପାଣି ଓ ତରଭୁଜ ବଣ୍ଟନ କରି ଉଦାହରଣ ସୃଷ୍ଟି କରିଛନ୍ତି।

# କଳାହାଣ୍ଡି କୈବର୍ତ୍ତ ସମାଜର ୧୪ତମ ଚଇତିପର୍ବ

ନର୍ଲା/ରୁପ୍ରାରୋଡ,୨୨।୪
(ସନ୍ତୋଷ ପାତ୍ର/ସଞ୍ଜୀବ ଦାସ)

ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ଅଧୀନ କଳାହାଣ୍ଡି କୈବର୍ତ୍ତ ସମାଜ ଆୟୋଜନରେ ସୋମବାର ତୁଳାପଡାସ୍ଥ ଶୈବପୀଠ ପ୍ରାଙ୍ଗଣରେ ୧୪ତମ ଚଇତିପର୍ବ ପାଳିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରୁ ସମାଜର ଭଉଣୀଭାଇ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ଶୈବପୀଠରେ ପହଞ୍ଚିଥିଲା। ଇଷ୍ଟଦେବୀ ଅଶ୍ୱିନୀ ବାସେଲି, ମା' ସମଲେଶ୍ୱରୀ ଓ ମାଣିକେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବରେ କିଶୋର ମହାଲିଙ୍ଗ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ସମ୍ମାନିତ ଅତିଥି ସୁଶୀଳ କୁମାର ସେଠୀ ବ୍ଲକ କୃଷି ଅଧିକାରୀ, ଜିଲା ସଭାପତି ଈଶ୍ୱର ଚନ୍ଦ୍ର ନାୟକ, ସମ୍ପାଦକ ବୁଢୁ ମହାଲିଙ୍ଗ, ଚକାମନ ନାଏକ, ହଜାରୁ ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ହୋଇ କୈବର୍ତ୍ତ ସମାଜର ସାମାଜିକ ସ୍ଥିତି, ଶିକ୍ଷା ଓ ଆଇନଗତ ଅଧିକାର ଉପରେ ଆଲୋକପାତ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ପଙ୍କଜ ପାଣ୍ଡେ। ସମାଜର ବୟଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କୁ ସମାଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜର ଦିବଂଗତ ପୁରୋଧା ଚକ୍ରଧର ପାଣ୍ଡେଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା।



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**Odisha State Health & Family Welfare Society**
Deptt. of Health & Family Welfare, Govt. of Odisha
Annexure Building of SIH & FW, Nayapalli, Unit-8,
Bhubaneswar-751012 Phone / Fax: 0674-2392479 / 80/88

Advt. No: 16/24

**CLARIFICATION/CORRIGENDUM**

**TO THE REQUEST FOR PROPOSAL (RFP) FOR OPERATION AND MANAGEMENT OF INTEGRATED PATIENT TRANSPORT i.e. EMERGENCY MEDICAL AMBULANCE SERVICE (108), BOAT AMBULANCE, 24 x 7 REFERAL MEDICAL TRANSPORT SERVICE (JANANI EXPRESS) AND HEALTH HELPLINE SERVICE (104), "IPTHHS, Ph-II" IN ODISHA**

No. E-6:- With reference to the advertisement published on RFP Reference No. OSH&FWS/01/2024/IPTHHS-II published in the "The Indian Express", "The New Indian Express", "The Times of India" , "Prameya" and "Dharitri" on 30.01.2024 , and subsequent clarification/corrigendum published on 31st March, 2024, in response to queries raised in the pre-bid conference, the revised Clarification to the point no.16 of the clarification/corrigendum published is being issued to the "Request for Proposal" for **Operation and Management of INTEGRATED PATIENT TRANSPORT AND HEALTH HELPLINE SERVICE, "IPTHHS, Ph-II" IN ODISHA(30 Districts) . The details of the revised clarification to the point No.16** of the clarification/corrigendum published, can be downloaded from the official website https://nhmodisha.gov.in and https://health.odisha.gov.in. All other terms and conditions in the RFP (except clarification/corrigendum published on 31.03.2024) and advertisement published on 30.01.2024 shall remain unchanged. Further, the last date for submission of complete bid documents is remain **unchanged** i.e. 29th April 2024, 3 P.M.

**Sd./- Mission Director,**
OIPR-10084/11/0001/2425 **National Health Mission, Odisha**

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA.**
**O.A. No. 550 of 2023**

Utkal Grameen Bank ...Applicant
Versus
Purandar Pradhan & others ...Defendant(s)

To,
Defendant No.5.
**Ajit Pradhan,** S/o.: Late Ghanshyam Pradhan, Vill: Podakhol, PO.: Naktideul, Dist.: Sambalpur
&
Defendant No.6.
**Dharitri Pradhan,** W/o.: Kalia Pradhan, D/o.: Late Ghanshayam Pradhan, At: Lundaberni, PO/P.S.: Boudh, Dist.: Boudh

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A No. 550 of 2023** in the court of the Debts of Recovery Tribunal, Cuttack for recovery of **Rs. 23,39,980/- (Rupees Twenty Three Lakhs Thirty Nine Thousand Nine Hundred Eighty)** only together with current and future interest, cost and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defense to show cause within **30 days** from the publication or on **30/05/2024 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **06th day of April 2024.**

**Sd/- (Nikhila Ranjan Pati)**
**REGISTRAR**

# ଜୀବନକୁ ପାଣିଛଡ଼ାଇ

ଚଳିତ ମାସ ୧୯ ତାରିଖରେ ଝାରସୁଗୁଡ଼ା ଜିଲା ଲଖନପୁର ଦେଇ ପ୍ରବାହିତ ମହାନଦୀରେ ଏକ ଡଙ୍ଗା ବୁଡ଼ିଯିବାରୁ ୮ ଜଣଙ୍କ ପ୍ରାଣହାନି ଘଟିଯାଇଛି। ଛତିଶଗଡ଼ ଅତର୍ଲିଆ ଗ୍ରାମର ପ୍ରାୟ ୫୦ ଯାତ୍ରୀ ବରଗଡ଼ ଜିଲା ଅମ୍ବାଭୋନାସ୍ଥିତ ପଥରସେନିକୁ ପିକ୍‌ନିକ କରିବାକୁ ଆସି ଜଳଯାତ୍ରା କରୁଥିବା ବେଳେ ଡଙ୍ଗା ବୁଡ଼ିଯିବାରୁ ଏଭଳି ଅଘଟଣ ଘଟିଥିଲା। ନିକଟ ଅତୀତକୁ ଦେଖିଲେ ୨୦୧୪ ଫେବୃଆରୀରେ ହୀରାକୁଦ ଜଳଭଣ୍ଡାରରେ ମୋଟରଚାଳିତ ଡଙ୍ଗା ବୁଡ଼ିଯିବାରୁ ୩୧ ଜଣଙ୍କ ପ୍ରାଣହାନି ଘଟିଥିଲା। ସେହିପରି ୨୦୧୯ ଜାନୁଆରୀରେ କେନ୍ଦ୍ରାପଡ଼ା ଜିଲାର ନିପାନିଆ ଗାଁ ନିକଟରେ ମହାନଦୀ ମୁହାଣରେ ଡଙ୍ଗାବୁଡ଼ି ୧୦ଜଣଙ୍କର ମୃତ୍ୟୁ ହୋଇଥିଲା। ଦେଖିବାକୁ ଗଲେ ଚିଲିକା ସମେତ ରାଜ୍ୟର କେତେକ ଜଳପର୍ଯ୍ୟଟନସ୍ଥଳୀରେ ପ୍ରତିବର୍ଷ ନୌକାବୁଡ଼ି ଘଟଣା ପଦାକୁ ଆସିଥାଏ। ଏଭଳି ଅଘଟଣ ଘଟିବା ପରେ ସ୍ଥାନୀୟ ପ୍ରଶାସନ ତତ୍‌କ୍ଷଣାତ୍ ଜାଗିଉଠି ଡଙ୍ଗା ଓ ଡଙ୍ଗା ମାଲିକଙ୍କ ଲାଇସେନ୍ସ ଯାଞ୍ଚ କରିବା ଆରମ୍ଭ କରିଦେଇଥାଆନ୍ତି। ପରବର୍ତ୍ତୀ ସମୟରେ ଯେଉଁ କଥାକୁ ସେହି କଥା।

ଜାତୀୟ ସ୍ତରରେ ଡଙ୍ଗାବୁଡ଼ିଜନିତ ମୃତ୍ୟୁରେ ଓଡ଼ିଶାର ସ୍ଥିତି ଉଦ୍‌ବେଗଜନକ ରହିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ତଥ୍ୟ ମୁତାବକ ୨୦୨୧ରେ ଓଡ଼ିଶାରେ ଅତିକମ୍‌ରେ ୭୯ ଜଣଙ୍କର ଡଙ୍ଗାବୁଡ଼ି ଯୋଗୁ ମୃତ୍ୟୁ ଘଟିଥିଲା ଓ ଏହା ଦେଶରେ ଥିଲା ସବୁଠୁ ଅଧିକ। ଏହା ପଛକୁ ବିହାରରେ ୪୭ ଏବଂ ତୃତୀୟରେ ଥିଲା ଉତ୍ତରପ୍ରଦେଶରେ ୨୬। ୨୦୨୦ରେ ମଧ୍ୟ ଏହି ୩ଟି ରାଜ୍ୟରେ ଡଙ୍ଗାବୁଡ଼ି ମୃତ୍ୟୁ ଅଧିକ ରହିଥିଲା, ଯେଉଁଥିରେ ଓଡ଼ିଶାର ସ୍ଥାନ ଥିଲା ତୃତୀୟ ଏବଂ ଏଠାରେ ୫୮ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ଏହି ସଂଖ୍ୟା ଉତ୍ତରପ୍ରଦେଶରେ ୬୯ ଓ ବିହାରରେ ୬୫ ଥିଲା। ୨୦୨୩ରେ ପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟରୁ ଜଣାପଡ଼ିଛି, ୨୦୧୨ରୁ ୨୦୨୨ ଏହି ଦଶ ବର୍ଷ ମଧ୍ୟରେ ଉତ୍ତରପ୍ରଦେଶରେ ୪୪୧, ବିହାରରେ ୪୨୧, ମଧ୍ୟପ୍ରଦେଶରେ ୩୬୧ ଏବଂ ଓଡ଼ିଶାରେ ୩୩୯ ଜଣଙ୍କର ଡଙ୍ଗାବୁଡ଼ିରେ ପ୍ରାଣହାନି ଘଟିଥିଲା।

> **ଝାରସୁଗୁଡ଼ାରେ ଘଟିଥିବା ଡଙ୍ଗାବୁଡ଼ି ଘଟଣାକୁ ଯଦି ଦେଖାଯାଏ, ସେଠାରେ କ୍ଷମତା ବହିର୍ଭୂତ ଯାତ୍ରୀ ରହିବା ସହ ସେମାନେ ଲାଇଫ୍ ଜ୍ୟାକେଟ ପରିଧାନକୁ ଅଣଦେଖା କରିଥିବା ବିଷୟ ପଦାକୁ ଆସିଛି । ଚିନ୍ତାର କଥା ଯେ, ଯାତ୍ରୀମାନେ ସୁରକ୍ଷାକୁ ନ ଦେଖି ବୋଟ୍‌ରେ ଠେଲାପେଲା ହୋଇ ଭିଡ଼ କରିବାକୁ ତତ୍ପର ।**

ଜଳପଥରେ ଯାତ୍ରୀଙ୍କ ସୁରକ୍ଷା ଲାଗି ରାଜ୍ୟ ସରକାର ଓଡ଼ିଶା ନୌକା ନୀତି (ବୋଟ୍ ପଲିସି)-୨୦୦୪ କାର୍ଯ୍ୟକାରୀ କରୁଛନ୍ତି। ନଦୀନାଳ, ହ୍ରଦ ଓ କେନାଲରେ ନୌକା ଚଳାଇବା ସକାଶେ ଡଙ୍ଗା ପଞ୍ଜୀକରଣ ସହିତ ପ୍ରତ୍ୟେକ ଯାତ୍ରୀଙ୍କ ପାଇଁ ଡଙ୍ଗାରେ ଲାଇଫ୍ ଜ୍ୟାକେଟ୍ ରଖିବା ବାଧ୍ୟତାମୂଳକ କରାଯାଇଛି। ଯାତ୍ରୀମାନେ ତାହାକୁ ନ ପିନ୍ଧିଲେ ଯାତ୍ରା କରିବା ଉପରେ କଟକଣା ରହିଛି। ଜଳଯାତ୍ରା ବେଳେ ଓଡ଼ିଶାର କୌଣସି ସ୍ଥାନରେ ଏହି ନିୟମ ପାଳନ ହୁଏ ନାହିଁ। ନାଉରିଆମାନେ ଲାଇଫ୍ ଜ୍ୟାକେଟ ବ୍ୟବସ୍ଥା କରି ନ ଥାଆନ୍ତି ଏବଂ ଲାଇସେନ୍ସ ଦେଉଥିବା କର୍ତ୍ତୃପକ୍ଷ ଏହାର ତଦାରଖ ଉପରେ ଧ୍ୟାନ ଦିଅନ୍ତି ନାହିଁ। ସବୁଠାରୁ ବିଡ଼ମ୍ବନାର କଥା ହେଲା, ଯାତ୍ରୀମାନେ ମଧ୍ୟ ନିଜର ସୁରକ୍ଷା ପାଇଁ ଲାଇଫ୍ ଜ୍ୟାକେଟ ଉପରେ ଜୋର ଦେଇ ନ ଥାଆନ୍ତି। ଏଭଳି ମାନସିକତା ହେଲ୍‌ମେଟ ନ ପିନ୍ଧି ଦୁଇଚକିଆ ଯାନ ଚଳାଇବା ଯାତ୍ରୀଙ୍କ ସହ ସମାନ। ନିଜ ଜୀବନ ରକ୍ଷା ପାଇଁ ନୁହେଁ, କେବଳ ପୋଲିସକୁ ଦେଖିଲେ ହେଲ୍‌ମେଟ କଥା ମନେପଡ଼େ। ଏଭଳି ସ୍ଥଳେ ଅଧିକାଂଶ ରାଜ୍ୟର ଜଳପର୍ଯ୍ୟଟନସ୍ଥଳୀକୁ ଦେଖିଲେ ବିନା ଲାଇଫ୍ ଜ୍ୟାକେଟରେ ସାଧାରଣତଃ ଜଳଯାତ୍ରା ସମ୍ଭବ ହୋଇ ନ ଥାଏ। ଏଥିସହିତ ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ଘଟୁଥିବା ଡଙ୍ଗାବୁଡ଼ି ଦୁର୍ଘଟଣାକୁ ଯଦି ଦେଖାଯାଏ, ତେବେ ନୌକାର କ୍ଷମତା ବହିର୍ଭୂତ ଯାତ୍ରୀ ରହିବା ଦ୍ୱାରା ଅନେକ ସମୟରେ ଅଘଟଣ ଘଟେ। ଯଦି ଝାରସୁଗୁଡ଼ାରେ ଘଟିଥିବା ଡଙ୍ଗାବୁଡ଼ି ଘଟଣାକୁ ଦେଖାଯାଏ, ସେଠାରେ କ୍ଷମତା ବହିର୍ଭୂତ ଯାତ୍ରୀ ରହିବା ସହ ସେମାନେ ଲାଇଫ୍ ଜ୍ୟାକେଟ ପରିଧାନକୁ ଅଣଦେଖା କରିଥିବା ବିଷୟ ପଦାକୁ ଆସିଛି। ଚିନ୍ତାର କଥା ଯେ, ଯାତ୍ରୀମାନେ ସୁରକ୍ଷାକୁ ନ ଦେଖି ବୋଟ୍‌ରେ ଠେଲାପେଲା ହୋଇ ଭିଡ଼ କରିବାକୁ ତତ୍ପର। ପୁଣି ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଯେ, ମାଛଧରା ଡଙ୍ଗାକୁ ମାଲିକ ଯାତ୍ରୀବାହୀ ବୋଟ୍‌ରେ ପରିଣତ କରି ବ୍ୟବସାୟ କରୁଛନ୍ତି। ଏସବୁ ଦିଗକୁ ବୈଷୟିକ ଟିମ୍ ଯାଞ୍ଚ କରିବା କଥା। କିନ୍ତୁ ସେଥିପ୍ରତି ପ୍ରଶାସନ ସେଭଳି ଦୃଷ୍ଟି ଦେଉ ନ ଥିବା କୁହାଯାଇଥାଏ। ଅବଶ୍ୟ ସର୍ବଦା କେବଳ ପ୍ରଶାସନକୁ ଦୋଷ ଦେଲେ ହେବ ନାହିଁ। ଯେଉଁଠି ଯାତ୍ରୀ ନିଜେ ଖାତିର କରୁନାହାନ୍ତି, ସେଠାରେ ପ୍ରଶାସନ ଏସବୁ ଦିଗକୁ ଦୃଷ୍ଟି ଦେବାର ଆଶା କ୍ଷୀଣ।

# ଓଡ଼ିଆ ଜାତି ଓ ପୋଥି ପରମ୍ପରା



ଡ. ପ୍ରଫୁଲ୍ଲ କୁମାର ସାହୁ

ଆମ ଦେଶରେ କାଗଜ ପ୍ରଚଳନ ପୂର୍ବରୁ ତାଳପତ୍ର ଥିଲା ଏକପ୍ରମୁଖ ଲିଖନସାମଗ୍ରୀ। ସେତେବେଳେ ଲୌହ ଲେଖନୀ ଦ୍ୱାରା ତାଳପତ୍ରରେ ଲିପିବଦ୍ଧ ହୋଇଥିଲା ଆମ ସିଦ୍ଧସାହିତ୍ୟ, ଲୋକସାହିତ୍ୟ, ବୌଦ୍ଧସାହିତ୍ୟ, ତନ୍ତ୍ର ସାହିତ୍ୟ ତଥା ରାମାୟଣ ଓ ମହାଭାରତ ଆଦି ପ୍ରାଚୀନ ସାହିତ୍ୟ। ଏସବୁ ଓଡ଼ିଆ ଜାତିର ମହାର୍ଘ ସାରସ୍ୱତ ବିଭବ। ଆମ ପୂର୍ବଜମାନଙ୍କ ସର୍ଜନଶୀଳ ପ୍ରତିଭା ଓ ପ୍ରଜ୍ଞାର ଫଳକ। ତାଳପତ୍ରରେ ଅକ୍ଷର ଲେଖିବା, ଚିତ୍ର ଆଙ୍କିବା ତଥା ମଣ୍ଡଳ ଓ ରେଖା ଅଙ୍କନ କରିବାରେ ଆମ ପୂର୍ବଜମାନେ ଥିଲେ ଅସାଧାରଣ ଦକ୍ଷତାର ଅଧିକାରୀ। ନିଜର ଭାବନା, କଳ୍ପନା ଓ ଅନୁଭବକୁ ଖୁବ୍ ସୁନ୍ଦର ଭାବରେ ସେମାନେ ଲିପିବଦ୍ଧ କରିଯାଇଛନ୍ତି ତାଳପତ୍ର ପୋଥିରେ। କେବଳ କବି କଳ୍ପନାର ରସସିକ୍ତ କାହାଣୀ ନୁହେଁ, ଜଟିଳ ଗାଣିତିକ ସୂତ୍ରଠାରୁ ବିଷ୍ଣୁ ଆରାଧନାର ବିଧିବିଧାନ ପର୍ଯ୍ୟନ୍ତ ପ୍ରତ୍ୟେକ ବିଷୟରେ ସେମାନେ ନିର୍ମାଣ କରିଯାଇଛନ୍ତି ଜ୍ଞାନ ବିଜ୍ଞାନର କୋଠଘର । ସେଥିରେ ଖୁବ୍ କଳାତ୍ମକ ଭାବରେ ସାଇତା ହୋଇରହିଛି ଓଡ଼ିଆ ଲିପି, ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ବିକାଶଧାରା ତଥା ଅନ୍ୟାନ୍ୟ ବହୁ ବିଷୟରେ ଜ୍ଞାତ ଅଜ୍ଞାତ ଅସୁମାରି ତଥ୍ୟ। ଅର୍ଥାତ୍ ଆମ ପୋଥି କେବଳ ଶୃଙ୍ଖଳା ତାଳପତ୍ରରେ ଲିପିବଦ୍ଧ ହୋଇଥିବା କିଛି ତଥ୍ୟର ସମାହାର ନୁହେଁ, ବରଂ ଏହା ଭାବ ଓ ଶବ୍ଦର ଏକ ଏକ ମନ୍ଦିର ଏକ ଜାତୀୟ ସାରସ୍ୱତ ବିଭବ। ଜଗନ୍ନାଥ ଦାସଙ୍କ 'ଭାଗବତ' ହେଉ କି ଅଚ୍ୟୁତାନନ୍ଦ ଦାସଙ୍କ 'ହରିବଂଶ', ଏସବୁ ପବିତ୍ର ପୋଥି ପୁରାଣରେ ରହିଛି ଦେବତ୍ୱର ଅଙ୍କୁର। ତାହାର ନାମ ଉଚ୍ଚାରଣ ମାତ୍ରେ ଆଧ୍ୟାତ୍ମିକ ଭାବ ଓ ଭାବନାରେ ପୂରିଉଠେ ପ୍ରାଣ। ତେଣୁ ଏସବୁ ପୋଥିକୁ କେବଳ ବିଭବ ନୁହେଁ, ବିଷ୍ଣୁଜ୍ଞାନ କରି ଗୃହ, ମଠ, ମନ୍ଦିର ଓ ଭାଗବତ ଟୁଙ୍ଗିରେ ଥିବା ପୋଥିଗାଦିରେ ସ୍ଥାପନା କରିଥିଲେ ଆମ ପୂର୍ବପୁରୁଷମାନେ। ଏବେ ବି ସେଠାରେ ଅବ୍ୟାହତ ରହିଛି ନିତ୍ୟ ପୋଥି ପୂଜନ ଓ ପଠନ ବିଧି। ଗାଁ ଗାଁରେ ବଞ୍ଚିରହିଛି ପୋଥିଗାଦିକୁ ବିମାନରେ ବୋହିନେଇ ୧୨ଗାଦି ମେଳନ କରିବାର ମହତି ପରମ୍ପରା। ସାଧାରଣତଃ ଆମର ଭାଇ ଭାଇ ଭିତରେ ସମ୍ପତ୍ତି ଭାଗହେଲେ ପ୍ରଥମେ ଠାକୁର, ଦ୍ୱିତୀୟରେ ପୋଥି ଓ ଶେଷରେ ବଣ୍ଟନ ହୁଏ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି। ନ୍ୟାୟ ନିଶାପରେ ଆପଣା ପକ୍ଷ ରଖିବା ପୂର୍ବରୁ ପୋଥି ଛୁଇଁ ଶପଥ କରିବାର ପରମ୍ପରା ପ୍ରତିପାଦନ କରେ ଆମ ପୋଥି ପୁରାଣର ଗରିମା। ଆମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଦୈନିକ ସେବାପୂଜା ଓ ଯାନିଯାତ୍ରାର ବିବରଣୀ ତାଳପତ୍ରରେ ଲେଖନୀ ସାହାଯ୍ୟରେ ଲେଖାଯାଉଥିଲା, ଯାହାର ନାମ ମାଦଳାପାଞ୍ଜି। ଆମ ସାଂସ୍କୃତିକ ଅନୁଭବ ଓ ସାମାଜିକ ଜୀବନଧାରାକୁ ଏହା ସମାଚ୍ଛନ୍ନ କରି ରଖିଛି ଶହ ଶହ ବର୍ଷ ଧରି।



ଏକବିଂଶ ଶତାବ୍ଦୀର ପ୍ରଗତି ପ୍ରେକ୍ଷାପଟରେ ଆମ ସାମାଜିକ ପରମ୍ପରା ରୀତିନୀତି, ପର୍ବପର୍ବାଣି, ଜନ୍ମଜାତକ ଏପରିକି ମରଣ ମଣ୍ଡପରେ ସୁଦ୍ଧା ଲୋଡ଼ା ହେଉଛି 'ଭାଗବତ' ପୁରାଣର ଦାର୍ଶନିକ ବାଣୀ।

ଆମ ତାଳପତ୍ର ପୋଥି ସଂସ୍କୃତି ବିଶ୍ୱବିଦିତ। ବିଶ୍ୱର ସର୍ବାଧିକ ତାଳପତ୍ର ପୋଥି ରହିଛି ଓଡ଼ିଶାର ମଠ, ମନ୍ଦିର ଓ ଭାଗବତ ଘରେ। ଗବେଷକଙ୍କ ମତରେ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନେ ପ୍ରଥମେ ତାଳପତ୍ର ପୋଥିରୁ ଚର୍ଯ୍ୟାପଦ ଲେଖିଲେ ଏବଂ ସେଇଠୁ ଆରମ୍ଭ ହେଲା ପୋଥିଲେଖା ପରମ୍ପରା। କିନ୍ତୁ ଏହାର ବହୁ ପୂର୍ବରୁ କେତେକ ଉପନିଷଦ ଓ ବିଷ୍ଣୁ ଶର୍ମାଙ୍କ ପଞ୍ଚତନ୍ତ୍ର ଲେଖା ସରିଥିଲା ବୋଲି ବିଶେଷଜ୍ଞଙ୍କ ମତ। ଏଥିରୁ ଧରିନେବାକୁ ହେବ ଯେ ଖ୍ରୀ.ପୂ. କାଳରୁ ଆରମ୍ଭ ହୋଇ ସାରିଥିଲା ପୋଥିଲେଖା ପରମ୍ପରା। ଏହା ବ୍ୟାପକ ରୂପ ନେଲା ସାରଳା ଓ ପଞ୍ଚସଖା ଯୁଗରେ। ଆମ ପୋଥି ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଖୁବ୍ ଉଚ୍ଚକୋଟୀର। ପୋଥି ସମ୍ପଦକୁ ଯତ୍ନର ସହ ସାଇତି ରଖିବା ପାଇଁ ଓଡ଼ିଶାର ପୁରପଲ୍ଲୀରେ ରହିଛି ପୋଥିଘର, ପୋଥି ଆସ୍ଥାନ, ପୋଥି ଖଟୁଲି, ପୋଥି ବିମାନ, ପୋଥି ପେଡ଼ି, ପୋଥି ପେଟରା ଓ ପୋଥି ବ୍ୟାସାସନ ଇତ୍ୟାଦି। ନିତ୍ୟ ବ୍ୟବହୃତ ପୋଥିର ସ୍ଥାନ ଠାକୁରଙ୍କ ପାଖରେ ଥିବା ବିମାନରେ ଏବଂ ଅନ୍ୟାନ୍ୟ ପୋଥି ସାଇତା ହୋଇ ରହେ ସିନ୍ଦୁକ ଭିତରେ। କୀଟଦ୍ରଷ୍ଟ ନ ହେବା ନିମିତ୍ତ ସେଥିରେ ନିମପତ୍ର ଓ ହଳଦୀ ଲେପ ଦେବା ସହ ଖରାରେ ଶୁଖାଯାଏ ନିୟମିତ ବ୍ୟବଧାନରେ। ସକଳ ପ୍ରକାର ଯତ୍ନ ସତ୍ତ୍ୱେ ଶହ ଶହ ବର୍ଷ ମଧ୍ୟରେ ବନ୍ୟା, ବାତ୍ୟା, ଗୃହଦାହ ଓ କୀଟକବଳିତ ହୋଇ କେତେ ଯେ ପୋଥି ଧ୍ୱଂସ ପାଇଛି ତା'ର ହିସାବ ନାହିଁ। ତଥାପି କାଳର ଧ୍ୱଂସକାରୀ ଶକ୍ତିକୁ ସାମ୍ନାକରି ଓଡ଼ିଶାରେ ସଂରକ୍ଷିତ ହୋଇ ରହିଛି ରାଶି ରାଶି ପୋଥି। ଅନେକ ପୋଥି ମଧ୍ୟ ବିକ୍ଷିପ୍ତ, ଅସଂରକ୍ଷିତ ଓ ନଷ୍ଟପ୍ରାୟ।

ତାଳପତ୍ର ପୋଥି ଆମ ଐତିହ୍ୟ ଓ ପରମ୍ପରାର ଦସ୍ତାବିଜ। ଏହା ଧ୍ୱଂସ ପାଇଗଲେ ଅସ୍ମିତା ହରାଇ ବସିବ ଗୋଟେ ସମୃଦ୍ଧ ଜାତି। ବିଳପିଉଠିବ ଜାତିର ଆତ୍ମା। ଏହାକୁ ଦୃଷ୍ଟିରେ ରଖି ପୋଥି ସଂରକ୍ଷଣ ଓ ସମ୍ପାଦନା ପ୍ରତି ଯଥେଷ୍ଟ ଆନ୍ତରିକତା ପ୍ରଦର୍ଶନ କରିଛି ଓଡ଼ିଆ ଜାତି। ସରକାରୀ ଓ ବେସରକାରୀ ଉଦ୍ୟମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସଂଗୃହୀତ ହୋଇଥିବା ପ୍ରାୟ ୩୭ ହଜାରରୁ ଅଧିକ ଦୁର୍ଲ୍ଲଭ ପୋଥି ଏବେ ସଂରକ୍ଷିତ ହୋଇ ରହିଛି ରାଜ୍ୟ ସଂଗ୍ରହାଳୟରେ। ବେଦ, ତନ୍ତ୍ର, ଧର୍ମଶାସ୍ତ୍ର, ଦର୍ଶନ, ଜ୍ୟୋତିଷ, ଆୟୁର୍ବେଦ, ଅଭିଧାନ, ଗଣିତ, ସଙ୍ଗୀତ ଓ କାବ୍ୟ ଆଦି ଭିନ୍ନ ଭିନ୍ନ ବିଷୟକୁ ନେଇ ଏହା ୨୭ ଟି ବିଭାଗରେ ପର୍ଯ୍ୟବସିତ। ସେଠାରେ ସାଇତା ହୋଇ ରହିଥିବା ଏହି ପୋଥି ସମ୍ପଦ ପାଇଁ କେବଳ ଭାରତବର୍ଷରେ ନୁହେଁ ବିଶ୍ୱବ୍ୟାପୀ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଆମ ସଂଗ୍ରହାଳୟର ତାଳପତ୍ର ପୋଥି ବିଭାଗ। ଏହି ବିରଳ ପୋଥି ସମ୍ପଦ ପ୍ରତି ଆକର୍ଷିତ ହୋଇ ଏଠାକୁ ଦେଶ ବିଦେଶରୁ ଛୁଟିଛି ପର୍ଯ୍ୟଟକ, ଗବେଷକ ଓ ଐତିହାସିକମାନଙ୍କ ଧାଡ଼ି। ଏହା ନିଶ୍ଚୟ ଓଡ଼ିଆ ଜାତି ପାଇଁ ଗର୍ବ ଓ ଗୌରବର ବିଷୟ।

ଓଡ଼ିଆ ସାହିତ୍ୟର ବିକାଶ ଓ ଅଭିବୃଦ୍ଧି କ୍ଷେତ୍ରରେ ପ୍ରାଚୀନ ପୋଥି ପୁରାଣର ଦାନ ଅତୁଳନୀୟ। ଗବେଷକମାନଙ୍କ ସିଦ୍ଧାନ୍ତ ଅନୁଯାୟୀ ଉତ୍କଳର ପୋଥି ପରମ୍ପରା ୨ହଜାର ବର୍ଷରୁ ଅଧିକ ପୁରୁଣା। ପୋଥି ସାହିତ୍ୟର ଏହି ପ୍ରାଚୀନତାକୁ ମାନଦଣ୍ଡ ଭାବରେ ଗ୍ରହଣ କରି ଓଡ଼ିଆ ଭାଷାକୁ ମିଳିଛି ଶାସ୍ତ୍ରୀୟ ମାନ୍ୟତା। କେବଳ ସାହିତ୍ୟ ନୁହେଁ, ଆମ ଶିଳ୍ପକଳା ସହିତ ଏହା ଯୋଡ଼ି ହୋଇ ରହିଛି ଓତପ୍ରୋତ ଭାବରେ।

ତଥ୍ୟ କହେ, ପଞ୍ଚଦଶ ଶତାବ୍ଦୀ ବେଳକୁ ଅତି ଉନ୍ନତ ସ୍ତରରେ ପହଞ୍ଚି ସାରିଥିଲା ପୋଥି ଲିଖନ କଳା। ପୋଥି ଲିଖନକୁ ବଂଶାନୁକ୍ରମେ ଜୀବିକା ଭାବେ ଗ୍ରହଣ କରିଥିଲେ ବ୍ରାହ୍ମଣ, କରଣ, ଜ୍ୟୋତିଷ ଓ ମାଟିବଂଶ ଆଦି କିଛି ସମ୍ପ୍ରଦାୟ। ତାଳପତ୍ର ପୋଥି ଲିଖନ ତାଙ୍କ ବଂଶ ପରମ୍ପରା ଥିଲା ବୋଲି ସ୍ୱରଚିତ କାବ୍ୟରେ ଉଲ୍ଲେଖ କରିଛନ୍ତି ବ୍ରଜନାଥ ବଡ଼ଜେନା। ପରବର୍ତ୍ତୀ ସମୟରେ କାଗଜର ବ୍ୟବହାର ଯୋଗୁ ମନ୍ଥର ହେଲା ତା'ର ଗତି। ଆଧୁନିକ ଜ୍ଞାନକୌଶଳର ବିକାଶ ମଧ୍ୟରେ ଆଉ ରହିଲାନି ତାଳପତ୍ର ପୋଥି ଲିଖନର ଆବଶ୍ୟକତା। ମୁଦ୍ରଣଯନ୍ତ୍ର ଉଦ୍ଭାବନ ପରେ ତାଳପତ୍ର ପୋଥିର ସ୍ଥାନ ନେଲା କାଗଜ ତିଆରି ପୁସ୍ତକ। ପ୍ରାଚୀ ସମିତି ଓ ଅନ୍ୟାନ୍ୟ ଅନୁଷ୍ଠାନ ଦ୍ୱାରା ସମ୍ପାଦିତ ହୋଇ ପୁସ୍ତକ ଆକାରରେ ଉପଲବ୍ଧ ହେଲା ଅନେକ ପ୍ରାଚୀନ ପୋଥି। ପାଠକକୁ ମିଳିଗଲା ସହଜଲଭ୍ୟ ଆନନ୍ଦବୋଧର ଉତ୍ସ । ଏହା କିନ୍ତୁ ସତ୍ୟ ଯେ ତାଳପତ୍ର ପୋଥି ହେଉ କି କାଗଜ ତିଆରି ପୁସ୍ତକ, ଉଭୟ ଜ୍ଞାନର ଗନ୍ତାଘର। ଅଜ୍ଞାନତା ଦୂରକରିବାର ଅମୋଘ ଅସ୍ତ୍ର। ପୋଥି ଓ ପୁସ୍ତକ ଅଧ୍ୟୟନକରି ମଣିଷ ଶିଖେ ବଞ୍ଚିବାର କଳା ଓ ସହାବସ୍ଥାନ କୌଶଳ। ସେଥିରେ ଥାଏ ସିଦ୍ଧିର ମନ୍ତ୍ର। ସମାଜ ପାଇଁ ବାର୍ତ୍ତା। ସେଥିପାଇଁ କୁହାଯାଏ ପଢ଼ିଲେ ଜାଣିବା ଓ ଜାଣିଲେ ଜିଣିବା। ଏହି ଉପଲବ୍ଧି ଆସିଲେ ଆମକୁ ବିଭୋର କରିବ ପୋଥିପୃଷ୍ଠାର ବାସ୍ନା। ମନେରଖିବାକୁ ହେବ ଯେ ସ୍ଥାବର ଅସ୍ଥାବର ସମ୍ପତ୍ତି ନଷ୍ଟ ହୋଇଗଲେ ତା'ର ପୁନଃ ଅର୍ଜନ ସମ୍ଭବ, କିନ୍ତୁ ପୋଥି ନଷ୍ଟ ହୋଇଗଲେ ତା'ର ପୁନଃ ନିର୍ମାଣ ଅସମ୍ଭବ।

**ଅବସରପ୍ରାପ୍ତ ଅଧ୍ୟକ୍ଷ**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ବିଶେଷଣ ଭେଳିକି



ଧ୍ରୁବ ଚରଣ ଘିବେଲା

ସତର ପରିଭାଷା ଯଦି ସମାଲୋଚନା, ତେବେ ମିଛର ପରିଭାଷା କ'ଣ ହୋଇପାରେ? ଯାହାଙ୍କ ଭାଷାରେ ସତ ହୁଏ ସମାଲୋଚନା, ସେଇମାନଙ୍କ ତୁଣ୍ଡରେ ମିଛ ବୋଧେ ପ୍ରଶଂସାସୂଚକ ନିଶ୍ଚୟ। ମିଛ ସବୁବେଳେ, ସବୁ କାଳେ ମିଠା ବୋଲି ମିଛମୁହାଁ ରହନ୍ତି ଅନେକାନେକ। ମିଛ ସୁଖଦିଆ ଥାଏ ଶୁଣିବାରେ। କେବଳ ସ୍ୱାର୍ଥ ସାଧନ ପାଇଁ ମିଛ ମଜାଳିଆ ଥାଏ କହିବାରେ। ମିଛ ପ୍ରଶଂସା କଲେ (ଯିଏ ଯାହା ନୁହେଁ ତାହା ତାଙ୍କ ଆଗେ ଉଦ୍‌ଗାରିଲେ ମାନେ କହିଲେ) ତହିଁରୁ ଖୁସି ସାଉଁଟୁଥିବା ଲୋକକୁ ମିଛ ପ୍ରଶଂସକ ଗୋଟେ ପାଖେ ପିଠି ଥାପୁଥାଏ, ଅନ୍ୟ ପାଖେ ଚୋରକୁ ସାଧୁ କୁହାଗଲେ ସେ ଶୁଣି ମିଛ ସୁଖ ସାଉଁଟେ। ସ୍ୱାର୍ଥପର ସ୍ୱାର୍ଥ ହାତେଇବା ପାଇଁ ମିଛ କହନ୍ତି। ପ୍ରଶଂସାକାଙ୍ଗାଳ ମିଛ ପ୍ରଶଂସାରେ ଭଳିଯାଇ ଖୁବ୍ ଖୁସି ସୁଖ ପାଆନ୍ତି ମିଛ କଥା ଶ୍ରବଣରୁ। ଯେ ମିଛ ପ୍ରଶଂସା କରେ ସେ ମିଛୁଆ। ଆଉ ଯିଏ ମିଛ ପ୍ରଶଂସା ଶୁଣି କୁତୁକୁତୁ ହୁଏ ସିଏ ମିଛର ସୌଦାଗର ମାନେ ବଡ଼ ମିଛୁଆ।

ମିଛୁଆଙ୍କ ଭିତରେ କିଛି ପ୍ରଭେଦ ନ ଥାଏ। ତେଣୁ ସହଜରେ ହୋଇଥାଏ ମିଛୁଆ ମେଳି ସବୁଠି। ମିଛୁଆ ବରଂ ମିଛ ବିଶେଷଣରେ ଆହ୍ଲାଦିତ ହୁଏ। ହାତ ଦେଖାଳି ମିଛ କହି ଅନ୍ୟକୁ ଲୁଟିଥାନ୍ତି। ହୃଦୟହୀନକୁ ହୃଦୟବାନ୍ କହିଲେ ସିନା ସେ ଖୁସି ହୋଇ କିଛି ଦେବ। ଅସଲ ଚୋରକୁ ଯଦି ଚୋର କହିଦେଲେ ସେ କ'ଣ ଦେବ ନା ଦିଏ ? ଓଲଟା ମାରି ଗୋଡ଼ାଇପାରେ। ମିଛ ଟିକେ କହିଦେଲେ ଯଦି ଫାଇଦା ଅଛି, ଫାଇଦା ମିଳୁଛି ତେବେ ସେଇଠି ମିଛ ନ କହିବେ କାହିଁକି? ପୁଣି ସତ କହି ଅନ୍ୟର ଆକ୍ରୋଶର ସମ୍ମୁଖୀନ ହେବେ କାହିଁକି? ଏଇଥିପାଇଁ ବୋଧେ ସର୍ବତ୍ର ମିଛ କୁହାଚାଲିଛି । ମିଛ ମିଠା ମୋହରେ ଆଜି ଅନେକ ଆକ୍ରାନ୍ତ। ସଂକ୍ରମିତ। ସେମାନେ ଠିକ୍ ଜାଣିଥାନ୍ତି ସତ କ'ଣ ମିଛ କ'ଣ, ଖାଲି ସ୍ୱାର୍ଥ ପାଇଁ ମିଛ ଲଡ଼ୁ ଖାଆନ୍ତି, ଖୁଆନ୍ତି। ମିଛୁଆ ବିଶେଷଣ ମିଛୁଆଙ୍କୁ ବ୍ୟତିବ୍ୟସ୍ତ ବି କରେ ନାହିଁ, ବରଂ ଉଲ୍ଲସିତ କରେ ଅନେକ।

ବିଶ୍ୱ ମଧୁମୟ ହେବା ବଦଳରେ ମିଛମୟ ହେବାରେ ଲାଗିଛି ଯେମିତି। ସତଟା ସତ। ହେଲେ ସତ କହି ସତୁଆ ହେବାକୁ କେତେଜଣ ଚାହାନ୍ତି? ମିଛ ଯେ କହେ ତା' ପାଇଁ ରହେ ସୁଖକର, ଯେ ମିଛ କଥା ଶୁଣେ ସେ ବି ଅନୁଭବେ ସୁଖ। ମିଛ ତା' ପାଇଁ ହୁଏ ସୁଖପ୍ରଦ। ହେଲେ ସତ ଯେ କହେ ସେ ଅନୁଭବକରେ ସୁଖ, କିନ୍ତୁ ଯିଏ ଶୁଣେ ସେ ପାଏ ଅସୁଖ ଦୁଃଖ। ସତ ଅନେକଙ୍କୁ ଖୁସି ଦେଇପାରେନା। ସତ କହିଲେ ବିଭ୍ରାଟ ଘଟେ। ସତ କହିଲେ ପାଦ ତଳର ମାଟି ଖସିଯିବା ସମ୍ଭାବନା ରହେ। ତଥାପି ସତ କହି ବିପଦମୁହାଁ ହେବାକୁ ସାହସ ସଞ୍ଚୟ କରନ୍ତି ସାହସୀ ସତୁଆ। ମିଛ ସହ ସନ୍ଧି କରିପାରନ୍ତିନି ତଥାକଥିତ ସ୍ୱାଭିମାନୀ ସତୁଆ ସତ୍ୟପ୍ରିୟ। ସ୍ଥଳ ବିଶେଷରେ ସତ କହି ବିପଦରେ ପଡ଼େ। ଅନ୍ୟପାଖେ ମିଛୁଆଙ୍କ ସତକୁ ଗ୍ରହଣ କରିବା ପାଇଁ ନା ଥାଏ ବିଚାର ନା ରହେ ଧୈର୍ଯ୍ୟ ବା ଶକ୍ତି। ଆମର ଯେମିତି କଥା ରହିଛି, 'ମାଆ ଜାଣେ ବାପ, ମନ ଜାଣେ ପାପ'। ନିଜ ଛାତି ଉପରେ ନିଜ ହାତ ରଖି କହିପାରନ୍ତି ସେ ସତ କହୁଛନ୍ତି ନା ମିଛ ! ଆଜିର ଦିନରେ ନିଜକୁ ଠକୁଥିବା ଲୋକଙ୍କ ସଂଖ୍ୟା ବେଶ୍ ବଢ଼ୁଛି। ଆଜିର ଦିନରେ ପୁଣି କେତେଜଣ ବ୍ୟକ୍ତି ନିଜ ନାଆଁ ଆଗେ ମିଛ ବିଶେଷଣ ଯୋଡ଼ିବାରେ ବି ଖୁସି ରହନ୍ତି। ଦୂରଲୋକ ନୁହଁ, ନିଜ ଗାଆଁ ସହରର ଜାଣିଥିବା ଲୋକ ନିଜ ମିଛ ବିଶେଷଣରୁ ତାଙ୍କୁ ଯେ କ'ଣ ଭାବିବେ, ସେ ଦିଗ ପ୍ରତି ଆଖି ବୁଜିଦେଇଥାନ୍ତି ମିଛ ବିଶେଷଣଯୁକ୍ତ ବ୍ୟକ୍ତି।



ବିଭିନ୍ନ ବୃତ୍ତିଧାରୀଙ୍କ ଆଗେ ସେଇ ବୃତ୍ତି ସୂଚକ ବିଶେଷଣ ଯୋଡ଼ିହେବାରେ ଭୁଲ୍ ବା ବିଚିତ୍ରତା ରହି ନ ଥାଏ। ବୃତ୍ତି ମାଧ୍ୟମରେ ସେବା କାର୍ଯ୍ୟ କରାଯାଏ। ବୃତ୍ତିରେ ରହି ସେବା ଦେବା କାର୍ଯ୍ୟକୁ ପରିପୁଷ୍ଟ କରିହୁଏ। ରୋଗ ଚିକିତ୍ସା କରୁଥିବା ଡାକ୍ତରଙ୍କ ନାଁ ଆଗେ ଡକ୍ଟର ବା ଡାକ୍ତର, ଅଧ୍ୟାପନା ବୃତ୍ତିଧାରୀଙ୍କ ନାଁ ଆଗେ ଅଧ୍ୟାପକ, ଯେ ଶିକ୍ଷାଦାନ କରେ ସେ ଶିକ୍ଷକ,କୋଠାବାଡ଼ି ନିର୍ମାଣ ପାଇଁ ରହିଥିବା ବୃତ୍ତିଜୀବୀଙ୍କ ନାଆଁ ଆଗେ ବିଶେଷଣ ବସେ ଯନ୍ତ୍ରୀ, ଓକିଲାତି କରୁଥିବା ବୃତ୍ତିଜୀବୀଙ୍କ ପରିଚୟ ଓକିଲ,ଏମିତି ଯେତେ ବୃତ୍ତି ସେତେ ବିଶେଷଣ ଲାଗେ ବୃତ୍ତିଜୀବୀଙ୍କ ନାଁ ଆଗେ। ସେମିତି କଳା କ୍ଷେତ୍ରରେ ଥିବା ସୃଜନ ପ୍ରତିଭାଙ୍କ ବିବିଧ ବିଶେଷଣ ରହିବା ସ୍ୱାଭାବିକ। ଯେ ଲେଖେ ସେ ଲେଖକ। ପୁଣି ଯେ କବିତା ଲେଖନ୍ତି ସେ କବି, ଗପ ଲେଖିଲେ ଗାଳ୍ପିକ ବା କଥାକାର, ପ୍ରବନ୍ଧ ଲେଖକଙ୍କ ପରିଚୟ ପ୍ରାବନ୍ଧିକ, ଉପନ୍ୟାସ ଲେଖି ଔପନ୍ୟାସିକ ହୁଅନ୍ତି, ନାଟ୍ୟକାର ନାଟକ ଲେଖନ୍ତି। ଯିଏ ଚିତ୍ର ଆଙ୍କନ୍ତି ସେ ଚିତ୍ରକର ଇତ୍ୟାଦି ବୃତ୍ତିଭିତ୍ତିକ ବିଶେଷଣରେ ପରିଚିତ ହୁଅନ୍ତି।

ଏବେ ନୁହେଁ, କେବେଠୁ ବିଶେଷଣର ଭେଳିକି ଦେଖାଇଲେଣି କେତେଜଣ କର୍ମଜୀବୀ, କଳାକାର, ସାହିତ୍ୟକାର। ତାଙ୍କ ନାଁ ଆଗେ ଯେମିତି ବୃତ୍ତିଗତ ବିଶେଷଣ ବସିଲେ ଯାଇ ଚଳେ। ଏବେ ଏବେ ବିଭିନ୍ନ ଆକାରରେ ପ୍ରକାରରେ ପରିଚୟ ତିଆରିବା କାମରେ ରହିଲେଣି ଥୋକାଏ। ତାଙ୍କ ପାଇଁ ଯେମିତି ହେଲେ ପରିଚୟଟେ ତିଆରି ହେବା ଦରକାର। ଏଇ ମାନସିକତା ରଖି ପରିଚୟ ତିଆରି କାମରେ ରହନ୍ତି। ଏଥିପାଇଁ ଥୋକାଏ ପୁରସ୍କାର ସଂଗ୍ରହ ଅଭିଯାନରେ ରହନ୍ତି। ବିଭିନ୍ନ ସାହିତ୍ୟ ସଂସ୍ଥାର ଏଜେଣ୍ଟ ସାଜନ୍ତି। ବିଭିନ୍ନ ପ୍ରାଇଭେଟ କଲେଜରେ ଛାତ୍ର ସଂଗ୍ରହ ପାଇଁ ଯେମିତି ଏଜେଣ୍ଟ କାମ କରନ୍ତି ଏଠି ସେଠି, ଠିକ୍ ସେଇ ଢାଞ୍ଚାରେ ସାହିତ୍ୟ ସଂସ୍ଥା ପାଇଁ କାମ କରନ୍ତି ଲେଖା ଓ ଲେଖକ ଯୋଗାଡ଼ ପାଇଁ। ସାହିତ୍ୟ ବେପାର ଚଳାଇଥିବା ସାହିତ୍ୟ ଅନୁଷ୍ଠାନର କିଣାବିକା ସାହିତ୍ୟ ପୁରସ୍କାର ପାଇଁ ନାଁ ପଠାଇ (ଦିଆଥୁଆ ଆଧାରରେ) ଏଜେଣ୍ଟ ମଧ୍ୟସ୍ଥ ସାଜି ଦି'ପଇସା ପାଆନ୍ତି ମଧ୍ୟ। ବିଶେଷକରି ସାହିତ୍ୟ ସୃଜନ କଳାକର୍ମର କଳାକାରଙ୍କ ନାଆଁ ଆଗେ କବି, ଲେଖକ ଆଦି ବିଶେଷଣ ନିହାତି ରହିବା କ'ଣ ଜରୁରୀ ? କବିତା ଯିଏ ଲେଖିଛନ୍ତି ସେ ତ କବି, ସେଠି ପୁଣି ନାଁ ଆଗେ କବି ଲେଖିବା କି ଦରକାର ଥାଏ? ଏବେ ତ ଆତ୍ମଘୋଷିତ ଉପାଧିରେ ଭୂଷିତ ହେଲେଣି ଉପାଧିପ୍ରିୟମାନେ।

ନିଜ ଲେଖା ତଳେ ଘର ଠିକଣା ଦେବା ବଦଳରେ ଅମୁକ, ସମୁକ ଢମୁକ ଆଦି ବିବିଧ ବିଶେଷଣ ଥୋଇଲେଣି ଯେମିତିକି ବିଶେଷଣଗୁଡ଼ାକ ଗବେଷଣାଲବ୍ଧ। କିଣା ବିଶେଷଣର ମୋହ କେତେଜଣଙ୍କୁ ଖୁବ୍ ଘାରେ। ଘାରୁଛି। ବିଶେଷଣ ଭେଳିକି ଦେଖାଇବାରେ ବି ଅଜବ ଖୁସି ପାଆନ୍ତି କେମିତି କେଜାଣି ସେଇ ବିଶେଷଣଧାରୀ! ଲେଖା ପ୍ରକାଶନ ହେବାରେ ବୋଧେ ସେଇ ବିଶେଷଣ ସବୁ ସ୍ଥଳ ବିଶେଷରେ କାମକରେ। ସାହାଯ୍ୟକରେ କାହା କାହାକୁ। ହେଲେ ଠୋସ୍ ଲେଖକ ପାଇଁ କୌଣସି ବିଶେଷଣର ଆବଶ୍ୟକତା ବୋଧେ ରହି ନ ଥାଏ କେବେ ହେଲେ। ନାଁ କରା ଲେଖକ ପାଇଁ ବିଶେଷଣ ନୁହେଁ ନାଁ ହିଁ ଯଥେଷ୍ଟ ଥାଏ।

**ବଉଦରାଜ, ବୌଦ୍ଧ**
**ମୋ:୯୪୩୭୪୭୮୪୬୬**

## ଏଇ ଭାରତରେ

ଗୁଆଗଛର ବ୍ୟବସାୟିକ ଦିଗକୁ ଭଲ ଭାବେ ଠାବ କରିଛନ୍ତି କର୍ନାଟକର ସୁରେଶ ଏସ୍.ଆର୍। ସେ ଓ ତାଙ୍କ ସ୍ତ୍ରୀ ମୈଥିଲି ମିଶି ଗୁଆଗଛରୁ ଏକ ପ୍ରକାର ପରିବେଶ ଉପଯୋଗୀ ତଥା ବିଘଟନଯୋଗ୍ୟ ଭେଗାନ ଲେଦର (ଗଛରୁ ପ୍ରସ୍ତୁତ ଶୁଦ୍ଧ ଚମଡ଼ା) ପ୍ରସ୍ତୁତ କରୁଛନ୍ତି। ଗୁଆ ଗଛର ପତ୍ର, ଖୋଳପା ଓ ଗଣ୍ଡିରୁ ଫାଇବର ବା ତନ୍ତୁ ବାହାର କରି ତାହାକୁ ଶୁଖାଯାଇ ସେଥିରୁ ଶତ ପ୍ରତିଶତ ବିଘଟନ ଯୋଗ୍ୟ ତଥା ଭେଗାନ ଲେଦର ତିଆରି କରାଯାଉଛି। ୨୦୨୦ରେ ସୁରେଶ ତାଙ୍କ ସ୍ତ୍ରୀ ସହ 'ଭୂମି' ସଂସ୍ଥା ଆରମ୍ଭ କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ବିଶେଷକରି ନେଦରଲାଣ୍ଡର ଟେର୍ଜେଡ ଭେନହୋଭେନ ଇଣ୍ଡଷ୍ଟ୍ରି ସହଭାଗିତାରେ ତାଙ୍କ ଶିଳ୍ପକୁ ଆଗକୁ ବଢାଇପାରିଛନ୍ତି। ସୁରେଶ ୪ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହଯୋଗରେ ଏହି ଲେଦରରୁ ବିଭିନ୍ନ ଉତ୍ପାଦ ତିଆରି କରୁଛନ୍ତି। ମୁଖ୍ୟତଃ ଚପଲ, ବହି କଭର, ଭ୍ୟାନିଟ ବ୍ୟାଗ, ପେନ୍ ଷ୍ଟାଣ୍ଡ ଆଦି ଉତ୍ପାଦ ବେଶ୍ ଆକର୍ଷଣୀୟ ହୋଇପାରିଛି। ଏହି ସବୁ ଉତ୍ପାଦକୁ କେବଳ ଭାରତରେ ନୁହେଁ ବିଶ୍ୱ ସ୍ତରରେ ପହଞ୍ଚାଇବା ଲାଗି ତାଙ୍କୁ ସୁଯୋଗ ମିଳିଛି, ଯାହାଦ୍ୱାରା ସେ ଦିଲ୍ଲୀରେ ଅନୁଷ୍ଠିତ ଜି୨୦ ସମ୍ମିଳନୀ ଅବସରରେ ହାଇଦ୍ରାବାଦରେ ଏକ ଷ୍ଟଲ୍ ମଧ୍ୟ ଖୋଲିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ଏପ୍ରିଲ ୧୯୭୫**

- ତାଳଚେର ହାଣ୍ଡିଧୁଆ କୋଇଲାଖଣି ସମ୍ପର୍କରେ ଗୋଏଙ୍କା କମ୍ପାନୀ ସହିତ ହୋଇଥିବା ଚୁକ୍ତିକୁ ରାଜ୍ୟ ସରକାର ରଦ୍ଦ କରିଛନ୍ତି।
- ଦୁଇ ଜଣ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଏବଂ ଜଣେ ଉପମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବା ଫଳରେ ତ୍ରିପୁରା ମନ୍ତ୍ରିମଣ୍ଡଳର ସଭ୍ୟ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି।
- ରାଚିଭାରି ଇଞ୍ଜିନିୟରିଂ କର୍ପୋରେସନର ଫାଉଣ୍ଡ୍ରି ଫୋର୍ଜ କାରଖାନାରେ ଡିଜେଲ ରେଳ ଇଞ୍ଜିନ ପାଇଁ ଭାରତର ପ୍ରଥମ କ୍ରାଙ୍କସାଫଟ୍ ନିର୍ମିତ।

## ଚିରନ୍ତନୀ

ଆସ ତୁମେ ଆସ ପାଶେ,
ଗଭୀର ନୀରବଭାଷେ
ପରଶ ଏ କ୍ଷୁବ୍ଧ ମୋର ତନୁ,
ଶୀତଳ ବିଦ୍ୟୁତ୍ ସମ
ସେ ପରଶ ଲାଗି ମମ
ଘୁଞ୍ଚାଉ ବିଷାଦଛାୟା ମନୁଁ।
-(ଆଶ୍ଲେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | | 3 |
| | 3 | 8 | | 5 | 6 | 9 | | |
| 4 | | | | | | 5 | | 6 |
| | | 7 | 3 | | | | | |
| | | | | | | | 7 | |
| | | | 1 | 2 | | 6 | | |
| | | | | | | | | |
| 2 | | 9 | | | 4 | | 1 | |
| | 1 | 3 | 6 | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 4 | 6 | 2 | 7 | 8 | 1 | 3 |
| 2 | 8 | 6 | 9 | 1 | 3 | 4 | 5 | 7 |
| 7 | 3 | 1 | 8 | 4 | 5 | 6 | 9 | 2 |
| 8 | 4 | 3 | 5 | 9 | 2 | 1 | 7 | 6 |
| 6 | 9 | 2 | 1 | 7 | 4 | 5 | 3 | 8 |
| 5 | 1 | 7 | 3 | 6 | 8 | 9 | 2 | 4 |
| 1 | 7 | 9 | 4 | 3 | 6 | 2 | 8 | 5 |
| 4 | 2 | 8 | 7 | 5 | 9 | 3 | 6 | 1 |
| 3 | 6 | 5 | 2 | 8 | 1 | 7 | 4 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରୁଗ୍‌ଣ ମାନସିକତା

ମହାଶୟ,

ଆମେ ଗ୍ରାମାଞ୍ଚଳର ଲୋକ। ଆମ ଅଞ୍ଚଳରେ ସରକାରଙ୍କର ଅନାବାଦୀ ଓ ଗୋଚର ଜମି(ଚାରଣ ଜମି) ବହୁ ପରିମାଣରେ ଅଛି। ତେଣୁ ଗାଇ ଘାସ ଖାଇବାରେ କିଛି ଅସୁବିଧା ନାହିଁ। ଚାଷଜମିରେ ପର୍ଯ୍ୟାପ୍ତ ପରିମାଣରେ ଘାସ ଅଛି। କୁଣ୍ଡା ଓ କୁଟା(ନଡ଼ା)ର ମଧ୍ୟ ଅଭାବ ନାହିଁ। ଏହା ଗାଇର ମୁଖ୍ୟ ଖାଦ୍ୟ। ରୋଷେଇ ଘରୁ ପେଯ ଓ ତୋରାଣି ବହୁ ପରିମାଣରେ ବାହାରେ। କିନ୍ତୁ ଆମେ ଘରେ ଗାଇ ରଖିବାକୁ ଅନିଚ୍ଛୁକ। କାରଣ ଗୁହାଳ ସଫା କରିବା ଓ ଗାଇର ସେବା କରିବାକୁ ଆମେ ଅନିଚ୍ଛୁକ। କିନ୍ତୁ ଗୋ-ସୁରକ୍ଷା ଉପରେ ଅଧିକ କହୁ। ଏହା ଏକ ପ୍ରକାର ରୁଗ୍‌ଣ ମାନସିକତା । ବଜାରରୁ କ୍ଷୀର ପକେଟକୁ କିଣି ଖାଉଛେ। ସକାଳେ ପୂର୍ବ ପରି ଗୋବର ପାଣି ଦାଣ୍ଡଦୁଆରେ ପକାଯାଉ ନାହିଁ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନବରଙ୍ଗପୁର ଲୋକ ସଭା କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀ ପ୍ରଦୀପ ମାଝି ସୋମବାର ଜିଲାପାଳ ତଥା ରିଟର୍ନିଂ ଅଧିକାରୀ କମଳଲୋଚନ ମିଶ୍ରଙ୍କ ନିକଟରେ ନାମାଙ୍କନ ଦାଖଲ କରୁଛନ୍ତି।



କୋରାପୁଟ ଉପଜିଲାପାଳ ବେଣୁଧର ଶବରଙ୍କ ନିକଟରେ ଜୟପୁର ବିଧାନସଭାର କଂଗ୍ରେସ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି ସୋମବାର ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

# ସ୍ୱାମୀଙ୍କୁ ଲୋକ ସଭା, ସ୍ତ୍ରୀଙ୍କୁ ବିଧାନସଭା ଟିକେଟ

## ବାଙ୍ଗିରିପୋଷିରେ ବିଜେଡି ପରିବାର ରାଜନୀତିକୁ ନେଇ ବଢ଼ିଲା ଚର୍ଚ୍ଚା



ସୁଦାମ ମାର୍ଣ୍ଡି



ରଞ୍ଜିତା ମାର୍ଣ୍ଡି

**ବାରିପଦା,୨୨।୪**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ରାଜନୀତିରେ ରୋଚକ ଘଟଣା ନଜରକୁ ଆସିଛି। ବିଜେଡି ପକ୍ଷରୁ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଲୋକ ସଭା ପାଇଁ ଟିକେଟ ମିଳିଥିବା ବେଳେ ବାଙ୍ଗିରିପୋଷି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ତାଙ୍କ ସ୍ତ୍ରୀ ରଞ୍ଜିତା ମାର୍ଣ୍ଡିଙ୍କୁ ପ୍ରାର୍ଥୀ କରାଯାଇଛି। ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ବିଜେଡି ଗୋଟିଏ ପରିବାରରୁ ୨ ଜଣଙ୍କୁ ଟିକେଟ ଦେଇ ନ ଥିବା ବେଳେ ବାଙ୍ଗିରିପୋଷିରେ ପରିବାର ରାଜନୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଅନେକ ବରିଷ୍ଠ ନେତାଙ୍କୁ ଟିକେଟ ମିଳୁ ନ ଥିବା ବେଳେ ମୟୂରଭଞ୍ଜ ଜିଲାରେ ଏହାର ପ୍ରଭାବ ଭିନ୍ନ ଧରଣର ହୋଇଛି।

ମୟୂରଭଞ୍ଜ ଜିଲାରେ ସୁଦାମଙ୍କ ପ୍ରଭାବ ରହିଛି। ଗୋଷ୍ଠୀ ବିବାଦକୁ ସମାଧାନ କରି ସଙ୍ଗଠନକୁ ମଜବୁତ କରିବାରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ତ୍ରୀ ରଞ୍ଜିତାଙ୍କୁ ପ୍ରାର୍ଥୀ କରାଇବାରେ ସେ ନିଜ ହକ୍ ଜାହିର କରିବାରେ ସକ୍ଷମ ହୋଇଛନ୍ତି। ୧୯୯୦ରୁ ଅଦ୍ୟାବଧି ୫ଥର ବିଧାୟକ ଓ ଥରେ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କୁ ଲୋକସଭା ପ୍ରାର୍ଥୀ କରାଯିବା ପରେ ବାଙ୍ଗିରିପୋଷି ଆସନକୁ ନେଇ ବିଚାର ବିମର୍ଷ ଜାରି ରହିଥିଲା। ତେବେ ସୁଦାମଙ୍କ ସାଙ୍ଗଠନିକ ଦକ୍ଷତାକୁ ଦେଖି ସ୍ତ୍ରୀ ରଞ୍ଜିତାଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଥିବା ଦଳୀୟ କର୍ମୀମାନେ କହୁଛନ୍ତି। ତେବେ ଗୋଟିଏ ପରିବାରରୁ ସ୍ତ୍ରୀ,ସ୍ୱାମୀଙ୍କୁ ଟିକଟ ମିଳିବାକୁ ନେଇ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି। ଦୀର୍ଘ ଦିନ ଧରି ଦଳରେ ରହି କାର୍ଯ୍ୟ କରିବା ପରେ ମଧ୍ୟ ଦଳ ପ୍ରାଧାନ୍ୟ ଦେଉ ନ ଥିବାରୁ କେତେକଙ୍କଠାରେ ନିରାଶାଭାବ ଦେଖାଦେଇଛି। ତେବେ ଜିଲାର ମୋଟ ୯ ବିଧାନସଭା ଆସନ ମଧ୍ୟରୁ ୪ଟିରେ ମହିଳା ପ୍ରାର୍ଥୀ ଦେଇ ବିଜେଡି ମହିଳାଙ୍କ ପ୍ରତି ଗୁରୁତ୍ୱ ଦେଇଥିବା ସ୍ପଷ୍ଟ ହୋଇଛି।

### ଶିକ୍ଷୟିତ୍ରୀରୁ ରାଜନୀତି

ଶିକ୍ଷକତାରୁ ଅବସର ଗ୍ରହଣ କରି ରାଜନୀତିରେ ପାଦ ଥାପିଛନ୍ତି ରଞ୍ଜିତା ମାର୍ଣ୍ଡି। ଦୀର୍ଘ ୩୦ବର୍ଷ ହେଲା ସ୍ୱାମୀଙ୍କୁ ରାଜନୀତି କ୍ଷେତ୍ରରେ ସେ ସହଯୋଗ କରି ଆସିଛନ୍ତି। ତାଙ୍କ ବାପ ଘରଠାରୁ ଆରମ୍ଭ କରି ଶାଶୁ ଘର ପର୍ଯ୍ୟନ୍ତ ସମସ୍ତେ ରାଜନୈତିକ ପରିବାରର। ରଞ୍ଜିତାଙ୍କ ବାପା ସରପଞ୍ଚ ଥିବା ବେଳେ ସ୍ୱାମୀ ସୁଦାମ ମନ୍ତ୍ରୀ, ନଣନ୍ଦ ସମିତି ସଭ୍ୟା ଓ ଦିଅର ବାଙ୍ଗିରିପୋଷି ବ୍ଲକ ଅଧ୍ୟକ୍ଷ ଭାବେ ରହି ଆସିଛନ୍ତି । ପରିବାର ଲୋକେ ରାଜନୀତିକୁ ଆପଣାଇ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ରାଜନୀତିକୁ ଆସିବାକୁ ଇଚ୍ଛା ପ୍ରକାଶ କରି ୨ ମାସ ପୂର୍ବେ ରଞ୍ଜିତା ଚାକିରିରୁ ଅବସର ଗ୍ରହଣ କରିଥିଲେ। ପୂର୍ବରୁ ଦଳୀୟ ଟିକେଟ ଚୂଡ଼ାନ୍ତ ହେବା ଜାଣି ବିଧାନସଭା କ୍ଷେତ୍ରରେ ଭୋଟରଙ୍କ ନିକଟତର ମଧ୍ୟ ହେଉଥିଲେ। ପ୍ରାର୍ଥୀ ଘୋଷଣା ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମହିଳାଙ୍କୁ ସମ୍ମାନ ଦେଇଚାଲିଛନ୍ତି । ତାଙ୍କୁ ଟିକଟ ଦେଇ ଯେଉଁ ଦାୟିତ୍ୱ ପ୍ରଦାନ କରିଛନ୍ତି ତାହାକୁ ସୂଚାରୁ ରୂପେ ତୁଲାଇବାକୁ ଚେଷ୍ଟା କରିବେ ବୋଲି ରଞ୍ଜିତା କହିଛନ୍ତି।

# ୭ମ ପର୍ଯ୍ୟାୟରେ ଛିଣ୍ଡିଲା ବିଜେଡିର ହିନ୍ଦୋଳ ଅଙ୍କ
# ଏମ୍‌ପି ମହେଶ ବିଧାୟକ ପ୍ରାର୍ଥୀ

**ଢେଙ୍କାନାଳ,୨୨।୪(ରତନ ନାୟାର)**

ଢେଙ୍କାନାଳ ଜିଲା ହିନ୍ଦୋଳ(ସଂରକ୍ଷିତ) ବିଧାନସଭା ଆସନ ପାଇଁ ସୋମବାର ୭ମ ପର୍ଯ୍ୟାୟରେ ବିଜେଡି ପ୍ରାର୍ଥୀ ଘୋଷଣା କରିଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ ଦଳ ହିନ୍ଦୋଳରୁ ବିଧାୟକ ପ୍ରାର୍ଥୀ କରିଛି। ସୋମବାର ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଘୋଷଣା କରିବା ପରେ ଏହି ଆସନକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ବିଜେଡିର ଅଙ୍କକଷା ଶେଷରେ ଛିଣ୍ଡିଥିବା କୁହାଯାଉଛି। ତେବେ ଦଳର ଏପରି ନିଷ୍ପତ୍ତି ହିନ୍ଦୋଳ ବିଧାୟିକା ତଥା ଟିକେଟ୍ ଆଶାୟୀ ସୀମାରାଣୀ ନାୟକଙ୍କୁ ନିରାଶ କରିଥିବା ବେଳେ ମହେଶଙ୍କ ସମର୍ଥକମାନଙ୍କୁ ଆନନ୍ଦିତ କରିଛି।

ପ୍ରକାଶ ଯେ, ମହେଶ ୧୯୯୫ରୁ ୨୦୦୯ ଯାଏ ତାଳଚେର ବିଧାନସଭା ଆସନରୁ ଭାଜପା ବିଧାୟକ ରହିଥିଲେ। ୨୦୦୯ରେ ବିଧାନସଭା ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ ସେ ବିଜେଡିରେ ଯୋଗଦେଇ ତାଳଚେରରୁ ପ୍ରାର୍ଥୀ ହୋଇଥିଲେ ହେଁ ବିଜୟୀ ହୋଇପାରି ନ ଥିଲେ। ୨୦୧୪ରେ ବିଜେଡି ଟିକେଟ୍‌ରେ ସେ ପାଲଲହଡା ବିଧାୟକ ଓ ୨୦୧୯ରେ ଢେଙ୍କାନାଳ ଏମ୍‌ପି ହୋଇଥିଲେ। ହେଲେ ଚଳିତ ନିର୍ବାଚନରେ ଦଳ ତାଙ୍କୁ ଢେଙ୍କାନାଳରୁ ଆଉ ଏମ୍‌ପି ପ୍ରାର୍ଥୀ କରି ନ ଥିବା ବେଳେ ହିନ୍ଦୋଳ ଆସନରେ ପ୍ରାର୍ଥୀ ଘୋଷଣାକୁ ଏଯାଏ ଝୁଲାଇ ରଖିଥିଲା। ଫଳରେ ମହେଶଙ୍କୁ ହିନ୍ଦୋଳରେ ଦଳ ଥଇଥାନ କରିପାରେ ବୋଲି ଚର୍ଚ୍ଚା ଚାଲିଥିଲା। ବିଧାୟକ ପ୍ରାର୍ଥୀ ଘୋଷଣା ପରେ ମହେଶ କହିଛନ୍ତି, ତାଙ୍କ ଉପରେ ବିଶ୍ୱାସ ରଖିଥିବାରୁ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କୁ କୃତଜ୍ଞତା ଜଣାଉଛି। ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱାସ ଓ ହିନ୍ଦୋଳବାସୀଙ୍କ ଅନାବିଳ ସ୍ନେହକୁ ଆଧାର କରି ଆଗକୁ ଚାଲିବି।



ମହେଶ ସାହୁ

## ବିଜେଡି ଛାଡ଼ିବେ ସୀମାରାଣୀ

### ଭାଜପାରେ ଯୋଗଦେବା ସମ୍ଭାବନା

**ଢେଙ୍କାନାଳ,୨୨।୪(ରତନ ନାୟାର)**

ହିନ୍ଦୋଳ ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ମହେଶ ସାହୁଙ୍କ ନାମ ଘୋଷଣା କରାଯିବା ପରେ ଟିକେଟ୍ ଆଶାୟୀ ଥିବା ୨ ଥରର ବିଧାୟିକା ସୀମାରାଣୀ ନାଏକ ନିରାଶ ହେବା ସହ କ୍ଷୋଭବ୍ୟକ୍ତ କରିଛନ୍ତି। ସୀମାରାଣୀ କହିଛନ୍ତି, ଦଳ ତାଙ୍କ ଉପରେ ଭରସା କଲାନାହିଁ। ତେଣୁ ବିଜେଡିରେ ରହି ଆଉ ଲାଭ କ'ଣ। ଭାଜପା ନେତାମାନଙ୍କ ସହ ଆଲୋଚନା କରୁଛି, ଯାହା ନିଷ୍ପତ୍ତି ହେବ ଭବିଷ୍ୟତ କହିବ। ସୂଚନାଯୋଗ୍ୟ, କଂଗ୍ରେସ ଦଳରୁ ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ଭାବେ ରାଜନୈତିକ ଜୀବନ ଆରମ୍ଭ କରିଥିବା ସୀମାରାଣୀ ବିଜେଡିରେ ମିଶି ୨୦୧୪ ଓ ୨୦୧୯ରେ ହିନ୍ଦୋଳରୁ ବିଧାୟିକା ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନରେ ସେ ୯୩,୯୮୦ ଭୋଟ ପାଇଥିବାବେଳେ ଭାଜପା ପ୍ରାର୍ଥୀ ଅଶୋକ ନାୟକ ୭୫,୦୭୫ ଖଣ୍ଡ ଭୋଟ ପାଇଥିଲେ।



ସୀମାରାଣୀ ନାଏକ

# ଟିକେଟକୁ ନେଇ କଂଗ୍ରେସ ଭବନରେ ଅସନ୍ତୁଷ୍ଟଙ୍କ ହୋହଲ୍ଲା



ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟଠାରେ ଟିକେଟ ବଣ୍ଟନକୁ ନେଇ ଅସନ୍ତୁଷ୍ଟ କର୍ମୀମାନେ ହୋହଲ୍ଲା କରୁଛନ୍ତି।

**ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)**

ସବୁ ରାଜନୈତିକ ଦଳରେ ବର୍ତ୍ତମାନ ଟିକେଟ ବଣ୍ଟାକୁ ନେଇ ଗଣ୍ଡଗୋଳିଆ ପରିସ୍ଥିତି ଲାଗି ରହିଛି। କଂଗ୍ରେସରେ ଟିକେଟ ବଣ୍ଟନ ନେଇ ସୋମବାର ଦଳୀୟ କାର୍ଯ୍ୟାଳୟ ଭିତରେ ପ୍ରବଳ ହୋହଲ୍ଲା ପରିସ୍ଥିତି ଦେଖିବାକୁ ମିଳିଛି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଯାହାକୁ ପ୍ରାର୍ଥୀ କରାଯାଇଛି, ତାଙ୍କୁ ବଦଳାଇବା ପାଇଁ ଅନ୍ୟ ଗୋଷ୍ଠୀର ଶତାଧିକ କର୍ମୀ ଆସି କଂଗ୍ରେସଭବନ ଭିତରେ ଧସେଇ ପଶିଥିଲେ। ସେହିପରି ବୀରମହାରାଜପୁର, ମଧ୍ୟ ଭୁବନେଶ୍ୱର ଏବଂ କନ୍ଧମାଳ ଜିଲାର କିଛି ଆସନରୁ ବିଦ୍ରୋହୀମାନେ ଆସି ଦଳରେ ଟିକେଟ ବିକ୍ରି କରାଯାଇଥିବା ଅଭିଯୋଗ କରିଥିଲେ। ଏହି ସମୟରେ କଂଗ୍ରେସ ପ୍ରଭାରୀ ଅଜୟ କୁମାର କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ ମଧ୍ୟ ସେମାନଙ୍କୁ ଗେଟ୍ ବାହାରେ ତାଲା ପକାଇ ରଖାଯାଇଥିଲା। ଏହି ସମୟରେ ବିଦ୍ରୋହୀମାନେ ପ୍ରବଳ ପାତିତୁଣ୍ଡ କରୁଥିବାର ଦେଖିବାର ମିଳିଥିଲା।

# କେ. ସୂର୍ଯ୍ୟରାଓ ପାରଳାଖେମୁଣ୍ଡି ପ୍ରଚାର କମିଟି ଅଧ୍ୟକ୍ଷ

**ଭୁବନେଶ୍ୱର, ୨୨।୪(ଅନିଲ ଦାସ)**

କଂଗ୍ରେସରୁ ଆସି ବିଜେଡିରେ ଯୋଗଦେଇଥିବା ପୂର୍ବତନ ବିଧାୟକ କେ. ସୂର୍ଯ୍ୟରାଓଙ୍କୁ ବିଜେଡି ନୂଆ ଦାୟିତ୍ୱ ଦେଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସୂର୍ଯ୍ୟରାଓଙ୍କୁ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ କ୍ୟାମ୍ପେନ କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସଞ୍ଜୟ ଅଗ୍ରୱାଲଙ୍କୁ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ରୋଶନା ସାହୁ ଏବଂ ଦୀପକ ମହାପାତ୍ରଙ୍କୁ ସହ

### ବିଜେଡି କର୍ମକର୍ତ୍ତା ନିଯୁକ୍ତ

ପର୍ଯ୍ୟବେକ୍ଷକ (କୋ-ଅବର୍ଜରଭର) ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଅରୂପ ଶ୍ରୀଚନ୍ଦନଙ୍କୁ ଅନୁଗୋଳ ବିଧାନସଭା, ଗୋପବନ୍ଧୁ ସାହୁଙ୍କୁ ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ କୋ-ଅବର୍ଜରଭର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ମଣ୍ଟୁ ନାୟକଙ୍କୁ କଣ୍ଟାବାଞ୍ଜି ଓ ଟିଟିଲାଗଡ ମ୍ୟୁନିସିପାଲିଟି ନିର୍ବାଚନ ସଂଯୋଜକ ଏବଂ ସରୋଜ ପ୍ରଧାନ କଣିହାଁ ବ୍ଲକ ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ବଲାଙ୍ଗୀରର ଭାଗିରଥି ପ୍ରଧାନଙ୍କୁ ବିଜେଡି ସାଧାରଣ ସମ୍ପାଦକ ଏବଂ ପ୍ରଭାସ କୁମାର ପାଣିଗ୍ରାହୀଙ୍କୁ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଜିତେନ୍ଦ୍ରକୁମାର ସିଂଙ୍କୁ ବିଜୁ ଜନତା ଦଳ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସୁବୋଧ କୁମାର ପଟ୍ଟନାୟକଙ୍କୁ ସାଧାରଣ ସମ୍ପାଦକ, ସ୍ୱପ୍ନେଶ୍ୱର ସାମଲଙ୍କୁ ସାଧାରଣ ସମ୍ପାଦକ, ଆଲୋକ କୁମାର ଦାଶଙ୍କୁ ବିଜେଡି ସୋସିଆଲ ମିଡିଆ ଇନଚାର୍ଜ , ବାପୁନ ଦେହୁରୀଙ୍କୁ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ଉପସଭାପତି ଏବଂ ରାକେଶ ସାହୁଙ୍କୁ ବିଜୁ ଯୁବ ଜନତା ଦଳ ସମ୍ପାଦକ ଭାବେ ନିଯୁକ୍ତି ନିଯୁକ୍ତି ଦିଆଯାଇଛି। ସୋମବାର ଏ ନେଇ ବିଜେଡି ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ଭାଜପାରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷ

**ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)**

କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷ ଗୀତାଞ୍ଜଳି ସେଠୀ ବିଜେଡି ପରିତ୍ୟାଗ କରି ସୋମବାର ଆନୁଷ୍ଠାନିକ ଭାବେ ନିଜ ଶତାଧିକ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଛନ୍ତି। ଗୀତାଞ୍ଜଳିଙ୍କ ସହ କେନ୍ଦ୍ରାପଡା ଜିଲା ବିଜେଡି ନେତା ନାରାୟଣ ନାୟକ, ପ୍ରଦୀପ କୁମାର ସେଠୀ, ପ୍ରମୋଦ କୁମାର ସେଠୀ, ନିରୁପମା ଦାସ, କବିର ସିଂହ, ପୁଷ୍ପଲତା ମହାନ୍ତି, ଶିବାନୀ ମହାପାତ୍ର, ବିଶ୍ୱଜିତ ରାଉତ, କେନ୍ଦ୍ରାପଡା ବ୍ଲକ ସାଧାରଣ ସମ୍ପାଦକ ମାନସ ରଞ୍ଜନ ପରିଡା, ରାଜେନ୍ଦ୍ର ନାୟକ ଆନୁଷ୍ଠାନିକଭାବେ ଭାଜପାରେ ଯୋଗଦେଇଛନ୍ତି। ସେହିପରି କଳାହାଣ୍ଡି ଜୁନାଗଡ ନିର୍ବାଚନମଣ୍ଡଳୀ ବରିଷ୍ଠ ଓକିଲ ସୁଶୀଲ କୁମାର ପଣ୍ଡା ମଧ୍ୟ ଆନୁଷ୍ଠାନିକଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ସାଂସଦ ଜୁଏଲ ଓରାମ ପ୍ରମୁଖ ନୂତନ ସଦସ୍ୟଙ୍କୁ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଛନ୍ତି। ଦଳରେ ସାମିଲ ହୋଇଥିବା ନୂତନ ସଦସ୍ୟଙ୍କୁ ୮୯୮୦୮୦୮୦୮୦ ନମ୍ବରରେ ଡାଏଲ କରାଇ ସାମଲ ସଦସ୍ୟତା କରାଇଛନ୍ତି।



ଗୀତାଞ୍ଜଳି ସେଠୀ

# ଭାଜପା ସଂକଳ୍ପ ପତ୍ରର ଓଡ଼ିଆ ସଂସ୍କରଣ ଉନ୍ମୋଚିତ



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର 'ଭାଜପାର ସଂକଳ୍ପ ପତ୍ର-୨୦୨୪ 'ମୋଦିଙ୍କ ଗ୍ୟାରେଣ୍ଟି'ର ଓଡ଼ିଆ ସଂସ୍କରଣକୁ ଦଳୀୟ ବରିଷ୍ଠ ନେତୃବୃନ୍ଦ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)**

'ରିଫର୍ମ-ପରଫର୍ମ-ଟ୍ରାନ୍ସଫର୍ମ'କୁ ମୂଳମନ୍ତ୍ର ଏବଂ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସକୁ ଆଧାର କରି ମୋଦି ସରକାର 'ସୁରକ୍ଷିତ ଭାରତ ସମୃଦ୍ଧ ଭାରତ' ଗଠନ ପାଇଁ ସଂକଳ୍ପବଦ୍ଧ। ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ଦେଶବାସୀଙ୍କୁ ଦିଆଯାଇଥିବା ୨୩୫ଟି ପ୍ରତିଶ୍ରୁତି ମଧ୍ୟରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୨୨ଟି ପ୍ରତିଶ୍ରୁତି ପାଳନ କରିଛନ୍ତି। ମୋଦି ସରକାରଙ୍କ ଗତ ୧୦ ବର୍ଷର ବିଶ୍ୱସନୀୟତା ଏବଂ ଆଗାମୀ ୫ ବର୍ଷରେ ଦେଶର ବିକାଶ ଯାତ୍ରାକୁ ତ୍ୱରାନ୍ୱିତ କରି ବିକଶିତ ରାଷ୍ଟ୍ର ଭାବେ ଗଢ଼ିତୋଳିବା ଉଦ୍ଦେଶ୍ୟରେ ଭାଜପା ତରଫରୁ 'ଭାଜପାର ସଂକଳ୍ପ ପତ୍ର-୨୦୨୪ 'ମୋଦିଙ୍କ ଗ୍ୟାରେଣ୍ଟି' ପ୍ରକାଶ ପାଇଛି। ଏହି ସଂକଳ୍ପ ପତ୍ରର ଓଡ଼ିଆ ସଂସ୍କରଣକୁ ସୋମବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉନ୍ମୋଚିତ କରାଯାଇଛି। ଏହି ଅବସରରେ ମନମୋହନ ସାମଲ କହିଛନ୍ତି, ସୋସିଆଲ, ଫିଜିକାଲ୍ ଓ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ଲକ୍ଷ୍ୟରେ ଏହି ସଂକଳ୍ପ ପତ୍ର 'ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ଗଠନ'ରେ 'ବୁଷ୍ଟର' ସଦୃଶ ହେବ। ଏହି ସଂକଳ୍ପପତ୍ର ଓଡ଼ିଆ ଭାଷାରେ ପ୍ରକାଶ ପାଇଥିବାରୁ ରାଜ୍ୟବାସୀ ମୋଦି ଗ୍ୟାରେଣ୍ଟି ସମ୍ପର୍କରେ ଆହୁରି ଅଧିକ ଜାଣିବାରେ ସକ୍ଷମ ହେବେ। ବର୍ତ୍ତମାନ ଦେଶର ୮୦ କୋଟିରୁ ଅଧିକ ନାଗରିକ ମାଗଣା ରାଶନ ପାଉଛନ୍ତି, ୫୦ କୋଟିରୁ ଅଧିକ ନାଗରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଯୋଗଦେଇଛନ୍ତି। ଏହିଭଳି ଅନେକ କାର୍ଯ୍ୟ ହୋଇଛି, ଯାହା ଗତ ୧୦ ବର୍ଷରେ ମୋଦିଙ୍କ ସଫଳତା ବୋଲି ମନମୋହନ କହିଛନ୍ତି। ଏହି ସଂକଳ୍ପପତ୍ରକୁ ଓଡ଼ିଶାରେ ବହୁମାତ୍ରାରେ ପ୍ରଚାର ପ୍ରସାର କରାଯିବ। ଯାହାର କେହି ନାହିଁ, ତା' ପାଖରେ ମୋଦି ଗ୍ୟାରେଣ୍ଟି ରହିଛି। ସମଗ୍ର ଦେଶରୁ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ମତାମତ ସଂଗ୍ରହ କରାଯାଇ ପ୍ରସ୍ତୁତ ହୋଇଥିବା ଏହି ସଂକଳ୍ପ ପତ୍ରରୁ ସର୍ବାଧିକ ଲାଭ ଓଡ଼ିଶା ପାଇବ ବୋଲି ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂହ ତୋମାର କହିଛନ୍ତି।

# ବିଶ୍ୱରଞ୍ଜନଙ୍କୁ ଟିକେଟ, ପଦ୍ମ ଧରିପାରନ୍ତି ସୁନନ୍ଦା



ଯାଜପୁର/ବରୀ(ହର୍ଷବର୍ଦ୍ଧନ ବେହେରା/ମହେନ୍ଦ୍ର ସ୍ୱାଇଁ),୨୨।୪

ଯାଜପୁର ଜିଲାର ବରୀ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀକୁ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ବିଧାୟିକା ସୁନନ୍ଦା ଦାସଙ୍କୁ ବିଜେଡି ବାଦ୍ ଦେଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି। ଏନେଇ ସୁନନ୍ଦା ଗଭୀର ଅସନ୍ତୋଷ ପ୍ରକାଶ କରିଥିବାବେଳେ ତାଙ୍କ ଆଗାମୀ ପଦକ୍ଷେପ କ'ଣ ରହିବ ତାହାକୁ ନେଇ ସମସ୍ତଙ୍କ ଅପେକ୍ଷା। ତେବେ ଏଠାରେ ମୁଖ୍ୟ ବିରୋଧୀ ଦଳ ଭାଜପା ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। ତେଣୁ ସୁନନ୍ଦା ଭାଜପାକୁ ଫେରିପାରନ୍ତି ବୋଲି ଆଲୋଚନା ହେଉଛି।

୨୦୨୨ ଜିଲା ପରିଷଦ ନିର୍ବାଚନରେ ୨୧ ଓ ୨୪ ନମ୍ବର ଜୋନ୍‌ର ନେତୃତ୍ୱ ନେଇ ବିଜେଡିର ଭୋଟହାରକୁ ବୃଦ୍ଧି କରିଥିବା ସୁନନ୍ଦାଙ୍କୁ ବାଦ୍ ଦିଆଯାଇ ବିଶ୍ୱରଞ୍ଜନଙ୍କୁ ପ୍ରାର୍ଥୀ କରିବା ବଡ଼ଧରଣର ଦଳୀୟ ବିଦ୍ରୋହ ସୃଷ୍ଟି କରିଛି। ସୁନନ୍ଦାଙ୍କ ସମର୍ଥକମାନେ ବିରୋଧ କରୁଛନ୍ତି। ଅନ୍ୟପକ୍ଷରେ ବିଶ୍ୱରଞ୍ଜନଙ୍କ ସମର୍ଥିତ ପ୍ରାର୍ଥୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ହୋଇଥିବାରୁ ତାଙ୍କୁ ଏଥର ବିଜେଡି ସୁଯୋଗ ଦେଇଛି ବୋଲି ତାଙ୍କ ସମର୍ଥକମାନେ କହି ବୁଲୁଛନ୍ତି। ତେବେ ବିଶ୍ୱରଞ୍ଜନ ୨୦୧୪ ଏବଂ ୨୦୧୯ ବିଧାନସଭା ନିର୍ବାଚନରେ ପରାଜିତ ହୋଇଥିଲେ ହେଁ ବିଜେଡି ତାଙ୍କ ଉପରେ ଭରସା କରି ବଡ଼ ରିସ୍କ ନେଇଛି ବୋଲି ଅନେକେ ମତ ଦେଉଛନ୍ତି। ୨୦୧୯ ନିର୍ବାଚନରେ ଭାଜପାରୁ ବିଶ୍ୱରଞ୍ଜନ ମଲ୍ଲିକ ପ୍ରାର୍ଥୀ ହୋଇ ୪,୦୬୨ ଭୋଟରେ ସୁନନ୍ଦାଙ୍କଠାରୁ ହାରିଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡିରେ ଯୋଗଦେଇଥିଲେ। ସେବେଠାରୁ ବିଜେଡିର ପ୍ରାୟ ସବୁ କାର୍ଯ୍ୟକ୍ରମ ସୁନନ୍ଦା ଏବଂ ବିଶ୍ୱରଞ୍ଜନଙ୍କ ଦ୍ୱାରା ସମାନ୍ତରାଳ ଭାବେ ହୋଇ ଆସୁଥିଲା। ଗତ ଜିଲା ପରିଷଦ ନିର୍ବାଚନରେ ମଧ୍ୟ ଏହି ଦୁଇ ନେତାଙ୍କୁ ୨ଟି ଲେଖାଏ ଆସନର ଦାୟିତ୍ୱ ଦିଆଯାଇଥିଲା। ବିଶ୍ୱରଞ୍ଜନ ଭାଗରେ ପଡ଼ିଥିବା ୨୨ ନମ୍ବର ଜିଲା ପରିଷଦ ଜୋନ୍‌ରେ ୩୯% ଓ ୨୩ ନମ୍ବର ଜୋନ୍‌ରେ ୫୧% ଭୋଟ ପାଇ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ। ୨୨ ନମ୍ବରର ଆସନରେ ଭାଜପା ୩୫% ଭୋଟ ପାଇଥିବାରୁ ବିଜେଡି ପ୍ରାର୍ଥୀଙ୍କୁ କଡା ଟକ୍କରର ସମ୍ମୁଖୀନ ହେବାକୁ ପଡିଥିଲା। ସେହିପରି ସୁନନ୍ଦା ଭାଗରେ ପଡିଥିବା ୨୧ ନମ୍ବର ଜୋନ୍‌ରେ ୫୧% ଓ ୨୪ ନମ୍ବର ଜୋନ୍‌ରେ ୫୦% ଭୋଟ ପାଇ ବିଜେଡି ପ୍ରାର୍ଥୀ ସହଜରେ ବିଜୟୀ ହୋଇଥିଲେ। କିନ୍ତୁ ବିଶ୍ୱରଞ୍ଜନ ବିଜେଡିରେ ଯୋଗଦେବାବେଳକୁ ତାଙ୍କୁ ପ୍ରାର୍ଥୀ କରାଯିବ ବୋଲି ଯେଉଁ ପ୍ରତିଶ୍ରୁତି ମିଳିଥିଲା ତାହା ପୂରଣ କରାଯାଇଛି ବୋଲି ଚର୍ଚ୍ଚା ହେଉଛି।

**ବରୀ ବିଧାନସଭା ନିର୍ବାଚନମଣ୍ଡଳୀ**

୨୦୦୦ ମସିହାରୁ ବରୀ ଆସନ ବିଜେଡି ହାତରେ ରହିଆସିଛି। ୨୦୧୯ ନିର୍ବାଚନ ପୂର୍ବରୁ ସୁନନ୍ଦା ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ତାଙ୍କୁ ବିଜେଡି ୨୦୧୯ରେ ପ୍ରାର୍ଥୀ କରି ୪ଥରର ବିଧାୟକ ଥିବା ଦେବାଶିଷ ନାୟକଙ୍କୁ ବାଦ୍ ଦେଇଥିଲା। ଅନ୍ୟପକ୍ଷରେ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଦେବାଶିଷ ନାୟକଙ୍କୁ କଡ଼ା ଟକ୍କର ଦେଇ ୭,୧୭୩ ଭୋଟରେ ହାରିଥିବା ସ୍ୱାଧୀନ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ୨୦୧୯ରେ ଭାଜପା ପ୍ରାର୍ଥୀ ହୋଇଥିଲେ। ଏହି ନିର୍ବାଚନଠାରୁ ଭାଜପା ଶାସକ ଦଳର ବିକଳ୍ପ ଭାବେ ଭୋଟରଙ୍କ ସାମ୍ନାରେ ଉଭା ହୋଇଛି। ଗତ ସାଧାରଣ ନିର୍ବାଚନରେ ବିଜେଡି ୪୮.୨୮% ଓ ଭାଜପା ୪୫.୫୮% ଭୋଟ ପାଇଥିଲା। ବିଜେଡି ୨୦୧୯ ଭଳି ଚଳିତ ନିର୍ବାଚନ ପାଇଁ ପ୍ରାର୍ଥୀ ବଦଳାଇଥିବାବେଳେ ଏହାର ମୁକାବିଲା କରିବାକୁ ଭାଜପା କେଉଁଭଳି ରଣନୀତି ଆପଣାଉଛି ତାହା ଖୁବ୍‌ଶୀଘ୍ର ସ୍ପଷ୍ଟ ହୋଇଯିବ। ହେଲେ ଭାଜପା ପାଇଁ ପ୍ରାର୍ଥୀ ଚୟନ କଷ୍ଟକର ହୋଇପଡ଼ିଛି। କିଛିମାସ ପୂର୍ବେ ପୂର୍ବତନ ବିଧାୟକ ଦେବାଶିଷ ନାୟକ ଏବଂ ଏହାର ବହୁ ପୂର୍ବରୁ ଗତ ନିର୍ବାଚନର କଂଗ୍ରେସ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ଭାଜପାରେ ସାମିଲ ହୋଇ ପ୍ରାର୍ଥୀ ହେବାକୁ ଆଶାୟୀ ଅଛନ୍ତି। ତେବେ ବିଧାୟିକା ସୁନନ୍ଦା ଯଦି ଭାଜପାକୁ ଫେରନ୍ତି ଏବଂ ଟିକେଟ ପାଆନ୍ତି, ତେବେ ବିଜେଡିକୁ ପୁଣି କଡ଼ା ଟକ୍କରର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଚର୍ଚ୍ଚା ହେଉଛି। ଭାଜପା ମଧ୍ୟ ବିଜେଡିର ବିଦ୍ରୋହର ଫାଇଦା ଉଠାଇବା ପାଇଁ ବରୀରେ ପ୍ରାର୍ଥୀ ଘୋଷଣା ନ କରି ଅପେକ୍ଷାରେ ରହିଥିବା ମନେହେଉଛି। କିନ୍ତୁ ସୁନନ୍ଦା ଯଦି ଭାଜପା ପ୍ରାର୍ଥୀ ହୁଅନ୍ତି, ତା'ହେଲେ ଦେବାଶିଷ ଏବଂ ଉମେଶ ତାହାକୁ ଗ୍ରହଣ କରିବେ ନା ବିଦ୍ରୋହୀ ହେବେ ତାହା ଏବେ ବଡ଼ ପ୍ରଶ୍ନ। ଅନ୍ୟପକ୍ଷରେ ବିଜେଡି ଟିକେଟ ଆଶାୟୀ ଥିବା ଯୁବନେତା ସଞ୍ଜୀବ ଜେନା ମଧ୍ୟ ଏବେ ନିରାଶ ହୋଇଥିବାରୁ ସେ ତାଙ୍କ ସମର୍ଥକମାନଙ୍କୁ ନେଇ ଦେବାଶିଷଙ୍କୁ ସହଯୋଗ କରିପାରନ୍ତି ବୋଲି କୁହାଯାଉଛି। ପ୍ରାର୍ଥୀ ଚୟନକୁ ନେଇ ଯଦି ଭାଜପାରେ ବିଦ୍ରୋହ ନ ହୁଏ, ତେବେ ଦଳ ପାଇଁ ବିଜୟ ସୁଯୋଗ ରହିଛି ବୋଲି ଚର୍ଚ୍ଚା ହେଉଛି।

ବିଜେଡି ପ୍ରାର୍ଥୀ ବିଶ୍ୱରଞ୍ଜନ କହିଛନ୍ତି, ଆଗାମୀ ଦିନରେ ବରୀର ବିକାଶ ଦ୍ୱିଗୁଣିତ ହେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ମନ୍ତ୍ରକୁ ଲୋକାଭିମୁଖୀ କରାଇବା ପାଇଁ ସେ ସମସ୍ତ କର୍ମୀମାନଙ୍କୁ ନେଇ ଉଦ୍ୟମ ଜାରି ରଖିବେ।

ଅନ୍ୟପକ୍ଷରେ କଂଗ୍ରେସରୁ ଜିଲା ସଭାନେତ୍ରୀ ଆରତି ଦେଓ ଚଳିତ ନିର୍ବାଚନ ପାଇଁ ପ୍ରାର୍ଥୀ ହୋଇଛନ୍ତି। ତେବେ ବରୀରେ କଂଗ୍ରେସ ଶେଷଥର ପାଇଁ ୧୯୯୫ରେ ବିଜୟୀ ହୋଇଥିଲା। ଏହାପରଠାରୁ ପ୍ରତି ନିର୍ବାଚନରେ ଦଳର ଭୋଟହାର ଆଖିଦୃଶିଆ ହ୍ରାସ ପାଇଆସିଛି। ୨୦୧୯ରେ କଂଗ୍ରେସ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ମାତ୍ର ୭,୦୮୨(୪.୭%) ଭୋଟ ପାଇଥିଲେ। ଏଥର ବିଜେଡି ଓ ଭାଜପା ପ୍ରାର୍ଥୀ ମଧ୍ୟରେ ହିଁ ଲଢ଼େଇ ହେବ ବୋଲି କୁହାଯାଉଥିବାବେଳେ ଆରତି ସେମାନଙ୍କୁ କେତେ ଟକ୍କର ଦେଇପାରୁଛନ୍ତି ତାହା ନିର୍ବାଚନ ଫଳାଫଳରେ ସ୍ପଷ୍ଟ ହେବ।

# ନବୀନ, ଶାହା, ରାହୁଲଙ୍କ ପ୍ରଚାରକୁ ନଜର





ଭୁବନେଶ୍ୱର, ୨୨।୪(ସୁଜିତ୍ ମିଶ୍ର)

୨୦୨୪ ନିର୍ବାଚନ ପାଇଁ ଆଉ ବେଶିଦିନ ବିଳମ୍ବ ନାହିଁ। ଦେଶରେ ୭ଟି ପର୍ଯ୍ୟାୟ ମଧ୍ୟରୁ ଆସନ୍ତା ମେ ୧୩ରୁ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଭୋଟ୍ ହେବ। ଯଦିଓ ରାଜ୍ୟର ୩ ପ୍ରମୁଖ ଦଳ ନିଜର ଶତପ୍ରତିଶତ ବିଧାନସଭା ପ୍ରାର୍ଥୀ ତାଲିକା ପ୍ରକାଶ କରିନାହାନ୍ତି, ତଥାପି ତାହାର ପାଖାପାଖି ପହଞ୍ଚିଲେଣି। ସେହିକ୍ରମରେ ଆସନ୍ତା ୧୩ରୁ ଓଡ଼ିଶାରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଭୋଟ୍ ଲାଗି ନାମାଙ୍କନ ଦାଖଲ କାର୍ଯ୍ୟ ଆରମ୍ଭ ହୋଇସାରିଲାଣି। ତେଣୁ ଖୁବଶୀଘ୍ର ସବୁ ଦଳର ଷ୍ଟାର କ୍ୟାମ୍ପେନରମାନେ ପ୍ରଚାର ମଇଦାନକୁ ଓହ୍ଲାଇବାକୁ ଏକ ପ୍ରକାର ଯୋଜନା କରିସାରିଲେଣି। ବିଜେଡି ପାଇଁ ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକ ପ୍ରଚାରର ମଙ୍ଗ ଧରିବେ। ସେହିଭଳି ଭାଜପା ପାଇଁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ କଂଗ୍ରେସ ପାଇଁ ପୂର୍ବତନ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଭାପତି ରାହୁଲ ଗାନ୍ଧୀ ପ୍ରଚାର କରିବେ। ଏନେଇ ଏକ ପ୍ରକାର ତାରିଖ ମଧ୍ୟ ସ୍ଥିର ହୋଇସାରିଛି। ତେବେ ସବୁ ଦଳ ନିଜର ପ୍ରଚାର କାର୍ଯ୍ୟକ୍ରମ କିପରି କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଆସନ୍ତା ୨୪ ତାରିଖରେ ନବୀନ ହିଞ୍ଜିଳିରୁ ନିଜର ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିବେ। ଏହାପରେ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୪ ଲୋକ ସଭା ଏବଂ ଏହାର ଅନ୍ତର୍ଗତ ୨୮ ବିଧାନସଭା ଆସନର ପ୍ରଚାର ମଇଦାନକୁ ନବୀନ ଓହ୍ଲାଇବେ। ସେହିକ୍ରମରେ ଆସନ୍ତା ୨୫ ତାରିଖରେ ରାୟଗଡାରେ ନବୀନଙ୍କ ପ୍ରଚାର କାର୍ଯ୍ୟକ୍ରମ ରହିଥିବା ଦଳ ଯୋଜନା କରିଛି। ସେହିପରି ନିର୍ବାଚନ ସମୟରେ ପ୍ରଥମ ଥର ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୫ ତାରିଖରେ ଓଡ଼ିଶା ଗସ୍ତରେ ଆସିବାକୁ ଯୋଜନା କରିଛନ୍ତି। ସୋନପୁରଠାରେ ଶାହାଙ୍କ ପ୍ରଚାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତସୂଚୀ ଆସିବାର ଦିନକ ପୂର୍ବରୁ ଶାହା ଏକ ଜାତୀୟ ଗଣମାଧ୍ୟମରେ ନବୀନଙ୍କ ସହ ସାମ୍ନାସାମ୍ନି ଲଢ଼େଇ ହେବ ବୋଲି ସେ ମତ ରଖିଥିଲେ। ତାଙ୍କ ରାଜ୍ୟ ନେତାମାନେ ବିଜେଡି ସହିତ ମେଣ୍ଟ କରିବାକୁ ସିଧାସଳଖ ମନା କରିଥିବା ଶାହା ଗଣମାଧ୍ୟମ ଆଗରେ କହିଥିଲେ। ଏଭଳି ସ୍ଥିତିରେ ଶାହା ଓଡ଼ିଶା ଗସ୍ତରେ ଆସି ନିଜ ଆଭିମୁଖ୍ୟରେ ବିଜେଡି ପାଇଁ କ'ଣ ରଖୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। କାରଣ ପୂର୍ବରୁ ମେଣ୍ଟ ଚର୍ଚ୍ଚା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ନବୀନଙ୍କୁ ପ୍ରଶଂସା କରିବା, ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଏକ ଜାତୀୟ ଗଣମାଧ୍ୟମରେ ପୁଣିଥରେ ନରେନ୍ଦ୍ର ମୋଦି ଦେଶରେ ପ୍ରଧାନମନ୍ତ୍ରୀ ହେବେ ବୋଲି କହିବା କଥା ଏପର୍ଯ୍ୟନ୍ତ ଲୋକଙ୍କ ମନରୁ ଯାଇନାହିଁ। ତେଣୁ ଶାହା ଓଡ଼ିଶା ଆସି ରାଜ୍ୟବାସୀଙ୍କ ଆଗରେ ନିଜର ଆଭିମୁଖ୍ୟ କ'ଣ ରଖୁଛନ୍ତି ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ଆସନ୍ତା ୨୮ ତାରିଖରେ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ରାହୁଲ କଟକ ଜିଲାର ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ତେବେ ବିଜେଡି ଏବଂ ଭାଜପା ଭିତରେ ସମ୍ପର୍କ ଭଲ ଥିବା କଥା ସେତେ ମାତ୍ରାରେ କଂଗ୍ରେସ ପ୍ରଚାର କରିବାରେ ଏକ ପ୍ରକାର ବିଫଳ ହୋଇଛି କହିଲେ ଭୁଲ୍ ହେବନାହିଁ। ତେଣୁ ରାହୁଲ ଓଡ଼ିଶା ଗସ୍ତରେ ଆସି କଂଗ୍ରେସ କର୍ମୀଙ୍କ ମନରେ କିଭଳି ବଳ ଦେଉଛନ୍ତି ତାହା ମଧ୍ୟ ଦେଖିବାର ବିଷୟ ବୋଲି ଚର୍ଚ୍ଚା ଜୋର୍ ଧରିଛି।

# ଚକ୍ରାନ୍ତ ଯୋଗୁ ଟିକେଟ୍ କଟିଲା: ସୁନନ୍ଦା



ସୁନନ୍ଦା ଦାସ

ଯାଜପୁର,୨୨।୪ (ହର୍ଷବର୍ଦ୍ଧନ ବେହେରା)

ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ବିଜେଡି ପ୍ରାର୍ଥୀ କରିନାହିଁ। ଏନେଇ ସେ କହିଛନ୍ତି କେତେଜଣ କୁଚକ୍ରୀଙ୍କ ଚକ୍ରାନ୍ତ ଯୋଗୁ ତାଙ୍କ ଟିକେଟ କଟିଛି। ବିଜେଡି ଏଠାରେ ଜଣେ ଗୁଣ୍ଡାରାଜ କରୁଥିବା ବ୍ୟକ୍ତିଙ୍କୁ ଟିକେଟ ଦେଇଛି। ଟିକେଟ କାଟିବା ସଂକ୍ରାନ୍ତରେ ତାଙ୍କ ସହ ଦଳ କୌଣସି ଆଲୋଚନା କରିନାହିଁ। ତାଙ୍କର ରିପୋର୍ଟ କାର୍ଡ ବହୁତ ଭଲ ଥିଲା। ବରୀ ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଥିବା ଅଶୋକ ପଣ୍ଡା ରିପୋର୍ଟ ଭଲ ଅଛି ଏବଂ ହାଇକମାଣ୍ଡକୁ ପଠାଯାଇଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ରିପୋର୍ଟକୁ ଦେଖିନାହାନ୍ତି। ଗତ ନିର୍ବାଚନରେ ତାଙ୍କୁ ଡାକି ବିଜେଡି ଟିକେଟ ଦେଇଥିଲା। ସେ ଟିକେଟ ପାଇଁ କୌଣସି ଲବି କରି ନ ଥିଲେ। ୪ ହଜାର ଭୋଟରେ ଜିତିଥିଲେ ହେଁ ଏଯାଏ ସେ ୪୦ ହଜାର ଭୋଟକୁ ବୃଦ୍ଧି କରି ପାରିଛନ୍ତି। ତଥାପି କେଉଁ କାରଣରୁ ତାଙ୍କୁ ଟିକେଟ ମିଳିଲା ନାହିଁ, ସେ କିଛି ଜାଣି ପାରିନାହାନ୍ତି। ହୁଏତ ପ୍ରାର୍ଥୀ କିଛି ଦେଇଥିବେ ତେଣୁ ତାଙ୍କୁ ଟିକେଟ ମିଳିଲା। ଏବେ ସେ କିଛି କହିପାରିବେ ନାହିଁ, ସମୟ ଆସିବ ତାଙ୍କ ପଦକ୍ଷେପ ସଂକ୍ରାନ୍ତରେ ସମସ୍ତେ ଜାଣିପାରିବେ ବୋଲି ସେ କହିଛନ୍ତି।

# ପ୍ରଚାର ବେଳେ ଅସୁସ୍ଥ ହୋଇପଡ଼ିଲେ ଅରୂପ



ଅରୂପ ପଟ୍ଟନାୟକ ଓ ରୁଦ୍ରପ୍ରତାପ ମହାରଥୀ ପ୍ରଚାର ଶୋଭାଯାତ୍ରାରେ ଯାଉଛନ୍ତି।

ପିପିଲି,୨୨।୪(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲିରେ ସୋମବାର ବିଜେଡିର ପ୍ରଚାର ଶୋଭାଯାତ୍ରାଚାଲିଥିବାବେଳେ ପୁରୀ ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ହଠାତ୍ ଅସୁସ୍ଥ ହୋଇ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅରୂପଙ୍କ ରକ୍ତଚାପ କମ୍ ଥିବା (ଲୋ ବ୍ଲଡ୍‌ପ୍ରେସର) ଡାକ୍ତର ଦର୍ଶାଇବା ସହ ସାଲାଇନ ନେବା ପାଇଁ ପରାମର୍ଶ ଦେଇଥିଲେ। ତେବେ ସେ ସେଠାରୁ ଗାଡ଼ି ଯୋଗେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଚାଲିଯାଇଥିଲେ। ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଏକ ଭିଡିଓ ମାଧ୍ୟମରେ ଜଣାଇଥିଲେ।

ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଅରୂପଙ୍କ ସହିତ ପିପିଲି ବିଧାୟକ ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ ବାଇକ୍ ଶୋଭାଯାତ୍ରା କରି ନିଜ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି। ରୁଦ୍ରପ୍ରତାପଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା କଣ୍ଟି, ଦାଣ୍ଡମୁକୁନ୍ଦପୁର, ମଙ୍ଗଳପୁର, ତେଇଶିପୁର ଦେଇ ସାତଶଙ୍ଖ ବଜାର ଓ ସେଠାରୁ ରୂପଦେଇପୁର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଦଳର ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ଉଭୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ପ୍ରାୟ ୧୧ଟା ସମୟରେ ପିପିଲି ବଜାର ଦେଇ ଶୋଭାଯାତ୍ରା ଯିବାବେଳେ ହାଟଛକଠାରେ ଅରୂପ ପ୍ରବଳ ଗୁଳୁଗୁଳି ଓ ଗ୍ରୀଷ୍ମତାତି ସହ୍ୟ କରି ନ ପାରି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। କର୍ମୀମାନେ ତାଙ୍କ ମୁହଁରେ ପାଣି ଛିଞ୍ଚିବା ସହ ତାଙ୍କୁ ସଙ୍ଗେସଙ୍ଗେ ସ୍ଥାନୀୟ ଡାକ୍ତରଖାନାକୁ ନେଇଯାଇଥିଲେ।

# ନାପ୍ ପକ୍ଷରୁ ୪ ପ୍ରାର୍ଥୀଙ୍କ ନାଁ ଘୋଷଣା




ଦଳୀୟ ଟିକେଟ ଗ୍ରହଣ କରିଥିବା ପ୍ରାର୍ଥୀ।

ଫୁଲନଖରା,୨୨।୪(ସତ୍ୟରଞ୍ଜନ ଦାସମହାପାତ୍ର)

ନ୍ୟାଶନାଲ ଆପ୍‌ନୀ ପାର୍ଟି(ନାପ୍) ପକ୍ଷରୁ ୧୪୭ ବିଧାନସଭା ଓ ୨୧ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଚୟନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ପାହାଳ ଥାନା ଅନ୍ତର୍ଗତ ବଙ୍ଗୁଆରୀଠାରେ ଥିବା ଦଳୀୟ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳ ପକ୍ଷରୁ ୪ ବିଧାନସଭା ଏବଂ ଗୋଟିଏ ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। କଳାହାଣ୍ଡି ନର୍ଲା ବିଧାନସଭା ପାଇଁ ଶଶିଦେବ ହରିଜନ, ସୁନ୍ଦରଗଡ ରଘୁନାଥପାଲି ପାଇଁ ଶ୍ରୀକାନ୍ତ ନାୟକ, ରାଉରକେଲା ଲାଗି ବିଶ୍ୱଭୂଷଣ ମହାନ୍ତ, ମୟୂରଭଞ୍ଜ ସାରସକଣା ବିଧାନସଭା ଆସନ ନିମନ୍ତେ ସତ୍ୟବ୍ରତ ନାୟକ ପ୍ରାର୍ଥୀ ହୋଇଛନ୍ତି। ସେହିଭଳି ବ୍ରହ୍ମପୁର ଲୋକ ସଭା ଆସନ ପାଇଁ ଦତ୍ତାତ୍ରେୟ ବେହେରାଙ୍କ ନାମ ଘୋଷଣା ହୋଇଛି। ଏପର୍ଯ୍ୟନ୍ତ ଦଳ ୨୦ଟି ବିଧାନସଭା ଓ ୫ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଅବଶିଷ୍ଟ ବିଧାନସଭା ଓ ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ନାପ୍‌ର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଅକ୍ଷୟ କୁମାର ବାରିକ କହିଛନ୍ତି।

# ଭାଜପା ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୨୨।୪(ଅନିଲଦାସ)

ଗତ ୨୦ ତାରିଖରେ ଭାଜପା କେନ୍ଦୁଝର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ କେନ୍ଦୁଝର ସଦର ପଦମପୁର ଗ୍ରାମପଞ୍ଚାୟତର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନିର୍ବାଚନ ବୈଠକ କରିଥିଲେ। ଶିକ୍ଷାନୁଷ୍ଠାନକୁ ନିର୍ବାଚନ କାର୍ଯ୍ୟରେ ବ୍ୟବହାର କରିବା ଆଦର୍ଶ ଆଚରଣବିଧିର ଖୋଲା ଉଲ୍ଲଂଘନ । ଏହା ବିରୋଧରେ ପଦକ୍ଷେପ ନେବାକୁ ବିଜେଡିର ଏକ ପ୍ରତିନିଧି ମଣ୍ଡଳ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଫେରାଦ ହୋଇଛନ୍ତି। ଭାଜପା ପ୍ରାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି।



# ସ୍ୱାଧୀନ ପ୍ରାର୍ଥୀ ଦେବାକୁ ଚେତାବନୀ



ଭାଜପା ମଣ୍ଡଳ ସଭାପତିମାନେ ଜିଲା ଭାଜପା କାର୍ଯ୍ୟାଳୟରେ ଲୋକ ସଭା ସଂଯୋଜକ ଶୁକଦେବ ମହାନ୍ତଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ପାଟଣା,୨୨।୪ (ବୀର କିଶୋର ଦାଶ)

**ଭାଜପା ପ୍ରାର୍ଥୀ ଅଖିଳଙ୍କ ପ୍ରତି ବିରୋଧ ତେଜୁଛି**

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ପାଇଁ ଭାଜପାରୁ ଅଖିଳ ଚନ୍ଦ୍ର ନାୟକଙ୍କୁ ଦଳ ପ୍ରାର୍ଥୀ କରିଛି। ଘୋଷଣାକୁ ପାଟଣା ଭାଜପା କର୍ମକର୍ତ୍ତା ବିରୋଧ କରିଆସୁଥିବା ବେଳେ ସୋମବାର ପ୍ରାର୍ଥୀ ପରିବର୍ତ୍ତନ ନେଇ ଦାବି ଜୋରଦାର ହୋଇଛି। ଏ ନେଇ କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ସାହାରପଡ଼ା ମୁଖ୍ୟାଳୟର ଏକ କ୍ଲବ୍ ଗୃହରେ ଭାଜପା କୋର କମିଟି ସଦସ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ବିଧାନସଭା ସଂଯୋଜକ ସୁଦର୍ଶନ ମହାନ୍ତଙ୍କ ଅଧ୍ୟକ୍ଷତାରେ ସହାରପଡ଼ା ମଣ୍ଡଳ ସଭାପତି ବୁଲୁ ବାରିକ, ଉଦୟପୁର ମଣ୍ଡଳ ସଭାପତି ନରହରି ମହାନ୍ତ, ପାଟଣା ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ମହାନ୍ତ, କେନ୍ଦେଇପଶି ମଣ୍ଡଳ ସଭାପତି ମିତ୍ରଭାନୁ ମହାନ୍ତ ଓ ଜିଲା ଯୁବମୋର୍ଚ୍ଚା ସଭାପତି ସବୀର ଦାଶଙ୍କ ସହ ଅନ୍ୟ କୋର କମିଟି ସଦସ୍ୟ ଉପସ୍ଥିତ ରହି ଅଖିଳଙ୍କ ପ୍ରାର୍ଥିତ୍ୱକୁ ପରିବର୍ତ୍ତନ ଦାବି କରିଥିଲେ। ସମସ୍ତେ ଜିଲା ଭାଜପା କାର୍ଯ୍ୟାଳୟରେ ଲୋକସଭା ମଣ୍ଡଳୀ ସଂଯୋଜକ ଶୁକଦେବ ମହାନ୍ତଙ୍କ ମାଧ୍ୟମରେ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କୁ ଚେତାବନୀ ପତ୍ର ଦେଇଛନ୍ତି। ରାଜ୍ୟ ନେତୃବୃନ୍ଦ ପ୍ରାର୍ଥୀ ପରିବର୍ତ୍ତନ ନ କରନ୍ତି ତେବେ ୫ ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ନିର୍ବାଚନରେ ଅସହଯୋଗ କରିବା ସହ ଦରକାର ପଡ଼ିଲେ ଅଖିଳଙ୍କ ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ଦେବାକୁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ରବିବାର ଘଟଗାଁ ତାରିଣୀ ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ଅଖିଳ ପାଟଣା ବଜାରରେ ପ୍ରଚାର ଆରମ୍ଭ କରିଥିଲେ। କେତେକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିବା ବେଳେ ବର୍ତ୍ତମାନର ସଂଖ୍ୟାଧିକ ମଣ୍ଡଳ ସଭାପତି ଓ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ସାମିଲ ହୋଇ ନ ଥିବା ଦେଖିବାକୁ ମିଳିଥିଲା।

# ରଘୁନନ୍ଦନଙ୍କୁ ଭେଟି ଆଶୀର୍ବାଦ ନେଲେ ସାରଦା

**ବାଲିକୁଦା-ଏରସମା ବିଧାନସଭା ଆସନ**

- ପରଘୁନନ୍ଦନ କହିଲେ କୁଟକ୍ରୀଙ୍କ ଯୋଗୁ ଟିକେଟ କଟିଲା



ସାରଦା ପ୍ରସନ୍ନ ଜେନା



ରଘୁନନ୍ଦନ ଦାସ

ଜଗତ୍‌ସିଂହପୁର, ୨୨।୪ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାର ବାଲିକୁଦା-ଏରସମା ବିଧାନସଭା ଆସନ ନିମନ୍ତେ ଯୁବନେତା ସାରଦା ପ୍ରସନ୍ନ ଜେନାଙ୍କ ଉପରେ ବିଜେଡି ଆସ୍ଥା ପ୍ରକଟ କରି ପ୍ରାର୍ଥୀ ଘୋଷଣା କରିଛି। ଫଳରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ନିରାଶ ହୋଇଛନ୍ତି। ଜିଲାସ୍ତରୀୟ ନେତାଙ୍କ ଚକ୍ରାନ୍ତ ଯୋଗୁ ତାଙ୍କ ଟିକେଟ କଟିଥିବା ରଘୁନନ୍ଦନ କ୍ଷୋଭର ସହ କହିଛନ୍ତି। ସେ ଯେତେବେଳେ ଅସୁସ୍ଥ ଥିଲେ, ସେତେବେଳେ ଏହି ନେତା ତାଙ୍କ ନାଁରେ ଦଳରେ ଚକ୍ରାନ୍ତ କରିଥିଲେ। ସୁସ୍ଥ ହେଲା ପରେ ସବୁକିଛି ଠିକଠାକ୍ ହୋଇଥିଲା। ରାଜ୍ୟର ଅନେକ ନେତା ଯେଉଁମାନେ ତାଙ୍କଠାରୁ ଅଧିକ ଅସୁସ୍ଥ ଥିଲେ, ସେମାନଙ୍କୁ ଦଳ ଟିକେଟ ଦେଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପ୍ରାର୍ଥୀ ଘୋଷଣା ପରେ ରଘୁନନ୍ଦନଙ୍କୁ ସାକ୍ଷାତ୍ କରି ଆଶୀର୍ବାଦ ଭିକ୍ଷା କରିଥିବା ସାରଦା ଧରିତ୍ରୀକୁ କହିଛନ୍ତି। ରଘୁନନ୍ଦନଙ୍କ ସହ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକ, ଦଳର ଜିଲା ସଭାପତି ରବି ଜେନା, ଅନ୍ୟ ନେତୃମଣ୍ଡଳୀଙ୍କ ପରାମର୍ଶ, ସହଯୋଗ ଓ ଆଶୀର୍ବାଦରେ ସେ ବିଜୟୀ ହେବେ ବୋଲି ସେ ଆଶା ରଖିଛନ୍ତି।

ବାଲିକୁଦା-ଏରସମା ଆସନରେ ରଘୁନନ୍ଦନ ବାଦ୍ ପଡ଼ିବା ଏବଂ ସାରଦା ପ୍ରାର୍ଥୀ ହେବେ ବୋଲି ବାରି ହୋଇପଡୁଥିଲା। ୨୦୧୯ ନିର୍ବାଚନରେ ରଘୁନନ୍ଦନ ପ୍ରଥମ ଥର ପାଇଁ ବିଧାୟକ ହୋଇ ମନ୍ତ୍ରୀ ପଦ ପାଇଥିଲେ। ତାହା ସେତେବେଳେ ଆଲୋଚନାର ବିଷୟ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କଠାରୁ ମନ୍ତ୍ରୀପଦ କାଢ଼ି ନିଆଯାଇଥିଲା। ରଘୁନନ୍ଦନ ଅସୁସ୍ଥ ଥିବାରୁ ଦଳ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଇଥିଲା। ପରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇ ଏକପ୍ରକାର ସନ୍ତୁଷ୍ଟ ପାଇଁ ଉଦ୍ୟମ ହୋଇଥିଲା। ବାସ୍ତବରେ କିନ୍ତୁ ଦଳ ତାଙ୍କ ଉପରୁ ସେତେବେଳୁ ଆସ୍ଥା ତୁଟାଇବା ଆରମ୍ଭ କରିଥିବା ସ୍ପଷ୍ଟ ବାରି ହୋଇ ପଡୁଥିଲା। କିନ୍ତୁ ରଘୁନନ୍ଦନ ସୁସ୍ଥ ହୋଇଯାଇଥିବା କହି ଚଳିତ ନିର୍ବାଚନରେ ସେ ପୁଣିଥରେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ଦଳ ନେତୃତ୍ୱଙ୍କୁ ସୁସ୍ଥ ଥିବା ବୁଝାଇବାକୁ ଚେଷ୍ଟା କରିଥିଲେ। ମାତ୍ର ତାଙ୍କ ପାଇଁ ଏକାଧିକ ଆଶାୟୀ ପ୍ରତିବନ୍ଧକ ସାଜିଥିଲେ। ବିଶେଷକରି ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ଗୋଟିଚାଳନା ତାଙ୍କ ପାଇଁ ଅଡୁଆ ବଢାଇଥିଲା। ପ୍ରଶାନ୍ତ ୨୦୦୯, ୨୦୧୪ ନିର୍ବାଚନରେ ବାଲିକୁଦା-ଏରସମା ବିଧାନସଭା ଆସନରୁ ବିଧାୟକ ହୋଇଥିଲେ। କିନ୍ତୁ ଦଳ ୨୦୧୯ରେ ତାଙ୍କୁ ଜଗତ୍‌ସିଂହପୁର ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ କରିଥିଲା। ବାଲିକୁଦା-ଏରସମା ଆସନରେ ରଘୁନନ୍ଦନ ପ୍ରାର୍ଥୀ ହୋଇଥିଲେ। ଉଭୟ ବିଜୟୀ ହେବାର ସୌଭାଗ୍ୟ ହାସଲ କରିଥିଲେ। କିନ୍ତୁ ସେମାନଙ୍କ ଭିତରେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ବିବାଦର ଅନ୍ତ ଘଟି ନ ଥିଲା, ଯାହାର ପ୍ରତିଫଳନ ୨୦୨୪ ନିର୍ବାଚନ ପୂର୍ବରୁ ଦେଖିବାକୁ ମିଳିଥିଲା। ପ୍ରଶାନ୍ତଙ୍କ ବିରୋଧରେ ରଘୁନନ୍ଦନ ସଙ୍ଗିନ ଅଭିଯୋଗ ଆଣିଥିଲେ। ପ୍ରଶାନ୍ତ ଏକାଧିକ ଆଶାୟୀ ସୃଷ୍ଟି କରିଥିବା କହିଥିଲେ। ପ୍ରଶାନ୍ତଙ୍କୁ ଜଗତ୍‌ସିଂହପୁର ବିଧାନସଭା ଆସନରୁ ଦଳୀୟ ପ୍ରାର୍ଥୀ ଘୋଷଣା ପରେ ମଧ୍ୟ ଏହି ଚର୍ଚ୍ଚା ଉପରେ ଯବନିକା ପଡ଼ି ନ ଥିଲା। ରଘୁନନ୍ଦନଙ୍କ ସହ ପ୍ରଶାନ୍ତ ଓ ଏକାଧିକ ଆଶାୟୀଙ୍କ ଦୂରତ୍ୱ ବଢ଼ିଥିଲା। କେବଳ ସାରଦା ନିରପେକ୍ଷ ରହିବା ସହ ଟିକେଟ ପାଇବା ପାଇଁ ପ୍ରମୁଖ ଦାବିଦାର ଥିଲେ। ଅର୍ଥାତ୍ ଉଭୟ ଗୋଷ୍ଠୀଙ୍କ ସହ ସମନ୍ୱୟ ବଜାୟ ରଖିଥିବାରୁ ଦଳ ତାଙ୍କ ପ୍ରାର୍ଥିତ୍ୱକୁ ଗମ୍ଭୀରତାର ସହ ବିଚାର କରୁଥିଲା, ଯାହା ସୋମବାର ପ୍ରତିଫଳିତ ହୋଇଛି। ସାରଦା ଛାତ୍ର ଜୀବନରୁ ରାଜନୀତିରେ ରହି ଆସିଛନ୍ତି। ସେ ୧୯୯୨-୯୩ରେ ବାଙ୍କୀ ଛାତ୍ର ସଂସଦ ସଭାପତି ଥିଲେ। ତା'ପରେ ଅର୍ଥାତ୍ ୧୯୯୭ରେ କଂଗ୍ରେସରୁ ଏରସମା ୩ ନମ୍ବର ଜୋନରୁ ଜିଲା ପରିଷଦ ସଭ୍ୟ ଓ ସମିତି ସଭ୍ୟ ହେବାର ଗୌରବ ହାସଲ କରିଥିଲେ। ସେତେବେଳେ ସେ ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷ ପାଇଁ ଆଶାୟୀ ଥିଲେ। କିନ୍ତୁ ସୁଯୋଗ ନ ମିଳିବାରୁ ପଞ୍ଚାୟତ ସମିତି ସଭ୍ୟ ପଦରୁ ଇସ୍ତଫା ଦେଇ କେବଳ ଜିଲା ପରିଷଦ ସଭ୍ୟ ରହିଥିଲେ। କେବଳ ଏତିକି ନୁହେଁ, ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ଏରସମା-୧, ୨୦୦୭ରୁ ୨୦୧୨ ଏରସମା-୩ ଓ ୨୦୧୨ରୁ ୧୭ ପର୍ଯ୍ୟନ୍ତ ଏରସମା-୪ ଜିଲା ପରିଷଦ ଜୋନରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ୨୦୧୪ରେ ସାରଦା ସ୍ୱାଧୀନ ବିଧାୟକ ପ୍ରାର୍ଥୀ ହୋଇ ପାଖାପାଖି ୨୪ ହଜାର ଭୋଟ ପାଇଥିଲେ। ସେତେବେଳେ ଚିହ୍ନକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବାରୁ ତାଙ୍କର ପ୍ରାୟ ୫ରୁ ୬ ହଜାର ଭୋଟ କଟିଯାଇଥିବା ସେତେବେଳେ ସାରଦା ଅଭିଯୋଗ କରିଥିଲେ। ୨୦୧୯ରେ ସାରଦା ବିଜେଡିରେ ମିଶିଥିଲେ। ତାଙ୍କ ଯୋଗଦାନ ସେତେବେଳେ ବିଜେଡି ପ୍ରାର୍ଥୀ ରଘୁନନ୍ଦନଙ୍କୁ ବେଶ୍ ସହାୟକ ହୋଇପାରିଥିଲା। ରଘୁନନ୍ଦନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଲଲାଟେନ୍ଦୁ ମହାପାତ୍ରଙ୍କଠାରୁ ୫୫ ହଜାର ଭୋଟରେ ବିଜୟୀ ହୋଇଥିଲେ।

# ଚନ୍ଦକା, ପାଞ୍ଚଗଡ଼ ଜଙ୍ଗଲରେ ନିଆଁ



ବାରଙ୍ଗ/ବୋଲଗଡ଼,୨୨।୪ (ଲିଙ୍ଗରାଜ ରାଉତ/ଦେବବ୍ରତ ହୋତା)

ସମ୍ପ୍ରତି ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ମନୁଷ୍ୟକୃତ କାରଣରୁ କେତେକ ସ୍ଥାନରେ ଜଙ୍ଗଲ ଜଳୁଥିବା ଚିତ୍ର ସାମ୍ନାକୁ ଆସୁଛି। ସୋମବାର ଚନ୍ଦକା ଅଭୟାରଣ୍ୟର ଗୋଡ଼ିବାରୀ ନିକଟସ୍ଥ ଜଙ୍ଗଲ ଏବଂ ଖୋର୍ଦ୍ଧା ରେଞ୍ଜ ବୋଲଗଡ଼ ବନ ବିଭାଗ ଅଧୀନ ପାଞ୍ଚଗଡ଼ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଛି। ଏଥିରେ ବହୁ ଗଛଲତା ପୋଡ଼ିଯାଇଛି।

ସୂଚନା ମୁତାବକ, ଅପରାହ୍ନ ୩ଟାରେ ଗୋଡ଼ିବାରୀ ନିକଟ ଜଙ୍ଗଲରେ କୌଣସି କାରଣରୁ ନିଆଁ ଲାଗିଥିଲା। ଖବରପାଇ ବନ୍ୟପ୍ରାଣୀ ବିଭାଗର ଫାୟାରସ୍କ୍ୱାଡ୍ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟରେ ଲାଗିଛନ୍ତି। ନିଆଁରେ ବଡ଼ ବଡ଼ ଗଛ ଜଳିଯାଇଛି। ଜଙ୍ଗଲ ବିଭାଗ ପକ୍ଷରୁ ଦେଢ଼ଏକର ପରିମିତ ଜଙ୍ଗଲରେ ନିଆଁ ଲାଗିଥିବା କୁହାଯାଉଥିବା ବେଳେ ନିଆଁର ପ୍ରକୋପକୁ ଦେଖିଲେ ୪ରୁ ୫ଏକର ପରିମିତ ଜଙ୍ଗଲରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଅଦ୍ୟାବଧି ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇ ନ ଥିବା ବେଳେ ଅଗ୍ନିଶମ ବାହିନୀ ପକ୍ଷରୁ ୨ଟି ଦମକଳ ଓ ୪୦ଜଣ ବନ କର୍ମଚାରୀ ଏହି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସେହିପରି ପାଞ୍ଚଗଡ଼ ସଂରକ୍ଷିତ ଜଙ୍ଗଲରେ ରବିବାର ରାତିରେ ଦୁଇଟି ପଏଣ୍ଟରେ ନିଆଁ ଲାଗି ପ୍ରାୟ ୧୨ହେକ୍ଟର ପରିମିତ ଅଞ୍ଚଳର ଗଛଲତା ଜଳିଯାଇଛି। ବୋଲଗଡ଼ ପଞ୍ଚାୟତ ମରଦାବାଡ଼ି ଗ୍ରାମ ପଙ୍କାଳ ସାହି ନିକଟ ଏହି ଜଙ୍ଗଲରେ ନିଆଁ ଲାଗିଥିବା ଖବରପାଇ ବନପାଳ ପ୍ରଦୀପ ପଟ୍ଟନାୟକ ବିଭାଗୀୟ କର୍ମଚାରୀଙ୍କ ସହ ସୋମବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟରେ ଲାଗିଛନ୍ତି। ବୋଲଗଡ଼ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ମଧ୍ୟ ପାହାଡ଼ର ଉପର ଭାଗରେ ନିଆଁ ବ୍ୟାପିଥିବାରୁ ସେଠାରେ ଦମକଳ ଗାଡ଼ି ପହଞ୍ଚିବା ସମ୍ଭବ ହେଉନାହିଁ। ତେଣୁ ବନବିଭାଗ କର୍ମଚାରୀମାନେ ବ୍ଲୋୟର ମେସିନ ସାହାଯ୍ୟରେ ପାଣି ସ୍ପ୍ରେ କରି ଏବଂ ଡାଳପତ୍ର ପକାଇ ନିଆଁକୁ ଆୟତ୍ତ କରିବାକୁ ୧୫ଘଣ୍ଟା ଧରି ଉଦ୍ୟମ ଜାରି ରଖିଛନ୍ତି। ନିଆଁ ସମ୍ପୂର୍ଣ୍ଣ ଲିଭି ନ ଥିବା ବେଳେ ଏଥିରେ ବହୁ ମୂଲ୍ୟବାନ ଗଛ ଜଳିଯିବା ସହ ଜଙ୍ଗଲି ଜନ୍ତୁମାନେ କ୍ଷତିଗ୍ରସ୍ତ ହୋଇଥିବାର ସୂଚନା ମିଳିଛି। ତେବେ ଏହି ନିଆଁ ନୟାଗଡ଼ ରେଞ୍ଜ ଅନ୍ତର୍ଗତ ସୁଳିଆ ସଂରକ୍ଷିତ ଜଙ୍ଗଲରୁ ବ୍ୟାପିଥିବା ବେଳେ ପ୍ରାୟ ୮୦୦ ହେକ୍ଟର ପାଞ୍ଚଗଡ଼ ସଂରକ୍ଷିତ ଜଙ୍ଗଲ ପ୍ରତି ବିପଦ ସୃଷ୍ଟି ହୋଇଥିବା ବନପାଳ ପଟ୍ଟନାୟକ କହିଛନ୍ତି।

# ହଦଗଡ଼ ଅଭୟାରଣ୍ୟର ୯ ପଏଣ୍ଟରେ ନିଆଁ

ହାଟଡ଼ିହୀ,(ଶୁଭକାନ୍ତ ନାୟକ)/ ସୋସୋ (ସତ୍ୟବ୍ରତ ଜେନା) ୨୨।୪

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ସୋସୋ ଥାନା ଅଧୀନ ହଦଗଡ଼ ହସ୍ତୀ ଅଭୟାରଣ୍ୟର ୯ଟି ପଏଣ୍ଟରେ ନିଆଁ ଲାଗିଛି। ଗଛରୁ ଝଡ଼ି ତଳେ ପଡ଼ିଥିବା ଶୁଖିଲା ପତ୍ରରେ କେହି ନିଆଁ ଲଗାଇ ଦେଇଥିବା କୁହାଯାଉଛି। ବନ ବିଭାଗ ଓ ଅଗ୍ନିଶମ କର୍ମଚାର ମିଳିତ ଭାବେ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଉକ୍ତ ଅଭୟାରଣ୍ୟଟି ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲାକୁ ସଂଯୋଗ କରୁଛି। ହଦଗଡ଼ ରେଞ୍ଜ୍ ଅଧୀନରେ ୯ଟି ବିଟ୍ ହାଉସ ରହିଛି। ବର୍ତ୍ତମାନ



ବନ କର୍ମଚାରୀ ନିଆଁ ଲିଭାଉଛନ୍ତି।

ସମୟରେ ଶୁଖିଲା ପତ୍ରରେ ନିଆଁ ଲାଗିବାରୁ ନିଆଁ ସବୁଆଡେ ବ୍ୟାପୀ ଯାଉଛି। ଫଳରେ ଏହାକୁ ଆୟତ୍ତ କରିବା କଷ୍ଟ ହେଉଛି। ନିଆଁକୁ ଆୟତ୍ତ କରିବାକୁ ବନ କର୍ମଚାରୀ ପ୍ରୟାସ ଜାରି ରଖିଥିବା ବେଳେ ଅଭୟାରଣ୍ୟର କେତେକ ସ୍ଥାନରେ ନିଆଁକୁ ପାଣି ପକାଇ ଲିଭାଯାଇଛି। ଅଧିକାଂଶ ଦିନ ଜଙ୍ଗଲରେ ଏପରି ନିଆଁ ଲାଗୁଛି ଏବଂ ବନ ବିଭାଗ ନିଆଁ ଲିଭାଉଛି। ଅତ୍ୟଧିକ ଗରମ ସହିତ ନିଆଁର ପ୍ରଭାବ ଯୋଗୁ ବନ୍ୟପ୍ରାଣୀ ବିପଦରେ। ସ୍ଥାନୀୟ ଲୋକେ ନିଆଁ ନ ଲଗାଇବାକୁ ବନ ବିଭାଗ ତରଫରୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ ଅଭୟାରଣ୍ୟ ପରିଧିରେ ଜନବସତି ଗଢ଼ିଉଠିଥିବାରୁ ଶିକାରୀ ଅଧିକାଂଶ ସମୟରେ ସହଜରେ ଶିକାର କରିବାକୁ ସକ୍ଷମ ହୁଅନ୍ତି। ଜଙ୍ଗଲରେ ନିଆଁ ଲଗାଇଲେ ବନ୍ୟପ୍ରାଣୀ ଭୟରେ ବାହାରକୁ ଆସିବେ ଏବଂ ଶିକାର ସହଜ ହେବା ଲକ୍ଷ୍ୟରେ ନିଆଁ ଲଗାଯାଉଥିବା କୁହାଯାଉଛି। ହଦଗଡ଼ ରେଞ୍ଜର ମାର୍ଶାଲ କିସ୍କୁ କହିଛନ୍ତି, ସ୍ଥାନୀୟ ଲୋକେ ମନ୍ଦ ଉଦ୍ଦେଶ୍ୟ ରଖି ନିଆଁ ଲଗାଇଦେଉଛନ୍ତି। ଯେତିକି ସ୍ଥାନରେ ନିଆଁ ଲାଗିଥିଲା ଅଦ୍ୟାବଧି ତାହାକୁ ଲିଭାଯାଇଛି ବୋଲି ସେ କହିଥିଲେ।

# ଶିମିଳିପାଳରେ ମାଡ଼ି ଚାଲିଛି ନିଆଁ

ବାରିପଦା,୨୨।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁ ବ୍ୟାପିବାରେ ଲାଗିଛି। ଗୋଟିଏ ପଟୁ ଆୟତ୍ତ କରାଯାଉଥିବା ବେଳେ ଅନ୍ୟ ପଟେ ହୁତୁହୁତୁ ହୋଇ ଜଳୁଛି। ବାୟୁମଣ୍ଡଳ ତାତି ଓ ବନାଗ୍ନି ପ୍ରକୋପରେ ଜୀବଜନ୍ତୁ ପ୍ରାଣ ବିକଳରେ ଏପଟ ସେପଟ ଦୌଡୁଛନ୍ତି। ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଓ ଉତ୍ତର ଡିଭିଜନରେ ନିଆଁ ମାଡ଼ିଚାଲିଛି। ବନ କର୍ମଚାରୀ, ଏସ୍‌ଟିଏଫ୍, ଦମକଳ ବାହିନୀ ଏବଂ ଓଡ୍ରାଫ ଟିମ୍ ନିଆଁକୁ ଆୟତ୍ତ କରିବାରେ ଲାଗିଛନ୍ତି। ଜିଲାରେ ଅଗ୍ନିବର୍ଷା ସାଙ୍ଗକୁ ବନାଗ୍ନିର ତାତି ଜୀବଜଗତକୁ ପ୍ରଭାବିତ କରିଛି। ସୋମବାର ଜିଲାରେ ପାରଦ ୪୨ ଡିଗ୍ରୀ ଛୁଇଁଥିଲା। ଅପରାହ୍ନରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସୁଲୁସୁଲିଆ ପବନ ବହିବାରୁ ଜଙ୍ଗଲ ନିଆଁ ଅଣାୟତ୍ତ ହୋଇପଡ଼ିଛି। ୩ ଦିନ ମଧ୍ୟରେ ୪୪ ଫାୟାର ପଏଣ୍ଟ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ଅଦ୍ୟାବଧି ୧୪୭ ଫାୟାର ପଏଣ୍ଟ ଚିହ୍ନଟ କରାଯାଇଛି। ନିଆଁ ଲାଗିବା ଖବର ମିଳିବା ପରେ କର୍ମଚାରୀମାନେ ପହଞ୍ଚି ଲିଭାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ବ୍ଲୋୟର ମେସିନ ସାହାଯ୍ୟରେ ଫାୟାର ଲାଇନ ସୃଷ୍ଟି କରାଯାଉଛି। ତେବେ ମହୁଲ ସଂଗ୍ରହକାରୀମାନେ ନିଆଁ ଲଗାଉଥିବା ବନ ବିଭାଗ ସୂଚନା ଦେଇଛି। ଗାଁ ଗଣ୍ଡାରେ ଲୋକମାନଙ୍କୁ ସଚେତନ କରିବା ସହ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ଚେତାବନୀ ଦେଇଛି। ଦୀର୍ଘ ୧ ମାସ ହେଲା ବର୍ଷା ନ ହେବାରୁ ଶୁଖିଲା ପତ୍ରଗୁଡ଼ିକରେ ନିଆଁ ଲାଗି ବ୍ୟାପି ଯାଉଛି। ତେବେ ଅତ୍ୟଧିକ ଗରମ ଓ ଗୁଳୁଗୁଳିରେ ନିଆଁକୁ ଆୟତ୍ତ କରିବାରେ ଅସୁବିଧା ହେଉଥିବା ବନ ବିଭାଗ କହିଛି।

# ୯ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୨।୪(ଦୁର୍ଯ୍ୟୋଧନ ପାତ୍ର)

ଆନ୍ଧ୍ରପ୍ରଦେଶ ଆଲୁରି ସୀତାରାମାରାଜୁ ଜିଲା ଛତିଶଗଡର ୬ ଓ ସୁକ୍‌ମା ପୋଲିସ ନିକଟରେ ୩ ମାଓବାଦୀ ସୋମବାର ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କୁ ଧରିବା ଲାଗି ସରକାରଙ୍କ ପକ୍ଷରୁ ପୁରସ୍କାର ଘୋଷଣା କରାଯାଇଥିଲା। ସେମାନେ ହେଲେ ଛତିଶଗଡ ସୁକ୍‌ମା ଜିଲା ଗଗନପାଲ୍ଲୀ ଗ୍ରାମର ୫ ଲକ୍ଷ ପୁରସ୍କାର ଘୋଷିତ କୋହାରାମ ମିଥିଲେସ୍ ଓରଫ ରାଜା, ସୁନମପେଣ୍ଟା ଗ୍ରାମର ୪ ଲକ୍ଷ ପୁରସ୍କାର ଘୋଷିତ ବାର୍ସେ ମାସା, ରାମାରାମ ଗ୍ରାମର ୪ଲକ୍ଷ ପୁରସ୍କାର ଘୋଷିତ ବେଟି ଭୀମା, ପାଲମାଡୁଗୁ ଗ୍ରାମର ୪ ଲକ୍ଷ ପୁରସ୍କାର ଘୋଷିତ ବାଞ୍ଜାମ୍ ରାମେ ଓରଫ କମଲା, ସିଙ୍ଗାନାମାଡୁଗୁ ଗ୍ରାମର ୧ ଲକ୍ଷ ପୁରସ୍କାର ଘୋଷିତ ମଡକମ୍ ସୁକି, ଆଲମପାଲ୍ଲୀ ଗ୍ରାମର ଦୁଡି ସୋନୀ। ଏମାନେ ଛତିଶଗଡ଼ କିସ୍ତାରାମ ଏରିୟା କମିଟିର ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ଆନ୍ଧ୍ର ସୀତାରାମାରାଜୁ ଜିଲା ଏସ୍‌ପି ତୁହିନ ସିହ୍ନା ଓ ବିଶାଖାପାଟଣା ଡିଆଇଜି ବିଶାଲ ଗୁନିଙ୍କ ନିକଟରେ ଆତ୍ମ ସମର୍ପଣ କରିଛନ୍ତି।

ସେହିପରି ସୁକ୍‌ମା ପୋଲିସ ନିକଟରେ ୧ ଲକ୍ଷ ପୁରସ୍କାର ଘୋଷିତ ୨ ମାଓବାଦୀଙ୍କ ସହ ୩ ଜଣ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ଡିଏକେଏମ୍‌ଏସ୍ ଅଧକ୍ଷ କବାସୀ ହୁଙ୍ଗା, ଡୁପୋ ଭୀମା ଓ କେଏଏମ୍‌ଏସ୍ ଅଧକ୍ଷା ହେମଲା ଶାନ୍ତି। ଏମାନେ ସୁକ୍‌ମା ଅତିରିକ୍ତ ଏସ୍‌ପି ମନୀଷ ରାତ୍ରେ, ୭୪ ବାଟାଲିୟନ ସିଆରପିଏଫ୍ ବାହିନୀ ସହାୟକ କମାଣ୍ଡର କୀରତ ସିଂ ବେପାରାୟଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।


TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER NIT No: TPCODL/P&S/NIT/24-25/2**

Bids are invited from eligible Bidders for the following tenders of TPCODL:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000000628/2024-25 | Smart Display and PA system at IT Technology Centre Bhubaneswar |
| 2 | TPCODL/P&S/1000000632/2024-25 | RC for SITC of ACs (Split/Window) across TPCODL offices |
| 3 | TPCODL/P&S/1000000634/2024-25 | Supply & Installation of FRP Fencing at TPCODL |
| 4 | TPCODL/P&S/1000000638/2024-25 | RC for SITC of RCC Precast compound wall at substations across TPCODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com.** All tenders will be available on TPCODL website w.e.f. From **dtd.26.04.2024**. Future communication / corrigendum to tender documents, if any, shall be available on TPCODL website.


# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲବ କୁଶ ଦୁହେଁ ଯାଆଁଳା ଭାଇ ସାନ ବଡ଼ ବାରି ହୁଅନ୍ତି ନାହିଁ।**

ସାଧାରଣତଃ ଯାଆଁଳା ଭାଇମାନଙ୍କ ମଧ୍ୟରେ ସାନ କିଏ ବଡ଼ କିଏ ତାହା କଳନା କରିବା ଟିକେ କଷ୍ଟକର ହୋଇଥାଏ। ଏଠାରେ ଲବ-କୁଶଙ୍କ ସହ ତୁଳନାତ୍ମକ ବିଚାରରେ ଏହାକୁ ବୁଝାଇ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

**ଲୁଣ ଖାଏ ହାଣ୍ଡି ଚିନ୍ତା ଖାଏ ଗଣ୍ଡି।**

ଲୁଣ ମାଟି ପାତ୍ରରେ ରଖିଲେ ସେ ପାତ୍ର ଆସ୍ତେ ଆସ୍ତେ ନଷ୍ଟ ହୋଇଯିବା ଭଳି ଚିନ୍ତା ମଧ୍ୟ ଶରୀରର ଅନେକ କ୍ଷତି ଘଟାଇଥାଏ। ଚିନ୍ତା ବା ସମସ୍ୟାକୁ ନେଇ ବ୍ୟକ୍ତି ଚିନ୍ତିତ ହୋଇପଡୁଥିବାବେଳେ ସେ ନିଜ ସ୍ୱାସ୍ଥ୍ୟ ପ୍ରତି ଆଦୌ ଧ୍ୟାନ ଦେଇପାରି ନ ଥାଏ, ଫଳରେ ଶରୀରଟି ରୋଗାକ୍ରାନ୍ତ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଚେସ୍‌ରେ ଭାରତକୁ...

ପ୍ରଥମ ପୃଷ୍ଠାରୁ...

ଦୀର୍ଘ ଦିନଧରି କାସ୍ପାରୋଭଙ୍କ ନାମରେ ଥିବା ରେକର୍ଡରେ ଉନ୍ନତି ଆଣିଛନ୍ତି। କାସ୍ପାରୋଭ ୨୨ ବର୍ଷର ହୋଇଥିବାବେଳେ ୧୯୮୪ରେ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଜିତି ବିଶ୍ୱ ଟାଇଟଲ ଲଢ଼େଇରେ ଅବତୀର୍ଣ୍ଣ ହୋଇଥିଲା। ସେତେବେଳେ ନିଜ ଦେଶର ଆନାତୋଲି କାର୍ପୋଭଙ୍କ ସହିତ ତାଙ୍କ ମୁକାବିଲା ହୋଇଥିଲା। "ମୁଁ ଏବେ ଆଶ୍ୱସ୍ତ ଏବଂ ଖୁସି। ଫାବିଓ କରୁଆନା ଓ ଇଆନ ନେପୋମନିଆଚିଙ୍କ ବିପକ୍ଷ ମ୍ୟାଚକୁ ମୁଁ ଅନୁସରଣ କରିଥିଲି। ଏହା ମୋତେ ସହାୟତା କରିଥିବା ଅନୁଭବ କରୁଛି" ବୋଲି ବିଜୟ ହାସଲ ପରେ ଗୁକେଶ ପ୍ରକାଶ କରିଛନ୍ତି। ଚାମ୍ପିୟନ ହେବା ଫଳରେ ଗୁକେଶ ୮୮,୫୦୦ ୟୁରୋ (ପାଖାପାଖି ୭୮.୫ ଲକ୍ଷ ଟଙ୍କା) ପୁରସ୍କାର ଆକାରରେ ହାସଲ କରିଛନ୍ତି। କିମ୍ବଦନ୍ତୀ ଖେଳାଳି ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ଗୁକେଶ କ୍ୟାଣ୍ଡିଡେଟ୍ସ ଟାଇଟଲ ଜିତିବାରେ ସକ୍ଷମ ହୋଇଛନ୍ତି। ଟୁର୍ନାମେଣ୍ଟ ଜିତିବା ପାଇଁ ଗୁକେଶ ଶେଷ ରାଉଣ୍ଡରେ ଅତିକମ୍‌ରେ ଏକ ଡ୍ର ଆବଶ୍ୟକ କରୁଥିଲେ। ଏହି ଟିନ୍ ଏଜର ଆଗାମୀ ଦିନରେ ଆହୁରି ବଡ଼ ମୁକାବିଲା ପାଇଁ ପ୍ରସ୍ତୁତ ହେଉଥିବା ଏଥିରୁ ସ୍ପଷ୍ଟ ସୂଚନା ମିଳିଥିଲା। ତାହାକୁ ସଫଳତାର ସହ ଫିନିଶ୍ କରି ସେ ଚେସ୍ ଜଗତର ବଡ଼ ଷ୍ଟାର ପାଲଟି ଯାଇଛନ୍ତି। କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଭାରତୀୟ ଆର. ପ୍ରଜ୍ଞାନନ୍ଦ ୭ ପଏଣ୍ଟ ସହ ୫ମ ଓ ଭିଦିଥ ଗୁଜରାଠି ୬ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛନ୍ତି। ୫ ଥର ବିଶ୍ୱ ଚାମ୍ପିୟନ ଆନନ୍ଦ ଗୁକେଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି। "ବିଶ୍ୱ ଟାଇଟଲ ପାଇଁ ସର୍ବକନିଷ୍ଠ ଚ୍ୟାଲେଞ୍ଜର ହୋଇଥିବା ଗୁକେଶଙ୍କୁ ଅଭିନନ୍ଦନ। ବିଶ୍ୱ ଚେସ୍ ପରିବାର ତୁମ ପାଇଁ ଗର୍ବିତ। କଠିନ ସମୟକୁ ତୁମେ ସଫଳତା ସହ ହାତେଇ ଥିବାରୁ ବ୍ୟକ୍ତିଗତଭାବେ ମୁଁ ତୁମ ପାଇଁ ଗର୍ବ ଅନୁଭବ କରୁଛି। ଏ କ୍ଷଣକୁ ଉପଭୋଗ କର" ବୋଲି ଆନନ୍ଦ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ଗୁକେଶଙ୍କ ଭଳି ଆନନ୍ଦ ମଧ୍ୟ ଚେନ୍ନାଇ ବାସିନ୍ଦା।


# ODISHA PUBLIC SERVICE COMMISSION, CUTTACK

**NOTICE**

**No. 2160/PSC Dt.20.04.24**
**(DR - IV) (2PH-01-2024-25)**

No. D-14: It is for information of all provisional qualified candidates that the Document Verification for recruitment to the post of **Ayurvedic Medical Officers**, pursuant to Advertisement No. 03 of 2023-24 will be held from **06.05.2024 to 11.05.2024 (including 2nd Saturday)** at the office of OPSC 19, Dr. P.K. Parija Road, Cuttack - 753001 as per the programme detailed below.

The candidates are required to report **30 minutes before** the commencement of document verification in each time slot allotted in the scheduled programme.

**PROGRAMME FOR PHYSICAL VERIFICATION OF ORIGINAL CERTIFICATES/DOCUMENTS**

| Date of Verification | Time of Verification | Roll Nos. of Candidates to be verified | Team to Verify |
|---|---|---|---|
| 06.05.2024 | 10.30 A.M. to 12.15 P.M. | 100001, 100004, 100006, 100010, 100011, 100012, 100013, 100016, 100018, 100020 = **10 Candidates** | Team - I |
| | | 100027, 100028, 100029, 100032, 100034, 100036, 100037, 100038, 100045, 100046 = **10 Candidates** | Team - II |
| | 12.15 P.M. to 01.30 P.M. | 100049, 100051, 100054, 100058, 100059, 100060, 100063, 100065, 100066, 100070 = **10 Candidates** | Team - I |
| | | 100072, 100075, 100076, 100077, 100082, 100086, 100088, 100089, 100095, 100096 = **10 Candidates** | Team - II |
| | 02.30 P.M. to 04.00 P.M. | 100097, 100098, 100101, 100104, 100108, 100109, 100110, 100113, 100114, 100116 = **10 Candidates** | Team - I |
| | | 100117, 100118, 100119, 100120, 100123, 100124, 100125, 100126, 100129, 100132 = **10 Candidates** | Team - II |
| | 04.00 P.M. to 5.30 P.M. | 100138, 100143, 100144, 100145, 100146, 100150, 100153, 100156, 100165, 100167 = **10 Candidates** | Team - I |
| | | 100168, 100171, 100176, 100177, 100180, 100182, 100183, 100186, 100194, 100195 = **10 Candidates** | Team - II |
| 07.05.2024 | 10.30 A.M. to 12.15 P.M. | 100201, 100204, 100211, 100214, 100218, 100222, 100228, 100229, 100230, 100231 = **10 Candidates** | Team - I |
| | | 100232, 100234, 100237, 100239, 100241, 100243, 100245, 100246, 100248, 100252 = **10 Candidates** | Team - II |
| | 12.15 P.M. to 01.30 P.M. | 100258, 100263, 100267, 100270, 100272, 100273, 100275, 100282, 100283, 100286 = **10 Candidates** | Team - I |
| | | 100287, 100292, 100297, 100298, 100299, 100300, 100302, 100307, 100308, 100311 = **10 Candidates** | Team - II |
| | 02.30 P.M. to 04.00 P.M. | 100313, 100314, 100317, 100320, 100321, 100323, 100326, 100327, 100331, 100332 = **10 Candidates** | Team - I |
| | | 100333, 100335, 100338, 100339, 100341, 100343, 100344, 100346, 100350, 100351 = **10 Candidates** | Team - II |
| | 04.00 P.M. to 5.30 P.M. | 100356, 100357, 100360, 100363, 100366, 100368, 100373, 100374, 100376, 100379 = **10 Candidates** | Team - I |
| | | 100381, 100385, 100388, 100389, 100390, 100391, 100401, 100407, 100409, 100410 = **10 Candidates** | Team - II |
| 08.05.2024 | 10.30 A.M. to 12.15 P.M. | 100411, 100412, 100415, 100416, 100417, 100418, 100421, 100424, 100427, 100430 = **10 Candidates** | Team - I |
| | | 100431, 100432, 100433, 100434, 100435, 100443, 100446, 100448, 100449, 100450 = **10 Candidates** | Team - II |
| | 12.15 P.M. to 01.30 P.M. | 100456, 100457, 100459, 100460, 100463, 100464, 100467, 100470, 100474, 100475 = **10 Candidates** | Team - I |
| | | 100476, 100478, 100482, 100483, 100487, 100488, 100489, 100490, 100491, 100493 = **10 Candidates** | Team - II |
| | 02.30 P.M. to 04.00 P.M. | 100495, 100496, 100500, 100501, 100502, 100505, 100506, 100509, 100511, 100513 = **10 Candidates** | Team - I |
| | | 100514, 100518, 100520, 100525, 100526, 100531, 100532, 100535, 100538, 100542 = **10 Candidates** | Team - II |
| | 04.00 P.M. to 5.30 P.M. | 100547, 100548, 100549, 100550, 100552, 100553, 100557, 100561, 100563, 100568 = **10 Candidates** | Team - I |
| | | 100570, 100571, 100574, 100577, 100581, 100584, 100588, 100591, 100592, 100593 = **10 Candidates** | Team - II |
| 09.05.2024 | 10.30 A.M. to 12.15 P.M. | 100594, 100595, 100603, 100606, 100607, 100608, 100610, 100613, 100615, 100624 = **10 Candidates** | Team - I |
| | | 100625, 100628, 100630, 100632, 100633, 100636, 100638, 100641, 100642, 100644 = **10 Candidates** | Team - II |
| | 12.15 P.M. to 01.30 P.M. | 100645, 100651, 100652, 100654, 100657, 100658, 100659, 100662, 100664, 100666 = **10 Candidates** | Team - I |
| | | 100667, 100668, 100670, 100673, 100677, 100678, 100679, 100683, 100684, 100685 = **10 Candidates** | Team - II |
| | 02.30 P.M. to 04.00 P.M. | 100690, 100691, 100693, 100694, 100696, 100698, 100700, 100701, 100704, 100705 = **10 Candidates** | Team - I |
| | | 100706, 100708, 100712, 100714, 100715, 100719, 100721, 100726, 100727, 100728 = **10 Candidates** | Team - II |
| | 04.00 P.M. to 5.30 P.M. | 100730, 100733, 100735, 100737, 100739, 100742, 100743, 100748, 100749, 100750 = **10 Candidates** | Team - I |
| | | 100751, 100752, 100754, 100756, 100757, 100758, 100760, 100764, 100769, 100773 = **09 Candidates** | Team - II |
| 10.05.2024 | 10.30 A.M. to 12.15 P.M. | 100774, 100775, 100777, 100780, 100782, 100783, 100784, 100785, 100786, 100788 = **10 Candidates** | Team - I |
| | | 100793, 100794, 100795, 100796, 100797, 100801, 100803, 100804, 100812, 100816 = **10 Candidates** | Team - II |
| | 12.15 P.M. to 01.30 P.M. | 100818, 100819, 100822, 100825, 100827, 100828, 100830, 100832, 100834, 100836 = **10 Candidates** | Team - I |
| | | 100837, 100839, 100841, 100842, 100843, 100844, 100851, 100853, 100854, 100855 = **10 Candidates** | Team - II |
| | 02.30 P.M. to 04.00 P.M. | 100856, 100857, 100860, 100861, 100867, 100869, 100871, 100874, 100876, 100878 = **10 Candidates** | Team - I |
| | | 100879, 100880, 100884, 100885, 100891, 100893, 100894, 100896, 100899, 100900 = **10 Candidates** | Team - II |
| | 04.00 P.M. to 5.30 P.M. | 100903, 100905, 100906, 100908, 100912, 100915, 100916, 100919, 100927, 100929 = **10 Candidates** | Team - I |
| | | 100930, 100931, 100938, 100940, 100941, 100942, 100947, 100952, 100953, 100958 = **10 Candidates** | Team - II |
| 11.05.2024 | 10.30 A.M. to 12.30 P.M. | 100959, 100960, 100963, 100968, 100970, 100971, 100972, 100980, 100982, 100983, 100989, 100992, 100995, 101005 = **14 Candidates** | Team - I |
| | | 101006, 101007, 101017, 101019, 101023, 101024, 101030, 101031, 101034, 101038, 101040, 101041, 101042, 101043 = **14 Candidates** | Team - II |

It is also made clear that the candidature of these candidates for the above recuritment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificates/documents and is subject to fulfilment of terms & conditions laiddown in the Advertisement.

**THE CANDIDATES ARE REQUIED TO SUBMIT THE FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPY OF THE FOLLOWING DOCUMENTS AT THE TIME OF VRIFICATION:**

1. Hard copy of online application form Mentioning Roll No. at the Top Right-Hand Corner. Application forms are available in the website of the Commission.
   The candidates are requied to download the same using their respective username and password/OTP etc. through OPSC e-Chayan Portal via **www.opscechayan.in**.
2. Three (03) Passport Size Photographs tagged with the Application Form.
3. H.S.C. or Equivalent Certificate in support of declaration of age.
4. BAMS Degree Certificate and Marksheets from any recognized Unviersity in India including fail marks.
5. Attempt/Chance Certificate in respect of BAMS Degree issued by the Competent Authority, if any.
6. Conversion Certificate/Conversion Formula in case of award of grades/ credits/hours in BAMS Degree.
7. Internship Completion Certificate issued within 08.06.2023.
8. Medical Registration Certificate under the Odisha State Council of Ayurvedic Medicine issued within 08.06.2023.
9. Required Odia Test Pass Certificate issued within 08.06.2023.
10. Caste Certificate by Birth in support of claim as SCs/STs/S.E.B.Cs (Please see and refer Note - 2 of the Advertisement) issued within 08.06.2023.
11. Recent SEBC Certificate (issued within 09.06.2020 to 08.06.2023), whereever applicable.
12. Permanent Disability Certificate indicating percentage of disability (i.e., 40% and more) issued within 08.06.2023.
13. Discharge Certificates issued within 08.06.2023 by the Commanding Officer of the Unit last served along with affidavit to the effect not being appointed against any civil post after retirement from military service, in case of Ex-Servicemen candidate.
14. No Objection Certificate issued by the Competent Authority in case of in-service candidates; whereever applicable.
15. Any proof of photo Identity.
16. Attestation form duly filled-in by the candidate and signed by a Gazetted Officer (to be downloaded from the website of the Commission).
17. The candidates are required to mention "Submitted by me" and put their full signature and date of verification on each Xerox copy of documents.
18. Any other documents as per Para - 10 of the Advertisement.
19. The candidates are required to fill up the Declaration Form enclosed herewith mentioning the marks secured by them in each professional examination (only the pass marks, not fail marks) and sign at the space provided with date of document verification.

**OIPR-12002/11/0015/2425** **Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଅୟାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରିଲାଏନ୍ସ ଜିଓର ନେଟ ଲାଭ ୨୦,୪୬୬ କୋଟି

## ରିଲାଏନ୍ସ ଜିଓର ୪ର୍ଥ ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୨୨।୪**

ଦେଶର ସର୍ବବୃହତ୍ ଦୂରସଞ୍ଚାର ସେବା ପ୍ରଦାନକାରୀ କମ୍ପାନୀ ତଥା ରିଲାଏନ୍ସ ଜିଓ ଇନ୍‌ଫୋକମ ଲିମିଟେଡ୍‌ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲାବେଳେ ୨୦୨୩-୨୪ ଆର୍ଥିକବର୍ଷର ୪ର୍ଥ ତ୍ରୈମାସର ସହ ସମ୍ପୂର୍ଣ୍ଣ ଆର୍ଥିକବର୍ଷର ଆର୍ଥିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରି କି ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈ ମାସିକ (ଜାନୁଆରୀରୁ ମାର୍ଚ୍ଚ)ରେ ରିଲାଏନ୍ସ ଜିଓ ଇନ୍‌ଫୋକମ ଲିମିଟେଡ୍




ମୋଟ ୫,୩୩୭ କୋଟି ଟଙ୍କାର ନେଟ ଲାଭ ହାସଲ କରିଥିବାବେଳେ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ କମ୍ପାନୀ (ରିଲାଏନ୍ସ ଜିଓ)ର ମୋଟ ନେଟ ଲାଭ ୨୦,୪୬୬କୋଟି ଟଙ୍କା ହୋଇଥିବା ରିଲାଏନ୍ସ ଜିଓ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ବିଶେଷ କରି ୨୦୨୪ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ରିଲାଏନ୍ସ ଜିଓ ଇନଫୋକମ୍ ଲିମିଟେଡ୍‌ର ନେଟ ଲାଭ ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୧୩.୧୬% ଅଭିବୃଦ୍ଧି ହୋଇଛି। ଏହି ତ୍ରୈମାସରେ କମ୍ପାନୀର ପରିଚାଳନାଗତ ରାଜସ୍ୱ ୨୫,୯୫୯କୋଟି ଟଙ୍କାକୁ ବୃଦ୍ଧି ପାଇଛି।

ସେହିଭଳି ୨୦୨୩-୨୪ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ରିଲାଏନ୍ସ ଜିଓର ମୋଟ ନେଟ ଲାଭ ପୂର୍ବ ଆର୍ଥିକ ବର୍ଷ ସମାନ ଅବଧି ତୁଳନାରେ ୧୨.୪% ଅଭିବୃଦ୍ଧି ସହିତ ୨୦,୪୬୬ କୋଟି ଟଙ୍କାରେ ପହଞ୍ଚିଛି। ଏପରି କି ଏହି ଆର୍ଥିକ ବର୍ଷ ମଧ୍ୟରେ କମ୍ପାନୀର ମୋଟ ପରିଚାଳନାଗତ ରାଜସ୍ୱ ୧୦.୨% ବୃଦ୍ଧି ଘଟି ୧,୦୦,୧୧୯କୋଟି ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ଦେଶରେ ଜିଓର ଟ୍ରୁ ୫ଜି ନେଟ୍‌ୱର୍କରେ ୧୦.୮କୋଟିରୁ ଉର୍ଦ୍ଧ୍ୱ ଉପଭୋକ୍ତା ରହିଥିବା ବେଳେ ଜିଓର ମୋଟ ଗ୍ରାହକ ସଂଖ୍ୟା ୪୮.୧୮କୋଟିକୁ ବୃଦ୍ଧି ପାଇଛି, କମ୍ପାନୀର ପ୍ରତ୍ୟେକ ଗ୍ରାହକଙ୍କ ରାଜସ୍ୱ ପ୍ରତିମାସ ପିଛା ୧୮୧.୭ ଟଙ୍କା ରହିଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୨୨।୪:** କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୫୬୦(୫୬୦.୨୯) ପଏଣ୍ଟ ବଢି ୭୩,୬୪୯(୭୩,୬୪୮.୬୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୮୯(୧୮୯.୪୦) ପଏଣ୍ଟ ବୃଦ୍ଧି ଘଟି ୨୨,୩୩୬(୨୨,୩୩୬.୪୦) ଅଙ୍କରେ କାରବାର ବନ୍ଦ କରିଥିଲା।


### ଜନ୍ମଦିନ ଶୁଭେଚ୍ଛା



ପ୍ରଥମ ଜନ୍ମ ଦିବସରେ ଅୟାଂଶକୁ ଆଶୀର୍ବାଦ କଲେ
ମା' ଇତିଶ୍ରୀ ବେହେରା, ବାପା ଗୋକୁଳାନନ୍ଦ ବେହେରା, ଜେଜେମା' ଲକ୍ଷ୍ମୀ ବେହେରା, ଅଜା ଭାସ୍କର ଚନ୍ଦ୍ର ବେହେରା, ଆଈ ପୁଷ୍ପଲତା ବେହେରା, ମାମୁ ସଞ୍ଜୟ ବେହେରା ଏବଂ ଅଶୋକ ଗନ୍ତାୟତ, ଉମାକାନ୍ତ ମଲ୍ଲିକ, ସୂର୍ଯ୍ୟକାନ୍ତ ସାହୁ, ସୁବ୍ରତ ଜାନି, ପ୍ରକାଶ ଖୁଣ୍ଟିଆ ଏବଂ ପରିବାରବର୍ଗ
ଧ-୧୪୩

### Birthday Wishes



**Aarsh Duggal**
23, Tagar Park, Jalandar
May God bless you with skills in three 'h's: heart, head and hand for a glorious long life and bright career.
Nana, Nani and all others
ଧ-୧୩୬

### Birthday Wishes



**Archisha Das**
May God empower you to integnare body, mind and spirit in forming ideal character, strengthening mind and expanding intellect.
Bou, Daddy and all others
ଧ-୧୩୭

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ELECTION 2024**
For POSTERS, LEAFLETS PUSHING CARDS, FLEX PRINTING, AUTO BRANDING, FLAGS, T-SHIRT, CAP, BADGE, WRIST BAND, SAREE, CHAIN, BIKE STAND, PEN, MASK, HEAD BAND, MUSIC RECORDING, SLOGANS & ALL CAMPAIGN MATERIALS AVAILABLE HERE
ALL IN ONE ROOF
SPACE SETTER PRESS SINCE 1992
For Best Price
Contact 7008993500 7008994500

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ସାଇବର ଅପରାଧରୁ ବର୍ତ୍ତିବା ପାଇଁ 'ମାସ୍କ ଆଧାରକାର୍ଡ'

**ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)**

ଆଧାରକାର୍ଡ ବର୍ତ୍ତମାନ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଭାବେ ବ୍ୟବହାର କରାଯାଉଛି। ତେବେ ସାଇବର ଅପରାଧୀମାନେ ଅନ୍ୟମାନଙ୍କର ଆଧାରକାର୍ଡ ବ୍ୟବହାର କରି ଅପରାଧ ଘଟାଉଥିବା ଦେଖିବାକୁ ମିଳୁଛି। ଏହି ଆଧାର କାର୍ଡ ଦାଖଲ କରି ସିମ୍ କାର୍ଡ କିଣନ୍ତି ଓ ଉକ୍ତ ସିମ୍ କାର୍ଡ ବ୍ୟବହାର କରି ଠକେଇ କରିଥାନ୍ତି। ଆପରାଧିକ କାର୍ଯ୍ୟକଳାପ ଯାଞ୍ଚ ସମୟରେ ପ୍ରକୃତ ଆଧାରକାର୍ଡଧାରୀ ଅନେକ ସମୟରେ ଅସୁବିଧାରେ ପଡ଼ିଥାନ୍ତି। ଏପରି ସମସ୍ୟାକୁ ଏଡ଼ାଇବା ପାଇଁ ଉପଭୋକ୍ତା ମାସ୍କ ଆଧାରକାର୍ଡ ବ୍ୟବହାର କରିପାରିବେ। ଏଥିପାଇଁ ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ୱେବ୍‌ସାଇଟରେ ଆଧାରକାର୍ଡ ପରିବର୍ତ୍ତେ ମାସ୍କ ଆଧାରକାର୍ଡ ଅପସନ୍ ଚୟନ କରିବାକୁ ପଡ଼ିଥାଏ। ଆଧାରକାର୍ଡରେ ୧୨ଟିକିଆ ନମ୍ବର ଦେଖାଯାଉଥିବାବେଳେ ମାସ୍କ ଆଧାରକାର୍ଡରେ କେବଳ ୪ଟି ନମ୍ବର ଦେଖାଯାଇଥାଏ। ଆପଣ ଚାହିଁଲେ ଏଥିରେ ଜନ୍ମ ତାରିଖ ମଧ୍ୟ ଲୁଚାଇପାରିବେ। ଏହାଦ୍ୱାରା ଅପରାଧୀ ଆପଣଙ୍କ ଆଧାରକାର୍ଡ ବ୍ୟବହାର କରିବା ସହଜ ହୋଇ ନ ଥାଏ।

# ପିଏନ୍‌ବି ବାଲେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ

**ଭୁବନେଶ୍ୱର,୨୨।୪**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ବା ପିଏନ୍‌ବି ବାଲେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ବିଶ୍ୱଜିତ ବିଶ୍ୱାଳ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଔରଙ୍ଗାବାଦ ମଣ୍ଡଳର ମଣ୍ଡଳ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୯ରେ ବିଶ୍ୱାଳ ପିଏନ୍‌ବିର କୃଷି ଅଧିକାରୀ ଭାବେ ଯୋଗଦେଇଥିବା ବ୍ୟାଙ୍କର ଅନ୍ୟତମ ସର୍ବକନିଷ୍ଠ ମଣ୍ଡଳ ମୁଖ୍ୟ ଭାବେ ସେ ଏହି ସଫଳତା ଲାଭ କରିଛନ୍ତି। ଏପରି କି ସେ ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ବିହାର ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ କାର୍ଯ୍ୟ କରିବା ସହ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ସେହିଭଳି ଓଡ଼ିଶାରେ ବିଶ୍ୱାଳଙ୍କର ଏହା ପ୍ରଥମ କାର୍ଯ୍ୟକାଳ ହୋଇଥିବାବେଳେ ବାଲେଶ୍ୱର ମଣ୍ଡଳରେ ସେ ତାଙ୍କର ଜ୍ଞାନ ଓ ରଣନୀତିକ ଦୃଷ୍ଟିକୋଣର ପାରଦର୍ଶିତା ଦର୍ଶାଇ ପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ମତବ୍ୟକ୍ତ କରାଯାଇଛି।

ଅପରପକ୍ଷରେ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଭଳି ଜିଲାର ୬୭ଗୋଟି ଶାଖାକୁ ନେଇ



ବିଶ୍ୱଜିତ ବିଶ୍ୱାଳ

ଏହି ମଣ୍ଡଳ ଗଠିତ ହୋଇଥିବାବେଳେ ଏହି ମଣ୍ଡଳ ଅଧୀନରେ ମୋଟ ବ୍ୟବସାୟ ୫,୪୦୦ କୋଟି ଟଙ୍କା ରହିଛି।

ଏ ନେଇ ବିଶ୍ୱାଳ କହିଛନ୍ତି, ବାଲେଶ୍ୱର ମଣ୍ଡଳରେ ଏମଏସଏମଇ, ରିଟେଲ୍, କୃଷି ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ ସହ ଗ୍ରାହକ ସନ୍ତୁଷ୍ଟି ବ୍ୟବସାୟ ଅଭିବୃଦ୍ଧିରେ ସାହାଯ୍ୟ କରିଥାଏ। ତେଣୁ ସେ ବ୍ୟାଙ୍କର ସମସ୍ତ ଶାଖାଗୁଡ଼ିକରେ ଉଚ୍ଚମାନର ଗ୍ରାହକସେବାକୁ ସର୍ବାଧିକ ଗୁରୁତ୍ୱ ସହିତ ଗ୍ରାହକଙ୍କୁ କିପରି ଠିକ ଭାବେ ସେବା ଯୋଗାଇ ଦିଆଯିବ ସେ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରିବେ ବୋଲି ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।


## Classified Everyday
0674-2580101, 2549949



REAL ESTATE
**SALE**

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar NH-16** ଏବଂ **Sum-2 Hospital**ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। **6371200121.** D-75949

Homestead plot sale. Nakhara East College,30 ft. Road, Electricity, Boundary @21,00,000/-. 9938603188. D-75948

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

ଭୁବନେଶ୍ୱର ପିତାପଲ୍ଲୀ **NH-16** କଡ଼ରେ **30' road,** ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। **(Owner). 9090963952.** D-75946

ଭୁବନେଶ୍ୱର ଗ୍ୟାରେଜ ଛକରେ ୟେଲୋଜୋନ ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଛାରୁ ବିକ୍ରି ହେବ। **Mob- 9827119799.** D-102

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Relax, Refresh your Body, Mind at Saikrupa Spa with best therapies. 8984068077.** D-094

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75729

Relax, refresh your body, mind by expert therapist. Contact- 9938843929. D-76114

Newly opened central SPA full-body massage. Trend Therapist. 8456885600. D-75730

**AFFIDAVIT**

I, Madhulika Panda, D/o- Sushil Jha, W/o- Manoj Kumar Panda resident of Plot No.- 130, Co-Operative Colony, Bokaro Steel City, Bokaro, Jharkand, PIN- 827001, presently residing at Flat No.- 720, Tower 5, Royal Lagoon, Nandankanan Road, Dist.- Khorda, Bhubaneswar, Odisha, PIN- 751024 declare by this affidavit No.- CF- 46 dtd 08.04.2024 that now onwards I shall be known as MADHULIKA JHA for all future purposes. D-141

I, Deepti Nayak, W/o- Nishikanta Nayak, resident of HIG-78, Sailashree Vihar, Khurda, PIN 751021, Odisha hereby declare by this affidavit No.220/2024, dated 23.03.2024 that now onwards I shall be known as Diptirani Pattnaik for all future purposes. D-138

By virtue of an affidavit No.- 2940, I Anita Bal, W/o- Sanatan Bal, Vill: Kamalapur, P.S.- Chandbali, Dist.- Bhadrak changed my name in my LIC Policy bearing No.- 588865015 Anita Bal to Sasmita Bal. D-139

By virtue of affidavit before Executive Magistrate Malkangiri, Parupali, Sai Siba Shankar Rao aged 38 years S/o Late Parupali Raja Rao Residence's Malkangiri. Elongated surname P to Parupali. P Sai Siba Shankar and Parupali Sai Siba Shankar Rao is same person. D-142



**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଭଗବାନ ଖୋଦେଇ**
ମାର୍ଥାପୁର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ- ୦୧।୦୧।୧୯୩୪
ତିରୋଧାନ- ୧୩।୦୪।୨୦୨୪
ଆପଣ ଥିଲେ ଆମର ପଥ ପ୍ରଦର୍ଶକ। ଆପଣଙ୍କ ବିନା ଆମେ ଦିଗହୀନ। ଆପଣଙ୍କ ନିଷ୍ଠାପର କର୍ମ, ସ୍ପଷ୍ଟବାଦିତା ଆପଣଙ୍କୁ ସର୍ବଦା ଅମର କରି ରଖିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୪୭୩୨

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ତୃପ୍ତିରାଣୀ ମହାନ୍ତି**
ଆବିର୍ଭାବ: ୧୦।୦୧।୧୯୬୫
ତିରୋଧାନ: ୨୭।୦୪।୨୦୨୧
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୪


# ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂତନ ସିଏଚ୍‌ଡି ଉଦ୍‌ଘାଟିତ

**ଭୁବନେଶ୍ୱର,୨୨।୪**

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଲିମିଟେଡର ନୂତନ କମ୍ୟୁନିଟି ହେଲ୍‌ଥ ଡିସ୍‌ପେନ୍‌ସାରି (ସିଏଚ୍‌ଡି) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍ କାର୍ଯ୍ୟ ପରିସର କେନ୍ଦୁଝର ଜିଲା ଅଧୀନ ଶଙ୍କରୀ ଗ୍ରାମଠାରେ ଉକ୍ତ ସିଏଚ୍‌ଡିର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଶଙ୍କରୀ ଗ୍ରାମର ୱାର୍ଡମେମ୍ବର ସୁଲୋଚନା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଭାରପ୍ରାପ୍ତ ଟିଏସ୍‌ଏଫ୍ ପ୍ରଭାରୀ ଧର୍ମେନ୍ଦ୍ର ହିରୱା, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ମୁଖ୍ୟ-ସିଏସ୍‌ଆର୍ ମଦନ ଦାଶଙ୍କ ସହ ସ୍ଥାନୀୟ ସମ୍ପ୍ରଦାୟର ବହୁ ସଦସ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅନୁଯାୟୀ ଏହି ପ୍ରକଳ୍ପର କାର୍ଯ୍ୟକ୍ଷମ ହୋଇଛି, ଏପରିକି ପ୍ରକଳ୍ପ ଆରୋଗ୍ୟ ଅଧୀନରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ଡିସ୍‌ପେନସାରି)ର ଶୁଭାରମ୍ଭ ହୋଇଯାଇଛି।



ସେହିଭଳି ଶଙ୍କରୀ ଗ୍ରାମ ଏବଂ ଆଖପାଖ ଅଞ୍ଚଳର ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଏପରିକି ଆଖପାଖ ଅଞ୍ଚଳରେ ପ୍ରଚଳିତ ସ୍ୱାସ୍ଥ୍ୟ ଓ ପୋଷଣ ସମସ୍ୟାର ସମାଧାନ, ସାମଗ୍ରିକ ସୁସ୍ଥତା ବୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟ ବିକାଶ ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସ୍ଥାପିତ ଏହି ଡିସ୍‌ପେନସାରି ଜରିଆରେ ୫୦୦ରୁ ଅଧିକ ଲୋକ ଉପକୃତ ହେବେ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

ସେହିପରି ପ୍ରତି ସପ୍ତାହରେ ଜଣେ ଡାକ୍ତର ୨ଥର ଉପସ୍ଥିତ ରହିବା ସହ ଆବଶ୍ୟକ ରୋଗୀ ସେବା ଯୋଗାଇ ଦେବେ। ଏପରିକି ଜଣେ ଫାର୍ମାସିଷ୍ଟ ଏବଂ ଜଣେ ନର୍ସଙ୍କ ସମେତ ଜଣେ ଉତ୍ସର୍ଗୀକୃତ ପାରାମେଡିକାଲ କର୍ମଚାରୀ ଏଠାରେ ଉପଲବ୍ଧ ଥିବାବେଳେ ଡିସ୍‌ପେନସାରିରେ ମାଗଣା ପରାମର୍ଶ ଓ ଔଷଧ ମଧ୍ୟ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପର କାର୍ଯ୍ୟକାରୀ ସହଯୋଗୀ ଉତ୍କଳ ନିଡ୍ସ ଉକ୍ତ ଡିସ୍‌ପେନସାରିର ପରିଚାଳନା ସହ ତଦାରଖ କରିବ। ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଉପଲବ୍ଧତା ସହ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଡିସ୍‌ପେନସାରି ପ୍ରତିଷ୍ଠା ପାଇଁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ଗ୍ରାମବାସୀ ସ୍ୱାଗତ ଏବଂ ପ୍ରଶଂସା କରିଛନ୍ତି।

# ବେଦାନ୍ତ ଆଲୁମିନିୟମରେ ୱାର୍ଲଡ ଆର୍ଥ ଡେ

**ନୂଆଦିଲ୍ଲୀ,୨୨।୪**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ପରିସରରେ ୱାର୍ଲଡ ଆର୍ଥ ଡେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିଭଳି କମ୍ପାନୀ ଶକ୍ତି ଉତ୍ପାଦନ ପାଇଁ ବାୟୋମାସ୍ ବ୍ରିକ୍ୱେଟ୍ ନିୟୋଜନ ସହିତ ତା'ର ଇନ୍ଧନ ମିଶ୍ରଣକୁ ଅଧିକ ସ୍ଥାୟୀ କରିବା ଉପରେ କାର୍ଯ୍ୟ କରୁଛି। ସେହିଭଳି କମ୍ପାନୀ ବର୍ତ୍ତମାନ ନିଜ ଦୁନିଆରେ ପ୍ରତିଦିନ ୨୦ଟନ୍ ବାୟୋମାସ୍ ବ୍ରିକ୍ୱେଟ ବ୍ୟବହାର କରୁଛି, ଓଡ଼ିଶାର ଲାଞ୍ଜିଗଡ଼ଠାରେ କମ୍ପାନୀର ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀରେ ଏହାର ବ୍ୟବହାର ସହିତ ୟୁନିଟ ପରିସରରେ ଗ୍ରୀନ୍ ହାଉସ୍ ଗ୍ୟାସ୍ ହ୍ରାସ କରିବାରେ ସାହାଯ୍ୟ କରିବ। ଏପରିକି ଜୀବାଶ୍ମ ଇନ୍ଧନ ଉପରେ ମଧ୍ୟ ଏହାର ନିର୍ଭରଶୀଳତା ହ୍ରାସ କରିବା ସହିତ ୨୦୫୦ସୁଦ୍ଧା ନେଟ୍ ଜିରୋ କାର୍ବନ ହାସଲ କରିବାକୁ କମ୍ପାନୀର ଏହା ଏକ



ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ କାର୍ଯ୍ୟକାରୀ ହୋଇଛି। ସେହିପରି ବାୟୋମାସ୍ ବ୍ରିକ୍ୱେଟ ସ୍ଥାନୀୟ କୃଷକମାନଙ୍କଠାରୁ ମିଳିଥିବା କୃଷି ଅବଶିଷ୍ଟାଂଶରୁ ତିଆରି ହୋଇଥିବା ବେଳେ କୃଷକଙ୍କ ଆୟ ବୃଦ୍ଧି କରୁଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ (ଆଲୁମିନା ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଯେହେତୁ ଭାରତ ସ୍ୱଚ୍ଛ ଏବଂ ଅଧିକ ସ୍ଥାୟୀ ଶକ୍ତି ଏକୀକରଣ ବ୍ୟବସ୍ଥା ଉପରେ କାର୍ଯ୍ୟ କରୁଛି। ଏପରିକି ଆମର ଅପରେଶନ୍ ମଧ୍ୟରେ ବାୟୋମାସ୍ କୋ-ଫାୟାରିଙ୍ଗ ରଣନୈତିକ ନିୟୋଜନ ସହ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ସେହିଭଳି ନିର୍ଗମନ ହ୍ରାସ ଲକ୍ଷ୍ୟ ହାସଲ କରିବା ଏବଂ ଗ୍ରାମୀଣ ଅର୍ଥନୀତିକୁ ସମର୍ଥନ କରିବାରେ ଏହା ଏକ ଗୁରୁତର ଭୂମିକା ଗ୍ରହଣ କରିବ। ଏପରିକି ଆମର କାର୍ଯ୍ୟକଳାପକୁ ଡିକାର୍ବୋନାଇଜିଂ ଦିଗରେ ଉଦୀୟମାନ ବୈଷୟିକଜ୍ଞାନର ମୂଲ୍ୟାଙ୍କନ କରିବାକୁ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଫ୍ୟାଶନ

# ଖରାଦିନେ ପିନ୍ଧନ୍ତୁ



**ଖରାଦିନେ ଢିଲା ଓ ହାଲ୍‌କା ପୋଷାକ ପିନ୍ଧିବାକୁ ଭଲ ଲାଗେ। ତେବେ ଆରାମଦାୟକ ହେବା ସହ ଷ୍ଟାଇଲିଶ୍ ଦେଖାଯିବା ବି ଜରୁରୀ। ଏସବୁ ଦୃଷ୍ଟିରୁ ବିଚାରକଲେ ଏହି ଋତୁରେ କିଭଳି ପୋଷାକ ଚୟନ କରିବେ ଜାଣିରଖନ୍ତୁ..**

- ଖରାଦିନ ପାଇଁ ଆପଣ ଚାହିଁଲେ ଟ୍ୟାଙ୍କ ଟପ୍ ପିନ୍ଧିପାରିବେ। ଏଥର ସମର ଆଉଟ୍‌ଫିଟ୍‌ରେ ଏହି ଡ୍ରେସ୍‌ର ଖୁବ୍ ଚାହିଦା ରହିଛି। ଢିଲା ଜିନ୍‌ସ କିମ୍ବା କାର୍ଗୋ ପ୍ୟାଣ୍ଟ ସହ ଏହା ଖୁବ୍ ସୁନ୍ଦର ଦେଖାଯିବ । ଏହା ସହ ଖରାଦିନେ ପିନ୍ଧିବା ପାଇଁ ବେଶ୍ ଆରାମଦାୟକ ବି ହୋଇପାରିବ।
- ସର୍ଟ୍‌ସ ପିନ୍ଧିବାକୁ ପସନ୍ଦ କରୁଥିଲେ ଏହି ଋତୁରେ ହିଁ ପିନ୍ଧନ୍ତୁ। ଏହା ଆରାମଦାୟକ ଓ ଷ୍ଟାଇଲିଶ୍ ଲାଗିବ। ତେବେ ଡେନିମ୍ ସର୍ଟ୍‌ସ ବ୍ୟତୀତ କର୍ଟନ କିମ୍ବା ଲେନନ୍‌ର ସର୍ଟ ମଧ୍ୟ ପିନ୍ଧିପାରିବେ।
- ଯଦି ଆପଣ ସର୍ଟ୍‌ସ ପିନ୍ଧିବାକୁ ଭଲପାଆନ୍ତି ନାହିଁ ଅବା ସେଥିରେ କମ୍ଫର୍ଟେବୁଲ ନୁହନ୍ତି ତେବେ ସ୍କର୍ଟ ପିନ୍ଧନ୍ତୁ। ଖରାଦିନ ପାଇଁ ଏହା ଏକ ସୁନ୍ଦର ବିକଳ୍ପ। ଏହାର ଲୁକ୍ ମଧ୍ୟ ବେଶ୍ ଆକର୍ଷଣୀୟ। ବିଭିନ୍ନ ଡିଜାଇନ ଏବଂ ବିଭିନ୍ନ ଫାବ୍ରିକ୍‌ର ସ୍କର୍ଟ ରହିଛି। ଡେନିମ୍ ଷ୍ଟାଇଲ, ଏମ୍ବ୍ରୋଡେରି ଷ୍ଟାଇଲ ଆଦି ବିଭିନ୍ନ ପ୍ରକାର ସ୍କର୍ଟ ବାଛିପାରିବେ।
- ଏହା ବ୍ୟତୀତ ଖରାଦିନେ ଆପଣ ବିଭିନ୍ନ ପ୍ରକାର ଡ୍ରେସ୍ ମଧ୍ୟ ପିନ୍ଧିପାରିବେ। ତେବେ ଲାଇଟ୍ କଲର କର୍ଟନ୍ ଡ୍ରେସ୍ ପିନ୍ଧନ୍ତୁ ସୁନ୍ଦର ଦିଶିବା ସହ ଆରାମ ଲାଗିବ।

# ସୁସ୍ଥ ରଖିବ ଜୁସ୍



**ଖରାଦିନେ ଗର୍ଭବତୀ ମହିଳାଙ୍କୁ ଅଧିକ ସତର୍କ ରହିବାକୁ ହେବ। ଏହି ଦିନେ ଗ୍ରୀଷ୍ମତାପରୁ ରକ୍ଷାପାଇବା ପାଇଁ ଜାଣିରଖନ୍ତୁ କିଛି ଉପାୟ।**

– ଖରାଦିନେ ପ୍ରଚୁର ପାଣି ତ ପିଇବା ଜରୁରୀ, ତା' ସହ ପଇଡ଼ପାଣି ପିଅନ୍ତୁ। ଏହା ଜଳୀୟ ଅଂଶ ବୃଦ୍ଧି କରେ ଓ ଶରୀରକୁ ପୋଷକ ତତ୍ତ୍ୱ ଦେଇଥାଏ।

– ନିଜକୁ ହାଇଡ୍ରେଟ୍ ରଖିବା ପାଇଁ ଏହି ଦିନେ ଗର୍ଭବତୀମାନେ ବିଭିନ୍ନ ପ୍ରକାର ଫଳ ଜୁସ୍ ପିଅନ୍ତୁ। ଫଳରେ ଶରୀରକୁ ପୋଷକ ତତ୍ତ୍ୱ ମିଳିବା ସହ ଗରମରୁ ଅନେକାଂଶରେ ରକ୍ଷା ମିଳିଥାଏ।

– ଦିନକୁ ଅତିକମ୍‌ରେ ଥରେ ପାନୀୟରେ କ୍ଷୀର ସାମିଲ କରନ୍ତୁ। ଯେକୌଣସି ଜୁସ୍‌ରେ ହେଉ ଅବା ସିଧାସଳଖ କ୍ଷୀର ପିଅନ୍ତୁ।

– ଗର୍ଭବତୀ ମହିଳା ଏହି ଋତୁରେ ପ୍ରଚୁର ମାତ୍ରାରେ ଲେମ୍ବୁପାଣି ପିଅନ୍ତୁ। ଖାଲି ପାଣି ବଦଳରେ ଏହା ବହୁ ଲାଭଦାୟକ ହୋଇଥାଏ।

– ଏହି ଋତୁରେ ବିଭିନ୍ନ ପ୍ରକାର ପରିବା ଜୁସ୍ ମଧ୍ୟ ପିଇପାରିବେ। କାକୁଡ଼ି, ଟମାଟୋ ଆଦି ବିଭିନ୍ନ ପରିବା ଜୁସ୍ ତିଆରି କରି ପିଅନ୍ତୁ।

– ଏବେ ସବୁଠୁ ଭଲ ପାନୀୟ ଦହି କହିଲେ ଭୁଲ୍ ହେବ ନାହିଁ। ଦହି ବା ଲସି ପିଇବା ଫଳରେ ଶରୀର ହାଇଡ୍ରେଟ୍ ରହିବା ସହ ବିଭିନ୍ନ ସମସ୍ୟା ଦୂର ହୋଇଥାଏ।

# ସିଙ୍ଗଲ ଚାଇଲ୍ଡ

**ଆଜିକାଲି ଅନେକଙ୍କର ପସନ୍ଦ ସିଙ୍ଗଲ ଚାଇଲ୍ଡ। କ୍ୟାରିୟର ପାଇଁ ହେଉ ବା ଆର୍ଥିକ ଚାପ ଅବା ଲାଳନପାଳନର ଅସୁବିଧା ଯୋଗୁଁ ସେମାନେ ଏମିତି ପସନ୍ଦ ବାଛି ନେଉଛନ୍ତି। ଯାହାଦ୍ୱାରା ଆଗାମୀ ଦିନରେ ଅନେକ ପ୍ରକାରର ଅସୁବିଧାକୁ ସାମ୍ନା କରିବାକୁ ପଡିଥାଏ। ତେଣୁ ସିଙ୍ଗଲ ଚାଇଲ୍ଡ ହୋଇଥିଲେ ପିତାମାତାଙ୍କୁ ସ୍ୱତନ୍ତ୍ରଭାବେ ଯତ୍ନ ନେବାକୁ ହେବ।**



ଘରେ ଅଧିକ ପିଲା ଏକାଠି ରହିଲେ ସେମାନେ ପରସ୍ପର ସହିତ ମିଶିବା, ଖେଳିବା, ଶେୟାର କରିବା, ଦାୟିତ୍ୱବୋଧ ଓ ଅନ୍ୟାନ୍ୟ ସୋସିଆଲ ସ୍କିଲ ବିଷୟରେ ବିଭିନ୍ନ କଥା ସହଜରେ ଶିଖିପାରନ୍ତି। କିନ୍ତୁ ଗୋଟିଏ ସନ୍ତାନ ଥିଲେ ଲାଳନପାଳନ ପ୍ରାୟତଃ କଷ୍ଟସାଧ ହୋଇଥାଏ। ଅନେକ ସମୟରେ ଏଭଳି କ୍ଷେତ୍ରରେ ପିଲାମାନେ ଏକୁଟିଆପଣର ଶିକାର ହୋଇଥାନ୍ତି। ବେଳେବେଳେ ସେମାନେ ଜିଦିଆ ହୋଇଯାନ୍ତି କିମ୍ବା ବୟସ ପୂର୍ବରୁ ଅଧିକ ମ୍ୟାଚୋର ହୋଇଥାନ୍ତି। ତେଣୁ ସିଙ୍ଗଲ ଚାଇଲ୍ଡଙ୍କ କ୍ଷେତ୍ରରେ ଅଭିଭାବକଙ୍କୁ ଅଧିକ ସତର୍କ ହେବାକୁ ପଡିବ।

**ଓଭର ପ୍ରୋଟେକ୍ଟିଭ୍:** ପିଲାଙ୍କ ପାଇଁ ପ୍ରୋଟେକ୍ଟିଭ୍ ହେବା ଭଲ କିନ୍ତୁ ଓଭର ପ୍ରୋଟେକ୍ଟିଭ୍ ହେବା ଠିକ୍ ନୁହେଁ। ସିଙ୍ଗଲ ଚାଇଲ୍ଡଙ୍କ କ୍ଷେତ୍ରରେ ପ୍ରାୟତଃ ଅଭିଭାବକମାନେ ଅଧିକ ଯତ୍ନ କିରବାକୁ ଚେଷ୍ଟା କରନ୍ତି। ସେମାନଙ୍କୁ କୌଣସି କାମ କରିବାକୁ ଦିଅନ୍ତି ନାହିଁ। ବରଂ ସେମାନଙ୍କର ପ୍ରତିଟି କାମରେ ହସ୍ତକ୍ଷେପ କରିଥାନ୍ତି ଯେପରି ପିଲାକୁ କୌଣସି ପ୍ରକାରର ଆଘାତ ଅବା କଷ୍ଟ ନ ହେବ। ସିଙ୍ଗଲ ଚାଇଲ୍ଡ ହୋଇଥିବାରୁ ଅଭିଭାବକ ସମସ୍ତ ସୁଖ ସୁବିଧା ଦେବାପାଇଁ ଚେଷ୍ଟା କରନ୍ତି ଏବଂ ସେମାନଙ୍କ ଭୁଲ୍‌କୁ ପ୍ରାୟତଃ ଅଣଦେଖା କରିଥାନ୍ତି। ଫଳରେ ସେମାନଙ୍କ ଭିତରେ ଏକ ଖରାପ ଗୁଣର ବିକାଶ ହୋଇଥାଏ। ପିଲାର ସମ୍ପୂର୍ଣ୍ଣ ବିକାଶରେ ବି ବାଧା ସୃଷ୍ଟି ହୋଇଥାଏ। ତେଣୁ ସେମାନଙ୍କୁ ଏକୁଟିଆ କିଛି କରିବା ପାଇଁ ଛାଡନ୍ତୁ। କିଛି ଭୁଲ୍ କାମ କରିଲେ ସେମାନଙ୍କୁ ଶିଖିବା ପାଇଁ କୁହନ୍ତୁ। ନଚେତ୍ ଭବିଷ୍ୟତରେ କୌଣସି ନିଷ୍ପତ୍ତି ନେବାପାଇଁ ସେମାନେ ସକ୍ଷମ ହେବେ ନାହିଁ।





**ସୋସିଆଲ ସ୍କିଲ୍ ବଢ଼ାନ୍ତୁ:** ସାଧାରଣତଃ ଦେଖାଯାଏ କି ସିଙ୍ଗଲ ଚାଇଲ୍ଡ ନିଜ କମ୍ଫର୍ଟ ଜୋନ୍‌ରୁ ବାହାରି ଅନ୍ୟମାନଙ୍କ ସହ ମିଶିବାକୁ ବେଶି ପସନ୍ଦ କରନ୍ତି ନାହିଁ। ସେମାନେ ଚାହାନ୍ତି କି ସେମାନଙ୍କ ସାଙ୍ଗମାନେ ବି ତାଙ୍କ ଭଳି ସବୁକିଛି କରନ୍ତୁ। ଏଭଳି ପ୍ରକୃତି ପାଇଁ ସେମାନେ ଭବିଷ୍ୟତରେ କାହା ସହ ମିଶି ନ ପାରି ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏଭଳି କ୍ଷେତ୍ରରେ ଅଭିଭାବକଙ୍କୁ ହିଁ ପିଲାଙ୍କୁ ବୁଝାଇବାକୁ ପଡ଼ିବ ଯେ ବନ୍ଧୁମାନଙ୍କ ସହ କିପରି ଚଳିବାକୁ ହେବ। ଏହା ସହ ଅନ୍ୟର ଇମୋସନକୁ ବି ବୁଝିବାକୁ ହେବ। ତେଣୁ ସାଙ୍ଗମାନଙ୍କ ଘର କିମ୍ବା ସମ୍ପର୍କୀୟଙ୍କ ଘରକୁ ବୁଲାଇବାକୁ ନିଅନ୍ତୁ। ଫଳରେ ପିଲାଟି ଅନ୍ୟମାନଙ୍କ ଘରେ ଅବା ଏକ ଭିନ୍ନ ପରିବେଶରେ ଆଡଜଷ୍ଟ କରିବା ଶିଖିପାରିବ।



**ବ୍ୟବହାର ଶିଖାନ୍ତୁ:** ସିଙ୍ଗଲ ଚାଇଲ୍ଡଙ୍କ କ୍ଷେତ୍ରରେ ପ୍ରାୟତଃ ଅଭିଭାବକମାନେ ହିଁ ସେମାନଙ୍କର ସବୁ କାମ କରି ଦେଇଥାନ୍ତି। ଯଦି ଉଭୟେ କର୍ମଜୀବୀ, ତେବେ ଘରେ କାମ ପାଇଁ ସହାୟିକା ନିଯୁକ୍ତ କରି ଦେଇଥାନ୍ତି। ତେଣୁ ପିଲାଟି ନିଜର କୌଣସି କାମ କରିବା ଶିଖିପାରେ ନାହିଁ। ସବୁବେଳେ ଅନ୍ୟ ଉପରେ ନିର୍ଭର କରିଥାଏ। ଏହା ବ୍ୟତୀତ ନିଜ ପୋଷାକପତ୍ର, ବହି ଓ ଖେଳନା ଆଦି ସବୁ କିଛି ସଜାଡ଼ି ରଖିପାରନ୍ତି ନାହିଁ। ତେଣୁ ଏସବୁ ଦିଗକୁ ଦୃଷ୍ଟିଦେବା ସହ ପିଲାଙ୍କୁ ଭଲ ବ୍ୟବହାର ମଧ୍ୟ ଶିଖାଇବାକୁ ପ୍ରୟାସ କରିବା ଜରୁରୀ।

**ସମୟ ବିତାନ୍ତୁ:** ପିତାମାତା ଉଭୟ କର୍ମଜୀବୀ ହୋଇଥିଲେ ସିଙ୍ଗଲ ଚାଇଲ୍ଡ ଅନେକ ସମୟରେ ଏକୁଟିଆପଣର ଶିକାର ହୋଇଥାନ୍ତି। ତେଣୁ ଅଭିଭାବକଙ୍କୁ ସମୟ ବାହାରକରି ପିଲାଙ୍କ ସହ କଟାଇବା ଜରୁରୀ। ଅଫିସ୍ କାମ ସାରିବା ପରେ ଟିଭି କିମ୍ବା ଫୋନ୍‌ରେ ବେଶି ସମୟ ନଷ୍ଟ ନ କରି ପିଲାଙ୍କୁ ସମୟ ଦିଅନ୍ତୁ। ପିଲାଙ୍କ ସହ କଥାବାର୍ତ୍ତା ହୁଅନ୍ତୁ ସେମାନଙ୍କର ଦିନ ସାରାର କାମ ବିଷୟରେ ବୁଝନ୍ତୁ। ନିଜ କଥା ବି କୁହନ୍ତୁ ଏବଂ ସେମାନଙ୍କୁ ପରିସ୍ଥିତି ଅନୁଭବ କରିବାକୁ ଦିଅନ୍ତୁ। ଫଳରେ ପିଲାଙ୍କ ସହ ସମ୍ପର୍କ ମଜଭୁତ ହୋଇପାରିବ।

**ସ୍ୱାଧୀନତା ଦିଅନ୍ତୁ:** ଅନେକ ସମୟରେ ଅଭିଭାବକମାନେ ନିଜ ଇଚ୍ଛା ଅନୁସାରେ ପିଲାଙ୍କୁ କ୍ୟାରିୟର କରିବା ପାଇଁ ବାଧ୍ୟ କରନ୍ତି। ସିଙ୍ଗଲ ଚାଇଲ୍ଡ ହୋଇଥିଲେ ଏମିତି ଇଚ୍ଛା ଆହୁରି ଅଧିକ ହୋଇଥାଏ। ନିଜ ସ୍ୱପ୍ନକୁ ପୂରା କରିବା ପାଇଁ ସେମାନେ ପିଲାକୁ ପ୍ରସ୍ତୁତ କରାନ୍ତି। ମାତ୍ର ଏହା ଭବିଷ୍ୟତରେ ସେମାନଙ୍କ ପାଇଁ ବହୁ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏ କ୍ଷେତ୍ରରେ ପିଲାର ଇଚ୍ଛାକୁ ଗୁରୁତ୍ୱ ଦିଅନ୍ତୁ।

**ଏକୁଟିଆ ଛାଡ଼ନ୍ତୁ:** ପ୍ରାୟତଃ ସିଙ୍ଗଲ ଚାଇଲ୍ଡଙ୍କ ମାଆମାନେ ସେମାନଙ୍କୁ ସବୁବେଳେ ଜଗିଥାନ୍ତି। ବାହାରକୁ ବୁଲିବା ପାଇଁ ଯିବା କିମ୍ବା ସାଙ୍ଗସାଥୀମାନଙ୍କ ଘରକୁ ଯିବା, ପାର୍ଟି କରିବା ପାଇଁ ବାରଣ କରିଥାନ୍ତି। ଏପରି ହେଲେ ପିଲା ଭଲମନ୍ଦ ବିଚାର କରିବା ସାମର୍ଥ୍ୟ ହରାଇ ବସେ। କିଛି ବି କରିବା ପାଇଁ ସେ ମାତାପିତାଙ୍କର ସହଯୋଗ ଆବଶ୍ୟକ କରେ। ତେଣୁ ପିଲାକୁ ଏକୁଟିଆ ଘରୁ ବାହାରକୁ ଯିବାକୁ ଦିଅନ୍ତୁ। କିଛି କାମ ଦିଅନ୍ତୁ। ବାହାରୁ ଜିନିଷ କିଣିବା କିମ୍ବା ଅନ୍ୟ ଛୋଟ କାମ ଏକା କରିବାକୁ କୁହନ୍ତୁ। ଏଭଳି କରିବା ଦ୍ୱାରା ପିଲାର ଆତ୍ମବିଶ୍ୱାସ ଦୃଢ଼ ହେବ।

## ଏମାନେ କ'ଣ କରନ୍ତି

### ସବୁ ସୁଯୋଗ ଦେଉଛୁ



ଗୋଟିଏ ପୁଅ ବୋଲି ଆମେ ତାକୁ ସବୁ ସୁଯୋଗ ଦେଇଛୁ। ପାଠ ପଢ଼ିବା ସହ ସେ କରାଟେ, ଡ୍ୟାନ୍ସ, ଡ୍ରଇଁ ସବୁ ଶିଖୁଛି। ଏବେ ତ ସବୁ ଥିଲେ ଭଲ କରୁଛି। ବଡ଼ ହେଲେ ତା'ର ଯାହା ଇଚ୍ଛା ସେୟା କରିବ ଆମେ ଆଦୌ ମନା କରିବୁ ନାହିଁ। ତେବେ ସବୁ ସହିତ ସେ ଯେମିତି ଭଲ ବ୍ୟବହାର ଶିଖିପାରିବ ସେନେଇ ସବୁବେଳେ ଯତ୍ନଶୀଳ ରହିଥାଏ। ଭଲ ସଂସ୍କାର ଦେବା ପାଇଁ ଚେଷ୍ଟା କରୁଛି। ସବୁଠୁ ବଡ଼ କଥା ହେଉଛି ସେ ଜଏଣ୍ଟ ଫ୍ୟାମିଲିରେ ରହୁଛି। ତେଣୁ ଗୋଟିଏ ସନ୍ତାନ ହେଲେ ବି ଭିନ୍ନ ପରିବେଶ ପାଇପାରୁଛି।

**–ସୀମା ପାଣି,** *ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର*

### କିଛି ଅବହେଳା କରିନୁ



ମୋ ଝିଅକୁ ସବୁ ପ୍ରକାର ସୁବିଧାସୁଯୋଗ ଦେବା ସହ ଭଲ ମଣିଷ କରିବାକୁ ସ୍ୱପ୍ନ ରଖିଛି। ଏହି ଦୃଷ୍ଟିରୁ ଆମେ ସିଙ୍ଗଲ ଚାଇଲ୍ଡ ପାଇଁ ନିଷ୍ପତ୍ତି ନେଇଥିଲୁ। ତା'ର କୌଣସି ଜିନିଷରେ ଆମେ ଅବହେଳା କରିନୁ। ପାଠପଢ଼ା ପାଇଁ ସବୁ ସୁବିଧା କରିଛୁ। ତେବେ ଏସବୁ ସହ ଆମେ ଓଡ଼ିଆ ଘରର ସଂସ୍କାରକୁ ଭୁଲିନୁ। ମୋ ଝିଅକୁ ମୁଁ ସବୁଶିକ୍ଷା ଦେଇଛି। ତା'ପରେ ଭଗବାନଙ୍କ ଇଚ୍ଛା ଯାହା ଥିବ ସେୟା ହେବ।

**–ମମତା ଜେନା,** *ଗୃହିଣୀ, ବଡ଼ଗଡ଼, ଭୁବନେଶ୍ୱର*

ସୌନ୍ଦର୍ଯ୍ୟ

# ଗ୍ଲୋଇଂ ସ୍କିନ୍ ପାଇଁ...



**ତ୍ୱଚାକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ଘରୋଇ ଉପଚାର ରହିଛି। ଆସନ୍ତୁ ଜାଣିବା ଗୁଜୁରାତି ବ୍ୟବହାର କରି କିପରି ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରାଯାଇପାରିବ।**

- ଗୁଜୁରାତିରେ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି। ତେଣୁ ଏହା ତ୍ୱଚା ପାଇଁ ଅତ୍ୟନ୍ତ ଉପକାରୀ। ନିୟମିତ ଏହାର ବ୍ୟବହାର କଲେ ତ୍ୱଚାକୁ ପୋଷଣ ମିଳିବା ସହ ବ୍ରଣ ଓ ଟାନିଂ ସମସ୍ୟା ଦୂର ହୋଇଥାଏ।
- ଗୋଲାପ ଜଳ ସହ ଗୁଜୁରାତିର ଫେସ୍‌ପ୍ୟାକ୍ ତିଆରିକରି ମୁହଁରେ ଲଗାନ୍ତୁ। ଏଥିପାଇଁ ପ୍ରଥମେ ଗୁଜୁରାତି ମଞ୍ଜି ଗୁଣ୍ଡ କରି ନିଅନ୍ତୁ। ଏହାକୁ ଗୋଲାପ ଜଳରେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟକୁ ଆଦୌ ମସାଜ୍ କରନ୍ତୁ ନାହିଁ ଏବଂ ୧୦ ମିନିଟ୍ ପରେ ମୁହଁକୁ ଧୋଇଦିଅନ୍ତୁ କିମ୍ବା ଓଦା କପଡ଼ାରେ ପୋଛିଦିଅନ୍ତୁ।
- ତ୍ୱଚାରେ ବ୍ରଣ ସମସ୍ୟା କିମ୍ବା ଦାଗ ଥିଲେ ମହୁ ସହ ଗୁଜୁରାତି ଗୁଣ୍ଡକୁ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ମୁହଁକୁ ଧୋଇଦିଅନ୍ତୁ। ନିୟମିତ ଏହି ଉପାୟ ଆପଣାଇଲେ ତ୍ୱଚାର ଅନେକ ସମସ୍ୟା ଦୂର ହୋଇଥାଏ।
- ଗୁଜୁରାତି ଗୁଣ୍ଡକୁ କ୍ଷୀର ସହ ମିଶାଇ ମୁହଁରେ ଲଗାନ୍ତୁ। ୧୦-୧୫ ମିନିଟ୍ ରଖିବା ପରେ ଧୀରେ ମାଲିସ୍ କରି ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ। ପ୍ରଥମେ ସପ୍ତାହକୁ ଥରେ ଓ କିଛି ଦିନ ପରେ ୨ କିମ୍ବା ୩ ଥର ଏହି ପ୍ୟାକ୍ ଲଗାଇ ପାରିବେ।



ଖାଦ୍ୟରୁଚି

# ସୁଜି କେକ୍



**ଆବଶ୍ୟକ ସାମଗ୍ରୀ–**

ସୁଜି- ଦେଢ଼କପ୍, ଚିନି- ଅଧାକପ୍, ତେଲ କିମ୍ବା ଘିଅ- ଅଧା କପ୍, କ୍ଷୀର- ଦେଢ଼ କପ୍, ବେକିଂ ପାଉଡର- ୧ ଚାମଚ, କାଜୁ- ୨ ଚାମଚ, ଆବଶ୍ୟକ ଅନୁସାରେ ପାଣି , ଲୁଣ ଓ ଗୁଜୁରାତି।

**ପ୍ରସ୍ତୁତି ପ୍ରଣାଳୀ–**

ପ୍ରଥମେ ସୁଜିକୁ ଗ୍ରାଇଣ୍ଡିଂକରି ରଖନ୍ତୁ। ଚିନିକୁ ମଧ୍ୟ ଗ୍ରାଇଣ୍ଡିଂକରି ଏଥିରେ ମିଶାନ୍ତୁ। ଏବେ ଘିଅ ପକାଇ କିଛି ସମୟ ଘଷନ୍ତୁ। ପରେ ଏଥିରେ ବେକିଂ ସୋଡ଼ା, ଲୁଣ, କ୍ଷୀର ମିଶାଇ ଭଲଭାବେ ଗୋଳାନ୍ତୁ। ମିଶ୍ରଣକୁ ଅଧିକ ପାଣିଆ କରନ୍ତୁ ନାହିଁ। ଏବେ ଏହାକୁ ଅଧଘଣ୍ଟା ପାଇଁ ଘୋଡ଼ାଇ ରଖି ଦିଅନ୍ତୁ। ଏହାପରେ ମିଶ୍ରଣକୁ କେକ୍ ପାତ୍ରରେ ଢାଳି ସେଥିରେ କାଜୁବାଦାମ ପକାଇ ସଜାନ୍ତୁ। ଓଭାନ୍ ବଦଳରେ ଏହି କେକ୍‌କୁ ପ୍ରେସର କୁକରରେ କରିବାକୁ ଚାହୁଁଥିଲେ ପ୍ରଥମେ ପ୍ରେସର କୁକର ଗରମକରି ସେଥିରେ ଏକ ଷ୍ଟାଣ୍ଡ ରଖନ୍ତୁ। ୧୦ ମିନିଟ୍ ପରେ ପ୍ରେସର କୁକର ଗରମ ହୋଇଗଲେ କେକ୍ ପାତ୍ରକୁ ଷ୍ଟାଣ୍ଡ ଉପରେ ରଖି ବନ୍ଦ କରିଦିଅନ୍ତୁ। ତେବେ ବନ୍ଦ କରିବା ପୂର୍ବରୁ କୁକରର ହୁଇସିଲ୍ ବାହାର କରି ରଖନ୍ତୁ। ଅଧଘଣ୍ଟା ପରେ କୁକରର ଢାଙ୍କୁଣି ବାହାର କରି ଦେଖନ୍ତୁ, ଯଦି କେକ୍ ହୋଇ ଯାଇଥାଏ ତେବେ ତାହାକୁ ଥଣ୍ଡା କରିବା ପରେ ବାହାର କରନ୍ତୁ।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୩/୨୦୨୪ Bhubaneswar, Tuesday, April 23/ 2024

# ଜୟସ୍ୱାଲଙ୍କ ଶତକ: ରାଜସ୍ଥାନ ବିଜୟୀ

**ଜୟପୁର, ୨୨।୪**

ସନ୍ଦିପ ଶର୍ମାଙ୍କ ୫ ଉଇକେଟ ସଫଳତା ପରେ ଯଶସ୍ୱୀ ଜୟସ୍ୱାଲଙ୍କ ଅପରାଜିତ ଶତକ ବଳରେ ରାଜସ୍ଥାନ ରୟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ସୋମବାର ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ୯ ଉଇକେଟରେ ପରାସ୍ତ କରିଛି। ମୁମ୍ବାଇ ୨୦ ଓଭରରେ ୯ ଉଇକେଟ ହରାଇ ୧୭୯ ରନ କରିଥିଲା। ଜବାବରେ ରାଜସ୍ଥାନ ୧୮.୪ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରି ନେଇଥିଲା। ଓପନିଂ ଯୋଡ଼ିରେ ୭୪ ରନ ସଂଗ୍ରହ ପରେ ଜୋଶ ବଟଲର ୩୫ ରନକରି ଆଉଟ ହୋଇଥିବାବେଳେ ଜୟସ୍ୱାଲ ୧୦୪ (୬୦ ବଲ, ୯ ଚୌକା, ୭ ଛକା) ଓ ଅଧିନାୟକ ସଞ୍ଜୁ ସାମସନ ୩୮ (୨୮ ବଲ, ୨ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଅସମାପ୍ତ ଦ୍ୱିତୀୟ ଉଇକେଟରେ ଏ ଦୁହେଁ ୧୦୯ ରନ ଯୋଗ କରିଥିଲେ। ମୁମ୍ବାଇ ପକ୍ଷରୁ ପୀୟୂଷ ଚାୱଲା ଏକମାତ୍ର ଉଇକେଟଟି ପାଇଥିଲେ। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ମୁମ୍ବାଇ ଇଣ୍ଡିଆନ୍ସ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଓଭରର ୫ମ ବଲ୍‌ରେ ହିଟ୍‌ମ୍ୟାନ ରୋହିତ ଶର୍ମାଙ୍କୁ ଆଉଟ କରି ମୁମ୍ବାଇକୁ ଶକ୍ତ ଝଟ୍‌କା ଦେଇଥିଲେ ଟ୍ରେଣ୍ଟ ବୋଲ୍ଟ। ସନ୍ଦିପ ଶର୍ମା ନିଜ ପ୍ରଥମ ଓଭରର ୩ୟ ବଲ୍‌ରେ ଇଶାନ କିଶନଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ। ସୂର୍ଯ୍ୟକୁମାର ଯାଦବ ମାତ୍ର ୧୦ ରନ କରିଥିବାବେଳେ ସନ୍ଦିପଙ୍କ ଦ୍ୱିତୀୟ ଶିକାର ହେବାରୁ ମୁମ୍ବାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ତିଳକ ବର୍ମା ଓ ମହମ୍ମଦ ନବି ତୃତୀୟ ଉଇକେଟରେ ୩୨ ରନ ଯୋଡ଼ି ଇନିଂସ ଆଗେଇ ନେଇଥିଲେ। ମାତ୍ର ନବି ବ୍ୟକ୍ତିଗତ ୨୩ ରନ କରିଥିବାବେଳେ ୟୁଜବେନ୍ଦ୍ର ଚହଲଙ୍କଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଆଇପିଏଲ୍‌ରେ ଚହଲଙ୍କର ଏହାଥିଲା ୨୦୦ତମ ଉଇକେଟ। ତିଳକଙ୍କ ସହ ନେହାଲ ୱାଧେରା ଯୋଗ ଦେବାପରେ ମୁମ୍ବାଇ ସମ୍ମାନଜନକ ସ୍କୋର ଆଡ଼କୁ ଅଗ୍ରସର ହୋଇଥିଲା। ଦୁଇ ବ୍ୟାଟର ଦ୍ରୁତ ହାରରେ ରନ ସଂଗ୍ରହ କରି ୫ମ ଉଇକେଟରେ ୯୯ ରନର ଭାଗୀଦାରି ଗଢ଼ିଥିଲେ। ୱାଧେରା ୨୪ ବଲ୍‌ରୁ ୩ ଚୌକା ଓ ୪ ଛକା ସହାୟତାରେ ୪୯ ରନ କରିଥିବାବେଳେ ସନ୍ଦିପଙ୍କ ହାତରେ କ୍ୟାଚ କରାଇ ଯୋଡ଼ି ଭାଙ୍ଗିଥିଲେ ଟ୍ରେଣ୍ଟ ବୋଲ୍ଟ। ତିଳକ ୪୫ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୬୫ ରନ କରିଥିଲେ। ଶେଷଭାଗ ବ୍ୟାଟରଙ୍କ ବିଫଳତା ଯୋଗୁ ମୁମ୍ବାଇ ଅନ୍ତିମ ୪ ଓଭରରେ ମାତ୍ର ୨୮ ରନ ଯୋଡ଼ି ୫ ଉଇକେଟ ହରାଇଥିଲା। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୦ ଓ ଟିମ୍ ଡାଭିଡ ୩ ରନକରି ଆଉଟ ହୋଇ ମୁମ୍ବାଇ ଦର୍ଶକଙ୍କୁ ନିରାଶ କରିଥିଲେ। କ୍ୟାରିୟର ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିବା ସନ୍ଦିପ ଶର୍ମା ଏଠାରେ ୫ ଉଇକେଟ ହାସଲ କରିଥିଲେ। ତାଙ୍କ ସ୍ପେଲ୍ ଥିଲା ୪-୦-୧୮-୫। ଟ୍ରେଣ୍ଟ ବୋଲ୍ଟ ୨ଟି ଉଇକେଟ ନେଇଥିବାବେଳେ ଆଭେସ ଖାଁ ଓ ୟୁଜବେନ୍ଦ୍ର ଚହଲଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।



ଉଇକେଟ ନେବା ପରେ ସନ୍ଦୀପ ଶର୍ମାଙ୍କୁ ସାଥୀ ଖେଳାଳି ଅଭିନନ୍ଦନ ଜଣାଉଛନ୍ତି।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ଚେନ୍ନାଇ ବନାମ ଲକ୍ଷ୍ନୌ**
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୭୯/୯ (ତିଳକ ବର୍ମା-୬୫, ନେହାଲ ୱାଧେରା-୪୯, ସନ୍ଦିପ ଶର୍ମା-୫/୧୮, ଟ୍ରେଣ୍ଟ ବୋଲ୍ଟ-୨/୩୨, ଆଭେସ ଖାଁ-୧/୪୯, ୟୁଜବେନ୍ଦ୍ର ଚହଲ-୧/୪୮)। ରାଜସ୍ଥାନ ରୟାଲ୍ସ ୧୮.୪ ଓଭରରେ ୧୮୩/୧ (ଯଶସ୍ୱୀ ଜୟସ୍ୱାଲ-୧୦୪*, ସଞ୍ଜୁ ସାମସନ-୩୮*, ଜୋଶ ବଟଲର-୩୫, ପୀୟୂଷ ଚାୱଲା-୧/୩୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୮ | ୭ | ୧ | ୧୪ | +୦.୬୯୮ |
| କୋଲକାତା ନାଇଟ ରାଇଡର୍ସ | ୭ | ୫ | ୨ | ୧୦ | +୧.୨୦୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୯୧୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୪ | ୩ | ୮ | +୦.୫୨୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୭ | ୪ | ୩ | ୮ | +୦.୧୨୩ |
| ଗୁଜରାଟ ଟାଇଟନ୍ସ | ୮ | ୪ | ୪ | ୮ | -୧.୦୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୩ | ୫ | ୬ | -୦.୨୨୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୩ | ୫ | ୬ | -୦.୪୭୭ |
| ପଞ୍ଜାବ କିଙ୍ଗ୍ସ | ୮ | ୨ | ୬ | ୪ | -୦.୨୯୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୧ | ୭ | ୨ | -୧.୦୪୬ |

# କୋହଲି, ଡୁପ୍ଲେସି, କୁରାନଙ୍କୁ ଜରିମାନା

**ନୂଆଦିଲ୍ଲୀ, ୨୨।୪ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆଚରଣବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ଷ୍ଟାର ବ୍ୟାଟର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ବିରାଟ କୋହଲି ଓ ଅଧିନାୟକ ଫାଫ୍ ଡୁପ୍ଲେସି ଏବଂ ପଞ୍ଜାବ କିଙ୍ଗ୍ସ ଅଧିନାୟକଙ୍କୁ ସୋମବାର ଜରିମାନା କରାଯାଇଛି। ରବିବାର ଇଡେନ ଗାର୍ଡେନ୍ସରେ କୋଲକାତା ନାଇଟ ରାଇଡର୍ସ (କେକେଆର) ବିପକ୍ଷ ୧ରନ ପରାଜୟ ମ୍ୟାଚରେ ହର୍ଷିତ ରାଣାଙ୍କର ଅଣ୍ଟା ଉପରକୁ ଏକ ଫୁଲ୍‌ଟସ୍ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ କୋହଲି। ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିବାରୁ ତାଙ୍କୁ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା ହୋଇଛି। ହକ୍-ଆଇ ସିଷ୍ଟମରେ କୋହଲି ବଲ୍ ସହିତ କଣ୍ଟାକ୍ଟରେ ଆସିବା ବେଳେ ଏହା ଅଣ୍ଟା ଉପରକୁ ଥିଲା ବୋଲି ଦେଖିବାକୁ ମିଳିଥିଲା, ଯାହା କି ନିୟମାନୁସାରେ ଏକ ନୋ ବଲ୍। ଷ୍ଟାର ବ୍ୟାଟର ସେତେବେଳେ ୭ଟି ବଲ୍‌ରୁ ୧୮ରନ କରି କ୍ରିଜ୍ ବାହାରେ ଛିଡ଼ା ହୋଇଥିଲେ, ଟିଭି ଅମ୍ପାୟର ମାଇକେଲ ଗଫ୍ ହକ୍-ଆଇ ଟ୍ରାକିଂ ଅନୁସାରେ ଉଚ୍ଚତାକୁ ଯାଞ୍ଚ କରିଥିଲେ। କୋହଲି ଯଦି କ୍ରିଜ୍‌ରେ ସିଧା ଛିଡ଼ା ହୋଇଥାନ୍ତେ ତେବେ ବଲ୍ ଅଣ୍ଟାଠାରୁ ୦.୯୨ ମିଟର ଉଚ୍ଚତାରେ ଯାଇଥାନ୍ତା। କୋହଲି ଅନ୍-ଫିଲ୍ଡ ଅମ୍ପାୟରଙ୍କ ସହ ଆଲୋଚନା କରିବା ପରେ ଅସନ୍ତୋଷ ପ୍ରକାଶ କରି ପଡ଼ିଆ ଛାଡ଼ିଥିଲେ। ଅନ୍ୟପକ୍ଷରେ ସ୍ଲୋ ଓଭର ରେଟ୍ ପାଇଁ ଡୁପ୍ଲେସିଙ୍କୁ ମ୍ୟାଚ ଫି'ର ୧୨ ପ୍ରତିଶତ ଏବଂ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିବାରୁ କୁରାନଙ୍କୁ ତାଙ୍କ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା ହୋଇଛି।



ସୋମବାର ଆଇପିଏଲ୍ ମ୍ୟାଚ୍ ଅବସରରେ ଦର୍ଶକରେ ଭରା ଜୟପୁରର ସୱାଇ ମାନସିଂ ଷ୍ଟାଡିୟମ।

# ଅଲିମ୍ପିକ୍ସ ଫାଇନାଲିଷ୍ଟ ଜର୍ଫଙ୍କୁ ୫ବର୍ଷ ବାସନ୍ଦ

**ମୋନାକୋ, ୨୨।୪ (ଏପି)**

ଦୁଇଟି ନିଷିଦ୍ଧ ପଦାର୍ଥ ପାଇଁ ଡୋପ୍ ଟେଷ୍ଟରେ ପଜିଟିଭ ଲାଗି ଇଥିଓପିଆର ଜଣେ ଧାବିକା ଜର୍ଫ ଓଣ୍ଡେମେଗ୍‌ଜିନ୍‌ଙ୍କୁ ୫ବର୍ଷ ବାସନ୍ଦ ଦଣ୍ଡ ହୋଇଛି। ସେ ଥିଲେ ଟୋକିଓ ଅଲିମ୍ପିକ୍ସ ୩,୦୦୦ ମିଟର ଷ୍ଟିପଲଚେଜ୍ ଫାଇନାଲିଷ୍ଟ। ଗତବର୍ଷ ସେ ଅଳ୍ପକେ ବିଶ୍ୱ ଚାମ୍ପିୟନଶିପ୍ ପୋଡିୟମ ଫିନିଶରୁ ବଞ୍ଚିତ ହୋଇଥିଲେ। ଆଣ୍ଟି-ଡୋପିଙ୍ଗ ନିୟମ ଉଲ୍ଲଂଘନ କରିଥିବା ଜର୍ଫ ନିଜେ ସ୍ୱୀକାର କରିଛନ୍ତି। ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପକ୍ଷରୁ ସୋମବାର ପ୍ରକାଶିତ ଏକ ରୁଲିଂ ଅନୁସାରେ ଜର୍ଫଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରୁ ଟେଷ୍ଟୋଷ୍ଟେରନ ଏବଂ ଅନ୍ୟ ଏକ ପଦାର୍ଥ ଇପିଓ ଠାବ କରାଯାଇଥିଲା, ଯାହାକି ରକ୍ତ ପ୍ରବାହରେ ଅଧିକ ଅମ୍ଳଜାନ ଯୋଗାଇ ଦେଇଥାଏ। ଜର୍ଫ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ୮ମ ସ୍ଥାନ ପାଇଥିବା ବେଳେ ବୁଦାପେଷ୍ଟରେ ୨୦୨୩ ବିଶ୍ୱଚାମ୍ପିୟନଶିପ୍‌ରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଇଭେଣ୍ଟ ଲାଗି ସେ ହଙ୍ଗେରୀରେ ଥିବା ବେଳେ ତାଙ୍କଠାରୁ ଦୁଇଟି ସାମ୍ପଲ ସଂଗ୍ରହ କରାଯାଇଥିଲା ଏବଂ ପ୍ରତିଯୋଗିତା ପାଇଁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଜଣେ ଡାକ୍ତରଙ୍କ କହିବା ଅନୁସାରେ ଆନେମିଆ ଓ କିଡ୍‌ନୀ ସଂକ୍ରମିତ ରୋଗୀଙ୍କ କ୍ଷେତ୍ରରେ ଇପିଓକୁ ଏକ ଔଷଧ ଭାବେ ବ୍ୟବହାର କରାଯାଇଥାଏ।



ଜର୍ଫ ଓଣ୍ଡେମେଗ୍‌ଜିନ୍

## ଅବଶିଷ୍ଟ ଆଇପିଏଲ୍‌ରୁ ମିଚେଲ ମାର୍ଶ ଆଉଟ

**ନୂଆଦିଲ୍ଲୀ, ୨୨।୪ (ପି.ଟି.):** ହାମଷ୍ଟ୍ରିଙ୍ଗ ଇଞ୍ଜୁରୀ ଯୋଗୁ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମିଚେଲ ମାର୍ଶ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଅବଶିଷ୍ଟାଂଶରୁ ବାଦ୍ ପଡ଼ିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ମୁଖ୍ୟ କୋଚ୍ ରିକି ପଣ୍ଟିଂ ସୋମବାର ଏହା ସ୍ପଷ୍ଟ କରିଛନ୍ତି। ଚଳିତ ସିଜନରେ ମାର୍ଶ ଦିଲ୍ଲୀ କ୍ୟାପିଟାଲ୍ସ ଏପର୍ଯ୍ୟନ୍ତ ସୁଦ୍ଧା ଖେଳିଥିବା ୮ଟି ମ୍ୟାଚ ମଧ୍ୟରୁ ସେ ମାତ୍ର ୪ଟିରେ ଖେଳିଥିଲେ। ସେ ୧୬୦.୫୨ ଷ୍ଟ୍ରାଇକ୍ ରେଟ୍‌ରେ ୬୧ରନ ସ୍କୋର କରିଥିବା ବେଳେ ୩ଟି ଇନିଂସରେ ମାତ୍ର ଗୋଟିଏ ଉଇକେଟ ନେଇଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆର ମେଡିକାଲ ଟିମ୍‌ର ପରାମର୍ଶ ନେବା ଲାଗି ସେ ଇତିମଧ୍ୟରେ ଏପ୍ରିଲ ୧୨ରେ ସ୍ୱଦେଶ ଫେରିଛନ୍ତି। ୩୨ ବର୍ଷୀୟ ଏହି ଖେଳାଳି ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଖେଳାଯିବାକୁଥିବା ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ନେବେ। ୧୦ଟି ଦଳକୁ ନେଇ ପଏଣ୍ଟ ଟେବୁଲରେ ଦିଲ୍ଲୀ କ୍ୟାପିଟାଲ୍ସ ବର୍ତ୍ତମାନ ୮ମ ସ୍ଥାନରେ ରହିଛି। ଏହି ଦଳ ବର୍ତ୍ତମାନ ବୁଧବାର ଗୁଜରାଟ ଟାଇଟନ୍ସ ବିପକ୍ଷରେ ଖେଳିବ।

# ଓଡ଼ିଶା କ୍ରିକେଟ କୋଚ୍ ଦାୟିତ୍ୱ ନେଲେ ସୁରେନ୍ଦ୍ର




ଖବରଦାତା ସମ୍ମିଳନୀରେ ଓସିଏ ସିଇଓ ସୁବ୍ରତ କୁମାର ବେହେରା ଓ କୋଚ୍ ସୁରେନ୍ଦ୍ର ଭାବେ।

**ଭୁବନେଶ୍ୱର, ୨୨।୪**
**(ବିଜୟ ରଣା)**

ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ସୁରେନ୍ଦ୍ର ଭାବେ। ଏହି ଅବସରରେ କଟକସ୍ଥିତ ଓସିଏ କନଫରେନ୍ସ ହଲ୍-୨ରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସିଇଓ ସୁବ୍ରତ କୁମାର ବେହେରା ମଧ୍ୟ ଉପସ୍ଥିତ ଥିଲେ। ସୁରେନ୍ଦ୍ର ଭାବେ ମହାରାଷ୍ଟ୍ର ତରଫରୁ ୯୭ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି। ଖେଳରୁ ଅବସର ନେବାପରେ ସେ ମହାରାଷ୍ଟ୍ର, ପଞ୍ଜାବ ଓ ହରିୟାଣା ଆଦି ଦଳଗୁଡ଼ିକର କୋଚ୍ ଦାୟିତ୍ୱ ତୁଲାଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମଧ୍ୟ ସେ ଜଣେ ଚୟନକର୍ତ୍ତା ଥିଲେ। ଓଡ଼ିଶା ସିନିୟର କ୍ରିକେଟ ଦଳର ମୁଖ୍ୟ କୋଚ ଭାବେ ଦାୟିତ୍ୱ ପ୍ରଦାନ କରିଥିବାରୁ ଭାଷଣ ଆରମ୍ଭରେ ସୁରେନ୍ଦ୍ର ପ୍ରଥମେ କ୍ରିକେଟ ଉପଦେଷ୍ଟା କମିଟି (ସିଏସି), ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଏବଂ ଅନ୍ୟ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ଟିମ୍ ପାଇଁ ତାଙ୍କର ଭବିଷ୍ୟତ ଯୋଜନା ସମ୍ପର୍କରେ ସୂଚନା ଦେବାକୁ ଯାଇ ସେ କହିଥିଲେ ସେ ମୁଖ୍ୟତଃ ଖେଳାଳିମାନଙ୍କ ଫିଟ୍‌ନେସ, ଫିଲ୍ଡିଂ ଓ ହନିଂ ସ୍କିଲ ଉପରେ ଧ୍ୟାନ ଦେବେ। ଓଡ଼ିଶା କ୍ରିକେଟରମାନଙ୍କ ନିକଟରେ ଅନେକ ସମ୍ଭାବନା ରହିଛି। ଗୁରୁତ୍ୱପୂର୍ଣ୍ଣ ମ୍ୟାଚଗୁଡ଼ିକରେ ଭଲ ପ୍ରଦର୍ଶନ କରିବା ସହ ସମସ୍ତ ୩ଟି ଫର୍ମାଟରେ ଶକ୍ତିଶାଳୀ ଦଳ ବିପକ୍ଷରେ ବିଜୟ ହାସଲ କରିବା ଜରୁରି। ଏହା ଦ୍ୱାରା ଦଳ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିବ।

# ଲିଗ୍ ପର୍ଯ୍ୟାୟ ଶେଷ, ଆଜି ସେମିଫାଇନାଲ

**ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ**

**ଭୁବନେଶ୍ୱର, ୨୨।୪**
**(ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ମାସେରୁ ଊର୍ଦ୍ଧ୍ୱ ସମୟଧରି ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟ ସୋମବାର ଶେଷ ହୋଇଛି। ୨୪ଟି ସ୍କୁଲ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ଲିଗ୍ ମ୍ୟାଚ ଗୁଡ଼ିକ ଲୋୟଲା ସ୍କୁଲ, ଟାଉନ୍ କ୍ଲବ ଓ ପାରାମାଉଣ୍ଟ କ୍ଲବ ପଡ଼ିଆରେ ଅନୁଷ୍ଠିତ ହେଉଥିଲା। ଲିଗ୍ ମ୍ୟାଚ ଶେଷ ହେବାପରେ ଗ୍ରୁପ୍ 'ଏ'ରୁ ଭୁବନେଶ୍ୱର ମିଳିତ ସ୍କୁଲ (ରେଡ୍), ଗ୍ରୁପ୍ 'ବି'ରୁ ଭୁବନେଶ୍ୱର ମିଳିତ ସ୍କୁଲ (ୟେଲୋ), ଗ୍ରୁପ୍ 'ସି'ରୁ ବକ୍ସିଂ ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ ଓ ଗ୍ରୁପ୍ 'ଡି'ରୁ ଭୁବନେଶ୍ୱର ମିଳିତ ସ୍କୁଲ (ବ୍ଲୁ) ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ସକାଳ ୬ଟା ୩୦ରେ ଦୁଇଟି ଯାକ ସେମିଫାଇନାଲ ଅନୁଷ୍ଠିତ ହେବ। ଟାଉନ୍ କ୍ଲବ ପଡ଼ିଆରେ ଭୁବନେଶ୍ୱର ମିଳିତ ସ୍କୁଲ ରେଡ୍ ଓ ବକ୍ସିଂ ଜଗବନ୍ଧୁ ଇଂଲିଶ୍ ମିଡିୟମ ସ୍କୁଲ ଏବଂ ପାରାମାଉଣ୍ଟ କ୍ଲବ ପଡ଼ିଆରେ ଭୁବନେଶ୍ୱର ମିଳିତ ସ୍କୁଲ ୟେଲୋ ଓ ବ୍ଲୁ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ। ୨୪ ତାରିଖ ସକାଳ ୬ଟା ୩୦ରେ ଟାଉନ୍ କ୍ଲବ ପଡ଼ିଆରେ ଫାଇନାଲ ଖେଳାଯିବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ପୃଷ୍ଠା-୧୨+୮
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୩/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Tuesday, Arpil 23/2024 Page 20 SAMBALPUR

## ଶ୍ରୀମନ୍ଦିରରେ ତିନିଠାକୁରଙ୍କୁ ଲାଗିହେଲା ଦୟଣା

ପୁରୀ,୨୨।୪(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ସୋମବାର ଶ୍ରୀବିଗ୍ରହମାନଙ୍କ ଦୟଣାଲାଗି ନୀତି ସମ୍ପନ୍ନ ହୋଇଛି। ପୂର୍ବଦିନ ଅର୍ଥାତ ରବିବାର ଚୈତ୍ର ଶୁକ୍ଳ ତ୍ରୟୋଦଶୀରେ ଦୟଣା ଚୋରି ନୀତି ସମ୍ପନ୍ନ ହୋଇଥିଲା। ସୋମବାର ଚର୍ତୁଦ୍ଦଶୀ ତିଥିରେ ପରମ୍ପରା ଅନୁଯାୟୀ, ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ ଠାକୁର ପ୍ରଭୁ ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଦୟଣା ଲାଗିକରାଯାଇଛି। ଶ୍ରୀମନ୍ଦିରରେ ସକାଳଧୂପ ସମ୍ପନ୍ନ ହେବା ପରେ ଠାକୁରଙ୍କ ମହାସ୍ନାନ ନୀତି ହୋଇଥିଲା। ପରେ ଘଟୁଆରୀ ଘରଠାରୁ ପୂଜାପଣ୍ଡା ସାମନ୍ତ, ପତିମହାପାତ୍ର ଏବଂ ମୁଦିରସ୍ତ ପିଙ୍ଗଣରେ ଚନ୍ଦନ ଆଣି ରତ୍ନସିଂହାସନକୁ ବିଜେ କରାଇଥିଲେ। ଶ୍ରୀବିଗ୍ରହମାନଙ୍କ ସର୍ବାଙ୍ଗ ଲାଗି ପରେ ନୂଆଲୁଗା ଲାଗିହୋଇ ବେଶ ବଢ଼ିଥିଲା। ଶ୍ରୀବିଗ୍ରହମାନଙ୍କୁ ୬ମୂର୍ତ୍ତି ଅଳଙ୍କାର ଲାଗିକରାଯାଇଥିଲା। ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଭୋଗମଣ୍ଡପ ଘରକୁ ଯାଇଥିଲେ। ତିନି ପୁଷ୍ପାଳକ ତିନିବାଡ଼ ଚାଙ୍ଗୁଡ଼ି ଧରିଥିଲେ। ମହାଜନ ସେବକମାନେ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କୁ ହାତରେ ବିଜେ କରାଇ ଘଣ୍ଟା, ଛତା ସହିତ ଶ୍ରୀମନ୍ଦିର ଭିତରବେଢ଼ାରେ ୩ ଘେରା ପରିକ୍ରମା କରି ରତ୍ନସିଂହାସନରେ ବିଜେ କରାଇ ଥିଲେ। ପରେ ତିନି ଠାକୁରଙ୍କୁ ଦୟଣା ଲାଗିକରାଯାଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ତିନିଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ କରିଥିଲେ। ପରେ ପାଣି ପଡ଼ି ବନ୍ଦାପନା ହେବା ପରେ ଠାକୁରଙ୍କୁ ଲାଗି ଦୟଣା ମଇଲମ ହୋଇ ଶ୍ରୀନଅରକୁ ପଠାଯାଇଥିଲା। ମଦନମୋହନ ଦକ୍ଷିଣୀଘର ବିଜେ କରିବା ପରେ ଭୋଗ ଲାଗି ସମ୍ପନ୍ନ ହୋଇ ଦୈନନ୍ଦିନ ନୀତି ବଢ଼ିଥିଲା।

## ବିଦ୍ୟୁତ ଆଘାତରେ ବାପା ମୃତ, ପୁଅ ଗୁରୁତର

ହିଞ୍ଜିଳିକାଟୁ, ୨୨।୪(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ତଥା ସାନଖେମୁଣ୍ଡି ବ୍ଲକ ଆଡପଡା ଗ୍ରାମରେ ସୋମବାର ସକାଳେ ପରିବା ବାଡ଼ରେ ଛିଡି ପଡ଼ିଥିବା ଏକ ଉଚ୍ଚଶକ୍ତି ସମ୍ପନ୍ନ ତାର ସଂସ୍ପର୍ଶରେ ଆସି ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଆଡପଡା ଗ୍ରାମର କୋରା ବେହେରା (୬୫) ଓ ଗୁରୁତର ଆହତ ତୋଫାନ ବେହେରା (୪୨)। ଖବର ପାଇ ଆଡପଡା ଫାଣ୍ଡି ଅଧିକାରୀ ଅନନ୍ତ ଶବର ଓ ଗ୍ରାମବାସୀ ଘଟଣା ସ୍ଥଳରୁ ବାପା ଓ ପୁଅଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଆଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କୋରାଙ୍କୁ ମୃତ ଘୋଷଣା କରିଥିଲେ। ତୋଫାନଙ୍କ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ହିଞ୍ଜିଳି ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



ପ୍ରବଳ ଖରା: କଟକ ମାତାମଠ ରିଂ ରୋଡ୍ ପାର୍ଶ୍ୱରେ ସୋମବାର ଲୋକମାନେ ତାଳସଜ କିଣି ଖାଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି।)

# ପୁଅକୁ ଗିରଫ ଭୟ ଦେଖାଇ ବାପାଙ୍କୁ ଟଙ୍କା ମାଗିଲେ

### ସାଇବର ଠକଙ୍କ ନୂଆ କୌଶଳ

■ ଦିଲ୍ଲୀରେ ମୋବାଇଲ୍ ଫୋନ୍ ଓ ଗିଫ୍ଟ ଶପିଂ କରିନେଲେ ଠକ

■ ଶର୍ଟ ଭିଡିଓ ମାଧ୍ୟମରେ ସଚେତନ କଲା କମିଶନରେଟ ପୋଲିସ

ଭୁବନେଶ୍ୱର,୨୨।୪ (ସୂର୍ଯ୍ୟକାନ୍ତ ବେହେରା)

ଜଣେ ଯୁବତୀଙ୍କୁ ତୁମ ପୁଅ ୪ଜଣ ସାଙ୍ଗ ସହ ମିଶି ବଳାତ୍କାର କରିଛନ୍ତି। ଯୁବତୀ ଜଣକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏଥିପାଇଁ ତୁମ ପୁଅଙ୍କୁ ଓଡ଼ିଶାରେ ଗିରଫ କରାଯାଇଛି। ସେ ବହୁତ ଡରିଯାଇଛନ୍ତି। ତେଣୁ ୨୦ ହଜାର ଟଙ୍କା ପଠାଇଲେ ତୁମ ପୁଅଙ୍କୁ ଛାଡି ଦିଆଯିବ। ମିଛ କଥା କହି ଜଣେ ବାପାଙ୍କୁ ଧମକାଇ ଠକେଇର ଏଭଳି ନୂଆ କୌଶଳ ଆପଣାଇଛନ୍ତି ସାଇବର ଠକ। ତେବେ ହ୍ୱାଟ୍ସ ଆପ୍‌ରୁ ଏହି କଲ୍ ଆସିଥିବାବେଳେ ସେଥିରେ ଜଣେ ବରିଷ୍ଠ ପୋଲିସ ଡିଜିଙ୍କ ଫଟୋ ଥିବା ଦେଖି ପ୍ରଥମେ ବ୍ୟକ୍ତିଜଣକ ଚିନ୍ତାରେ ପଡିଥିଲେ। ହେଲେ ପରେ ଏହା ସାଇବର ଠକଙ୍କ ଚାଲ୍‌ବାଜି ଜାଣିବା ପରେ ଚତୁରତାର ସହ ମଞ୍ଚେଶ୍ୱର ଥାନା ପୋଲିସକୁ ଜଣାଇବା ସହ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

ସେହିପରି ଜଣେ ଯୁବତୀ ସାଇବର ଠକେଇର ଶିକାର ହୋଇଥିବା ଜଣାପଡିଛି।




କମିଶନରେଟ୍ ପୋଲିସ ପକ୍ଷରୁ ସୋସିଆଲ୍ ମିଡିଆରେ ସଚେତନତା ପୋଷ୍ଟ।

ଯୁବତୀଙ୍କ ଫ୍ଲିପ୍ କାର୍ଟ ଆକାଉଣ୍ଟକୁ ହ୍ୟାକ୍ କରି କେହି ଜଣେ ନୂଆଦିଲ୍ଲୀରୁ ୩୦ ହଜାରୁ ଅଧିକ ଟଙ୍କାର ଏକ ମୋବାଇଲ୍ ଫୋନ୍ ଓ ଗିଫ୍ଟ ଶପିଂ କରିନେଇଛନ୍ତି। ଯୁବତୀ ଜଣକ ନିଜ ଆକାଉଣ୍ଟ ଲଗ୍ ଇନ୍ କରି ଏହା ଜାଣିବା ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସେପଟେ ପଞ୍ଜାବର ଜଣେ ଯୁବକ ଯାଜପୁରରେ କାମ କରୁଥିବାବେଳେ ତାଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଯାଇଛି। ଅନ୍‌ଲାଇନ୍ ଗେମ୍ ଖେଳୁଥିବା ବେଳେ ସେ ସାଇବର ଠକେଇର ଶିକାର ହୋଇଥିବା କହିଛନ୍ତି।

ଅପରପକ୍ଷେ ଯଦି କେହି ବ୍ୟକ୍ତି ବାହାର ଦେଶ ନମ୍ବରରୁ ହ୍ୱାଟ୍ସ ଆପ୍‌ରେ କଲ୍ କରନ୍ତି ଓ ଡିପିରେ ପୋଲିସ ଫଟୋ ବ୍ୟବହାର କରି ଡରାନ୍ତି, ତା'ହେଲେ ଭୟଭୀତ ହୋଇ ସେମାନଙ୍କୁ କୌଣସି ବ୍ୟକ୍ତିଗତ ତଥ୍ୟ ଶେୟାର ନ କରିବାକୁ କମିଶନରେଟ ପୋଲିସ ପକ୍ଷରୁ ଏକ ଶର୍ଟ ଭିଡିଓ ମାଧ୍ୟମରେ ସଚେତନ କରାଯାଇଛି। ଏପରିକି ଉକ୍ତ ନମ୍ବରକୁ ସଙ୍ଗେ ସଙ୍ଗେ ବ୍ଲକ କରିବା ସହ ୧୯୩୦ ବା ସାଇବର ଥାନାରେ ଅଭିଯୋଗ କରିବାକୁ ଭିଡିଓ ମାଧ୍ୟମରେ ଦର୍ଶାଯାଇଛି।

ସୂଚନାନୁସାରେ, ପୋଲିସର ସଚେତନତା ସତ୍ତ୍ୱେ କିଛି ଟଙ୍କା ପାଇବାର ଆଶା ଓ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଦ୍ୱାରା ଖାଲବୁହା ଅର୍ଥ ଲୁଟି ନେଇଛନ୍ତି ସାଇବର ଠକ। କେତେବେଳେ ପୋଲିସର ଭୟ ତ ପୁଣି ଆଉ କେତେବେଳେ ସିବିଆଇ ନାଁରେ ବ୍ଲାକ୍‌ମେଲ। ଏପରିକି ଏନ୍‌ସିବି ଅଫିସର ପରିଚୟ ଦେଇ ମାଗୁଛନ୍ତି ଲକ୍ଷାଧିକ ଟଙ୍କା। ନିଆରା ଅନ୍ଦାଜରେ ଠକେଇ ର୍‍ୟାକେଟ ଅପରେଟ କରୁଛନ୍ତି ସାଇବର ଠକ। ଟିକିଏ ସଚେତନ ରହିଲେ ଏପରି ଠକେଇରୁ ବର୍ତ୍ତି ପାରିବା ବୋଲି ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ପଦ୍ମଶ୍ରୀ ଗ୍ରହଣ କଲେ ଗୋପୀନାଥ, ବିନୋଦ ପଶାୟତ

ଭୁବନେଶ୍ୱର,୨୨।୪ (ଶର୍ମିଷ୍ଠା ପାଣିଗ୍ରାହୀ)

ପଦ୍ମଶ୍ରୀ ଗ୍ରହଣ କଲେ ୨ ଓଡ଼ିଆ। କୃଷ୍ଣ ଲୀଳାର ସଙ୍ଗୀତକାର ଗୁରୁ ଗୋପୀନାଥ ସ୍ୱାଇଁ ଓ ସମ୍ବଲପୁରର ନାଟ୍ୟକାର ତଥା ଗୀତିକାର ବିନୋଦ ପଶାୟତଙ୍କୁ ସୋମବାର ରାଷ୍ଟ୍ରପତି ଭବନରେ ଆୟୋଜିତ ନାଗରିକ ସମ୍ମାନ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଛନ୍ତି। ପଦ୍ମ ପୁରସ୍କାରର ଏହା ପ୍ରଥମ ପର୍ଯ୍ୟାୟ। ଅନ୍ୟ ଏକ ପର୍ଯ୍ୟାୟରେ ଓଡ଼ିଶାର ଅନ୍ୟ ୨ଜଣ ପଦ୍ମଶ୍ରୀଙ୍କୁ ସମ୍ମାନିତ କରାଯିବ। ଚଳିତବର୍ଷ ସାରା ଦେଶରୁ ବହୁ ବ୍ୟକ୍ତିତ୍ୱ ପଦ୍ମଭୂଷଣ ଓ ପଦ୍ମଶ୍ରୀ ପାଇବାକୁ ମନୋନୀତ ହୋଇଥିବାବେଳେ ପଦ୍ମଶ୍ରୀ ପୁରସ୍କାର ପାଇଁ ଓଡ଼ିଶାରୁ ୪ଜଣ ଚୟନ ହୋଇଥିଲେ।

ଲୋକକଳାର ବର୍ଷୀୟାନ ଗୁରୁ ଗୋପୀନାଥ ସ୍ୱାଇଁ ୧୦୬ବର୍ଷ ବୟସରେ ପଦ୍ମଶ୍ରୀ ଗ୍ରହଣ କରିଛନ୍ତି। କୃଷ୍ଣଲୀଳା ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଗଞ୍ଜାମ ଜିଲା ଶେରଗଡ଼ ବ୍ଲକର ଗୋବିନ୍ଦପୁର ଗ୍ରାମରେ ୧୯୧୮ରେ ଗୋପୀନାଥଙ୍କର ଜନ୍ମ। ୧୦ବର୍ଷ ବୟସରୁ ସେ କୃଷ୍ଣ ଲୀଳା ଶିଖିବା ଆରମ୍ଭ କରିଥିଲେ। କୃଷ୍ଣଙ୍କ ଅଭିନୟ କରିବା ସହ ଗୀତ ବୋଲୁଥିଲେ। ପରେ ସେ ଗୁରୁ ଭାବେ ଅନ୍ୟମାନଙ୍କୁ ଶିଖାଇବା ଆରମ୍ଭ କଲେ। ଲୋପ ପାଇଯାଉଥିବା ଅନେକ ରାଗକୁ ସେ ତାଙ୍କ ପ୍ରଦର୍ଶନରେ ପୁଣି ଉଜ୍ଜୀବିତ କରିଛନ୍ତି। ଏବେ ବି ସେ ସୁସ୍ଥ ଅଛନ୍ତି ଓ ନିଜର କାର୍ଯ୍ୟ ଜାରି ରଖିଛନ୍ତି। ଲଗାତାର ୧୨ ଘଣ୍ଟା ଧରି ଗୀତ ଗାଇପାରୁଛନ୍ତି।

ସେହିପରି ବିନୋଦ ପଶାୟତଙ୍କ ଜନ୍ମ ବଲାଙ୍ଗୀରରେ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ସମ୍ବଲପୁରରେ ବାସ କରିଥିଲେ। ସେ ଜଣେ ସମ୍ବଲପୁରୀ ଲେଖକ ଭାବେ ଜଣାଶୁଣା। ସେ ଅନେକ ସମ୍ବଲପୁରୀ ଗୀତ ଲେଖିବା ସହ ଜଣେ ନାଟ୍ୟକାର ଭାବରେ ମଧ୍ୟ ପ୍ରସିଦ୍ଧି ଲାଭ କରିଛନ୍ତି। ୧୯୮୧ରେ ରାଉରକେଲା ଓ ୧୯୮୨ରେ ସମ୍ବଲପୁରରେ ମଞ୍ଚସ୍ଥ ହୋଇଥିବା 'ଉଖି' ନାଟକ ସମ୍ବଲପୁରୀ ନାଟକ ଜଗତରେ ବିପ୍ଳବ ଆଣିପାରିଥିଲା। ସେ ଜଣେ ଆକାଶବାଣୀ ଗୀତିକାର। ଯେତେବେଳେ ସମ୍ବଲପୁର ରେଡିଓ ଷ୍ଟେଶନ ପ୍ରତିଷ୍ଠା ହେଲା ସେତେବେଳେ ଅନୁମୋଦିତ ଗୀତିକାରଙ୍କ ମଧ୍ୟରେ ସେ ପ୍ରଥମ ୫ଜଣଙ୍କ ମଧ୍ୟରେ ଥିଲେ।



ଗୁରୁ ଗୋପୀନାଥ ସ୍ୱାଇଁ ଓ ନାଟ୍ୟକାର ବିନୋଦ ପଶାୟତଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରୁଛନ୍ତି।

## ଭିଜିଲାନ୍ସ ଜାଲରେ ପ୍ରଧାନଶିକ୍ଷକ

ବରଗଡ଼/ବରପାଲି,୨୨।୪ (ପ୍ରେମାନନ୍ଦ ଖମାରୀ/ ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ଥାନା ଅନ୍ତର୍ଗତ କୁସନପୁରୀ ହାଇସ୍କୁଲ ପ୍ରଧାନଶିକ୍ଷକ ବାଳମୁକୁନ୍ଦ ପ୍ରଧାନ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ହାଇସ୍କୁଲର ସଫେଇ ଏବଂ ରାତ୍ରି ଜଗୁଆଳି କାର୍ଯ୍ୟର ପ୍ରାପ୍ୟରାଶି ପ୍ରଦାନ ପାଇଁ ଫାଇଲ୍ ପାସ୍ କରିବା ନେଇ ସେ ସ୍ଥାନୀୟ ଏକ ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ୧୪ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଛନ୍ତି। ତାଙ୍କଠାରୁ ରାସାୟନିକ ପ୍ରଲେପ ଦିଆହୋଇଥିବା ନଗଦ ୧୪ ହଜାର ଟଙ୍କିଆ ନୋଟ୍ ଜବତ ହୋଇଛି। ପ୍ରଧାନ ଶିକ୍ଷକ ପ୍ରଧାନଙ୍କୁ ସମ୍ବଲପୁର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି। ସମ୍ବଲପୁର ଭିଜିଲାନ୍ସ ୨୦୧୮ ଆମେଣ୍ଡମେଣ୍ଟ ଆକ୍ଟ ଧାରା-୭ରେ ଏକ ମାମଲା(ନଂ.୯/୨୦୨୪) ରୁଜୁ ହୋଇଛି। ପ୍ରକାଶ ଯେ, କୁସନପୁରୀ ହାଇସ୍କୁଲ ସଫେଇ ଏବଂ ରାତ୍ରି ଜଗୁଆଳି ଦାୟିତ୍ୱ ତୁଲାଉଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ପ୍ରାପ୍ୟ ରାଶି ପାଇଁ ଉଦ୍ଦିଷ୍ଟ ଫାଇଲ୍ ପାସ୍ କରିବାକୁ ପ୍ରଧାନ ଶିକ୍ଷକ ବାଳମୁକୁନ୍ଦଙ୍କୁ ନିବେଦନ କରିଥିଲେ। ଫାଇଲ୍ ପାସ୍ କରିବା ପାଇଁ ସେ ୧୪ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାମାନେ ସମ୍ବଲପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଉପରୋକ୍ତ ମାମଲା ରୁଜୁ କରି ପ୍ରଧାନ ଶିକ୍ଷକଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ଅନୁଯାୟୀ, ସମ୍ପୃକ୍ତ ପ୍ରଧାନ ଶିକ୍ଷକ ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାଙ୍କଠାରୁ ୧୪ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ୍ ଅତର୍କିତ ଚଢ଼ାଉ କରିଥିଲେ। ସମ୍ବଲପୁର ଭିଜିଲାନ୍ସ ଡିଏସପି ହେମାମାଳିନୀ ନାୟକଙ୍କ ନେତୃତ୍ୱରେ ଭିଜିଲାନ୍ସ ଇନ୍ସପେକ୍ଟର ଦିଲୀପ କୁମାର ପ୍ରଧାନ, ସୁଷମା ପଶାୟତ, ଏଏସଆଇ ବିଜୟ କୁମାର ପ୍ରଧାନ, ବିଷ୍ଣୁପ୍ରସାଦ ଜାଲ, ତୁଷାରକାନ୍ତ ମହାପାତ୍ର ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।



ଗିରଫ ପ୍ରଧାନଶିକ୍ଷକ ବାଳମୁକୁନ୍ଦ ପ୍ରଧାନ।

# ବୈଶ୍ୱିକ ଖ୍ୟାତି ହାସଲ ଦିଗରେ ଭାରତର ଗୁରୁତ୍ୱପୂର୍ଣ୍ଣ ଯାତ୍ରା ଜାରି

ଭୁବନେଶ୍ୱର, ୨୨।୪ (ବନ୍ଦନା ସେଠୀ)

ସାମାଜିକ-ଆର୍ଥିକ ବିକାଶ ଏବଂ ବିଶ୍ୱସ୍ତରୀୟ ପ୍ରମୁଖତା ହାସଲ ଅଭିମୁଖେ ଜାରି ରହିଥିବା ଯାତ୍ରାରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଛିଡ଼ା ହୋଇଛି। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀ ରଖିଥିବା ଲକ୍ଷ୍ୟ ପୂରଣ ପାଇଁ ପ୍ରଶାସନିକ କର୍ମଚାରୀମାନେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା, ସୁଶାସନର ନୀତିକୁ ବଜାୟ ରଖିବା ଏବଂ ନାଗରିକଙ୍କୁ ଦକ୍ଷ ଓ ପ୍ରଭାବଶାଳୀ ସେବା ପ୍ରଦାନ କରିବା ପାଇଁ ସଶକ୍ତ ହେବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର କହିଛନ୍ତି। ଭାରତର ପ୍ରଶାସନିକ ସେବାର ଦକ୍ଷତା ବୃଦ୍ଧି ଆବଶ୍ୟକତା ଉପରେ ଏକ କେନ୍ଦ୍ରୀୟ ପ୍ରଶିକ୍ଷଣ ଅନୁଷ୍ଠାନ (ସିଟିଆଇ) ପକ୍ଷରୁ ଆୟୋଜିତ କର୍ମଶାଳାକୁ ସୋମବାର ଭର୍ଚୁଆଲରେ ସମ୍ବୋଧିତ କରି ମିଶ୍ର କହିଛନ୍ତି, ସରକାର ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ଉପରେ ଗୁରୁତ୍ୱ ଦେଉଥିବାବେଳେ ଜନସଂଖ୍ୟାର ଏକ ବଡ଼ ଅଂଶ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବାରୁ ସରକାରଙ୍କଠାରୁ ସେମାନଙ୍କ ଆଶା ଭିନ୍ନ ରହିଛି। ଆଜିର ଆକାଂକ୍ଷୀ ଭାରତ ପାଇଁ ସରକାରଙ୍କୁ ସହାୟକ ହେବାକୁ ପଡିବ। ନିୟାମକ ପରିବର୍ତ୍ତେ ଆମକୁ ସମର୍ଥକ ହେବାକୁ ପଡିବ। ଏକ ବିଶାଳ ମାନବ ସମ୍ବଳର ରକ୍ଷକ ଭାବେ ଭାରତ ସରକାରଙ୍କ ପାଇଁ ଏହା ସବୁଠାରୁ ବଡ଼ ଆହ୍ୱାନ। ପ୍ରଶିକ୍ଷଣ ଅନୁଷ୍ଠାନଗୁଡିକ ସେମାନଙ୍କ ପ୍ରଶିକ୍ଷଣ ଡିଜାଇନ୍‌ରେ ଗୁଣାତ୍ମକ ଉନ୍ନତି ଆଣିବାକୁ ମିଶ୍ର ପରାମର୍ଶ ଦେଇଥିଲେ। ସେହିପରି ସିଟିଆଇ ନିଜ ବିଭାଗ ପାଇଁ ସମସ୍ୟା ସମାଧାନକାରୀ ହେବା, ସେମାନଙ୍କ ଦକ୍ଷତା କ୍ଷେତ୍ରରେ ଏକ ଇକୋସିଷ୍ଟମ ବିକଶିତ କରିବା ଏବଂ ଜ୍ଞାନକେନ୍ଦ୍ରରେ ପରିଣତ ହେବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ଅନୁଷ୍ଠାନ ସହ ସହଯୋଗ କରିବା ଏବଂ ତା'ପରେ ଏହି ସିଟି ଜ୍ଞାନ କେନ୍ଦ୍ରଗୁଡିକୁ ଦକ୍ଷତା ବିକାଶ ଇକୋସିଷ୍ଟମରେ ଯୋଗଦାନ କରିବା ପାଇଁ ପ୍ରଶିକ୍ଷଣ ଦେବାକୁ ପରାମର୍ଶ ଦେଇଥିଲେ। ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ ଢାଞ୍ଚାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ପରିବର୍ତ୍ତିତ ସମୟରେ ଆହ୍ୱାନର ମୁକାବିଲା କରିବା ପାଇଁ ଦକ୍ଷତା ବିକାଶ ପଦକ୍ଷେପକୁ ପାରମ୍ପରିକ ପ୍ରଶିକ୍ଷଣ ଢାଞ୍ଚାରୁ ଆଗକୁ ଯିବାକୁ ପଡିବ ବୋଲି ସେ କହିଥିଲେ। କର୍ମଶାଳାରେ ଦକ୍ଷତା ବୃଦ୍ଧିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରାଯାଇଥିଲା।

# ୩ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

### ନାବାଳିକା ଗଣବଳାତ୍କାର ମାମଲା

ସମ୍ବଲପୁର,୨୨।୪(ପ୍ରମୋଦ ବହିଦାର)

ଏକ ନାବାଳିକା ଅପହରଣ, ଗଣବଳାତ୍କାର ମାମଲାର ବିଚାର କରି ସୋମବାର ସମ୍ବଲପୁର ଅତିରିକ୍ତ ସେସନ୍ସ ଓ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ୩ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ ସହିତ ୧ ଲକ୍ଷ ଟଙ୍କା ଲେଖାଏ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତମାନଙ୍କୁ ଅଧିକ ଏକ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟ ଶୁଣାଇଛନ୍ତି ବିଚାରପତି ଅଭିଳାଷ ସେନାପତି। ତିନି ଅଭିଯୁକ୍ତ ହେଲେ ହୀରାକୁଦର ସଦାଶିବ ଭଏଁଷା, ନବୀନ ସାଲିମା ଓ ନାଥ ରକ୍ସା।

ସୂଚନା ଅନୁସାରେ ୨୦୧୬ ଏପ୍ରିଲ୍ ୮ ତାରିଖ ପୂର୍ବାହ୍ନରେ ଅଭିଯୁକ୍ତ ସଦାଶିବ ଭଏଁଷା ହୀରାକୁଦ ଅଞ୍ଚଳର ୧୬ବର୍ଷୀୟା ନାବାଳିକାଙ୍କୁ ସମ୍ବଲପୁର ରେମେଡ ଛକରୁ ଅପହରଣ କରିନେଇଥିଲେ। ସେ ନାବାଳିକାଙ୍କୁ ଏକ ବାଇକ୍‌ରେ ଝାରସୁଗୁଡା ଜିଲା ବ୍ରଜରାଜନଗର ନେଇ ଯାଇଥିଲା। ସେଠାରେ ଏକ ବନ୍ଦ ଘରେ ନାବାଳିକାଙ୍କୁ ରଖି ବାରମ୍ବାର ବଳାତ୍କାର କରିଥିଲେ। ପରେ ଅଭିଯୁକ୍ତଙ୍କର ଅନ୍ୟ ଦୁଇ ସହଯୋଗୀ ନବୀନ ସାଲିମା ଓ ନାଥ ରକ୍ସା ସେଠାରେ ପହଞ୍ଚି ନାବାଳିକାଙ୍କୁ ଏକାଧିକବାର ବଳାତ୍କାର କରିଥିଲେ। ଏହିପରି କିଛିଦିନ ଚାଲିବା ପରେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡ଼ିଥିଲା। ଏହାଦେଖି ତିନି ଅଭିଯୁକ୍ତ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ବୁର୍ଲା ଭିମ୍‌ସାର(ଡାକ୍ତରଖାନା) ସମ୍ମୁଖରେ ଛାଡ଼ି ଚାଲି ଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଭିମ୍‌ସାରରେ ଭର୍ତ୍ତି କରି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ଭିମ୍‌ସାରରେ ପହଞ୍ଚିଥିଲେ। ପୀଡ଼ିତାଙ୍କ ଭାଇ ଏ ନେଇ ଏପ୍ରିଲରେ ହୀରାକୁଦ ଥାନାରେ ଏନେଇ ଏତଲା ଦେଇଥିଲେ। ଏତଲା ଆଧାରରେ ଥାନାରେ ଦଫା ୩୬୩, ୩୭୬(୨)(ବି), ୩୭୬(ଡି) ପୋକ୍‌ସୋ ଆଇନ୍‌ରେ ଏକ ମାମଲା (୧୦୦/୨୦୧୬) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉକ୍ତ ମାମଲାର ଚାର୍ଜଶିଟ୍ ଦାଖଲ ପରେ କୋର୍ଟରେ ମାମଲାର ବିଚାର ହୋଇଥିଲା। ସୋମବାର ବିଚାରପତି ସେନାପତି ମୋଟ ୨୧ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ତିନି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଫା ୩୭୬(ଡି) ଗଣବଳାତ୍କାର ମାମଲାରେ ସମସ୍ତଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ସହିତ ୧ ଲକ୍ଷ ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରିଥିଲେ। ସେହିପରି ଦଫା ୩୬୩(ଅପହରଣ) ମାମଲାରେ ଦୋଷୀ ସାବ୍ୟସ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ ୫ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରୁଥିଲେ।

# ତନାଘନା ପରେ ଫେରିଲା ୫ କୋଟି

### ଡିଏମ୍‌ଏଫ୍ ଆକାଉଣ୍ଟରୁ ସାଢ଼େ ୯କୋଟି ହଡ଼ପ ଘଟଣା

### ବ୍ୟାଙ୍କ-ବିଭାଗ କର୍ମଚାରୀଙ୍କ ସଂପୃକ୍ତି ନେଇ ଖୋଳତାଡ଼

ବାରିପଦା,୨୨।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପରିଷଦ ଦ୍ୱାରା ପରିଚାଳିତ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ଆକାଉଣ୍ଟରୁ ଚଞ୍ଚକତା ପୂର୍ବକ ହଡ଼ପ ହୋଇଥିବା ସାଢ଼େ ୯ କୋଟିରୁ ଅର୍ଦ୍ଧାଧିକ ଟଙ୍କା ରିକଭରି ହୋଇଛି। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ର ତନାଘନା ପରେ ୫,୦୪,୦୬,୯୦୦ ଟଙ୍କା ଫେରିଛି। ଅବଶିଷ୍ଟ ଟଙ୍କା ବ୍ୟାଙ୍କ ଫେରାଇବା ପାଇଁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ଜିଲାରେ ନକଲି ଚେକ୍ ଦ୍ୱାରା ଟଙ୍କା ଲୁଟ୍ ର୍‍ୟାକେଟ ସକ୍ରିୟ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ଡିଏମ୍‌ଏଫ୍ ପାଣ୍ଠିରୁ ଟଙ୍କା ହଡ଼ପ ଅଭିଯୋଗ ପରେ ଇଓଡବ୍ଲ୍ୟୁ ତଦନ୍ତ ଆରମ୍ଭ କରିଥିଲା। ବ୍ୟାଙ୍କର ସିସିଟିଭି ଯାଞ୍ଚ କରିବାରୁ ୨ଜଣ ବ୍ୟକ୍ତି ହେଲମେଟ ପିନ୍ଧି ବ୍ୟାଙ୍କରେ ପଶିଥିଲେ। ହିନ୍ଦୀରେ କଥାବାର୍ତ୍ତା କରି ଉକ୍ତ ଚେକ୍ ପ୍ରଦାନ କରିଥିଲେ। ବ୍ୟାଙ୍କ କର୍ମଚାରୀ କୌଣସି ଯାଞ୍ଚ ନ କରି ଟଙ୍କା ପୈଠ କରିଦେଇଥିଲେ। ତେବେ ବିପୁଳ ପରିମାଣର ଟଙ୍କା ଟ୍ରାନ୍ସଫର ହେବା ସମ୍ପର୍କରେ ଶାଖା ପରିଚାଳକ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ଯେଉଁ ୪ଟି ଚେକ୍‌ରେ ଟଙ୍କା ଉଠାଯାଇଛି ସେହି ଚେକ୍‌ଗୁଡ଼ିକ ଅଦ୍ୟାବଧି ଜିଲା ପ୍ରଶାସନ ପାଖରେ ଗଚ୍ଛିତ ରହିଛି। ତେବେ ଚେକ୍ ନମ୍ବର ଓ ଜମାଖାତାରେ ରହିଥିବା ଟଙ୍କା ସମ୍ପର୍କରେ ଲୁଟେରାମାନେ କିପରି ଜାଣିଲେ ତାହାକୁ ନେଇ ସନ୍ଦେହ ଉପୁଜିଛି। ଅନ୍ୟପକ୍ଷରେ ବ୍ୟାଙ୍କରୁ ଟଙ୍କା ଉଠିବା ପରେ ମୋବାଇଲକୁ ଆସୁଥିବା ମେସେଜକୁ ମଧ୍ୟ ବଦଳାଇ ଦିଆଯାଇଛି। ଜିଲାପାଳଙ୍କ ନକଲି ପ୍ୟାଡ୍‌କୁ ବ୍ୟବହାର କରି ମୋବାଇଲ ନମ୍ବର ବଦଳାଇ ଅନ୍ୟ ମୋବାଇଲ ନମ୍ବର ଦିଆଯାଇଛି। ଟଙ୍କା ହଡ଼ପ ପୂର୍ବରୁ ଏଭଳି ସୁଚିନ୍ତିତ ଯୋଜନା କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ଚେକ୍ ନମ୍ବର ଦେଇଥିବା ବ୍ୟକ୍ତି ଓ ବ୍ୟାଙ୍କ କର୍ମଚାରୀଙ୍କ କାର୍ଯ୍ୟକଳାପରେ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇବା ପାଇଁ ମୟୂରଭଞ୍ଜ ଜିଲାପାଳ ଓ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦସ୍ତଖତ ଆବଶ୍ୟକ ଥିବା ବେଳେ କେବଳ ଜିଲାପାଳଙ୍କ ଦସ୍ତଖତରେ କୋଟି କୋଟି ଟଙ୍କା ଟ୍ରାନ୍ସଫର କରାଯାଇଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଟଙ୍କା ଟ୍ରାନ୍ସଫର କରିବା ପୂର୍ବରୁ ଜିଲା ପ୍ରଶାସନ ସହ କଥା ନ ହେବା ତଥା କିଛି ସୂଚନା ନ ଦେବା ଆଶ୍ଚର୍ଯ୍ୟଚକିତ କରିଛି। ତଦନ୍ତ ବେଳେ ଉକ୍ତ ଚେକ୍‌ଗୁଡ଼ିକ ନକଲି ବୋଲି ଜଣାପଡ଼ିବାରୁ ଇଓଡବ୍ଲ୍ୟୁ ଖୋଳତାଡ଼ ଜାରି ରଖିଛି।

ଏ ସଂକ୍ରାନ୍ତରେ ଜିଲାପାଳ ଶିନ୍ଦେ କହନ୍ତି, ୨ବର୍ଷ ଧରି ଚେକ୍‌ରେ ଟଙ୍କା ପୈଠ କରାଯାଉନାହିଁ। ଯେଉଁ ଚେକ୍ ମାଧ୍ୟମରେ ଟଙ୍କା ଉଠାଯାଇଛି ସେଗୁଡ଼ିକ ବିଭାଗ ପାଖରେ ରହିଛି। କେବଳ ଏକ୍‌ଜିକ୍ୟୁଟିଭ୍ ଏଜେନ୍ସିକୁ ଅର୍ଥ ପୈଠ କରାଯାଉଥିବା ବେଳେ କୌଣସି ପ୍ରାଇଭେଟ କମ୍ପାନୀକୁ ଉକ୍ତ ଟଙ୍କା ଦିଆଯାଇ ନ ଥାଏ। ଯେଉଁ ଟଙ୍କା ପ୍ରଦାନ କରାଯାଏ ସେଗୁଡିକ ଫରୱାର୍ଡ଼ ଲେଟର (ଅଗ୍ରିମ ଚିଠି)ମାଧ୍ୟମରେ ଅବଗତ କରାଯିବା ପରେ ପୈଠ ହୋଇଥାଏ। ମାତ୍ର ବିଭାଗ ପକ୍ଷରୁ ସେଭଳି କୌଣସି ଲିଖିତ ଆଦେଶ ନ ଥିବା ବେଳେ ଏତେ ପରିମାଣର ଟଙ୍କା ପୈଠ ସମ୍ପର୍କରେ ବ୍ୟାଙ୍କ କୌଣସି ସୂଚନା ପ୍ରଦାନ କରିନାହିଁ। ନିର୍ବାଚନ ଆଚରଣବିଧି ଲାଗୁ ହେବା ପରେ ଏତେ ପରିମାଣର ଟଙ୍କା ପୈଠ କରାଯାଇ ନ ଥାଏ। ମାତ୍ର ତାହାକୁ ମଧ୍ୟ ଠିକ୍ ଭାବେ ତନଖି କରା ନ ଯାଇ ବ୍ୟାଙ୍କ ଟଙ୍କା ପୈଠ କରିଛି। ତେବେ ଉଦ୍ଧାର ହୋଇଥିବା ଟଙ୍କାକୁ ଅନ୍ୟ ଏକ ନୂତନ ଖାତାରେ ଜମା ରଖାଯାଇଛି। ତେବେ ଅଫିସର ତଥ୍ୟ ପ୍ରଘଟ କରିବା ଓ ଲୁଟେରାଙ୍କ ସହ ମିଳିମିଶି ଟଙ୍କା ହଡ଼ପ ଘଟଣାର ଦୋଷୀ ଧରାପଡ଼ିବା ପରେ ପ୍ରକୃତ ରହସ୍ୟ ଉନ୍ମୋଚିତ ହେବ ବୋଲି କୁହାଯାଉଛି।

## ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ

ଅମରପାଲି,୨୨।୪(ପିତାମ୍ବର ସାହୁ)

ବୀରମହାରାଜପୁର ବିଧାନସଭା ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉଲୁଣ୍ଡା ବ୍ଲକ ମହଦା ପଞ୍ଚାୟତର ତିକୁଡା ଝରିଆଠାରେ ଉଲୁଣ୍ଡା ଜୋନ – ୨ ସ୍ତରୀୟ କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀରେ ବଲାଙ୍ଗୀର ବିଜେଡି ଲୋକ ସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଏବଂ ବୀରମହାରାଜପୁର ବିଧାନସଭାର ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ଯୋଗଦେଇ କର୍ମୀମାନଙ୍କୁ ଆଗାମୀ ନିର୍ବାଚନ ପାଇଁ ମନ୍ତ୍ର ଦେଇଥିଲେ। ଉଲୁଣ୍ଡା ବ୍ଲକ ବିଜେଡି ସଭାପତି ତଥା ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବାଘାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଜିଲା ବିଜେଡି ମହିଳା ସଭାନେତ୍ରୀ ପଦ୍ମିନୀ ବଘାର, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ଜିଲା ପରିଷଦ ସଭ୍ୟା ପ୍ରତିନିଧି ଶିବୁ ତରାଇ, ଜିଲା ବିଜେଡି ମିଡିଆ ସେଲ ସଭାପତି ବିହାରୀଲାଲ ମିଶ୍ର, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କୃତିବାସ ମିଶ୍ର, ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ। ଉକ୍ତ ସମ୍ମିଳନୀରେ ଦଳୀୟ କର୍ମୀ ଓ ସମର୍ଥକଙ୍କୁ ଆଗାମୀ ନିର୍ବାଚନ ପାଇଁ ରଣନୀତି ବିଷୟରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହା ଓ ମହଦା ସରପଞ୍ଚ ପ୍ରତିନିଧି ପ୍ରତାପ ଶତପଥୀ ବିଜେଡିରେ ଯୋଗଦାନ କରିଥିଲେ।

# ସୁରକ୍ଷା, ସଂରକ୍ଷଣକୁ ଗୁରୁତ୍ୱ

ନାକଟିଦେଉଳ, ୨୨।୪(ବୈକୁଣ୍ଠନାଥ ସାହୁ)


ଗୁମ୍ଫା ବୁଲି ଦେଖୁଛନ୍ତି ପ୍ରତ୍ନତତ୍ତ୍ୱ ବିଭାଗ ଟିମ୍ ସଦସ୍ୟ।

- ଧୁବାତଇଲା, ମରିଚ ତଇଲା ଉଷାକୋଠିରେ ପ୍ରତ୍ନତତ୍ତ୍ୱ ବିଭାଗ ଟିମ୍
- ପ୍ରାଗ-ଐତିହାସିକ ପ୍ରସ୍ତର ଯୁଗର ସାଙ୍କେତିକ ଚିତ୍ର, ଶୀଳାଲେଖା ରହିଛି
- ବୈଜ୍ଞାନିକ ପଦ୍ଧତିରେ ଉତ୍‌ଖନନ କରାଯିବ: ଟିମ୍ ମୁଖ୍ୟ

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ରାଇଲ ସଂରକ୍ଷିତ ଜଙ୍ଗଲରେ ରହିଛି ଧୁବା ତଇଲା ଏବଂ ମରିଚ ତଇଲା ଉଷାକୋଠି। ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ସଦସ୍ୟ ସୋମବାର ଏହାର ସର୍ବେକ୍ଷଣ କରିଥିଲେ। ବିଭାଗର ଏକ ୬ଜଣିଆ ଟିମ ଏଠାରେ ଥିବା ଗୁମ୍ଫାଗୁଡ଼ିକ ପ୍ରଦକ୍ଷିଣ କରି ସର୍ବେକ୍ଷଣ କରିଥିଲେ। ସର୍ବେକ୍ଷଣ ସମୟରେ ଏହି ଗୁମ୍ଫାଗୁଡ଼ିକର ପ୍ରସ୍ତରରେ ବିଭିନ୍ନ ପଶୁ ପକ୍ଷୀ ଏବଂ ମଣିଷର ହାତ ଏବଂ ପାଦ ଚିହ୍ନ ଥିବା ସେମାନେ ଦେଖିବାକୁ ପାଇଥିଲେ। ପ୍ରତ୍ନତତ୍ତ୍ୱ ବିଭାଗ ଅଧୀକ୍ଷକ ଡ଼.ବିବିଶଦ ଗଡ଼ନାୟକଙ୍କ ନେତୃତ୍ୱରେ ସହାୟକ ଅଧୀକ୍ଷକ ଟି.ବି ପ୍ରଧାନ, ସହାୟକ ପ୍ରତ୍ନତତ୍ତ୍ୱବିତ୍ ଉମାକାନ୍ତ ଭୋଇ, ସର୍ବେକ୍ଷକ ଶୁଭେନ୍ଦୁ ଖୁଣ୍ଟିଆ, ରେଖାକାର ପବିତ୍ର ମୋହନ ବାରିକ ଏବଂ ଫଟୋଗ୍ରାଫର ଦେବାଶୀଷ ମିଶ୍ର ପ୍ରମୁଖ ଏହି ସର୍ବେକ୍ଷଣ କରିଥିଲେ।

ପ୍ରତ୍ନତତ୍ତ୍ୱ ବିଭାଗ ଟିମ ସୋମବାର ସକାଳେ ନାକଟୀଦେଉଳ ବ୍ଲକର ଜାମୁଯୋରୀ ପଞ୍ଚାୟତ ଅନ୍ତର୍ଗତ ବିନ୍ଧପୁର ଗ୍ରାମରେ ପହଞ୍ଚିବା ପରେ ସେଠାରୁ ରଇଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଧୁବା ତଇଲା ଏବଂ ମରିଚ ତଇଲା ଉଷାକୋଠିକୁ ଯାଇଥିଲେ। ଏହି ସ୍ଥାନଗୁଡ଼ିକରେ ପୂର୍ବରୁ ମଧ ଗତ ୨୦୦୧ ଏବଂ ୨୦୦୮ ମସିହାରେ ପ୍ରତ୍ନତ୍ତ୍ୱ ବିଭାଗ ପକ୍ଷରୁ ସର୍ବେକ୍ଷଣ କରାଯାଇଥିଲା। ତେବେ ପ୍ରାଗ ଐତିହାସିକ ପ୍ରସ୍ତର ଯୁଗର ଏହି ସବୁ ଗୁମ୍ଫାରେ ଥିବା ସାଙ୍କେତିକ ଚିତ୍ର ସବୁ ଅନୁଧାନ କରି ଏହାର ସୁରକ୍ଷା ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଆଗାମୀ ଦିନରେ ପଦକ୍ଷେପ ପାଇଁ ପ୍ରୟାସ ଆରମ୍ଭ କରାଯାଇଛି ବୋଲି ଏହି ସର୍ବେକ୍ଷଣ ଟିମ୍ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ନାକଟିଦେଉଳ ବ୍ଲକର ରାଇଲ ଏବଂ ଲାଣ୍ଡିମାଳ ସଂରକ୍ଷିତ ଜଙ୍ଗଲରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ଗୁମ୍ଫା ରହିଛି। ଏଥିରେ ପ୍ରାଗ–ଐତିହାସିକ ପ୍ରସ୍ତର ଯୁଗର ବିଭିନ୍ନ ସାଙ୍କେତିକ ଚିତ୍ର ଓ ଶୀଳାଲେଖ ସବୁ ରହିଛି। ଆଗାମୀ ଦିନରେ ବୈଜ୍ଞାନିକ ପଦ୍ଧତିରେ ଏ ସବୁର ଉତଖନନ କରାଯାଇ ଅଧିକ ଅନୁଧାନ କରାଯିବ ବୋଲି ସର୍ବେକ୍ଷଣ ଦଳର ମୁଖ୍ୟ ଡ଼. ବିବିଶଦ ଗଡ଼ନାୟକ ପ୍ରକାଶ କରିଛନ୍ତି। ଏହି ସର୍ବେକ୍ଷଣ କାର୍ଯ୍ୟ ସମୟରେ ନାକଟୀଦେଉଳ ସ୍ନାତକ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ଦେବେଶ ବିଶ୍ୱାଳ, ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରମେଶ ଅଗ୍ରୱାଲାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ବିଜେଡି ଛାଡ଼ିଲେ ବିଶ୍ୱନାଥ ନାୟକ


ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ବ୍ରଜରାଜନଗର,୨୨।୪(ବିଜୟ ବରାଡ଼)

ଝାରସୁଗୁଡା ଜିଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ ତାଙ୍କର ଶତାଧିକ ସମର୍ଥକଙ୍କ ସହିତ ଦଳ ଛାଡିଛନ୍ତି। ବ୍ରଜରଜନଗର ନିର୍ବାଚନମଣ୍ଡଳୀର ଦୁର୍ବଳ ନେତୃତ୍ୱ ଓ ବିଜେଡିର ରାଜ୍ୟସ୍ତରୀୟ ପଦାଧିକାଙ୍କ ଅଣଦେଖା ତାଙ୍କୁ ଦଳ ଛାଡିବାକୁ ବାଧ କଲା ବୋଲି ସୋମବାର ସନ୍ଧ୍ୟାରେ ତାଙ୍କ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ୧୯୯୦ରୁ ବିଜୁ ଜନତା ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରଥମେ ଜନତା ଦଳ ପରେ ୧୯୯୩ରେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ୧୯୯୩ରୁ ଆଜି ପର୍ଯ୍ୟନ୍ତ ବିଜେଡିର ବିଭିନ୍ନ ପାଦପଦବୀରେ ରହି ସେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇ ଆସିଛନ୍ତି। ସ୍ୱର୍ଗତ କିଶୋର ମହାନ୍ତିଙ୍କ ଦେହାନ୍ତ ପରେ ଉପ ନିର୍ବାଚନରେ ମଧ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ବିଜୁ ଜନତା ଦଳର ବିଧାୟିକା ନିର୍ବାଚିତ ହେବା ପରେ ଦଳ ତାଙ୍କୁ ଅଣଦେଖା କରିବା ଆରମ୍ଭ କଲା । ତାଙ୍କର କାର୍ଯ୍ୟକଳାପକୁ ନା ସ୍ଥାନୀୟ ନେତୃତ୍ୱ ନା ରାଜ୍ୟ ନେତୃତ୍ୱ କେହି ତାଙ୍କୁ ଚିହ୍ନି ପାରିଲେ ନାହିଁ। ଯେଉଁ ଦଳରେ ସମ୍ମାନ ନାହିଁ ସେ ଦଳରେ ଆଉ କାର୍ଯ୍ୟ କରିବା ସମ୍ଭବ ହେବନାହିଁ ଭାବି ଦଳ ତ୍ୟାଗ କଲେ ଆଗାମୀ ଦିନରେ ବ୍ରଜରଜନଗର ମାଟିର ସ୍ୱାର୍ଥ ଓ ବିକାଶ ଲାଗି ଲଢେଇ ଜାରି ରଖିବେ ବୋଲି ପ୍ରକାଶ କରିଥିଲେ। ତାଙ୍କ ଶୁଭେଚ୍ଛୁ ଓ ସମର୍ଥକମାନଙ୍କ ସହିତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ। ନାୟକଙ୍କ ସହିତ ପୂର୍ବତନ କଉନସିଲର ସତ୍ୟାନନ୍ଦ ଦାସ, ଗଜେନ୍ଦ୍ର ରୋହିଦାସ, ସତ୍ୟାନନ୍ଦ ଆଚାର୍ଯ୍ୟ, ବରିଷ୍ଠ ସଦସ୍ୟ ସେସଦେବ ସାହୁ, ପ୍ରଭାତ ଦାସ, ଅଜିତ ପୁରୋହିତ, ଛତ୍ର ନେତା ମନୋଜ ହରିଜନ, ବିଜୟୀ ପାଣି ପ୍ରମୁଖ ଦଳରୁ ଇସ୍ତଫା ଦେଇଥିଲେ।

## ଜିଲା ଦିବ୍ୟାଙ୍ଗ ସ୍କୁଲ, ଇକୋ କ୍ଲବ ପକ୍ଷରୁ ପୃଥିବୀ ଦିବସ ପାଳିତ

ଝାରସୁଗୁଡ଼ା, ୨୨।୪ (ସଞ୍ଜୟ ମାଲି)

ସ୍ଥାନୀୟ ବୁରୋମାଲ ବୁଡାପଡାସ୍ଥିତ ଜିଲା ଦିବ୍ୟାଙ୍ଗ ବିଦ୍ୟାଳୟ ପକ୍ଷରୁ ଝାରସୁଗୁଡ଼ା ସମନ୍ୱିତ ସ୍ୱତନ୍ତ୍ର ବିଦ୍ୟାଳୟ ପେକ୍ଷାଳୟରେ ପୃଥିବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ଏବର୍ଷର ପ୍ରସଙ୍ଗ ପୃଥିବୀ ବନାମ ପ୍ଲାଷ୍ଟିକ ଉପରେ ନିଜର ବକ୍ତବ୍ୟ ପ୍ଲାଷ୍ଟିକ ଦ୍ୱାରା ମାଟିର ଜୈବିକ କ୍ଷମତା ହ୍ରାସ ପାଇବା ସହ ପୋଡିବା ଦ୍ୱାର ବାୟୁମଣ୍ଡଳ ବିଷାକ୍ତ ଗ୍ୟାସରେ ପ୍ରଦୂଷଣ ହେବା ଦାରା ମଣିଷ ନିଜେ ନିଜର ମୃତ୍ୟୁକୁ ବରଣ କରୁଛି ବୋଲି ମତ ରଖିଥିଲେ। ସ୍କୁଲ ସଚିବ ନିକୁଞ୍ଜ ବିହାରୀ ଜ୍ୟୋତିଷ ପୃଥିବୀ କିଭଳି ସୃଷ୍ଟି ହେଲା ତାର ପୌରାଣିକ ଦୃଷ୍ଟିରେ ବକ୍ତବ୍ୟ ଦେବା ସହ ଭଗବାନଙ୍କ ଅନୁପମ ଦାନ ପୃଥିବୀକୁ ସୁରକ୍ଷା କଲେ ଆମେ ଓ ଆଗାମୀ ପୀଢ଼ି ସୁରକ୍ଷିତ ପାରିବେ ବୋଲି କହିଥିଲେ । ପ୍ରତିଷ୍ଠାତା ମିଶ୍ରଙ୍କ ପୌରହିତ୍ୟରେ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ, ଛାତ୍ରୀଛାତ୍ର ଓ କମିଟି ସଭ୍ୟ ସମସ୍ତେ ପ୍ଲାଷ୍ଟିକ ବର୍ଜନ ପାଇଁ ଶପଥ ପାଠ କରିଥିଲେ। ଶେଷରେ ଅଧ୍ୟକ୍ଷା ଅଧ୍ୟକ୍ଷା ସୁଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।



ପ୍ଲାଷ୍ଟିକ ବର୍ଜନ ଉପରେ ସାମୂହିକ ଶପଥ ପାଠ।

## ଅବସରପ୍ରାପ୍ତ ପୌର କର୍ମଚାରୀଙ୍କ ଅନଶନ ପ୍ରତ୍ୟାହୃତ


ଅବସରପ୍ରାପ୍ତ କର୍ମଚାରୀମାନେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି।

### ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିଲା

ଦେବଗଡ଼,୨୨।୪
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌର ପରିଷଦ ଅବସରପ୍ରାପ୍ତ କର୍ମଚାରୀମାନେ ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିଥିଲେ। ଆସନ୍ତା ଶୁକ୍ରବାର ମଧ୍ୟରେ ଦାବି ପୂରଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଦେବଗଡ ପୌର ପରିଷଦ ଅବସରପ୍ରାପ୍ତ କର୍ମଚାରୀ ବିପିନ ବିହାରୀ ଆଚାର୍ଯ୍ୟ, ଅଶୋକ କୁମାର ମିଶ୍ର, ମୋହିନୀ ରଞ୍ଜନ ଦାସ, ତନୁଚନ୍ଦ୍ର ଖୁଣ୍ଟିଆ, ଚକ୍ର ନାୟକ ଓ ସୁଦର୍ଶନ ଦେବଙ୍କୁ ୨୦୧୬ରୁ ୨୦୨୨ ଜୁନ ପର୍ଯ୍ୟନ୍ତ ସପ୍ତମ ବେତନ କମିଶନ ଅନୁଯାୟୀ ପାଇବାକୁ ଥିବା ବକେୟା ପ୍ରାପ୍ୟ ପ୍ରଦାନ କରାଯାଇନାହିଁ। ଏ ନେଇ ବିଭିନ୍ନ ସମୟରେ ସେମାନେ ବିଭାଗୀୟ ଅଧିକାରୀମାନଙ୍କ ନିକଟରେ ଅଭିଯୋଗ କରିବା ସହ ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ଦାବି କରି ଆସୁଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ନୈରାଶ୍ୟ ଭାବ ପ୍ରକାଶ ପାଇଥିଲା। ଗତ ୧୮ ତାରିଖରେ ଦେବଗଡ ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିବା ସହ ଏହାର ନକଲ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଓ ଦେବଗଡ ଜିଲାପଳଙ୍କୁ ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ସେମାନେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ସ୍ମାରକପତ୍ରରେ ଲିଖିତ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ଦାବି ପୂରଣ ନ ହେବାରୁ ସୋମବାର ଅବସରପ୍ରାପ୍ତ ପୌର କର୍ମଚାରୀମାନେ ଦେବଗଡ ପୌର କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଆରମ୍ଭ କରିଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ୱାଇଁ ଅନଶନସ୍ଥଳରେ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିବା ସହ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ/ସଚିବଙ୍କ ସହିତ ମୋବାଇଲରେ କଥାବାର୍ତ୍ତା କରାଇଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଆଗାମୀ ଶୁକ୍ରବାର ମଧ୍ୟରେ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ସେମାନେ ଅନଶନ ପ୍ରାତ୍ୟାହର କରିଥିବା ଜଣାପଡ଼ିଛି।

## ବିଜେଡିରେ ମିଶିଲେ ଯୁବ, ମହିଳା କର୍ମୀ


ମିଶ୍ରଣ ପର୍ବରେ ବରଗଡ଼ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି ।

ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ବିଜେଡ଼ିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଦଳର ଟାଉନ ସଭାପତି କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ବହୁସଂଖ୍ୟକ ଯୁବ, ମହିଳା କର୍ମୀ ବିଜେଡିରେ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରେ ଆଡ଼ଭୋକେଟ୍ କୁଶ ପ୍ରଧାନ, ହରିହର ପ୍ରଧାନ, ଆଶୁତୋଷ ରଥ, ସୋମେନଲାଲ ଦାଉ, ପଙ୍କଜ ଝା ପ୍ରମୁଖ ରହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଅଶୋକ ଯୋଶୀ, ପୌରାଧ୍ୟକ୍ଷା କଳ୍ପନା ମାଝି, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଏକ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ହାରାଧନ ଦେବତା, ଯୁବ ସଂଗଠକ ମଣ୍ଟୁ ଗଡ଼ତିଆ, ଜିତୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ଦଳର ମିଶ୍ରଣ ପର୍ବରେ ମଧ୍ୟ ପ୍ରଭାତ କୁଶଲ, ରାହୁଲ ଭେସ୍ରାଙ୍କ ନେତୃତ୍ୱରେ ଅନେକ ଯୁବ, ମହିଳା ବିଜେଡ଼ିରେ ସାମିଲ ହୋଇଥିଲେ। ଏଠାରେ ବିଧାୟକ ଆଚାର୍ଯ୍ୟଙ୍କ ସମେତ ପୌରାଧ୍ୟକ୍ଷା ମାଝି, ଭରତ ମହାନ୍ତି, ଆଡ଼ଭୋକେଟ୍ ଅନୁପ ଶତପଥି, ଉମାଚରଣ ରାଉତ୍, ମନୋଜ ମେହେର, ପ୍ରମୋଦ କୁଶଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ବରଗଡ଼,୨୨।୪
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଛି। ଜିଲା କ୍ରୀଡ଼ା ସଂସଦର ଉପସଭାପତି ଯୁଗଳ ପ୍ରସାଦ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ସମ୍ପାଦକ କିଶୋର ମିଶ୍ର ସଂଯୋଜନା କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦ, କ୍ରୀଡ଼ା ସମ୍ପାଦକ ହରଦୀପ ସିଂ, କାଉନସିଲ ମେମ୍ବର ଦିଲୀପ ସାୱଡ଼ିଆ, ସର୍ଦ୍ଦାର ପ୍ରୀତମ ସିଂ, ଆଉଟଡୋର୍ ସମ୍ପାଦକ ସୁରେଶ କୁମାର ଦାଶ, ସଚ୍ଚିଦାନନ୍ଦ ପଣ୍ଡା, ଡଃ ଶୁଭ୍ରାଂଶୁ ମହାପାତ୍ର, ପ୍ରଦୀପ ସାହୁ, ଜ୍ଞାନରଞ୍ଜନ ପୂଜାରୀ, ଅତିଶ ପଣ୍ଡା, ଶେକ୍ ସବଦର୍, ପ୍ରତାପ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ୩୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି।



କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ଅତିଥିବୃନ୍ଦ।

## ଗ୍ୟାରେଣ୍ଟି କାର୍ଡ ବାଣ୍ଟିଲେ କଂଗ୍ରେସ ବିଧାୟକ ପ୍ରାର୍ଥୀ


କଂଗ୍ରେସ ବିଧାୟକ ପ୍ରାର୍ଥୀ କେଦାରନାଥ ବରିହା ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରୁଛନ୍ତି।

କୁଚିଣ୍ଡା,୨୨।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ଅନ୍ତର୍ଗତ କଟୁନଗର ଠାରେ ସୋମବାର କଂଗ୍ରେସ ପ୍ରାର୍ଥୀ କେଦାରନାଥ ବରିହା ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ବିଭିନ୍ନ ଗ୍ରାମରୁ ଆସିଥିବା ଜନସାଧାରଣଙ୍କୁ ଗ୍ୟାରେଣ୍ଟି କାର୍ଡ ବିଷୟରେ ଅବଗତ କରାଇଥିଲେ। ଲୋକ ସଭା ପ୍ରାର୍ଥୀ ଦୁଲାଲ ଚନ୍ଦ୍ର ପ୍ରଧାନ ଏବଂ ତାଙ୍କୁ ବିଧାୟକଭାବେ ହାତ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ।ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ବରିହାଙ୍କ ସହ ବରିଷ୍ଠ କଂଗ୍ରେସ ନେତା ଦିଲୀପ ପଟେଲ ଓ ବକ୍ସମା ପଞ୍ଚାୟତର କର୍ମୀମାନେ ଉପସ୍ଥିତ ଥିଲେ।

## ଫାଇଲରେ ସୀମିତ ବିକାଶ

ସମ୍ବଲପୁର,୨୨।୪(ବି.ଶଙ୍କର)

### ଖବରଦାତା ସମ୍ମିଳନୀରେ ଭାଜପାର ଅଭିଯୋଗ

ଓଡିଶାରେ ଦୀର୍ଘ ୨୫ ବର୍ଷ ଧରି ନିରଙ୍କୁଶ ଭାବେ ଶାସନ କ୍ଷମତାରେ ବିଜେଡି ରହିଛି। ତଥାପି ରାଜ୍ୟବାସୀଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗେଇ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅଥଚ ସରକାରଙ୍କ ସମସ୍ତ ସଫଳତା କେବଳ ଫାଇଲରେ ସୀମିତ ହୋଇ ରହିଛି। ସୋମବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ମାର୍ଗଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ବରିଷ୍ଠ ନେତା ଡ.ପ୍ରମୋଦ ରଥ ଏହି ଅଭଯୋଗ କରିଛନ୍ତି। ସେ ସୂଚନା ଦେଇ ଓଡ଼ିଶାର ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ର ସରକାର ୧୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେଇଛନ୍ତି। ହେଲେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ। ସଂପ୍ରତି ସମ୍ବଲପୁରରେ ପିଏଚଡି ପାଣିରେ ପୋକ ବାହାରିବା ଘଟଣା ଲୋକଙ୍କୁ ଭୟଭୀତ କରିଛି। ସେହିପରି କେନ୍ଦ୍ର ସରକାର ବିଭିନ୍ନ ଜଳ ସ୍ରୋତର ସୁରକ୍ଷା ଓ ଶୌଚାଳୟ ନିର୍ମାଣ ପାଇଁ ୧ହଜାର କୋଟି ଟଙ୍କାର ଅନୁଦାନ ଦେଇଛନ୍ତି। କିନ୍ତୁ ପ୍ରକୃତ ସ୍ଥିତି ଠିକ ଓଲଟା ରହିଛି। ସେହିଭଳି ସମ୍ବଲପୁରରେ ଉଠା ଦୋକାନୀଙ୍କ ସମସ୍ୟା ଦୀର୍ଘ ବର୍ଷ ହେବ ରହିଛି। ଭେଣ୍ଡିଙ୍ଗ ଜୋନ ତିଆରି ନ କରି ଗରିବ ଦୋକାନୀଙ୍କୁ ପ୍ରଚଣ୍ଡ ରୌଦ୍ର ସମୟରେ ଉଚ୍ଛେଦ କରାଯାଉଛି। ସମ୍ବଲପୁରକୁ ମହାନଗର ନିଗମ ଘୋଷଣାକୁ ଦୀର୍ଘ ୧୧ବର୍ଷ ବିତିଗଲାଣି। ପରିତାପର ବିଷୟ ଯେ, ନିର୍ବାଚନ ହୋଇପାରୁ ନାହିଁ। ଯଦ୍ୱାରା ମହାନଗର ନିଗମ ଅଞ୍ଚଳରେ ନିର୍ବାଚିତ ପ୍ରତିନିଧି ନ ଥିବାରୁ ସାଧାରଣ ଲୋକେ ନିଜର ପୌର ସମସ୍ୟାର ସମାଧାନ ପାଇଁ ହଇରାଣ ହରକତ ହେଉଛନ୍ତି। ବିଗତ ୫ବର୍ଷ ହେବ ସମ୍ବଲପୁରରେ ଭାଜପା ବିଧାୟକ ଓ ଏମପି ରହିଛନ୍ତି, କିନ୍ତୁ ସେମାନେ ଜନସାଧାରଣଙ୍କ କିପରି ସେବା ଯୋଗାଇ ଦେଇଛନ୍ତି ବୋଲି ଖବରଦାତାମାନେ ପ୍ରଶ୍ନ କରିଥିଲେ। ପ୍ରତ୍ୟୁତ୍ତରରେ ସେମାନେ ରାଜ୍ୟ ସରକାର ପ୍ରତିବନ୍ଧକ ସାଜୁଛି ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ ଷଡ଼ଙ୍ଗୀ, ସମଲେଶ୍ୱରୀ ମଣ୍ଡଳ ସଭାପତି ଶମ୍ଭୁ ବରେଲିଆ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଦ୍ୱାରସ୍ଥ ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା

ସମ୍ବଲପୁର,୨୨।୪(ବି.ଶଙ୍କର)

### ସମଲେଶ୍ୱରୀ ମନ୍ଦିର ପିପଲ ବୃକ୍ଷ ମୂଳେ ବଳିକୁ ବିରୋଧ

ସମଲେଶ୍ୱରୀ ମନ୍ଦିର ପରିସରସ୍ଥ ପିପଳ ବୃକ୍ଷ ମୂଳେ ଦେବୀଙ୍କ ଉଦ୍ଦେଶ୍ୟରେ ବଳି ଦିଆଯାଉଛି । ଏହାକୁ ଶ୍ରୀଶ୍ରୀ ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ଦୃଢ଼ ବିରୋଧ କରିଛି। ସୋମବାର ଏନେଇ ପଣ୍ଡିତ ମହାସଭା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି । ହିନ୍ଦୁ ଧର୍ମରେ ପିପଳ ବୃକ୍ଷର ଏକ ପବିତ୍ରତା ଅଛି । ଏହି ବୃକ୍ଷ ମୂଳରେ ବଳି ଦେବା ଅନୁଚିତ ଅଟେ। ଏହାକୁ ଦୃଷ୍ଟିରେ ରଖି ଜିଲାପ୍ରଶାସନ ପିପଳ ବୃକ୍ଷ ମୂଳେ ଦିଆଯାଉଥିବା ବଳିର ସ୍ଥାନ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି । ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଉର୍ଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳଙ୍କୁ ଦାବିପତ୍ର ପ୍ରଦାନ କରି ଆଲୋଚନା କରିଛନ୍ତି। ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ସଭାପତି ପଣ୍ଡିତ ରବିନାରାୟଣ ପଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରତିନିଧି ଦଳରେ ପଣ୍ଡିତ କାଳିଦାସ ପଣ୍ଡା, ଅମିତ ପଣ୍ଡା, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ଦୀପକ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସରିତ ପାଢ଼ୀ, ମନବୋଧ ପାଢ଼ୀ, ଉତ୍ତମ ରଥ, ମନଜିତ ମିଶ୍ର, ବିଜୟ ପୁରୋହିତ, ଅକ୍ଷୟ ପୁରୋହିତ ଅଜୟ ପଣ୍ଡା, ରମେଶ ପୁରୋହିତ, କାହ୍ନଚରଣ ଷଡଙ୍ଗୀ, ଉପେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଅଞ୍ଚଳର ଧିରେନ୍ଦ୍ର ମହାପାତ୍ର, କିଶୋର ପ୍ରଧାନ, ଅଭୟ ନାୟକ, ଛେଦିଲାଲ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ ।


ସୋମବାର ପଣ୍ଡିତ ମହାସଭା ସଭ୍ୟମାନଙ୍କ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଉଛି।

## ଜାନକୀଙ୍କ ବାଲୁକା ପିଣ୍ଡ ଅର୍ପଣ

ଅମରପାଲି,୨୨।୪(ପୀତାମ୍ବର ସାହୁ)

### ଅଡାଲ ଶ୍ରୀରାମଲୀଳା ମହୋତ୍ସବର ଚତୁର୍ଥ ରଜନୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତର ଅଡାଲ ଗ୍ରାମରେ ମା’ଭଗବତୀ ନାଟ୍ୟ ସାଂସଦ ଆନୁକୂଲ୍ୟରେ ଚାଲିଥିବା ଶ୍ରୀରାମ ଲୀଳା ମହୋତ୍ସବର ଚତୁର୍ଥ ରଜନୀରେ ପରିବେଷଣ ହୋଇଛି ଗୟାତୀର୍ଥ ଲୀଳା ନାଟକ । ଦିନବେଳା ବ୍ରତାଧାରୀମାନେ ନିଷ୍ଠା ଓ କାଷ୍ଠା ସହିତ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟା ଆଳତି ପରେ ସାଧାରଣ ଦର୍ଶନ କରାଯାଇଥିଲା। ରାତିରେ ପରିବେଷଣ ହୋଇଥିଲା ଲୀଳା ନାଟକ। ନାଟ୍ୟାଭିନୟରେ ପିତୃ ସତ୍ୟ ରକ୍ଷା କରି ଶ୍ରୀରାମ, ଲକ୍ଷ୍ମଣ ଓ ମା’ସୀତା ବନବାସ ପରେ ଗୟା କ୍ଷେତ୍ରରେ ଗମନ ପରିବେଷଣ ହୋଇଥିଲା। ଏହା ସହିତ ଗୟା କ୍ଷେତ୍ରରେ ବିପ୍ର ମାନଙ୍କ ସହିତ ସାକ୍ଷାତ, ବିପ୍ର ମାନଙ୍କଠାରୁ ଗୟାସୁରର ମାହାତ୍ମ୍ୟ ଶ୍ରାବଣ, ଗୟା କ୍ଷେତ୍ରରେ ଦଶରଥ ରାଜାଙ୍କ ପିଣ୍ଡ ଦାନ, ମା ’ ଜାନକୀଙ୍କ ଦାରା ଦଶରଥଙ୍କୁ ବାଲୁକା ପିଣ୍ଡ ଅର୍ପଣ, ଗୟାସୁର ବଧ ଆଦି ନାଟ୍ୟାଭିନୟରେ ପରିବେଷଣ କରାଯାଇଥିଲା। ନାଟ୍ୟ ସାଂସଦ କମିଟି ସଭାପତି ବୃନ୍ଦାବନ କର୍ଣ୍ଣ, ସମ୍ପାଦକ କୈବଲ୍ୟ ପ୍ରଧାନ ଓ ଉପଦେଷ୍ଟା ଅନନ୍ତ ରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୀଳା ନାଟକକୁ ଦୈତାରି କଲତା, ରମେଶ ପ୍ରଧାନ, ପିଣ୍ଟୁ ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।

# ବେକରେ ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ସମ୍ବଲପୁର,୨୨।୪(ପ୍ରମୋଦ ବହିଦାର)

ଅଇଁଠାପାଲି ଥାନା ଅନୁଗୁଳିଆ ପଡ଼ାରେ ସ୍ୱାମୀ ନ ଥିବା ସମୟରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ କସ୍ତୁରୀ କିଷାନ (୨୨)। କିଛିଦିନ ପୂର୍ବରୁ କସ୍ତୁରୀ ଓ ତାଙ୍କ ସ୍ୱାମୀ ଝାରସୁଗୁଡ଼ାରୁ ଅନୁଗୁଳିଆ ପଡ଼ା ଆସି ଏକ ଭଡ଼ାଘରେ ରହୁଥିଲେ। ତାଙ୍କ ସ୍ୱାମୀ କୌଣସି କାମରେ ଝାରସୁଗୁଡ଼ା ଯାଇ ସୋମବାର ସକାଳେ ଫେରିଥିଲେ। ସେ କବାଟ ଖୋଲିବାକୁ ସ୍ତ୍ରୀଙ୍କୁ ଡାକିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ଖୋଲି ନ ଥିଲା। ସନ୍ଦେହ ହେବାରୁ ସେ ଘର କବାଟ ଭାଙ୍ଗିବାରୁ କସ୍ତୁରୀ ଘର ଭିତରେ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ପଡ଼ୋଶୀଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛି। ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ କାରଣ ଜଣା ପଡ଼ିବ ବୋଲି ଅଇଁଠାପାଲି ଥାନା ଆଇଆଇସି କହିଛନ୍ତି।

# ସୁରକ୍ଷା, ସଂରକ୍ଷଣକୁ ଗୁରୁତ୍ୱ

ନାକଟିଦେଉଳ, ୨୨।୪(ବୈକୁଣ୍ଠନାଥ ସାହୁ)



ପ୍ରତ୍ନତତ୍ତ୍ୱ ବିଭାଗ ଟିମ୍ ସଦସ୍ୟ ଗୁମ୍ଫା ବୁଲି ଦେଖୁଛନ୍ତି ।

- ଧୁବାତଇଲା, ମରିଚ ତଇଲା ଉଷାକୋଠିରେ ପ୍ରତ୍ନତତ୍ତ୍ୱ ବିଭାଗ ଟିମ୍
- ପ୍ରାଗ-ଐତିହାସିକ ପ୍ରସ୍ତର ଯୁଗର ସାଙ୍କେତିକ ଚିତ୍ର, ଶୀଳାଲେଖା ରହିଛି
- ବୈଜ୍ଞାନିକ ପଦ୍ଧତିରେ ଉତ୍ଖନନ କରାଯିବ: ଟିମ୍ ମୁଖ୍ୟ

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ରାଇଲ ସଂରକ୍ଷିତ ଜଙ୍ଗଲରେ ରହିଛି ଧୁବା ତଇଲା ଏବଂ ମରିଚ ତଇଲା ଉଷାକୋଠି। ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ସଦସ୍ୟ ସୋମବାର ଏହାର ସର୍ବେକ୍ଷଣ କରିଥିଲେ। ବିଭାଗର ଏକ ୬ଜଣିଆ ଟିମ ଏଠାରେ ଥିବା ଗୁମ୍ଫାଗୁଡ଼ିକ ପ୍ରଦିକ୍ଷଣ କରି ସର୍ବେକ୍ଷଣ କରିଥିଲେ। ସର୍ବେକ୍ଷଣ ସମୟରେ ଏହି ଗୁମ୍ଫାଗୁଡ଼ିକର ପ୍ରସ୍ତରରେ ବିଭିନ୍ନ ପଶୁ ପକ୍ଷୀ ଏବଂ ମଣିଷର ହାତ ଏବଂ ପାଦ ଚିହ୍ନ ଥିବା ସେମାନେ ଦେଖିବାକୁ ପାଇଥିଲେ। ପ୍ରତ୍ନତତ୍ତ୍ୱ ବିଭାଗ ଅଧୀକ୍ଷକ ଡ଼.ବିବିଶଦ ଗଡ଼ନାୟକଙ୍କ ନେତୃତ୍ୱରେ ସହାୟକ ଅଧୀକ୍ଷକ ଟି.ବି ପ୍ରଧାନ, ସହାୟକ ପ୍ରତ୍ନତତ୍ତ୍ୱବିତ୍ ଉମାକାନ୍ତ ଭୋଇ, ସର୍ବେକ୍ଷକ ଶୁଭେନ୍ଦୁ ଖୁଣ୍ଟିଆ, ରେଖାକାର ପବିତ୍ର ମୋହନ ବାରିକ ଏବଂ ଫଟୋଗ୍ରାଫର ଦେବାଶୀଷ ମିଶ୍ର ପ୍ରମୁଖ ଏହି ସର୍ବେକ୍ଷଣ କରିଥିଲେ।

ପ୍ରତ୍ନତତ୍ତ୍ୱ ବିଭାଗ ଟିମ ସୋମବାର ସକାଳେ ନାକଟୀଦେଉଳ ବ୍ଲକର ଜାମୁଯୋରୀ ପଞ୍ଚାୟତ ଅନ୍ତର୍ଗତ ବିନ୍ଧପୁର ଗ୍ରାମରେ ପହଞ୍ଚିବା ପରେ ସେଠାରୁ ରଇଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଧୁବା ତଇଲା ଏବଂ ମରିଚ ତଇଲା ଉଷାକୋଠିକୁ ଯାଇଥିଲେ। ଏହି ସ୍ଥାନଗୁଡ଼ିକରେ ପୂର୍ବରୁ ମଧ ଗତ ୨୦୦୧ ଏବଂ ୨୦୦୮ ମସିହାରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସର୍ବେକ୍ଷଣ କରାଯାଇଥିଲା। ତେବେ ପ୍ରାଗ ଐତିହାସିକ ପ୍ରସ୍ତର ଯୁଗର ଏହି ସବୁ ଗୁମ୍ଫାରେ ଥିବା ସାଙ୍କେତିକ ଚିତ୍ର ସବୁ ଅନୁଧ୍ୟାନ କରି ଏହାର ସୁରକ୍ଷା ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଆଗାମୀ ଦିନରେ ପଦକ୍ଷେପ ପାଇଁ ପ୍ରୟାସ ଆରମ୍ଭ କରାଯାଇଛି ବୋଲି ଏହି ସର୍ବେକ୍ଷଣ ଟିମ୍ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ନାକଟିଦେଉଳ ବ୍ଲକର ରାଇଲ ଏବଂ ଲାଣ୍ଡିମାଲ ସଂରକ୍ଷିତ ଜଙ୍ଗଲରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଛୋଟବଡ଼ ଗୁମ୍ଫା ରହିଛି। ଏଥିରେ ପ୍ରାଗ–ଐତିହାସିକ ପ୍ରସ୍ତର ଯୁଗର ବିଭିନ୍ନ ସାଙ୍କେତିକ ଚିତ୍ର ଓ ଶୀଳାଲେଖ ସବୁ ରହିଛି। ଆଗାମୀ ଦିନରେ ବୈଜ୍ଞାନିକ ପଦ୍ଧତିରେ ଏ ସବୁର ଉତଖନନ କରାଯାଇ ଅଧିକ ଅନୁଧ୍ୟାନ କରାଯିବ ବୋଲି ସର୍ବେକ୍ଷଣ ଦଳର ମୁଖ୍ୟ ଡ଼. ବିବିଶଦ ଗଡ଼ନାୟକ ପ୍ରକାଶ କରିଛନ୍ତି। ଏହି ସର୍ବେକ୍ଷଣ କାର୍ଯ୍ୟ ସମୟରେ ନାକଟୀଦେଉଳ ସ୍ନାତକ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧାପକ ଦେବେଶ ବିଶ୍ୱାଳ, ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ରମେଶ ଅଗ୍ରୱାଲାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ବିଜେଡି ଛାଡ଼ିଲେ ବିଶ୍ୱନାଥ ନାୟକ



ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ବ୍ରଜରାଜନଗର,୨୨।୪(ବିଜୟ ବରାଡ଼)

ଝାରସୁଗୁଡା ଜିଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ ତାଙ୍କର ଶତାଧିକ ସମର୍ଥକଙ୍କ ସହିତ ଦଳ ଛାଡିଛନ୍ତି। ବ୍ରଜରଜନଗର ନିର୍ବାଚନମଣ୍ଡଳୀର ଦୁର୍ବଳ ନେତୃତ୍ୱ ଓ ବିଜେଡିର ରାଜ୍ୟସ୍ତରୀୟ ପଦାଧିକାଙ୍କ ଅଣଦେଖା ତାଙ୍କୁ ଦଳ ଛାଡିବାକୁ ବାଧ କଲା ବୋଲି ସୋମବାର ସନ୍ଧ୍ୟାରେ ତାଙ୍କ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ୧୯୯୦ରୁ ବିଜୁ ଜନତା ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରଥମେ ଜନତା ଦଳ ପରେ ୧୯୯୩ରେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ୧୯୯୩ରୁ ଆଜି ପର୍ଯ୍ୟନ୍ତ ବିଜେଡିର ବିଭିନ୍ନ ପାଦପଦବୀରେ ରହି ସେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇ ଆସିଛନ୍ତି। ସ୍ୱର୍ଗତ କିଶୋର ମହାନ୍ତିଙ୍କ ଦେହାନ୍ତ ପରେ ଉପ ନିର୍ବାଚନରେ ମଧ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ବିଜୁ ଜନତା ଦଳର ବିଧାୟିକା ନିର୍ବାଚିତ ହେବା ପରେ ଦଳ ତାଙ୍କୁ ଅଣଦେଖା କରିବା ଆରମ୍ଭ କଲା । ତାଙ୍କର କାର୍ଯ୍ୟକଳାପକୁ ନା ସ୍ଥାନୀୟ ନେତୃତ୍ୱ ନା ରାଜ୍ୟ ନେତୃତ୍ୱ କେହି ତାଙ୍କୁ ଚିହ୍ନି ପାରିଲେ ନାହିଁ। ଯେଉଁ ଦଳରେ ସମ୍ମାନ ନାହିଁ ସେ ଦଳରେ ଆଉ କାର୍ଯ୍ୟ କରିବା ସମ୍ଭବ ହେବନାହିଁ ଭାବି ଦଳ ତ୍ୟାଗ କଲେ ଆଗାମୀ ଦିନରେ ବ୍ରଜରଜନଗର ମାଟିର ସ୍ୱାର୍ଥ ଓ ବିକାଶ ଲାଗି ଲଢେଇ ଜାରି ରଖିବେ ବୋଲି ପ୍ରକାଶ କରିଥିଲେ। ତାଙ୍କ ଶୁଭେଚ୍ଛୁ ଓ ସମର୍ଥକମାନଙ୍କ ସହିତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ। ନାୟକଙ୍କ ସହିତ ପୂର୍ବତନ କଉନସିଲର ସତ୍ୟାନନ୍ଦ ଦାସ, ଗଜେନ୍ଦ୍ର ରୋହିଦାସ, ସତ୍ୟାନନ୍ଦ ଆଚାର୍ଯ୍ୟ, ବରିଷ୍ଠ ସଦସ୍ୟ ସେସଦେବ ସାହୁ, ପ୍ରଭାତ ଦାସ, ଅଜିତ ପୁରୋହିତ, ଛତ୍ର ନେତା ମନୋଜ ହରିଜନ, ବିଜୟୀ ପାଣି ପ୍ରମୁଖ ଦଳରୁ ଇସ୍ତଫା ଦେଇଥିଲେ।

# ଜିଲା ଦିବ୍ୟାଙ୍ଗ ସ୍କୁଲ, ଇକୋ କ୍ଲବ ପକ୍ଷରୁ ପୃଥିବୀ ଦିବସ ପାଳିତ

ଝାରସୁଗୁଡ଼ା, ୨୨।୪ (ସଞ୍ଜୟ ମାଲି)

ସ୍ଥାନୀୟ ବୁରୋମାଲ ବୁଡାପଡାସ୍ଥିତ ଜିଲା ଦିବ୍ୟାଙ୍ଗ ବିଦ୍ୟାଳୟ ପକ୍ଷରୁ ଝାରସୁଗୁଡ଼ା ସମନ୍ୱିତ ସ୍ୱତନ୍ତ୍ର ବିଦ୍ୟାଳୟ ପେକ୍ଷାଳୟରେ ପୃଥିବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ଏବର୍ଷର ପ୍ରସଙ୍ଗ ପୃଥିବୀ ବନାମ ପ୍ଲାଷ୍ଟିକ ଉପରେ ନିଜର ବକ୍ତବ୍ୟ ପ୍ଲାଷ୍ଟିକ ଦ୍ୱାରା ମାଟିର ଜୈବିକ କ୍ଷମତା ହ୍ରାସ ପାଇବା ସହ ପୋଡିବା ଦ୍ୱାର ବାୟୁମଣ୍ଡଳ ବିଷାକ୍ତ ଗ୍ୟାସରେ ପ୍ରଦୂଷଣ ହେବା ଦାରା ମଣିଷ ନିଜେ ନିଜର ମୃତ୍ୟୁକୁ ବରଣ କରୁଛି ବୋଲି ମତ ରଖିଥିଲେ। ସ୍କୁଲ ସଚିବ ନିକୁଞ୍ଜ ବିହାରୀ ଜ୍ୟୋତିଷ ପୃଥିବୀ କିଭଳି ସୃଷ୍ଟି ହେଲା ତାର ପୌରାଣିକ ଦୃଷ୍ଟିରେ ବକ୍ତବ୍ୟ ଦେବା ସହ ଭଗବାନଙ୍କ ଅନୁପମ ଦାନ ପୃଥିବୀକୁ ସୁରକ୍ଷା କଲେ ଆମେ ଓ ଆଗାମୀ ପୀଢ଼ି ସୁରକ୍ଷିତ ପାରିବେ ବୋଲି କହିଥିଲେ । ପ୍ରତିଷ୍ଠାତା ମିଶ୍ରଙ୍କ ପୌରହିତ୍ୟରେ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ, ଛାତ୍ରୀଛାତ୍ର ଓ କମିଟି ସଭ୍ୟ ସମସ୍ତେ ପ୍ଲାଷ୍ଟିକ ବର୍ଜନ ପାଇଁ ଶପଥ ପାଠ କରିଥିଲେ। ଶେଷରେ ଅଧକ୍ଷା ଅଧକ୍ଷା ସୁଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।



ପ୍ଲାଷ୍ଟିକ ବର୍ଜନ ଉପରେ ସାମୂହିକ ଶପଥ ପାଠ।

# ଅବସରପ୍ରାପ୍ତ ପୌର କର୍ମଚାରୀଙ୍କ ଅନଶନ ପ୍ରତ୍ୟାହୃତ



ଅବସରପ୍ରାପ୍ତ କର୍ମଚାରୀମାନେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି।

## ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିଲା

ଦେବଗଡ଼,୨୨।୪
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌର ପରିଷଦ ଅବସରପ୍ରାପ୍ତ କର୍ମଚାରୀମାନେ ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିଥିଲେ। ଆସନ୍ତା ଶୁକ୍ରବାର ମଧ୍ୟରେ ଦାବି ପୂରଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଦେବଗଡ ପୌର ପରିଷଦ ଅବସରପ୍ରାପ୍ତ କର୍ମଚାରୀ ବିପିନ ବିହାରୀ ଆଚାର୍ଯ୍ୟ, ଅଶୋକ କୁମାର ମିଶ୍ର, ମୋହିନୀ ରଞ୍ଜନ ଦାସ, ତନୁଚନ୍ଦ୍ର ଖୁଣ୍ଟିଆ, ଚକ୍ର ନାୟକ ଓ ସୁଦର୍ଶନ ଦେବଙ୍କୁ ୨୦୧୬ରୁ ୨୦୨୨ ଜୁନ ପର୍ଯ୍ୟନ୍ତ ସପ୍ତମ ବେତନ କମିଶନ ଅନୁଯାୟୀ ପାଇବାକୁ ଥିବା ବକେୟା ପ୍ରାପ୍ୟ ପ୍ରଦାନ କରାଯାଇନାହିଁ। ଏ ନେଇ ବିଭିନ୍ନ ସମୟରେ ସେମାନେ ବିଭାଗୀୟ ଅଧିକାରୀମାନଙ୍କ ନିକଟରେ ଅଭିଯୋଗ କରିବା ସହ ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ଦାବି କରି ଆସୁଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ନୈରାଶ୍ୟ ଭାବ ପ୍ରକାଶ ପାଇଥିଲା। ଗତ ୧୮ ତାରିଖରେ ଦେବଗଡ ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିବା ସହ ଏହାର ନକଲ ଦେବଗଡ ପୌର ପରିଷଦ ଅଧକ୍ଷା ଓ ଦେବଗଡ ଜିଲାପଳଙ୍କୁ ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ସେମାନେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ସ୍ମାରକପତ୍ରରେ ଲିଖିତ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ଦାବି ପୁରଣ ନ ହେବାରୁ ସୋମବାର ଅବସରପ୍ରାପ୍ତ ପୌର କର୍ମଚାରୀମାନେ ଦେବଗଡ ପୌର କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଆରମ୍ଭ କରିଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ୱାଇଁ ଅନଶନସ୍ଥଳରେ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିବା ସହ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ/ସଚିବଙ୍କ ସହିତ ମୋବାଇଲରେ କଥାବାର୍ତ୍ତା କରାଇଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଆଗାମୀ ଶୁକ୍ରବାର ମଧ୍ୟରେ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ସେମାନେ ଅନଶନ ପ୍ରାତ୍ୟାହର କରିଥିବା ଜଣାପଡିଛି।

# ଗ୍ରୀଷ୍ମରେ ନିରବଚ୍ଛିନ୍ନ ସେବା ଯୋଗାଇବ ଟିପିଡବ୍ଲ୍ୟୁଓଡିଏଲ

ସମ୍ବଲପୁର,୨୨।୪(ବି.ଶଙ୍କର)



ସଂପ୍ରତି ସାରା ରାଜ୍ୟରେ ଗ୍ରୀଷ୍ମର ଲହରୀ ଜାରି ରହିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ପଶ୍ଚିମ ଓଡ଼ିଶାର ବିଦ୍ୟୁତ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇ ଦେବା ଦିଗରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ଼ (ଟିପିଡବ୍ଲୁଓଡିଏଲ) ପଦକ୍ଷେପ ଗ୍ରହଣ କରୁଛି। ଏହିକ୍ରମରେ ଆର୍ଥ ପିଟଗୁଡ଼ିକରେ ଜଳସେଚନ କରୁଛି। ଚଳିତ ଗ୍ରୀଷ୍ମ ଋତୁରେ ଲୋଭୋଲଟେଜ ସମସ୍ୟାକୁ ରୋକିବା ପାଇଁ ଅନ୍ୟ ଏକ ପଦକ୍ଷେପ ସ୍ୱରୁପପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ବିଭିନ୍ନ ଟ୍ରାନ୍ସଫର୍ମରଗୁଡ଼ିକର ଆର୍ଥ ପିଟରେ ନିୟମିତଭାବେ ଜଳସିଞ୍ଚନ କରୁଛି। ଗୁଣାତ୍ମକ ବିଦ୍ୟୁତ ବିତରଣ ଦିଗରେ ଟ୍ରାନ୍ସଫର୍ମରଗୁଡିକର ସଠିକ କାର୍ଯ୍ୟକାରିତା ଲାଗି ଆର୍ଥ ପିଟଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ପ୍ରଚଣ୍ଡ ଗ୍ରୀଷ୍ମ ଏବଂ ଶୁଖିଲା ପାଗ ସମୟରେ ଏହି ଆର୍ଥ ପିଟ ଗୁଡ଼ିକର ଚାରିପାଖରେ ଥିବା ମାଟି ଶୁଷ୍କ ହୋଇଯାଏ । ଯାହାଦ୍ୱାରା ପରବର୍ତ୍ତୀ ସମୟ ବିଦ୍ୟୁତ ଯୋଗାଣରେ ଲୋ ଭୋଲଟେଜର ସମସ୍ୟା ଉପୁଜି ଥାଏ । ତେଣୁ ଏହି ଆହ୍ୱାନର ମୁକାବିଲା କରିବାକୁ ଟିପିଡବ୍ଲୁଓଡିଏଲ ନିୟମିତ ଭାବରେ ଟ୍ରାନ୍ସଫର୍ମରର ଆର୍ଥ ପିଟଗୁଡ଼ିକର ଜଳସେଚନ କରିବା ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଯାହା ଫଳରେ ଭୋଲଟେଜ ସ୍ଥିରତା ଆସିବା ସହିତ ଗୁଣାତ୍ମକ ତଥା ନିରବଚ୍ଛିନ୍ନ ବିଦ୍ୟୁତ ସେବା ଜାରି ରହିବ ବୋଲି ବୁର୍ଲା ସ୍ଥିତ ଟିପିଡବ୍ଲ୍ୟୁଡିଏଲ କର୍ପୋରେଟ କାର୍ଯ୍ୟାଳୟ ପକ୍ଷରୁ ସୂଚିତ କରାଯାଇଛି ।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ବରଗଡ଼,୨୨।୪
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଛି। ଜିଲା କ୍ରୀଡ଼ା ସଂସଦର ଉପସଭାପତି ଯୁଗଳ ପ୍ରସାଦ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ସମ୍ପାଦକ କିଶୋର ମିଶ୍ର ସଂଯୋଜନା କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦ, କ୍ରୀଡ଼ା ସମ୍ପାଦକ ହରଦୀପ ସିଂ, କାଉନସିଲ ମେମ୍ବର ଦିଲୀପ ସାୱଡ଼ିଆ, ସର୍ଦ୍ଦାର ପ୍ରୀତମ ସିଂ, ଆଉଟଡୋର୍ ସମ୍ପାଦକ ସୁରେଶ କୁମାର ଦାଶ, ସଚ୍ଚିଦାନନ୍ଦ ପଣ୍ଡା, ଡଃ ଶୁଭ୍ରାଂଶୁ ମହାପାତ୍ର, ପ୍ରଦୀପ ସାହୁ, ଜ୍ଞାନରଞ୍ଜନ ପୂଜାରୀ, ଅତିଶ ପଣ୍ଡା, ଶେକ୍ ସବଦର୍, ପ୍ରତାପ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ୩୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି।



 କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ଅତିଥିବୃନ୍ଦ।

# ଗ୍ୟାରେଣ୍ଟି କାର୍ଡ ବାଣ୍ଟିଲେ କଂଗ୍ରେସ ବିଧାୟକ ପ୍ରାର୍ଥୀ



କଂଗ୍ରେସ ବିଧାୟକ ପ୍ରାର୍ଥୀ କେଦାରନାଥ ବରିହା ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରୁଛନ୍ତି।

କୁଚିଣ୍ଡା,୨୨।୪(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ଅନ୍ତର୍ଗତ କଟୁନଗର ଠାରେ ସୋମବାର କଂଗ୍ରେସ ପ୍ରାର୍ଥୀ କେଦାରନାଥ ବରିହା ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ବିଭିନ୍ନ ଗ୍ରାମରୁ ଆସିଥିବା ଜନସାଧାରଣଙ୍କୁ ଗ୍ୟାରେଣ୍ଟି କାର୍ଡ ବିଷୟରେ ଅବଗତ କରାଇଥିଲେ। ଲୋକ ସଭା ପ୍ରାର୍ଥୀ ଦୁଲାଲ ଚନ୍ଦ୍ର ପ୍ରଧାନ ଏବଂ ତାଙ୍କୁ ବିଧାୟକଭାବେ ହାତ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ।ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ବରିହାଙ୍କ ସହ ବରିଷ୍ଠ କଂଗ୍ରେସ ନେତା ଦିଲୀପ ପଟେଲ ଓ ବକ୍ସମା ପଞ୍ଚାୟତର କର୍ମୀମାନେ ଉପସ୍ଥିତ ଥିଲେ।

# ଫାଇଲରେ ସୀମିତ ବିକାଶ

ସମ୍ବଲପୁର,୨୨।୪(ବି.ଶଙ୍କର)

## ଖବରଦାତା ସମ୍ମିଳନୀରେ ଭାଜପାର ଅଭିଯୋଗ

ଓଡିଶାରେ ଦୀର୍ଘ ୨୫ ବର୍ଷ ଧରି ନିରଙ୍କୁଶ ଭାବେ ଶାସନ କ୍ଷମତାରେ ବିଜେଡି ରହିଛି। ତଥାପି ରାଜ୍ୟବାସୀଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗେଇ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅଥଚ ସରକାରଙ୍କ ସମସ୍ତ ସଫଳତା କେବଳ ଫାଇଲରେ ସୀମିତ ହୋଇ ରହିଛି। ସୋମବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ମାର୍ଗଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ବରିଷ୍ଠ ନେତା ଡ.ପ୍ରମୋଦ ରଥ ଏହି ଅଭଯୋଗ କରିଛନ୍ତି। ସେ ସୂଚନା ଦେଇ ଓଡ଼ିଶାର ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ର ସରକାର ୧୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଦେଇଛନ୍ତି। ହେଲେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ। ସଂପ୍ରତି ସମ୍ବଲପୁରରେ ପିଏଚଡି ପାଣିରେ ପୋକ ବାହାରିବା ଘଟଣା ଲୋକଙ୍କୁ ଭୟଭୀତ କରିଛି। ସେହିପରି କେନ୍ଦ୍ର ସରକାର ବିଭିନ୍ନ ଜଳ ସ୍ରୋତର ସୁରକ୍ଷା ଓ ଶୌଚାଳୟ ନିର୍ମାଣ ପାଇଁ ୧ହଜାର କୋଟି ଟଙ୍କାର ଅନୁଦାନ ଦେଇଛନ୍ତି। କିନ୍ତୁ ପ୍ରକୃତ ସ୍ଥିତି ଠିକ ଓଲଟା ରହିଛି। ସେହିଭଳି ସମ୍ବଲପୁରରେ ଉଠା ଦୋକାନୀଙ୍କ ସମସ୍ୟା ଦୀର୍ଘ ବର୍ଷ ହେବ ରହିଛି। ଭେଣ୍ଡିଙ୍ଗ ଜୋନ ତିଆରି ନ କରି ଗରିବ ଦୋକାନୀଙ୍କୁ ପ୍ରଚଣ୍ଡ ରୌଦ୍ର ସମୟରେ ଉଚ୍ଛେଦ କରାଯାଉଛି। ସମ୍ବଲପୁରକୁ ମହାନଗର ନିଗମ ଘୋଷଣାକୁ ଦୀର୍ଘ ୧୧ବର୍ଷ ବିତିଗଲାଣି। ପରିତାପର ବିଷୟ ଯେ, ନିର୍ବାଚନ ହୋଇପାରୁ ନାହିଁ। ଯଦ୍ୱାରା ମହାନଗର ନିଗମ ଅଞ୍ଚଳରେ ନିର୍ବାଚିତ ପ୍ରତିନିଧି ନ ଥିବାରୁ ସାଧାରଣ ଲୋକେ ନିଜର ପୌର ସମସ୍ୟାର ସମାଧାନ ପାଇଁ ହଇରାଣ ହରକତ ହେଉଛନ୍ତି। ବିଗତ ୫ବର୍ଷ ହେବ ସମ୍ବଲପୁରରେ ଭାଜପା ବିଧାୟକ ଓ ଏମପି ରହିଛନ୍ତି, କିନ୍ତୁ ସେମାନେ ଜନସାଧାରଣଙ୍କ କିପରି ସେବା ଯୋଗାଇ ଦେଇଛନ୍ତି ବୋଲି ଖବରଦାତାମାନେ ପ୍ରଶ୍ନ କରିଥିଲେ। ପ୍ରତ୍ୟୁତ୍ତରରେ ସେମାନେ ରାଜ୍ୟ ସରକାର ପ୍ରତିବନ୍ଧକ ସାଜୁଛି ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ ଷଡ଼ଙ୍ଗୀ, ସମଲେଶ୍ୱରୀ ମଣ୍ଡଳ ସଭାପତି ଶମ୍ଭୁ ବରେଲିଆ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଦ୍ୱାରସ୍ଥ ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା

ସମ୍ବଲପୁର,୨୨।୪(ବି.ଶଙ୍କର)

## ସମଲେଶ୍ୱରୀ ମନ୍ଦିର ପିପଳ ବୃକ୍ଷ ମୂଳେ ବଳିକୁ ବିରୋଧ

ସମଲେଶ୍ୱରୀ ମନ୍ଦିର ପରିସରସ୍ଥ ପିପଳ ବୃକ୍ଷ ମୂଳେ ଦେବୀଙ୍କ ଉଦ୍ଦେଶ୍ୟରେ ବଳି ଦିଆଯାଉଛି । ଏହାକୁ ଶ୍ରୀଶ୍ରୀ ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ଦୃଢ଼ ବିରୋଧ କରିଛି। ସୋମବାର ଏନେଇ ପଣ୍ଡିତ ମହାସଭା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି । ହିନ୍ଦୁ ଧର୍ମରେ ପିପଳ ବୃକ୍ଷର ଏକ ପବିତ୍ରତା ଅଛି । ଏହି ବୃକ୍ଷ ମୂଳରେ ବଳି ଦେବା ଅନୁଚିତ ଅଟେ। ଏହାକୁ ଦୃଷ୍ଟିରେ ରଖି ଜିଲାପ୍ରଶାସନ ପିପଳ ବୃକ୍ଷ ମୂଳେ ଦିଆଯାଉଥିବା ବଳିର ସ୍ଥାନ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି । ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଉର୍ଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳଙ୍କୁ ଦାବିପତ୍ର ପ୍ରଦାନ କରି ଆଲୋଚନା କରିଛନ୍ତି । ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ସଭାପତି ପଣ୍ଡିତ ରବିନାରାୟଣ ପଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରତିନିଧି ଦଳରେ ପଣ୍ଡିତ କାଳିଦାସ ପଣ୍ଡା, ଅମିତ ପଣ୍ଡା, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ଦୀପକ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସରିତ ପାଢ଼ୀ, ମନବୋଧ ପାଢ଼ୀ, ଉତ୍ତମ ରଥ, ମନଜିତ ମିଶ୍ର, ବିଜୟ ପୁରୋହିତ, ଅକ୍ଷୟ ପୁରୋହିତ ଅଜୟ ପଣ୍ଡା, ରମେଶ ପୁରୋହିତ, କାହ୍ନଚରଣ ଷଡଙ୍ଗୀ, ଉପେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଅଞ୍ଚଳର ଧିରେନ୍ଦ୍ର ମହାପାତ୍ର, କିଶୋର ପ୍ରଧାନ, ଅଭୟ ନାୟକ, ଛେଦିଲାଲ ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ ।



ସୋମବାର ପଣ୍ଡିତ ମହାସଭା ସଭ୍ୟମାନଙ୍କ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଉଛି।

# ଜାନକୀଙ୍କ ବାଲୁକା ପିଣ୍ଡ ଅର୍ପଣ

ଅମରପାଲି,୨୨।୪(ପୀତାମ୍ବର ସାହୁ)

## ଅଡାଲ ଶ୍ରୀରାମଲୀଳା ମହୋତ୍ସବର ଚତୁର୍ଥ ରଜନୀ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତର ଅଡାଲ ଗ୍ରାମରେ ମା'ଭଗବତୀ ନାଟ୍ୟ ସାଂସଦ ଆନୁକୂଲ୍ୟରେ ଚାଲିଥିବା ଶ୍ରୀରାମ ଲୀଳା ମହୋତ୍ସବର ଚତୁର୍ଥ ରଜନୀରେ ପରିବେଷଣ ହୋଇଛି ଗୟାତୀର୍ଥ ଲୀଳା ନାଟକ । ଦିନବେଳା ବ୍ରତାଧାରୀମାନେ ନିଷ୍ଠା ଓ କାଷ୍ଠା ସହିତ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟା ଆଳତି ପରେ ସାଧାରଣ ଦର୍ଶନ କରାଯାଇଥିଲା। ରାତିରେ ପରିବେଷଣ ହୋଇଥିଲା ଲୀଳା ନାଟକ। ନାଟ୍ୟାଭିକ୍ରମରେ ପିତୃ ସତ୍ୟ ରକ୍ଷା କରି ଶ୍ରୀରାମ, ଲକ୍ଷ୍ମଣ ଓ ମା'ସୀତା ବନବାସ ପରେ ଗୟା କ୍ଷେତ୍ରରେ ଗମନ ପରିବେଷଣ ହୋଇଥିଲା। ଏହା ସହିତ ଗୟା କ୍ଷେତ୍ରରେ ବିପ୍ର ମାନଙ୍କ ସହିତ ସାକ୍ଷାତ, ବିପ୍ର ମାନଙ୍କଠାରୁ ଗୟାସୁରର ମାହାତ୍ମ୍ୟ ଶ୍ରାବଣ, ଗୟା କ୍ଷେତ୍ରରେ ଦଶରଥ ରାଜାଙ୍କ ପିଣ୍ଡ ଦାନ, ମା ' ଜାନକୀଙ୍କ ଦାରା ଦଶରଥଙ୍କୁ ବାଲୁକା ପିଣ୍ଡ ଅର୍ପଣ, ଗୟାସୁର ବଧ ଆଦି ନାଟ୍ୟାଭିକ୍ରମରେ ପରିବେଷଣ କରାଯାଇଥିଲା। ନାଟ୍ୟ ସାଂସଦ କମିଟି ସଭାପତି ବୃନ୍ଦାବନ କର୍ଣ୍ଣ, ସମ୍ପାଦକ କୈବଲ୍ୟ ପ୍ରଧାନ ଓ ଉପଦେଷ୍ଟା ଅନନ୍ତ ରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୀଳା ନାଟକକୁ ଦୈତାରି କଲତା, ରମେଶ ପ୍ରଧାନ, ପିଙ୍କୁ ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କଂଗ୍ରେସରୁ ଇସ୍ତଫା ଦେଲେ ବରିଷ୍ଠ କର୍ମୀ

ଜମନକିରା,୨୨।୪(ରବୀନ୍ଦ୍ର ପ୍ରସାଦ ଦାନୀ)

ପୂର୍ବତନ କଂଗ୍ରେସ ବିଧାୟକ ରାଜେନ୍ଦ୍ର ଛତ୍ରିଆ ଦଳରୁ ଇସ୍ତଫା ଦେଇ ବିଜେଡିରେ ଯୋଗ ଦେବା ସହିତ କୁଚିଣ୍ଡାରୁ ବିଧାୟକ ପ୍ରାର୍ଥୀ ଭାବେ ବିଜୁ ଜନତା ଦଳ ଟିକେଟ ପାଇଛନ୍ତି। ସୋମବାର ଏହି ନିର୍ବାଚନ ମଣ୍ଡଳୀ ଅଧୀନ ଜମନକିରା କଂଗ୍ରେସର ଆଗ ଧାଡ଼ିର ନେତା ଗୋକୁଳାନନ୍ଦ ଦାନୀ ନିଜର ଇସ୍ତଫା ପତ୍ର ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ପଠାଇଛନ୍ତି। ଏପରି ସ୍ଥଳେ କଂଗ୍ରେସକୁ ଶକ୍ତ ଝଟକା ଲାଗିଛି। ହେଲେ ଦାନୀ କେଉଁ ଦଳରେ ଯୋଗଦେବେ ଅଦ୍ୟାବଧି ତାହା ଜଣାପଡି ନାହିଁ। ତେବେ ସେ ଭାଜପାରେ ଯୋଗ ଦେଇପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

### ଦେବୀ ଦର୍ଶନ କଲେ ଆପ୍ ପ୍ରାର୍ଥୀ



ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପ୍ରାର୍ଥି ଡା. ଆଶିଷ ଶତପଥି ସୋମବାର ସହରର ଶକ୍ତିପୀଠ ଗୁଡ଼ିକୁ ଯାଇ ଦେବୀ ଦର୍ଶନ ସହିତ ଆଶୀର୍ବାଦ କାମନା କରିଛନ୍ତି। ବରଗଡ଼ ସହରସ୍ଥିତ ମା'ଶ୍ୟାମାକାଳୀ, ଦୁର୍ଗା ଏବଂ ସମଲେଶ୍ୱରୀ ମନ୍ଦିରକୁ ସେ ଯାଇ ପୂଜାର୍ଚ୍ଚନା କରିଥିଲେ। ଦେବୀ ଦର୍ଶନ ପରେ ସେ ନିର୍ବାଚନୀ ପ୍ରଚାରରେ ବାହାରିଥିଲେ। ତାଙ୍କ ସହିତ ଦଳର ଜିଲା ଆବାହକ ଭବାନୀ ସାହୁ, ଅମିତାଭ ପାତ୍ର, ସ୍ୱରୂପ ଭୋଇ, ଅସିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସିଦ୍ଧେଶ୍ୱରୀ ଜଣାଣ ଉନ୍ମୋଚିତ

ସମ୍ବଲପୁର,୨୨।୪(ବି.ଶଙ୍କର)

ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ସୋମବାର ସିଦ୍ଧେଶ୍ୱରୀ ଜଣାଣର ଦ୍ୱିତୀୟ ସଂସ୍କରଣ ସୋମବାର ଉନ୍ମୋଚିତ ହୋଇଯାଇଛି । ସ୍ଥାନୀୟ କୁଞ୍ଜେଲପଡା ସ୍ଥିତ ହୋତା ପଡ଼ା ଜଗନ୍ନାଥ ମନ୍ଦିର ପରିସରରେ କାର୍ଯ୍ୟକ୍ରମ ହୋଇଥିଲା। ସିଦ୍ଧେଶ୍ୱରୀ ଧର୍ମ ସଂସଦ ସଭାପତି ଗୋପୀନାଥ ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ହେମନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଜନ୍ମେଜୟ ବାବୁ, ଅମୀୟ ପାଣି, ସବିତା ଷଡଙ୍ଗୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ସହ ସମ୍ପାଦିକା ସବିତା ମିଶ୍ର ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ, ଗୁରୁ ସତ୍ୟନାରାୟଣ ବହିଦାର ରଚିତ ସିଦ୍ଧେଶ୍ୱରୀ ଜଣାଣର ରଚୟିତା ଅଟନ୍ତି ।

### ଗଞ୍ଜେଇ ଚାଲାଣ: ୨ ଗିରଫ

ଝାରସୁଗୁଡ଼ା, ୨୨।୪ (ସଞ୍ଜୟ ମାଲି)

ଝାରସୁଗୁଡା ରେଲୱେ ଷ୍ଟେଶନ ପ୍ଲାଟଫର୍ମ ୧ରେ ସୋମବାର ଅପରାହ୍ନ ୩ଟାରେ ଏସଆଇ ଜେ.ସେଠ ଓ ତାଙ୍କ ସହଯୋଗୀଙ୍କ ଯାଞ୍ଚ ବେଳେ ୨ଜଣଙ୍କଠାରୁ ଦୁଇଟି ବସ୍ତାରେ ୫ କିଲୋ ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଅନୁଗୋଳ ଜିଲା ଧାରୁଆଖମନ ଅଞ୍ଚଳର ଦୁସମନ୍ତ ନାଏକ ଓ ବସନ୍ତପୁର ଅଞ୍ଚଳର କଳାକର ପ୍ରଧାନ ଉଭୟ ଟ୍ରେନ ଯୋଗେ ଗଞ୍ଜେଇ ଚାଲାଣ କରୁଥିଲେ।

# ଚାଷୀଙ୍କୁ ଚିନ୍ତା: ଧାନକେଣ୍ଡାରୁ ବାହାରୁନି ଧାନ

ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)

ଧାନଗଛ ହୃଷ୍ଟପୁଷ୍ଟଭାବେ ବଢ଼ିଛି। ଧାନକେଣ୍ଡା ମଧ୍ୟ ରହିଛି। ହେଲେ ଧାନକେଣ୍ଡାରେ ଧାନ ନାହିଁ। ବରଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ ଧାଙ୍ଗେର ଗ୍ରାମରେ ଏସ. ଗୋପାଳକ୍ରିଷ୍ଣାଙ୍କ ୪୦ ଏକର ଜମିରେ ଧାନ ଫସଲ ଏଭଳି ହୋଇଛି। ଧାନ ଅମଳ ସମୟରେ ଫସଲର ଏଭଳି ଅବସ୍ଥା ଦେଖି ସମ୍ପୃକ୍ତ ଚାଷୀ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ତେବେ କେଉଁ କାରଣ ପାଇଁ ଫସଲ ସେଭଳି ହୋଇଛି, ତାହା ଜଣାପଡ଼ି ନାହିଁ। ଏ ନେଇ ଗୋପାଳକ୍ରିଷ୍ଣା କୃଷି ଅଧିକାରୀଙ୍କୁ ଜଣାଇଛନ୍ତି। କୃଷି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ମାତ୍ର କୃଷି ଅଧିକାରୀମାନେ ତାର ଠିକ୍ କାରଣ ଏପର୍ଯ୍ୟନ୍ତ ଆକଳନ କରି ପାରି ନାହାନ୍ତି। ଏ ନେଇ ମୁଖ୍ୟ ଜିଲା କୃଷି ଅଧିକାରୀ ଅମିୟ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ସେଭଳି ଅଭିଯୋଗ ପାଇବା ପରେ ଏକ ବିଭାଗୀୟ ଟିମ୍ ତାର ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ସେ ନେଇ ଜଣାପଡ଼ିବ ବୋଲି କହିଥିଲେ।



କ୍ଷତିଗ୍ରସ୍ତ ଧାନ ଫସଲ ।

ସୂଚନା ଅନୁଯାୟୀ, ଚାଷୀ ଗୋପାଳକ୍ରିଷ୍ଣା ରବିଋତୁରେ ୪୦ଏକର ଜମିରେ ଧାନଚାଷ କରିଥିଲେ। ସେଥିରୁ ନିଜର ୮ଏକର ହୋଇଥିବାବେଳେ ଅନ୍ୟ ୩୧ଏକର ଜମିରେ ଭାଗଚାଷ କରିଥିଲେ। ସବୁ ଜମିରେ ସେ ଆକାଶ ଗଙ୍ଗା କିସମ ଧାନ ବିହନରେ ଚାଷ କରିଥିଲେ। ପୂର୍ବବର୍ଷ ନିଜେ ଅମଳ କରିଥିବା ସେହି କିସମ ଧାନରୁ ସେ ସେହି ବିହନ ପ୍ରସ୍ତୁତ କରିଥିଲେ। ତେବେ ଆରମ୍ଭରୁ ଧାନ ଫସଲ ଭଲଭାବେ ବଢ଼ିଥିଲା। ମାତ୍ର ଅମଳ ସମୟ ଆସିଯାଇ ଥିବାବେଳେ ଧାନକେଣ୍ଡାରେ ଧାନ ନ ରହିବା ତାଙ୍କୁ ଚକିତ କରି ଦେଇଛି। ଧାନକେଣ୍ଡାରେ କାଁ ଭାଁ କେଉଁଠି ଅଳ୍ପଧାନ ରହିଥିବାବେଳେ ପ୍ରାୟ ୮୦ ପ୍ରତିଶତ ସେଭଳି କ୍ଷତିଗ୍ରସ୍ତ ହୋଇଥିବା ସେ କହିଛନ୍ତି। ନିଜେ ସେ ବିହନ ପ୍ରସ୍ତୁତ କରିଥିବା ଯୋଗୁ ଫସଲରେ ତାର କିଛି ପ୍ରତିକୂଳ ପ୍ରଭାବ ପଡ଼ିଥିବ ବୋଲି ଅନୁମାନ କରାଯାଉଛି। କାରଣ ଗତବର୍ଷ ସେହି କିସମ ବିହନ ଚାଷ କରି ଭଲ ଧାନ ଉତ୍ପାଦନ ହୋଇଥିଲା। ଅନ୍ୟପଟେ ଫସଲରେ ପ୍ରୟୋଗ ହୋଇଥିବା କୌଣସି କୀଟନାଶକ ପ୍ରଭାବରୁ ଫସଲ ସେଭଳି ପ୍ରଭାବିତ ହୋଇଥିବା ଆଶଙ୍କା କରାଯାଉଛି। ବଜାରରେ ନକଲୀ ସାର, ବିହନ ବିକ୍ରି ହେଉଥିବା ଦୀର୍ଘଦିନରୁ ଅଭିଯୋଗ ହୋଇ ଆସୁଛି । ଫଳରେ ଉକ୍ତ କ୍ଷତିଗ୍ରସ୍ତ ଫସଲରେ ସେଭଳି କୀଟନାଶକର ପ୍ରତିକୂଳ ପ୍ରଭାବକୁ ମଧ୍ୟ ଏଡ଼ାଇ ଦେଇ ହେଉନାହିଁ। ତେବେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାବେଳେ ବିଭାଗୀୟ କର୍ମଚାରୀମାନେ ରିପୋର୍ଟ ଦେବା ପରେ ତାକୁ ଅନୁଧ୍ୟାନ କରିବେ ଏବଂ ଆବଶ୍ୟକ ହେଲେ ସେ ନିଜେ କ୍ଷତିଗ୍ରସ୍ତ ଫସଲ ପରିଦର୍ଶନରେ ଯିବେ ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ସାହୁ କହିଛନ୍ତି।

# ଗୁଣାତ୍ମକ ଶିକ୍ଷାର ବିକାଶ ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅଧିକାରୀ ଏବଂ ଶିକ୍ଷୟିତ୍ରୀଶିକ୍ଷକ ।

ସମ୍ବଲପୁର,୨୨।୪(ବି.ଶଙ୍କର)

ସମ୍ବଲପୁର ଜିଲା ଧନକଉଡା କ୍ଲବ ସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ(ଏଫଏଲଏନ) ଗୁଣାତ୍ମକ ଶିକ୍ଷାର ବିକାଶ ଶୀର୍ଷକ ଆଲୋଚନା ଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ କାର୍ଯ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କ ତତ୍ତ୍ୱାବଧାନରେ ଆଲୋଚନା ଚକ୍ର ହୋଇଥିଲା । ଏଫଏଲଏନ ମିଶନକୁ ସଫଳ କରିବା ପାଇଁ ୨୦୨୪-୨୫ ଶିକ୍ଷା ବର୍ଷରେ କେଉଁ ପଦକ୍ଷେପ ନେଇ ଗୁଣାତ୍ମକ ଶିକ୍ଷାର ବିକାଶ କରାଯିବ ସେ ବିଷୟରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ କୁମାର ମିଶ୍ର ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ । ଉପସ୍ଥିତ ବ୍ଲକସ୍ତରୀୟ ଏସଆଜି, ବିଆଜି, ଏଫଏଲଏନ ବିଶେଷଜ୍ଞ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନଙ୍କ ମତାମତକୁ ବିଶ୍ଳେଷଣ କରି ବିଇଓ ସେବାଶ୍ରୀ ଆଗମୀ ଦିନରେ ବିଦ୍ୟାଳୟସ୍ତରରେ କିପରି ଭାବେ ପଦକ୍ଷେପ ଗ୍ରହଣ କରାଯିବ ସେ ବିଷୟରେ ମାର୍ଗଦର୍ଶନ ଦେଇଥିଲେ । ଏହାର ସଫଳ ରୂପାୟନ ପାଇଁ ଏକ କୋର କମିଟି ଗଠନ କରାଯାଇଥିଲା। ମୁଖ୍ୟତଃ ବିଦ୍ୟାଳୟ ସ୍ତରରେ ଆଦର୍ଶ ଏଫଏଲଏନ ଶ୍ରେଣୀ ପରିବେଶ ତିଆରି, ପିଲାଙ୍କ ଶ୍ରେଣୀ ୱାରୀ ଦକ୍ଷତା ହାସଲ, ସଠିକ ଲିଖନ ଶୈଳୀ ଦକ୍ଷତା ହାସଲକୁ ଗୁରୁତ୍ୱ ଦେଇ କିପରି ଧନକଉଡ଼ା ବ୍ଲକର ସମସ୍ତ ବିଦ୍ୟାଳୟରେ ଉକ୍ତ ବିଷୟ କାର୍ଯକାରୀ କରାଯିବ ତାର ଏକ ରୋଡ ମେପ ପ୍ରସ୍ତୁତ କରାଯାଇଥିଲା । ଉକ୍ତ ବୈଠକରେ ସୁବାଷ ଚନ୍ଦ୍ର ସାହୁ, ରଚନା ସିଂହ, ଅସୀମ ପ୍ରଧାନ, ସୁରଭି ରଣବର୍ତ୍ତି, ରଜସିନୀ ଦାସ, ପ୍ରିତିନନ୍ଦା ପାଣିଗ୍ରାହୀ, ଗୀତାଞ୍ଜଳୀ ବାରିକ, ତରଣିସେନ ମେହେର ଶିକ୍ଷୟତ୍ରୀ ଓ ଶକ୍ଷିକମାନେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ ।

### ଭାଜପାର କର୍ମୀ ସମ୍ମିଳନୀ

ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ କଟାପାଲି ଭାଜପା ମଣ୍ଡଳର କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦଳର ଜିଲା ସଭାପତି ତଥା ବରଗଡ଼ ବିଧାନସଭା ପ୍ରାର୍ଥି ଅଶ୍ୱିନୀ ଷଡ଼ଙ୍ଗୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବରଗଡ଼ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳର ବରଗଡ଼ ଲୋକ ସଭା ପ୍ରାର୍ଥି ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦାନ କରି ସାଧାରଣ ନିର୍ବାଚନରେ ଦଳର ବୃହତ୍ ବିଜୟ ପାଇଁ କର୍ମୀଙ୍କୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ନୂତନ କାର୍ଯ୍ୟକର୍ତ୍ତା ଦଳରେ ସାମିଲ ହୋଇଥିଲେ। ଭାଜପା ନେତା ସୁରେଶ୍ୱର ଶତପଥି, ସୁକାନ୍ତ ଦାଶ, ଅରୂପାନନ୍ଦ ସାହୁ, ରବିନାରାୟଣ ଦାଶ, ଅଶୋକ ପଣ୍ଡା, ଅବନୀକାନ୍ତ ପଣ୍ଡା, ଲକ୍ଷ୍ମଣ ନନ୍ଦ, ସମୀର ସିଂ, ଲକ୍ଷ୍ମୀ ରଥ, ସୁକାନ୍ତ ମିଶ୍ର, ସଞ୍ଜିବ ମହାପାତ୍ର, ଶ୍ରୀବତ୍ସ ଛତର, ବିପିନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପାର ମିଶ୍ରଣ ପର୍ବ, ସାମିଲ ହେଲେ ବହୁ କର୍ମୀ

ଝାରସୁଗୁଡ଼ା, ୨୨।୪ (ସଞ୍ଜୟ ମାଲି)

ଝାରସୁଗୁଡ଼ା ବିଟିଏମସ୍ଥିତ ଭାଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡା ପୌରାଞ୍ଚଳର ୨୦୦ରୁ ଉର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀମାନେ ଭାଜପା ନେତୃବର୍ଗଙ୍କ ଉପସ୍ଥିତିରେ ସାମିଲ ହୋଇଛନ୍ତି। ଗଣେଷ କିଶାନ, ବିନୋଦ କିଶାନ, ରକ୍ସଣ କିଶାନ, ଗୁଣମଣି କିଶାନ, ଅର୍ଜୁନ କୁଶଳ, ତ୍ରିନାଥ ପ୍ରମୁଖଙ୍କ ନେତୃତ୍ୱରେ କର୍ମୀମାନେ ଭାଜପାରେ ସାମିଲ ହୋଇଥିଲେ। ମିଶ୍ରଣ ପର୍ବରେ ଭାଜପା ପକ୍ଷରୁ ବିମଳେନ୍ଦୁ ଭୋଳ, ଡିଲେଶ୍ୱର ରାଓ, ରଘୁରାମ ପାଲ, ଅରବିନ୍ଦ ପାଠକ, ସୋନୁ ଥିରାନି, ରାଜା ଟିବ୍ରିୱାଲ ପ୍ରମୁଖ ଉପସ୍ଥିତ ରହି କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କ ପାଇଁ କରାଯାଇଥିବା ବିଭିନ୍ନ ଯୋଜନା, ବିକଶିତ ଭାରତ ଭଳି କାର୍ଯ୍ୟ ଏବଂ ଯୁବ ନେତା ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଝାରସୁଗୁଡା ପୌରାଞ୍ଚଳର ଏହି କରମୀମାନେ ଭାପୋରେ ସାମିଲ ହୋଇଥିବା କହିଥିଲେ।

## ଫଟୋରେ ଖବର



ସମ୍ବଲପୁରସ୍ଥିତ ମହାନଦୀ ଦଳରେ ଭରି ଯାଇ ଜଳ ପ୍ରଦୂଷିତ ହୋଇଛି। ଏଥିଯୋଗୁ ଏହାର ପାଣି ବ୍ୟବହାର ଉପଯୋଗୀ ହୋଇପାରୁନାହିଁ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ କେଦାରନାଥ



@ ଅଶ୍ୱିନୀ



@ ବିଶ୍ୱେଶ୍ୱର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଚାଲଟିକ୍ରା ଶ୍ରୀରାମ ନବମୀ ଉତ୍ସବର ରୌପ୍ୟ ଜୟନ୍ତୀ



ରାମ ନବମୀ ଉତ୍ସବ ପାଇଁ ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରିଛନ୍ତି।

କୁଚିଣ୍ଡା,୨୨।୪(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ ଜରାବଗା ପଞ୍ଚାୟତ ଚାଲଟିକ୍ରା ଗ୍ରାମର ଶ୍ରୀରାମ ନବମୀ ଉତ୍ସବର ରୌପ୍ୟ ଜୟନ୍ତୀ ଉତ୍ସବ ଆରମ୍ଭ ହୋଇଛି। ୪ ଦିନ ଧରି ହେବାକୁ ଥିବା ଏହି ଉତ୍ସବ ପାଇଁ ରବିବାର ପୂର୍ବାହ୍ନରେ ନିକଟସ୍ଥ ନଦୀରୁ ୧୦୮ମହିଳା ପୂର୍ଣ୍ଣ ଜଳ କଳସ ଶୋଭାଯାତ୍ରାରେ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ଏହାପରେ ପଣ୍ଡିତ ଅଲେଖ କୁମାର ପତି ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ହୋମଯଜ୍ଞ, ପୁଷ୍ପାଞ୍ଜଳି, ଆଳତୀ, ହନୁମାନ ଚାଳିଶା ପାଠ ଆଦି କରାଯାଇଥିଲା। ପୂଜାରେ ଗୁରୁଚରଣ ଭଇଁଷା ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମହୋତ୍ସବ କମିଟି ସଭାପତି ବିଶାମିତ୍ର ଭଇଁଷା,ସମ୍ପାଦକ ଗଗନ ବିହାରୀ ସନାନୀ, ଉପଦେଷ୍ଟା ଖଗେଶ୍ୱର ଭଇଁଷା, ପ୍ରଭାତ ସୁନାନୀ, ମଧୁ ଭଇଁଷା, ଶୋଭାରାମ ବୁଦୁଲା, ଗୋବିନ୍ଦ ବୁଦୁଲା ଓ ବସନ୍ତ ସନାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଜଣାଶୁଣା କଥା ପ୍ରବଚକ ଜିତୁ ଦାଶଙ୍କ ଦ୍ୱାରା ଶ୍ରୀରାମ କଥା ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋଚନ ବୁଦୁଲା, ପରମେଶ୍ୱର ଭଇଁଷା, ଗୌତମ ଭଇଁଷା, ତିଳକେଶ୍ୱର ଧନୁର୍ଦ୍ଧ୍ୟ,ଧନୀ ମାଝି, ମନୋଜ ନାଏକ,କନୋଦ ଭଇଁଷା ପ୍ରମୁଖ ସହଯୋଗ କରିଥିଲେ। ବୁଧବାର ଉତ୍ସବର ସମାପନ ହେବ।

# ରାଜେନ୍ଦ୍ରଙ୍କ ପ୍ରାର୍ଥୀତ୍ୱକୁ ବିଜେଡି କର୍ମୀଙ୍କ ବିରୋଧ

କୁଚିଣ୍ଡା,୨୨।୪(ବିରଞ୍ଚି ଦର୍ଶା)

କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ଟିକେଟ କାଟି ବିଜେଡି ଚଳିତ ନିର୍ବାଚନରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କୁ ପ୍ରାର୍ଥୀ କରିଛି। ହେଲେ ତାଙ୍କୁ ବିଜେଡି କର୍ମୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସିଧାସଳଖ ତାଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରି ଦଳ ଏହା ଉପରେ ପୁନର୍ବିଚାର କରିବାକୁ ଦାବି କରିଛନ୍ତି । ଶନିବାର ସଙ୍ଗଠନ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ କୁଚିଣ୍ଡା ଗସ୍ତ ବେଳେ କର୍ମୀମାନେ ରାଜେନ୍ଦ୍ରଙ୍କୁ ବିରୋଧ କରିଥିଲେ। ରବିବାର ଜମନକିରା ବ୍ଲକ ଟାଙ୍ଗରପାଲି ଆରଏମ୍‌ସି ମାର୍କେଟ ୟାର୍ଡଠାରେ ୫ ପଞ୍ଚାୟତର ଶହଶହ ବିଜେଡି ନେତା ଓ କର୍ମୀ ଏକ ବୈଠକ କରି ରାଜେନ୍ଦ୍ରଙ୍କ ପ୍ରାର୍ଥୀତ୍ୱକୁ ବିରେଧ କରିଥିଲେ। ବିଜେଡି ଜିଲା ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ଶର୍ମାଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଛତ୍ରିଆଙ୍କ ପ୍ରାର୍ଥୀତ୍ୱକୁ ତୀବ୍ର ବିରୋଧ କରିଥିଲେ। ରାଜେନ୍ଦ୍ର ଛତ୍ରିଆ କଂଗ୍ରେସ ବିଧାୟକ ଥିବା ସମୟରେ ଲୋକଙ୍କ କୌଣସି କଥା ଶୁଣୁ ନ ଥିଲେ। ଅପରପକ୍ଷରେ ବିଜେଡି ସଂଗଠନ କୁଚିଣ୍ଡାରେ ବହୁ ନେତା ସୃଷ୍ଟି କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ନ ବାଛି ଏଭଳି ନେତାଙ୍କୁ ପ୍ରାର୍ଥୀ କରିଥିବାରୁ ବୈଠକରେ ତୀବ୍ର ବିରୋଧ କରାଯାଇଥିଲା। ଦଳ ଏହାର ପୁନର୍ବିଚାର ନକଲେ ବିଜେଡି କର୍ମୀମାନେ ବିରୋଧ କରିବେ ବୋଲି ଚେତାବନୀ ଦେଇଥିଲେ। ଏହି ବୈଠକରେ କୁଲୁଣ୍ଡି ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁବ୍ରତ କିଷାନ, ପ୍ରଫୁଲ୍ଲ ଦାସ, କୈଳାସ ସାହୁ, ସରୋଜ ପଟେଲ, କୃଷ୍ଣକାନ୍ତ ଗୌଡ, ମନ୍ମଥ ଓରାମ, ପ୍ରକାଶ ତାଣ୍ଡିଆ, ଅଭିଳାଷ ପଣ୍ଡା, ନାନୁ ଭୋଇଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।



ଟାଙ୍ଗରପାଲି ଆରଏମ୍‌ସି ମାର୍କେଟ ୟାର୍ଡରେ ଉପସ୍ଥିତ ବିଜେଡି କର୍ମୀ।

# ସର୍ବଭାରତୀୟ ସ୍କୁଲ ଚେସ୍ ଚାମ୍ପିୟନଶିପ ଉଦ୍‌ଯାପିତ

ଝାରସୁଗୁଡ଼ା, ୨୨।୪ (ସଞ୍ଜୟ ମାଲି)

ଝାରସୁଗୁଡା ଜିନିୟସ ଚେସ ଏକାଡେମୀ ଓ ଅପର୍ଣ୍ଣା ୱାର୍ଲଡ ସ୍କୁଲ ମିଳିତ ଆନୁକୂଲ୍ୟରେ ତଥା ଅଲ ଇଣ୍ଡିଆ ଚେସ ଆସୋସିଏଶନର ସହଯୋଗରେ ଅପର୍ଣ୍ଣା ୱାର୍ଲଡ ସ୍କୁଲଠାରେ ପ୍ରଥମ ସର୍ବଭାରତୀୟ ଚେସ ଚାମ୍ପିୟନଶିପ ଉଦଯାପିତ ହୋଇଯାଇଛି । ଜ୍ୟୋସ୍ନାଭ ତାଲୁକଦାର ପ୍ରଥମ, ଶାନ୍ତନୁ କୁମାର ଦାସ ଦ୍ୱିତୀୟ ଓ ହିମାଂଶୁ କୁମାର ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟଅତିଥି ଭାବେ ଅତନୁ ଲେହେରୀ, ଇଣ୍ଟର ନ୍ୟାଶନାଲ ଗ୍ରାଣ୍ଡ ମାଷ୍ଟର ୱେଷ୍ଟ ବେଙ୍ଗଲ କମନ ୱେଲ ଚେସ ଗେମ, ଅଲ ଓଡିଶା ଚେସ ଆସୋସିଏଶନ ସଭାପତି ଜି.ସି ମହାପାତ୍ର, କେନ୍ଦୁଝର ଜିଲା ଚେସ ଆସୋସିଏଶନ ଯୁଗ୍ମ ସମ୍ପାଦକ ପ୍ରଫେସର ଏସ ଏସ ପଣ୍ଡା, ଝାରସୁଗୁଡା ଜିଲା ଚେସ ଆସୋସିଏଶନ କୋଷାଧକ୍ଷ ବିବେକାନନ୍ଦ ମିଶ୍ର, ଅନ୍ତର୍ଜାତିକ ଅରବିଟର ବିଭୁ ଭୂଷଣ ମିଶ୍ର, ସାମାଜିକ କର୍ମୀ ଗୁଲ୍ଲୁ ଗୁପ୍ତା ଓ ଅପାର୍ଣ୍ଣା ୱାର୍ଲଡ ସ୍କୁଲର ପ୍ରିନ୍ସିପାଲ ଏଲ. ଭୁବନେଶ୍ୱରୀ ପ୍ରମୁଖ ଯୋଗଦେଇ ଥିଲେ। ଚେସ ଏକାଡେମୀର ପ୍ରତିଷ୍ଠାତା ପ୍ରକାଶ ସାହୁ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ।




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଏଥିରେ ଉପଦେଷ୍ଟା ବିବେକାନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ। ଚାମ୍ପିୟନଶିପରେ ଅଣ୍ଡର ସେଭେନଠୁ ନେଇ ଅଣ୍ଡର ସେଭେନଟିନ ପର୍ଯ୍ୟନ୍ତ ୭୦ଜଣ ଛାତ୍ରୀଛାତ୍ରମାନଙ୍କୁ ପୃଥକ ଭାବେ ଟ୍ରଫି ଓ ପ୍ରୋତ୍ସାହନ ରାଶି ଅତିଥିମାନଙ୍କଠାରୁ ବିଜୟୀ ବିଜୟିନୀ ମାନେ ଗ୍ରହଣ କରିଥିଲେ। ଏହା ୭ ରାଉଣ୍ଡ ଖେଳ ଥିବାବେଳେ ଭାରତର ବିଭିନ୍ନ ରାଜ୍ୟ ତଥା ଓଡ଼ିଶାର ବିଭିନ୍ନ ଜିଲାରୁ ଖେଳାଳି ଯୋଗଦେଇଥିଲେ। ଏଥିରେ ପ୍ରସନ୍ନ ନାୟକ, ସମୀର ବିଶି, ହର୍ଷ ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ। ଅପର୍ଣ୍ଣା ୱାର୍ଲଡ଼ ସ୍କୁଲ ଅଧକ୍ଷା ଏଲ. ଭୁବନେଶ୍ୱରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଲରମ୍ଭା କଲେଜରେ ଆମ୍ବେଡକର ଜୟନ୍ତୀ

ସରଣ୍ଡା,୨୨।୪(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକସ୍ଥିତ ଲରମ୍ଭା କଲେଜଠାରେ ବାବା ସାହେବ ଭୀମରାଓ ଆମ୍ବେଡକରଙ୍କ ଜନ୍ମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପ୍ରବନ୍ଧଲିଖନ, ବକ୍ତୃତା, କୁଇଜ ଆଦି ପ୍ରତିଯୋଗିତାରେ ୨୮ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପରବର୍ତ୍ତୀ ସମୟରେ ପ୍ରଶଂସାପତ୍ର ପ୍ରଦାନ କରାଯିବା ସ୍ଥିର କରାଯାଇଛି। କଲେଜ ଅଧ୍ୟାପକ ଅଶୋକ ମହାନ୍ତି, ରବୀନ୍ଦ୍ର କୁମାର ନାଏକ, ଡଃ ଗୁରୁଦେବ କୁଶଲ, ସୁନୀଲ ପ୍ରଧାନ, ମୁକେଶ ଧାନୁକା, ଡଃ ଅନ୍ତର୍ଯ୍ୟାମୀ ବେହେରା, ଡଃ ସୁବଳ ରଞ୍ଜନ ସାହୁ, ଦିବ୍ୟାଭାରତୀ ନାଏକ, ସାଗର ମେଣ୍ଡଲି, ଅବିନାଶ ସାହୁ, ହେମନ୍ତ ପ୍ରଧାନଙ୍କ ସମେତ ଅଭିଷେକ ସାହୁ, ଅଂଶୁ ଶର୍ମା, ଭବାନୀ ରୋହିଦାସ, ନୀଲମ ସାହୁ, ଜ୍ୟୋତି ନାଗ, ମଧୁମିତା ରଣା ପ୍ରମୁଖ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମାତାପିତା ଚୟନ ପରେ ପାର୍ବତୀ, ଚନ୍ଦ୍ରଶେଖରଙ୍କୁ ବରଣ

### ଶୀତଳଷଷ୍ଠୀ ପାଇଁ ପ୍ରସ୍ତୁତି ଆରମ୍ଭ

ସୋନପୁର,୨୨।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରରେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶତାଧିକ ବର୍ଷ ଧରି ମନ୍ଦିରମାଳିନୀ ଏହି ସହରରେ ଧୁମ୍ ଧାମରେ ଶୀତଳଷଷ୍ଠୀ ଉତ୍ସବ ପାଳିତ ହୋଇଆସୁଛି। ଏକ ସପ୍ତାହ ପୂର୍ବରୁ ମାତା ପାର୍ବତୀଙ୍କ କନ୍ୟା ମାତାପିତା ଭାବେ ରାମକୃଷ୍ଣ ନଗରର ଅନିତା ଓ ଗୋପାଳ ଭୁତ ଏବଂ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାପ୍ରଭୁଙ୍କର ବର ମାତାପିତା ଭାବେ ଘୋଡାଘାଟପଡାର ଶିବାନୀ ଓ ପ୍ରଭାତ କୁମାର ବକ୍ସି ଚୟନ ହୋଇଥିଲେ। ସୋମବାର ସହରର ଥନାପତିପଡାଠାରେ ଥିବା ଚନ୍ଦ୍ରଶେଖର ମନ୍ଦିରରେ ଏଥିପାଇଁ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ କନ୍ୟା ମାତାପିତା ଓ ବର ମାତାପିତା ପାଇଁ ଉଭୟ ଦମ୍ପତିଙ୍କୁ ବିଧିବଦ୍ଧଭାବେ ଚୟନ କରାଯାଇଛି। କନ୍ୟା ମାତାପିତା ଓ ବର ମାତାପିତା ସଂକଳ୍ପ କରିବା ସହ ମାତା ପାର୍ବତୀ ଓ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କୁ ଘରକୁ ନେବା ପାଇଁ ବରଣ କରିଥିଲେ। ମାନସ ପୂଜାହାରୀ ଓ ସତ୍ୟବାଦୀ ଥନାପତି ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ସାମାଜିକକର୍ମୀ ତଥା ଯାତ୍ରା କମିଟିର ସଭ୍ୟ ଶ୍ରୀବତ୍ସ ମଲ୍ଲିକଙ୍କ ସମେତ ମନ୍ଦିର ପୂଜକ ଓ ଯାତ୍ରା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଠାରେ ଶୀତଳଷଷ୍ଠୀ ଯାତ୍ରାର ବୈଶିଷ୍ଟ୍ୟ ହେଲା ମାତା ପାର୍ବତୀଙ୍କ ସହ ବିବାହ ପାଇଁ ବର ବେଶରେ ବାହାରନ୍ତି ୧୦୮ ଭରି ସୁନା ନାଗ। ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ବାବା ଚନ୍ଦ୍ରଶେଖରଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ। ତେବେ ଆସନ୍ତା ଜୁନ୍ ୮ ତାରିଖରେ ଦେବ ନିମନ୍ତ୍ରଣ, ୯ରେ ଅଳଙ୍କାର ଧାରଣ ଓ ବର ନିମନ୍ତ୍ରଣ ଏବଂ ୧୦ରେ ଦେବଦେବ ମହାଦେବଙ୍କ ସହ ମାତା ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହେବ। ସେହିପରି ଜୁନ୍ ୧୨ରେ ଯୁଗଳମୂର୍ତ୍ତି ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୪ ଶୀତଳଷଷ୍ଠୀ ଯାତ୍ରା କମିଟିର ସଭାପତି ଭାବେ କିଶନ ଲାଲ ଅଗ୍ରୱାଲ, ଉପସଭାପତି ସୁକାନ୍ତ କୁମାର ସାହୁ, ସମ୍ପାଦକ ଗିରିଗୋବର୍ଦ୍ଧନ ଥନାପତି, ସହସମ୍ପାଦକ ଲକ୍ଷ୍ମୀ ନାରାୟଣ ଥନାପତି ଓ କୋଷାଧ୍ୟକ୍ଷ ଭାବେ ଜୟନାରାୟଣ ସାହୁଙ୍କୁ ଚୟନ କରାଯାଇଛି।



ମାତା ପାର୍ବତୀ ଓ ଚନ୍ଦ୍ରଶେଖରଙ୍କୁ ବରଣ କରାଯାଉଛି।

# ମେ' ୧୫ଯାଏ କେନାଲ ପାଣି ଯୋଗାଅ

### ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଚାଷୀ



ଅତିରିକ୍ତ ତହସିଲଦାର ଦୟାରାମ ମେହେରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିନିକା, ୨୨।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲ୍ଲା ବିନିକା ରାମପୁର ହୀରାକୁଦ ସେଚାଞ୍ଚଳ ଭୀମଟିକିରା ଡିଷ୍ଟ୍ରିବ୍ୟୁଟାରି କେନାଲ ଜଳ ଯୋଗାଣ ମେ ୧୫କୁ ବୃଦ୍ଧି କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ସୋମବାର କୌଡିଆମୁଣ୍ଡା ଗ୍ରାମର ଚାଷୀମାନେ ବିନିକା ତହସିଲଦାରଙ୍କୁ ଭେଟି ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବର୍ତ୍ତମାନ ଧାନ ଗର୍ଭଣି ଅବସ୍ଥାରେ ରହିଛି। ଏପ୍ରିଲ ୩୦ ତାରିଖରେ ପ୍ରଶାସନ ପକ୍ଷରୁ ଜଳଯୋଗାଣ ବନ୍ଦ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଏହି ଧାନ ଅମଳ ଉପରେ ପ୍ରଭାବ ପକାଇବା ଆଶଙ୍କା କରିଛନ୍ତି ଚାଷୀ। ଚାଷୀ ଅଶ୍ୱିନୀ ପଣ୍ଡା, ଦେବାଶିଷ ପଣ୍ଡା, ଧର୍ମରାଜ ପଣ୍ଡା, ସୂର୍ଯ୍ୟନାରାୟଣ ହୋତା, ବଶିଷ୍ଠ ପଣ୍ଡା, ରଞ୍ଜନ ଶାଣ୍ଢ, ସାନ୍ତନୁ ଥପା, ଲାଲସାହେବ ମଲ୍ଲିକ, ଭାଇଧନ ଖମାରି, ପ୍ରମୁଖ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇ ଆସନ୍ତା ମେ ୧୫ ପର୍ଯ୍ୟନ୍ତ ଜଳଯୋଗାଣ ତିଥି ବୃଦ୍ଧି କରିବା ପାଇଁ ଦାବି କରିଥିଲେ। ତହସିଲଦାର ଅନୁପସ୍ଥିତରେ ଅତିରିକ୍ତ ତହସିଲଦାର ଦୟାରାମ ମେହେର ଦାବିପତ୍ର ଗ୍ରହଣ କରିଥିଲେ।

# ତଦନ୍ତ କଲେ ୨ ରାଜସ୍ୱ ନିରୀକ୍ଷକ

### ଅଂଶୁଘାତ ମୃତ୍ୟୁ ଅଭିଯୋଗ ଘଟଣା



ଦୁଇ ରାଜସ୍ୱ ନିରୀକ୍ଷକ ଅଗଲାପାଲି ଯାଇ ମୃତ ରାଧାମୋହନ ସାହୁଙ୍କ ଘର ଲୋକଙ୍କୁ ପଚାରି ବୁଝୁଛନ୍ତି।

ଲୋଇସିଂହା,୨୨।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଅଗଲାପାଲି ଗ୍ରାମର ରାଧାମୋହନ ସାହୁଙ୍କ ଭାଲିଆମୁଣ୍ଡା ସାପ୍ତାହିକ ବଜାରରେ ଶନିବାର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ରବିବାର ୨ଜଣ ରାଜସ୍ୱ ନିରୀକ୍ଷକ ଅଗଲାପାଲି ଗାଁକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। ଯୋଗୀସର୍ଡ଼ା ରାଜସ୍ୱ ନିରୀକ୍ଷକ ସୀମାଶ୍ରୀ ସ୍ୱାଇଁ ଓ ଲୋଇସିଂହା ରାଜସ୍ୱ ନିରୀକ୍ଷକ ଆର୍ଯ୍ୟୁ ପଟେଲ ମୃତକଙ୍କ ସ୍ତ୍ରୀଙ୍କୁ ଓ ଗ୍ରାମବାସୀଙ୍କୁ ଘଟଣା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ତଦନ୍ତ ରିପୋର୍ଟ ତହସିଲଦାରଙ୍କ ନିକଟରେ ଦାଖଲ କରିବେ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଶନିବାର ପୂର୍ବାହ୍ନରେ ରାଧାମୋହନ ବଜାରକୁ ଯାଇ ସଉଦା କରୁଥିବା ବେଳେ ଅସୁସ୍ଥ ହୋଇ ପଡିଥିଲେ। ବଜାର ଲୋକେ ତାଙ୍କୁ ପାଣି ଦେବାକୁ ଉଦ୍ୟମ କଲାବେଳେ ସେ ଆଖି ବୁଜି ଦେଇଥିଲେ। ପ୍ରଚଣ୍ଡ ଖରା ହେଉଥିବାରୁ ଅଂଶୁଘାତରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ଓ ବଜାର ଲୋକେ ଅଭିଯୋଗ କରିଥିଲେ।

# ମେଭ୍ରିକ୍ସ-୪୪୦ ବାଇକ୍‌ର ବଜାର ପ୍ରବେଶ

ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)

ଏକାଧାରରେ ଗତ ୨୩ବର୍ଷ ଧରି ବିଶ୍ୱର ୧ନମ୍ବର ମୋଟରସାଇକେଲ ନିର୍ମାତା କମ୍ପାନୀ ହିରୋ ମୋଟାକର୍ପ ପକ୍ଷରୁ ବରଗଡ଼ର ଅଧିକୃତ ବିକ୍ରେତା ଆକାଶ ମୋଟର୍ସ ପରିସରରେ ଏହାର ନୂତନ ପ୍ରିମିୟମ ମୋଟର ସାଇକେଲ (ବାଇକ୍) ମେଭ୍ରିକ୍ସ-୪୪୦ ବଜାର ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ହିରୋ ମୋଟକର୍ପର ଆଞ୍ଚଳିକ ପ୍ରବନ୍ଧକ ବ୍ରଜକିଶୋର ମିଶ୍ର ଏବଂ ଆକାଶ ମୋଟର୍ସର ଅନ୍ୟତମ ନିର୍ଦ୍ଦେଶିକା ସରୋଜଦେବୀ ଅଗ୍ରୱାଲ ଫିତାକାଟି ଶୁଭାରମ୍ଭ କରିଥିଲେ। ଶୋରୁମ୍‌ର ପ୍ରିମିୟମ ସେଲ୍ସ ଏକ୍ଜିକ୍ୟୁଟିଭ କରନ ମୁଗ୍ରି ନୂଆ ବାଇକ୍‌ର ବିଶେଷତା ବିଷୟରେ ସୂଚନା ଦେଇ କହିଥିଲେ, ମେଭ୍ରିକ୍ସ-୪୪୦ରେ ରହିଛି, ବିଏସ-୬ ଏମିସନ୍ ସାଙ୍ଗକୁ ୪୪୦ସିସି ବିଶିଷ୍ଟ ଦମଦାର୍ ଅଏଲ କୁଲିଂ ଇଞ୍ଜିନ ଏବଂ ସମ୍ପୂର୍ଣ୍ଣ ଏଲଇଡ଼ି ଲାଇଟ୍। ଏହା ତିନୋଟି ଭେରିଆଣ୍ଟରେ ୫ଟି ରଙ୍ଗରେ ଉପଲବ୍ଧ ଅଟେ। ହିରୋର ନିଜସ୍ୱ ଜ୍ଞାନ କୌଶଳରେ ନିର୍ମିତ ପ୍ରଥମ ୪୪୦ସିସି ବିଶିଷ୍ଟ ଏହି ପ୍ରିମିୟମ ମୋଟରସାଇକେଲ ଭାରତୀୟ ଅଟୋ ମୋବାଇଲ ବଜାରରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ଶୋରୁମ୍ ମ୍ୟାନେଜର ବସନ୍ତ କୁମାର ସାହୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଶୋରୁମ ନିର୍ଦ୍ଦେଶିକା ଅଗ୍ରୱାଲ ନୂଆ ବାଇକ୍‌କୁ ଅନାବରଣ କରି ପ୍ରଥମ ୩ଜଣ ଗ୍ରାହକ ପ୍ରତୀକ କୁମାର ରଣା, ସୁମନ କୁମାର ଦଣ୍ଡସେନା ଏବଂ ଅବିନାଶ ଦାଶଙ୍କୁ ପ୍ରତୀକାତ୍ମକ ଚାବି ପ୍ରଦାନ ପୂର୍ବକ ମୋଟର ସାଇକେଲ ହସ୍ତାନ୍ତର କରିଥିଲେ। ପରେ ଉକ୍ତ ଗ୍ରାହକଙ୍କ ଦ୍ୱାରା କେକ୍ କଟାଯାଇଥିଲା। ଏହି ଅବସରରେ ଅନେକ ଗ୍ରାହକ, ବ୍ୟାଙ୍କ ତଥା ଫାଇନାନ୍ସ କମ୍ପାନୀର ପ୍ରତିନିଧି ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ। କଣ୍ଠଶିଳ୍ପୀ କୈଳାସ ସେଠ ଏବଂ ସାଥୀ ସଙ୍ଗୀତ ପରିବେଷଣ କରିଥିଲେ ଏବଂ ତାହା ଉପସ୍ଥିତ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଥିଲା।




ବରଗଡ଼ ଆକାଶ ମୋଟର୍ସ ପରିସରରେ ନୂତନ ବାଇକ୍ ମେଭ୍ରିକ୍ସ-୪୪୦ ବଜାର ପ୍ରବେଶ କାର୍ଯ୍ୟକ୍ରମ।

# କଂଗ୍ରେସ ଏମ୍‌ପି ପ୍ରାର୍ଥୀ ସଞ୍ଜୟ ଭୋଇଙ୍କ ମାରାଥନ ପ୍ରଚାର

ପଦ୍ମପୁର, ୨୨।୪(ପ୍ରଦୀପ୍ତ ଦାଶ)

ବରଗଡ କଂଗ୍ରେସ ଲୋକ ସଭା ପ୍ରାର୍ଥୀ ସଞ୍ଜୟ ଭୋଇ ଚଳିତ ନିର୍ବାଚନରେ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇଛନ୍ତି। ସେ ପାଇକମାଲ ବ୍ଲକ ଜୋନ ୩ ଅନ୍ତର୍ଗତ ଲଖମରା, ଧୂମାଭଟା, ସାପଲହର, ବାଦିକଟା, ଗଣ୍ଡପାଲି, ବୁକୁରାମୁଣ୍ଡା, ପଦ୍ମପୁର ବ୍ଲକ ଦହିତା, ବୁଡେନ ଅଞ୍ଚଳରେ ମାରାଥନ ପ୍ରଚାର କରିବା ସହ କଂଗ୍ରେସ ଜନସାଧାରଣଙ୍କୁ ସୁହାଇଲା ଭଳି ପ୍ରକାଶିତ ଗ୍ୟାରେଣ୍ଟି କାର୍ଡ ସମ୍ପର୍କରେ ଲୋକଙ୍କୁ ସଚେତନତା ସୃଷ୍ଟି କରିଥିଲେ। ଲୋକେ ସ୍ୱତଃ ପ୍ରବୃତ୍ତ ଭାବେ କଂଗ୍ରେସକୁ ନିଜର ଦଳ ଭାବି ନିଶ୍ଚିତ ଭୋଟ ଦେବୁ ଏବଂ ବିଜୟୀ କରିବୁ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ମାରାଥନ ପ୍ରଚାର ବେଳେ ତାଙ୍କ ସାଙ୍ଗରେ ଗୁଣନିଧି ସାହୁ, ଗୋପିନାଥ ପ୍ରଧାନ, ଯୁବନେତା ଗତିକୃଷ୍ଣ ଭୋଇ, ବରିଷ୍ଠ ଓକିଲ ସନ୍ତୋଷ ଶତପଥୀ ପ୍ରମୁଖ କଂଗ୍ରେସ କର୍ମୀ ସାମିଲ ହୋଇ ମୁଖ୍ୟତଃ କଂଗ୍ରେସ ତିଆରି କରିଥିବା ଗୋଟି ଚାଳନା ଗ୍ୟାରେଣ୍ଟି କାର୍ଡ ଉପରେ ଲୋକଙ୍କୁ ବୁଝାଇ କଂଗ୍ରେସକୁ ଭୋଟ ଦେବାକୁ କହିଥିଲେ।



ପଦ୍ମପୁର ବ୍ଲକ ଦହିତାଠାରେ ଲୋକ ସଭା ପ୍ରାର୍ଥୀ ସଞ୍ଜୟ ଭୋଇଙ୍କ ପ୍ରଚାର।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଧାଙ୍ଗେର ଗ୍ରାମରେ ବିଜେଡି ପକ୍ଷରୁ ଘରେ ଘରେ ଡବଲ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଆମ୍ରା ପଣ୍ଡା, ପ୍ରଶାନ୍ତ ଭୋଇ, ବିଦ୍ୟାଧର ବନଛୋର, ବବଲି କର, ମମତା କୁମ୍ଭାର, ସାବିତ୍ରୀ ବେହେରା, ସାବିତ୍ରୀ ଭୁଏ, ରୂପରାଣୀ ପଣ୍ଡା, କନକ ବାଗ, ଚନ୍ଦ୍ରିକା ଦୀପ, ମମତା ବାଗ, ଲିଲିମା ନନ୍ଦ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟାବୃନ୍ଦ ପ୍ରତିଘରକୁ ଯାଇ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଜନହିତକାରୀ ଯୋଜନା ନେଇ ଲୋକଙ୍କୁ ଅବଗତ କରାଇଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡିର ଉଭୟ ବିଧାନସଭା ଏବଂ ଲୋକ ସଭା ପ୍ରାର୍ଥୀଙ୍କୁ ଶଙ୍ଖଚିହ୍ନରେ ଭୋଟ୍ ଦେଇ ଆଶିର୍ବାଦ କରିବାକୁ ସେମାନେ ନିବେଦନ କରିଥିଲେ।



ଧାଙ୍ଗେର ଗ୍ରାମରେ ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ।

# ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନର ପ୍ରତିଷ୍ଠା ଦିବସ

ସୋନପୁର,୨୨।୪ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ସଦର ବ୍ଲକ ପିପିଲିପାଲିସ୍ଥିତ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନର ୧୪ ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସର ଶୁଭାରମ୍ଭ ହୋଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ଅକ୍ଷୟ କୁମାର ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଡ. ଜ୍ୟୋତିରଞ୍ଜନ ବହିଦାର, ମୁଖ୍ୟବକ୍ତାଭାବେ ସୁଦାମ ନାଏକ ଯୋଗଦେଇ ଦୃଢ ଆତ୍ମବିଶ୍ୱାସ କିପରି ଶୀର୍ଷ ସ୍ଥାନକୁ ପହଞ୍ଚାଇ ଥାଏ ତାହା ବୁଝାଇଥିଲେ। ସଦା ସର୍ବଦା ନିଜର ମନୋବଳ ଓ ଆତ୍ମବିଶ୍ୱାସକୁ ସୁଦୃଢ ରଖିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ନାଏକ ତାଙ୍କ ସ୍ୱରଚିତ କେତୋଟି ପୁସ୍ତକ ବିଦ୍ୟାଳୟକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଭୋଇ ସଭା ସଂଯୋଜନା କରିଥିଲେ। ଇତିହାସ ଶିକ୍ଷକ ବାସୁଦେବ ବିଶି ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ଗଣିତ ଶିକ୍ଷକ ସୁଶିଲ କୁମାର ଗାଇଗରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ କର୍ମଚାରୀ, ଅଭିଭାବକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ମାଗଣା ଚିକିତ୍ସା ଶିବିର

ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)

ରୋଟାରୀ କ୍ଲବ ଅଫ୍ ବରଗଡ଼ ସେଣ୍ଟ୍ରାଲ ଆନୁକୂଲ୍ୟରେ ସ୍ଥାନୀୟ ଶକ୍ତିନଗରସ୍ଥିତ ସିନ୍ଧୁ ଭବନରେ ମାଗଣା ଫିଜିଓଥେରାପି ଚିକିତ୍ସା ଶିବିର ଉଦଘାଟିତ ହୋଇଯାଇଛି। ରୋଟାରୀ କ୍ଲବ ଅଫ ବରଗଡ଼ ସେଣ୍ଟ୍ରାଲର ସଭାପତି ଅମିତ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ସମ୍ପାଦକ ଦିନେଶ ଲାଠ, ପ୍ରମୋଦ ଅଗ୍ରୱାଲ, ଆଶିଷ ଅଗ୍ରୱାଲ, ସୁମନ ସାଓ୍ୱଡ଼ିଆ, ସନ୍ଦୀପ ସାଓ୍ୱଡ଼ିଆ, ସଞ୍ଜୀବ ଅଗ୍ରୱାଲ, ସିର୍ଦ୍ଧାର୍ଥ ଶାସ୍ତ୍ରୀ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ନାମଯଜ୍ଞ ଉଦ୍‌ଯାପିତ

ଅତାବିରା,୨୨।୪(ହୃଷିକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ଟୋପ ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲି ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଦିବସରେ ପୁରୀରୁ ବଂଶୀଧର ମହାରାଜ, ବୃନ୍ଦାବନରୁ ମହାରାଜ ରାଧାରମଣ ମିଶ୍ର, ବାବା ସନତ ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମଧ୍ୟ ଅତିଥିଭାବେ ଯୋଗଦେଇ ଆଶୀର୍ବାଦ ଗ୍ରହଣ କରିଥିଲେ। ଗ୍ରାମର ସନ୍ତୋଷ ଦେବତା ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ବାବୁଲା ପାଣ୍ଡିଆ, ବିବେକ ସୁଆରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

# ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁରଙ୍କ ଘରବାହୁଡ଼ା

### ବିଜେଡି ଛାଡ଼ି ଭାଜପାକୁ ଫେରିଲେ

ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ)

ସାଧାରଣ ନିର୍ବାଚନକୁ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି। ଦଳବଦଳ ଏବେ ସାଧାରଣରେ ପରିଣତ ହୋଇଛି। ସୋମବାର ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁର ବିଜେଡି ଛାଡ଼ି ପୁଣି ଭାଜପାକୁ ଫେରିଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ମେଲ୍ ଯୋଗେ ନିଜ ଇସ୍ତଫାପତ୍ର ପଠାଇ ଦେଇଥିବା ସେ କହିଛନ୍ତି। ଅନ୍ୟପଟେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦଳର ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସେ ପଦ୍ମ ଧରିଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ସେ ବିଜେଡି ଛାଡ଼ି ଭାଜପାରେ ଯୋଗଦାନ କରିଥିବା କୁଅଁର କହିଛନ୍ତି। ତେବେ ସାଧାରଣ ନିର୍ବାଚନ ସମୟରେ ତାଙ୍କ ଘରବାହୁଡ଼ା ବରଗଡ଼ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, କୁଅଁର ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୩ଥର ବିଧାୟକ ନିର୍ବାଚିତ ହୋଇଛନ୍ତି। ୧୯୭୭ ନିର୍ବାଚନରେ ଜନତା ଦଳରୁ ନିର୍ବାଚିତ ହୋଇଥିବାବେଳେ ୨୦୦୦ ନିର୍ବାଚନରେ ଏହି ଆସନରେ ଭାଜପାରୁ ପ୍ରତିଦ୍ୱନ୍ଦିତା କରି ଜିତିଥିଲେ। ସେହିପରି ରାଜ୍ୟରେ ବିଜେଡି-ଭାଜପା ମେଣ୍ଟ ସରକାର ଚାଲିଥିବାବେଳେ ସେ ୨୦୦୪ ନିର୍ବାଚନରେ ପୁଣି ବିଧାୟକ ନିର୍ବାଚିତ ହୋଇ ରାଜ୍ୟ ମନ୍ତ୍ରୀମଣ୍ଡଳରେ ଶ୍ରମ ଓ ନିଯୁକ୍ତି ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଥିଲେ। ୨୦୧୪ରେ କୁଅଁର ଭାଜପା ଛାଡ଼ି ବିଜେଡିରେ ମିଶିଥିଲେ। ଏହାପରେ ବିଜେଡି ତାଙ୍କୁ ଦଳୀୟ ପ୍ରାର୍ଥି ଭାବେ ନିର୍ବାଚନ ମଇଦାନକୁ ଛାଡ଼ି ନ ଥିବାବେଳେ ଦଳର ରାଜ୍ୟ ଉପସଭାପତି (ସିନିୟର ଗୃପ) ପଦବୀରେ ସେ ରହିଥିଲେ।



ବିମ୍ବାଧର କୁଅଁର।

# ଓଡ଼ିଆ ଭାଷା ପାଇଁ ସୁବର୍ଣ୍ଣପୁରର ଭୂମିକା ଗୁରୁତ୍ୱପୂର୍ଣ୍ଣ

### ସୁବର୍ଣ୍ଣ ଐତିହ୍ୟ, ସୁବର୍ଣ୍ଣ ସମ୍ଭାର ପୁସ୍ତକ ଲୋକାର୍ପିତ

ସୋନପୁର,୨୨।୪ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ମାଟିର ଚୌହାଣ ଶାସକମାନେ ଓଡିଆ ଭାଷାର ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଓଡିଆ ଭାଷା ଓ ଓଡିଶା ଇତିହାସକୁ ସେମାନେ ସମୃଦ୍ଧ କରିଛନ୍ତି। କଳା-ସ୍ଥାପତ୍ୟ, ଭାଷା-ସାହିତ୍ୟ, ଧର୍ମ-ପରମ୍ପରା କ୍ଷେତ୍ରରେ ଚୌହାଣମାନଙ୍କ ଅବଦାନ ମହତ୍ୱପୂର୍ଣ୍ଣ ବୋଲି ସୁବର୍ଣ୍ଣ ଐତିହ୍ୟ, ସୁବର୍ଣ୍ଣ ସମ୍ଭାର ପୁସ୍ତକ ଲୋକାର୍ପଣ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ସୁବର୍ଣ୍ଣପୁର ସହର ମହାନଦୀ ଯୋଗ ବିହାରସ୍ଥିତ ଶ୍ରୀ ଗୋପାଳଜୀ ଯୋଗାଶ୍ରମରେ କବି ଆର୍ତ୍ତତ୍ରାଣ ବାବୁଙ୍କ ଲିଖିତ ସୁବର୍ଣ୍ଣ ଐତିହ୍ୟ ଓ ସୁବର୍ଣ୍ଣ ସମ୍ଭାର ପୁସ୍ତକର ସମୀକ୍ଷା ଓ ଲୋକାର୍ପଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ଅଧିବେଶନରେ ପୁସ୍ତକ ସୁବର୍ଣ୍ଣ ଐତିହ୍ୟର ସମୀକ୍ଷା କରାଯାଇଥିଲା। ଡ. ଜ୍ୟୋତିରଞ୍ଜନ ବହିଦାର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟଅତିଥି ଭାବେ ଯୋଗଦାନ କରି ପୁସ୍ତକରେ ରାଜତନ୍ତ୍ରରୁ ଗଣତନ୍ତ୍ର ପ୍ରତିଷ୍ଠା ଓ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ତ ତଥ୍ୟ ରହିଥିବା ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ସୋନପୁର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପାଢୀ ଓ ସମୀକ୍ଷକ ଭାବେ ଐତିହାସିକ ସୁଦାମ ନାଏକ ଯୋଗ ଦେଇଥିଲେ। ଡ. ଅନିରୁଦ୍ଧ କୁରକୁରିଆ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିକ୍ଷାବିତ୍ ପ୍ରଦୀପ ପୁରୋହିତ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲା ବେଳେ ଜ୍ୟୋତିରଞ୍ଜନ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି ପୁସ୍ତକ ଉନ୍ମୋଚନ କରିବା ସହ ପୁସ୍ତକର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ନଗରପାଳ ପ୍ରକାଶ ଚନ୍ଦ୍ର ସାହୁ, ଶ୍ୟାମା ଓଁ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ବ୍ରଜମୋହନ ଦାନୀ ଓ ସମୀକ୍ଷକ ଭାବେ ଉଲୁଣ୍ଡା ପଞ୍ଚାୟତ ସମିତି କଲେଜର ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆ ଯୋଗଦାନ କରିଥିଲେ। ଗୋରେଖନାଥ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। କବି ଶ୍ରୀଧର ବାଗ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦ୍ୱିତୀକୃଷ୍ଣ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବି ଆର୍ତ୍ତତ୍ରାଣ ବାବୁ ପୁସ୍ତକ ସମ୍ପର୍କରେ ନିଜର ଲେଖକୀୟ ଅନୁଭୂତି ପ୍ରକାଶ କରିଥିଲେ। ଅଧାପକ ଲୋକେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆଶିଷ ରଞ୍ଜନ ବାବୁ, ଡ. ଇତିଶ୍ରୀ ଦାସ, ଦେବଦାସ ମହାପାତ୍ର, ନରେଶ ଅଗ୍ରୱାଲ, ଅମର କୁମାର ଭୁତ, ସୁରେଶ ମେହେର, ପ୍ରତାପ କୁମାର ଦାସ, ମୃତ୍ୟୁଞ୍ଜୟ ଦାସ, କଳାକାହ୍ନୁ ଦାସ, କୃଷ୍ଣଚନ୍ଦ୍ର ପାତ୍ର, ନିରଞ୍ଜନ ତ୍ରିପାଠୀ ଓ ବାସୁଦେବ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟ ଅତିଥିମାନେ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ଦେଶୀ ପିସ୍ତଲ ଜବତ ଘଟଣା: ଯୁବକଙ୍କୁ କୋର୍ଟ ଚାଲାଣ

ବାଉଁଶୁଣୀ,୨୨।୪ (ଦେବାଶିଷ ନେପାକ): ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଗୋଛାପଡା ନିକଟରୁ ଜଣେ ଯୁବକଙ୍କ ଠାରୁ ଦେଶୀ ପିସ୍ତଲ ଜବତ ହୋଇଥିଲା। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ୧୯ ତାରିଖ ଦିନ ଗୋଛାପଡା ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ପାଇ ବାଉଁଶୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା । ଦୁର୍ଘଟଣାଗ୍ରସ୍ତ ବାଇକ୍‌ର ଚାଳକ ମନମୁଣ୍ଡା ଥାନା ଶଗଡା ଫାଣ୍ଡି ରୁଗଡିକନପା ଗ୍ରାମର ରାଜନ ମାଝୀ ବୋଲି ଜଣାପଡିଥିଲା । ଏହି ଦୁର୍ଘଟଣାରେ ରାଜନ ଗୁରୁତର ହୋଇଥିବା ବେଳେ ପୋଲିସକୁ ଦେଖି ଧରିଥିବା ଏକ ଦେଶୀ ପିସ୍ତଲ ଲୁଚାଇବାକୁ ଚେଷ୍ଟା କରୁଥିଲେ । କିନ୍ତୁ ପୋଲିସ ଏହାକୁ ଜବତ କରିଥିଲା । ରାଜନ ଗୁରୁତର ଥିବାରୁ ପ୍ରଥମେ ବାଉଁଶୁଣୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସୋନପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ରାଜନଙ୍କୁ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ କୋର୍ଟ ଚାଲାଣ କରାଯାଇଥିବା ବାଉଁଶୁଣୀ ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ କହିଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଲୋଇସିଂହା,୨୨।୪(ସୁଶାନ୍ତ ବାରିକ): ଲୋଇସିଂହାର ବରିଷ୍ଠ ଖବରଦାତା ବୁର୍ଡା ନିବାସୀ ବିମଳେନ୍ଦୁ ସାହୁଙ୍କ ବାପା ବିଜୟ କୁମାର ସାହୁ (୮୪)ଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ସାହୁ ବୁର୍ଡା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଥିଲେ । ସ୍ଥାନୀୟ ପଞ୍ଚାୟତ ହାଇସ୍କୁଲର ପ୍ରତିଷ୍ଠାତା ସଭ୍ୟ ସହିତ ପରିଚାଳନା ପରିଷଦର ସଂପାଦକ ତଥା ସଭାପତି ଭାବେ ଦୀର୍ଘଦିନ ଧରି ଦାୟିତ୍ୱ ନିର୍ବାହ କରିଥିଲେ । ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଆଇନ ମନ୍ତ୍ରୀ ଥିବା ବେଳେ ଦେବୋତ୍ତର ବିଭାଗ ତରଫରୁ ସାହୁଙ୍କୁ ବୁର୍ଡା ଗ୍ରାମର ଜଗନ୍ନାଥ ମନ୍ଦିର ଓ ଶିବ ମନ୍ଦିରର ଇଣ୍ଟରିୟମ ଟ୍ରଷ୍ଟି ଭାବେ ନିଯୁକ୍ତି ଦିଆଯାଇଥିଲା । ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଚାରିପୁଅ,ବୋହୂ, ଝିଅ ଜ୍ୱାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ । ଜିଲା ସାମ୍ବାଦିକ ସଂଘ ତରଫରୁ ବରିଷ୍ଠ ସଦସ୍ୟ ନବୀନ ପଶାୟତ, ହରିନାରାୟଣ ପୂଜାରୀ, ଶରତ ମିଶ୍ର, ଶିଶିର ଶତପଥୀ, ତରୁଣ ସାହୁ ପ୍ରମୁଖ ଶୋକ ପ୍ରକାଶ କରିବା ସହିତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହିତ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ପୂର୍ବତନ ଏମ୍‌ପି ବାଲଗୋପାଲ ମିଶ୍ର, ଲୋଇସିଂହା ବିଧାୟକ ଡ଼ ମୁକେଶ ମହାଲିଙ୍ଗ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।






ଓଃ କି ଖରା: ଗ୍ରୀଷ୍ମତାତିରେ ତୃଷାରୁ ରକ୍ଷା ପାଇବା ପାଇଁ ବଲାଙ୍ଗୀର ସହରରେ ଲୋକେ ଆଖୁପଣା ପିଇବା ପାଇଁ ଭିଡ଼ ଜମାଇଛନ୍ତି। ମହିଳାମାନେ ମୁହଁ ଘୋଡେଇ ହୋଇ ଯାଉଛନ୍ତି।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର

## ଚତୁର୍ଥ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବାକୁ ଦାବି

ବଲାଙ୍ଗୀର,୨୨।୪ (ବୀରେନ୍ଦ୍ର କୁମାର ଝାଙ୍କର)

ନିର୍ଦ୍ଧାରିତ ସମୟ ବ୍ୟବଧାନରେ ସେମିଷ୍ଟର ପରୀକ୍ଷା କରାଯାଉ ନ ଥିବା ପ୍ରତିବାଦ କରି ଏବଂ ଚତୁର୍ଥ ସେମିଷ୍ଟର ପରୀକ୍ଷାକୁ ଘୁଞ୍ଚାଇବା ଦାବି ନେଇ ସୋମବାର ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ଅଭିଯୋଗ ହେଲା ଯେ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିଭିନ୍ନ କଲେଜରେ ଅଧ୍ୟୟନରତ ଯୁକ୍ତ ତିନି ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଚତୁର୍ଥ ସେମିଷ୍ଟର ପରୀକ୍ଷା ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ବୃତାନ୍ତ ହୋଇଛି। ଏନେଇ ବିଧିବଦ୍ଧ ଘୋଷଣା ପରେ ଚତୁର୍ଥ ସେମିଷ୍ଟର ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରମାନେ ଚିନ୍ତାରେ ପଡିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ପ୍ରତ୍ୟେକ ସେମିଷ୍ଟର ପରୀକ୍ଷା



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଦାବିପତ୍ର ଦେବାକୁ ଆସିଛନ୍ତି।

ମଝିରେ ଅନ୍ତତଃ ପକ୍ଷେ ୬ ମାସ ସମୟ ବ୍ୟବଧାନ ରହିବା କଥା। ମାତ୍ର ଏଠାରେ ୭୮ ଦିନ ଅନ୍ତରରେ ସେମିଷ୍ଟର ପରୀକ୍ଷା କରାଯାଉଛି। ଫଳରେ ଛାତ୍ରୀଛାତ୍ରମାନେ ଅଡୁଆରେ ପଡିଛନ୍ତି। ସୁଚାରୁରୂପେ ପ୍ରତ୍ୟେକ ବିଷୟରେ ପାଠପଢ଼ା ସମ୍ପୂର୍ଣ୍ଣ ହୋଇପାରୁନାହିଁ। କେତେଜଣ ଅଧ୍ୟାପକ ଟାଣିଓଟାରି ସିଲାବସ୍ ପାଠ ପଢ଼ାଉଥିଲେ ମଧ ଛାତ୍ରୀଛାତ୍ରମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହେତୁ ୭୮ ଦିନର ସମୟ ବ୍ୟବଧାନ ରହୁଛି ଛାତ୍ରୀଛାତ୍ରମାନେ ଭଲ କରି କୌଣସି ବିଷୟରେ ପ୍ରସ୍ତୁତି କରିପାରୁନାହାନ୍ତି । ଏଣୁ ଅଧିକାଂଶ ଛାତ୍ରୀଛାତ୍ରଙ୍କ ପରୀକ୍ଷାରେ ବ୍ୟାକ୍‌ପେପର ରହୁଛି । ଏଭଳି ଅସୁବିଧା ସମ୍ପର୍କରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଅବଗତ କରାଯାଇଥିଲେ ମଧ ସେ ବିହିତ ପଦକ୍ଷେପ ନ ନେବାରୁ ସେମାନେ ବାଧହୋଇ ପରୀକ୍ଷା ବାତିଲ କରିବା ଏବଂ ପରୀକ୍ଷା ପାଇଁ ଅନ୍ୟ ତାରିଖ ଘୋଷଣା କରିବାକୁ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କହିଥିଲେ । ଛାତ୍ରୀଛାତ୍ରମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇ ସେମାନଙ୍କ ଅସୁବିଧା ଏବଂ ଦାବି ସମ୍ପର୍କରେ ଜଣାଇଥିଲେ। ଜିଲାପାଳ କାର୍ଯ୍ୟାଳୟ ଭିତରକୁ ଯାଇ ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କୁ ଭେଟି ଦାବି ସମ୍ପର୍କରେ ଜଣାଇଥିଲେ । କୌଣସି ପରିସ୍ଥିତିରେ ଅତି କମ୍‌ରେ ୬ ମାସ ବ୍ୟବଧାନରୁ କମ୍ ସମୟ ଅନ୍ତରରେ ସେମିଷ୍ଟର ପରୀକ୍ଷା ନ କରିବାକୁ ଦାବି ଜଣାଇଥିଲେ। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ବାସ୍ତବ ଅସୁବିଧାର ସମାଧାନ ନ କରି କେବଳ ସେମିଷ୍ଟର ପରୀକ୍ଷା ତାରିଖ ଘୋଷଣା କରିଦେଉଥିବାରୁ ଏହାକୁ ବାତିଲ କରିବାକୁ ଦାବି ଜଣାଇଥିଲେ । ଛାତ୍ରୀଛାତ୍ର ପ୍ରତିନିଧିଙ୍କ ଦାବିପତ୍ର ଗ୍ରହଣ କରିବା ସହ ଏନେଇ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା ବିଭାଗ ବିହିତ ପଦକ୍ଷେପ ଗ୍ରହଣ କରିବେ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ଛାତ୍ରୀଛାତ୍ରଙ୍କ ଦାବି ଏବଂ ଅସୁବିଧା ସମ୍ପର୍କରେ ଜଣାଇ ଦିଆଯିବ ବୋଲି ଜିଲାପାଳ ଇସଲୱାର କହିଥିଲେ । ଆଉ ଦୁଇଦିନ ପରେ ଯୁକ୍ତତିନି ଦ୍ୱିତୀୟ ବର୍ଷ ଚତୁର୍ଥ ସେମିଷ୍ଟର ପରୀକ୍ଷା ହେବାକୁ ଥିବାବେଳେ ଛାତ୍ରୀଛାତ୍ରଙ୍କ ଦାବି ଅନେକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। ଜିଲାପାଳ ଇସଲୱାରଙ୍କୁ ଏନେଇ ପଚାରିବାରୁ ଛାତ୍ରୀଛାତ୍ରମାନେ ଯେଉଁ ଅସୁବିଧା ଏବଂ ଦାବି ସମ୍ପର୍କରେ ଜଣାଇଛନ୍ତି ସେଥିରେ ଜିଲା ପ୍ରଶାସନର କିଛି କରିବା ସୁଯୋଗ ନାହିଁ। ତେବେ ଛାତ୍ରୀଛାତ୍ରଙ୍କ ଦାବିକୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ଏବଂ ଉଚ୍ଚଶିକ୍ଷା ବିଭାଗକୁ ଜଣାଇ ଦିଆଯିବ ବୋଲି ସେ କହିଥିଲେ। ଆଜି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ଚନ୍ଦନଭାଟି କଲେଜ, ସୋନପୁର କଲେଜ, ଦେଓଗାଁ ଓ ଯୁବୋଦୟ କଲେଜର ଛାତ୍ରୀଛାତ୍ରମାନେ ଜିଲାପାଳ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିଲେ।

## ରାଜନୈତିକ ରାଲିରେ ସାମିଲ ଅଭିଯୋଗରେ କିରାଣି ନିଲମ୍ବିତ

ବୌଦ୍ଧ/ଘଣ୍ଟାପଡ଼ା,୨୨।୪ (ଅଜିତ କୁମାର ବାରିକ/ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲାରେ ରାଜନୈତିକ କାର୍ଯ୍ୟରେ ସଂପୃକ୍ତି ଅଭିଯୋଗରେ ଏହାମଧ୍ୟରେ ୩ ଜଣ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏବେ ପୁଣି ରାଜନୈତିକ ରାଲିରେ ସାମିଲ ଅଭିଯୋଗରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜେ.ସୋନାଲ ସୋମବାର ଦିନ ଶିକ୍ଷା ବିଭାଗର ଜଣେ କନିଷ୍ଠ କିରାଣିଙ୍କୁ ନିଲମ୍ବିତ କରିଛନ୍ତି । ପ୍ରକାଶ ଯେ, କଣ୍ଟାମାଳ ବ୍ଲକ ଲମ୍ବସରୀ ଗ୍ରାମର ରାଧାମାଧବ ଉଚ୍ଚ ବିଦ୍ୟାଳୟର କନିଷ୍ଠ କିରାଣି ସତ୍ୟ ନାରାୟଣ ଦନ୍ତା ଏକ ରାଜନୈତିକ ରାଲିରେ ସାମିଲ ହୋଇଥିବା ଜଣାପଡିବା ପରେ ଜିଲାପାଳ ଏହାର ତଦନ୍ତ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ତଦନ୍ତ ପରେ ଜିଲାପାଳ କିରାଣି ଦନ୍ତାଙ୍କୁ ନିଲମ୍ବିତ କରିଛନ୍ତି । ବାରମ୍ବାର ତାଗିଦ ସତ୍ତ୍ୱେ ଜିଲାରେ ଜଣକ ପରେ ଜଣେ ସରକାରୀ କର୍ମଚାରୀ ରାଜନୈତିକ କାର୍ଯ୍ୟକଳାପରେ ସାମିଲ ହେଉଥିବା ଦେଖାଯାଇଛି । ପୂର୍ବରୁ ଜଣେ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ନିଲମ୍ବିତ ହୋଇଥିବା ବେଳେ ଜଣେ ଶିକ୍ଷକଙ୍କୁ ବଦଳି କରାଯାଇଛି । ପୁଣି ଶିକ୍ଷା ବିଭାଗର ଆଉ ଜଣେ କିରାଣି ନିଲମ୍ବିତ ହେବା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

## ଗ୍ରାମରୁ ବାସନ୍ଦ କରାଯିବା ଅଭିଯୋଗ: ଏସ୍‌ପିଙ୍କ ଦ୍ୱାରସ୍ଥ ପୀଡିତ

ବାଉଁଶୁଣୀ,୨୨।୪(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ରାଉତବାହାଲ ଗ୍ରାମରେ ଗୋଟିଏ ପରିବାରକୁ କଙ୍ଗାରୁ କୋର୍ଟ ବସାଇ ବାସନ୍ଦ କରାଯିବା ଘଟଣାରେ ସୋମବାର ପୀଡିତ ପରିବାରର ମୁଖ୍ୟ ଆଦିତ୍ୟ ପ୍ରଧାନ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । କୌଣସି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତାଙ୍କୁ ବିକ୍ରୀ କରିବାକୁ ଓ ସର୍ବସାଧାରଣ ଜିନିଷ ବ୍ୟବହାର ପାଇଁ ବାସନ୍ଦ କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ସେହିପରି କେହି କଥାବାର୍ତ୍ତା କଲେ ତାଙ୍କୁ ଜରିମାନା କରାଯାଉଥିବା ଲିଖିତ ଅଭିଯୋଗ କରିଛନ୍ତି। ଏ ସମସ୍ତ କାର୍ଯ୍ୟରେ ଗ୍ରାମର ଜଣେ ଶିକ୍ଷକ ମଧ ସମ୍ପୃକ୍ତ ରହିଛନ୍ତି । ପରିବାରକୁ ଗ୍ରାମରୁ ବାସନ୍ଦ କରି ନିଜ ମୌଳିକ ଅଧିକାରରୁ ବଞ୍ଚିତ କରାଯାଉଥିବା ଆଦିତ୍ୟ ବାଉଁଶୁଣୀ ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ କୌଣସି ସୁଫଳ ନ ମିଳିବାରୁ ସେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ତାଙ୍କ ଅଭିଯୋଗ ପତ୍ରକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମାନୁସୁଆଲ ମଞ୍ଜି ଗ୍ରହଣ କରିଥିବା ସୂଚନା ମିଳିଛି ।

## ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ

ଖପ୍ରାଖୋଲ,୨୨।୪(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକର ହରିଶଙ୍କର ଟିଆରସି ସଭା ଗୃହ ଠାରେ ପାଟଣାଗଡ଼ ଦେବୋତ୍ତର ବିଭାଗ ତରଫରୁ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ଼ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୈଶାଖ ମେଳା କିଭଳି ଶାନ୍ତିଶୃଙ୍ଖଳା ସହ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ସାଧାରଣ ନିର୍ବାଚନ ଥିବା ଏବଂ ମେଳା ନିର୍ବାଚନ ଦିବସରେ ପଡୁଥିବାରୁ ମେଳାକୁ ୫ ଦିନରୁ କମାଇ ୩ ଦିନ କରିବାକୁ ଆଲୋଚନା ହୋଇଥିଲା। ମେଳାର ପରିଚାଳନା ପାଇଁ ସ୍ୱେଚ୍ଛାସେବୀ ସଂଖ୍ୟା ବୃଦ୍ଧି, ବିଭିନ୍ନ ଜାତି, ସଂଗଠନ ତରଫରୁ ଅନ୍ନ ପ୍ରସାଦ, ପାନୀୟଜଳ ବଣ୍ଟନ, ନୀତିକାନ୍ତି, ହୋମ ଯଜ୍ଞ ଉପରେ ଆଲୋଚନା ହୋଇଥିଲା। ନିର୍ବାଚନ ଥିବାରୁ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା ପରେ ଆଗାମୀ ବୈଠକ କରି ବୃତାନ୍ତ ପ୍ରସ୍ତୁତି କରାଯିବ ବୋଲି ଉପଜିଲାପାଳ ନାୟକ ପ୍ରକାଶ କରିଥିଲେ। ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସଦାନନ୍ଦ ପୂଝାରୀ, ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ଏସ. ମହାରଣା, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ଦେବୋତ୍ତର ସଭ୍ୟ ଶଶି ପୁଝାରୀ, ରୋହିତ ମେହେର, ଅଭୟ ତ୍ରିପାଠୀ, ପଞ୍ଚୁ ସାହୁ ଯୋଗ ଦେଇଥିଲେ। ଏହାଛଡା ସବ କମିଟି ସଭାପତି ବିପ୍ର ବିଶି, ସଦାନନ୍ଦ ଭୋଇ, ପ୍ରହଲ୍ଲାଦ ଚାନ୍ଦ, ଗୋପାଳ ପାତ୍ର, କ୍ଷମାନିଧି ଭୋଇ, ଉମାକାନ୍ତ ପ୍ରଧାନ, ଜ୍ୟୋତିରଞ୍ଜନ ପଣ୍ଡା, ବଳରାମ ବେହେରା, ତପ ସାହୁ, ପୂଜକ ନରସିଂହ ପୁଝାରୀ, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ଭାଗ୍ୟବାନ ସାହୁ, ସନ୍ତୋଷ ବେହେରା ଉପସ୍ଥିତ ଥିଲେ।

## ଶୌଚାଳୟ ମରାମତି କରାଯାଉ



ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଗୋଷ୍ଠୀ କେନ୍ଦ୍ର ଶୌଚାଳୟ।

ଲାଠୋର,୨୨।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସେବା ସମବାୟ ସମିତି ପଛପଟେ ରହିଥିବା ଗୋଷ୍ଠୀ କେନ୍ଦ୍ର ଶୌଚାଳୟ ମରାମତି ପାଇଁ ଦାବି ହୋଇ ଆସୁଥିଲେ ମଧ ଏଥିପ୍ରତି କେହି ନଜର ଦେଉ ନ ଥିବା ଅଭିଯୋଗ ହେଉଛି । ଦୀର୍ଘ ବର୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଲକ୍ଷାଧିକ ଟଙ୍କା ବ୍ୟୟରେ ସେବା ସମବାୟ ସମିତି ନିକଟରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରି ବାହାରେ ୫ ଗୋଟି ଏବଂ ଛାତ ଉପରେ ୨ ଗୋଟି ଶୌଚାଳୟ ନିର୍ମାଣ କରାଯାଇଛି । କିନ୍ତୁ ଏହାର ରକ୍ଷଣାବେକ୍ଷଣ ଦିଗରେ ଧ୍ୟାନ ନ ଦେବାରୁ ଶୌଚାଳୟଗୁଡିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । କାଳକ୍ରମେ ଛାତ ଉପରେ ରହିଥିବା ଶୌଚାଳୟରେ ଲାଗିଥିବା ପାଇପ ଭାଙ୍ଗି ଯାଇଥିବା ବେଳେ ବାହାରେ ରହିଥିବା ଶୌଚାଳୟ ମଇଳା ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି । ଗୋଷ୍ଠୀ କେନ୍ଦ୍ରରେ କୌଣସି ସରକାରୀ, ବେସରକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲେ ଲୋକ ଶୌଚାଳୟ ପାଇଁ ହଇରାଣ ହରକତ ହେଉଛନ୍ତି । ଅପରପକ୍ଷେ ହାଟପଦାପଡ଼ା ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣ ହୋଇ ନ ଥିବା ହେତୁ ଉକ୍ତ ଗୋଷ୍ଠୀକେନ୍ଦ୍ରରେ ଗତ ଜୁଲାଇ ୨୦୧୯ ଠାରୁ ଛାତ୍ରୀ ଛାତ୍ର ପାଠ ପଢି ଆସୁଛନ୍ତି । ସେମାନଙ୍କୁ ମଧ ଶୌଚାଳୟ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଦୀର୍ଘ ଦିନ ହେଲା ସମସ୍ୟାର ସମାଧାନ ପାଇଁ ଦାବି ହୋଇ ଆସୁଥିଲେ ମଧ କିଛି ସୁଫଳ ମିଳିନାହିଁ । ଏନେଇ ପାଟଣାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ନବୀନ ବହଲଙ୍କୁ ପଚାରିବାରେ ଅନେକ ଦିନରୁ ସେହି ବିଲ୍ଡିଂଗୁଡ଼ିକ ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର ହୋଇ ସାରିଛି ଓ ସେମାନେ ବୁଝିବେ ବୋଲି କହିଥିଲେ । ସେହିପରି ପଞ୍ଚାୟତିରାଜ ବିଭାଗ କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକଙ୍କୁ ପଚାରିବାରେ କେବେ ଆମକୁ ହସ୍ତାନ୍ତର ହୋଇଛି ଆମେ ଦେଖିଲା ପରେ ପଦକ୍ଷେପ ଗ୍ରହଣ କରି ପାରିବୁ ବୋଲି କହିଥିଲେ । ତେବେ ଯେଉଁ ବିଭାଗ ହାତରେ ଗୋଷ୍ଠୀ କେନ୍ଦ୍ର ଥାଉ ନା କାହିଁକି ଲୋକଙ୍କ ସୁବିଧା ଦୃଷ୍ଟିରୁ ପ୍ରଶାସନ ଶୌଚାଳୟ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି ।

# ଭାଲିଆମୁଣ୍ଡା ସାପ୍ତାହିକ ବଜାର: ମିଳୁନି ମୌଳିକ ସୁବିଧା



ଶୋଚନୀୟ ବଜାର ପିଣ୍ଡି।



ଗୋରୁ ପାଇଁ ନିର୍ମିତ ପାଣି କୁଣ୍ଡ।

ଲୋଇସିଂହା,୨୨।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଆରଏମ୍‌ସି ଅଧୀନରେ ରହିଛି ଲୋଇସିଂହା ଥାନା ଅନ୍ତର୍ଗତ ଭାଲିଆମୁଣ୍ଡା ସର୍ବପୁରାତନ ସାପ୍ତାହିକ ବଜାର। ପଶ୍ଚିମ ଓଡିଶାର ଏହି ପ୍ରମୁଖ ଗୋରୁ ବଜାରରୁ ସରକାର ବାର୍ଷିକ ଲକ୍ଷାଧିକ ଟଙ୍କା ରାଜସ୍ୱ ଆଦାୟ କରନ୍ତି। ହେଲେ ବଜାରରେ କୌଣସି ମୌଳିକ ସୁବିଧା ଉପଲବ୍ଧ ନାହିଁ। ବଜାର ଉନ୍ନତୀକରଣ ପାଇଁ ଉଚ୍ଚ ପଦାଧିକାରୀ ଗସ୍ତ କରି ସର୍ଭେ କରିଥିଲେ ବି କିଛି ସୁଫଳ ମିଳିନି। ବଜାରରେ ପାନୀୟ ଜଳ ସୁବିଧା କରିବା ସାଙ୍ଗକୁ ବଜାର ଉନ୍ନତୀକରଣ ପାଇଁ ଆରଏମ୍‌ସି ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ବେଳେ ପ୍ରତିଶ୍ରୁତି ମିଳିଥିଲା । ୨ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା ପ୍ରତିଶ୍ରୁତି ପୂରଣ ହୋଇପାରିନାହିଁ । ଚଳିତବର୍ଷ ପ୍ରଚଣ୍ଡ ରୌଦ୍ରତାପ ଦେଖିବାକୁ

### ସାଧାରଣରେ ଅସନ୍ତୋଷ

ମିଳିଛି । ବଜାରରେ ପିଇବା ପାଣି ବ୍ୟବସ୍ଥା କରାଯାଇ ନ ଥିବାରୁ ଆଗଲାପାଲି ଗ୍ରାମର ଜଣେ ବୃଦ୍ଧଙ୍କ ଶନିବାର ଅଶୁଂଘାତରେ ମୃତ୍ୟୁକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ବାଦିବାହାଲ ପଞ୍ଚାୟତ ଭାଲିଆମୁଣ୍ଡାରେ ସପ୍ତାହର ଶନିବାର ଦିନ ପନିପରିବା ସହ ଗୋରୁ ହାଟ ବସିଥାଏ। ବଲାଙ୍ଗୀର ଜିଲା ସମେତ ପଡୋଶୀ ସୁବର୍ଣ୍ଣପୁର, ବୌଦ୍ଧ, କଳାହାଣ୍ଡି, ବରଗଡ ଆଦି ଜିଲାର ବହୁ ସଂଖ୍ୟକ କ୍ରେତା ଓ ବିକ୍ରେତା ଆସିଥାନ୍ତି । ବଜାରରେ ପରିବା ବେପାରୀ, ଗୋରୁ କ୍ରେତାଙ୍କ ଠାରୁ ଟିକସ ଅସୁଲି କରିଥାନ୍ତି ଆରଏମସି କର୍ମଚାରୀ। ତେବେ ବଜାରରୁ ରାଜସ୍ୱ ଆଦାୟ ତୁଳନାରେ ବିକାଶ କାମ କରାଯାଉନାହିଁ ବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। କେତେକ ଗୋରୁ ଆଶ୍ରୟସ୍ଥଳ ଅସୁରକ୍ଷିତ ଅବସ୍ଥାରେ ରହିଛି । ତାହା ବ୍ୟବହାର ହେଉନାହିଁ । ବିକ୍ରେତାମାନେ ଡହ ଡହ ଖରାରେ ଗୋରୁଙ୍କୁ ରଖୁଥିବା ଦେଖିବାକୁ ମିଳେ । ଜନସାଧାରଣ ଓ ବିକ୍ରି ପାଇଁ ଆସୁଥିବା ଗୋରୁଙ୍କୁ ପିଇବା ପାଣି ଯୋଗାଣ ପାଇଁ ବଜାର ପରିସର ଟିକଟ କାଉଣ୍ଟର ନିକଟରେ ବୋରିଂ ଖୋଲାଯାଇ ମଟର ଓ ଓଭରହେଡ ଟାଙ୍କି ବସାଯାଇଛି। ଏପରି କି ଗୋରୁ ପାଣି ପିଇବା ପାଇଁ ଦୁଇଟି ସ୍ଥାନରେ ୬ଟି କୁଣ୍ଡ ନିର୍ମାଣ ହୋଇଛି ସତ । କିନ୍ତୁ ପାଣି କୁଣ୍ଡ ଅବସ୍ଥା ଦେଖିଲା ପରେ ତାହା କେବେ ବି ବ୍ୟବହାର ହେଉ ନ ଥିବ ଯେ କେହି କହିବ । ପରିବା ବେପାରୀଙ୍କ ବସୁଥିବା ପୁରୁଣା ପିଣ୍ଡିଗୁଡିକ ଶୋଚନୀୟ ହୋଇପଡିଛି । ବର୍ଷାଧିକ ସମୟ ହେଲା କେତେକ ପିଣ୍ଡି ନିର୍ମାଣ ହୋଇଥିଲେ ସୁଦ୍ଧା ଛାତ ପଡି ପାରିନାହିଁ। ଏହାର ଅନୁଦାନ ହଡପ ହୋଇଥିବା ସନ୍ଦେହ କରାଯାଉଛି । ନିମ୍ନମାନର କାମ ଯୋଗୁ ନୂତନ ପିଣ୍ଡିଗୁଡିକ ଫାଟି ଯାଇଥିବା ଦେଖିବାକୁ ମିଳିଛି । ପିଣ୍ଡି ଅଭାବରୁ ବେପାରୀମାନେ ନିଜସ୍ୱ ଉଦ୍ୟମରେ ଅସ୍ଥାୟୀ ଆଶ୍ରୟସ୍ଥଳୀ ନିର୍ମାଣ କରି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ବଜାରକୁ ଆସୁଥିବା ଜନସାଧାରଣ ଓ ସ୍ଥାନୀୟ ବଳଦେବପୁରବାସୀଙ୍କ ପାଇଁ ବଜାର ପରିସରରେ ୫ଟି ନଳକୂପ ଖୋଲାଯାଇଥିଲା । କାଳକ୍ରମେ ସେଥିରୁ ୩ଟି ଅକାମି ହୋଇଥିବା ବେଳେ ୨ଟି କେବଳ କାର୍ଯ୍ୟକ୍ଷମ ରହିଛି । କାର୍ଯ୍ୟକ୍ଷମ ନଳକୂପରୁ ଖରାଦିନରେ ଠିକ ଭାବରେ ପାଣି ବାହାରୁ ନ ଥିବା ଅଭିଯୋଗ ହେଉଛି । ବିପୁଳ ରାଜସ୍ୱ ଆଦାୟ ସତ୍ତ୍ୱେ ଆରଏମସି ତରଫରୁ ବଜାରରେ ପାନୀୟ ଜଳ ଓ ଖରାଦିନରେ ଜଳଛତ୍ର ବ୍ୟବସ୍ଥା କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

### ସେମାନେ ଯାହା କୁହନ୍ତି...



“ ଆରଏମସି ତରଫରୁ ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହେଉଛି। ୫ଟି ନଳକୂପରୁ ଗୋଟିଏ ମାତ୍ର କାମ କରୁଛି। ଗୋଟିଏ ନଳକୂପ ଯଥେଷ୍ଟ ହେଉନାହିଁ। ଏପରି କି ବଜାରରେ ଜଳଛତ୍ର ମଧ ଖୋଲାଯାଇନାହିଁ । ଶନିବାର ଦିନ ବଜାରରେ ଜଣେ ବୃଦ୍ଧଙ୍କ ଅଶୁଂଘାତରେ ମୃତ୍ୟୁ ଘଟିଛି। ବଜାରର ନଳକୂପ କାର୍ଯ୍ୟକ୍ଷମ କରିବା ସହ ଜଳଛତ୍ର ଖୋଲିବା ଦିଗରେ ପ୍ରଶାସନ ପଦକ୍ଷେପ ନେବା ଜରୁରୀ ହୋଇପଡିଛି ।

–ନୀଳକଣ୍ଠ ମିଶ୍ର



“ ଏହା ପଶ୍ଚିମ ଓଡିଶାର ଏକ ବଡ ବଜାର। ପିଇବା ପାଣି, ପାଚେରି ଓ ଉନ୍ନୟନ କାମ ଲାଗି ଭୁବନେଶ୍ୱରରୁ ଏକ ଟିମ୍ ସର୍ଭେ ପାଇଁ ଆସିଥିଲେ । ତାହା ସର୍ଭେରେ ରହିଯାଇଛି । ପାଣି ସୁବିଧା ନ ଥିବାରୁ ଜନସାଧାରଣ ଓ ଗାଈଗୋରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨ ବର୍ଷ ପୂର୍ବେ ଜିଲା ପ୍ରଶାସନକୁ ଭେଟି ପିଇବା ପାଣି ଓ ଅନ୍ୟାନ୍ୟ ମୌଳିକ ସୁବିଧା ଦାବି କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ପରିତାପର ବିଷୟ ୨ ବର୍ଷ ବିତି ଯାଇଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ବଜାରରେ ଅନ୍ୟାନ୍ୟ ଅସୁବିଧା ରହିଛି। ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ପରେ ବି ବଜାର ପ୍ରତି ଅବହେଳା ଲାଗି ରହିଛି। ଯଥାଶୀଘ୍ର ପିଇବା ପାଣି ବ୍ୟବସ୍ଥା ସହ ବିକାଶ କାମ କରିବା ଆବଶ୍ୟକ ।

–ଜଗଦୀଶ ନାୟକ, ପୂର୍ବତନ ୱାର୍ଡସଭ୍ୟ

## ସଂକ୍ଷେପରେ

### ଟ୍ରେନରେ କଟି ଯୁବକ ମୃତ

ରାଉରକେଲା,୨୨।୪,(ଦିନେଶ ମିଶ୍ର): ଉଦିତନଗର ସ୍ଥିତ ଏସ୍‌ଟିଆଇ ଓଭରବ୍ରୀଜ ନିକଟସ୍ଥ ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତ ଯୁବକ ହେଲେ ଉପେନ୍ଦ୍ର ସାଗର(୩୦)। ସୂଚନାଯୋଗ୍ୟ, ଉଦିତନଗର ଥାନା ଅନ୍ତର୍ଗତ ବିରଜାପାଲି ବସ୍ତିରେ ଉପେନ୍ଦ୍ର ପରିବାର ସହ ବାସ କରନ୍ତି। ସେ ରାଉରକେଲା ତଥା ଆଖପାଖ ଅଞ୍ଚଳରେ ଠିକା ଶ୍ରମିକ ଭାବେ କାମ କରି ନିଜର ପରିବାର ଭରଣପୋଷଣ କରନ୍ତି। ସୁବିଦିନ ପରି ଉପେନ୍ଦ୍ର ନିଜ କାମସାରି ଅପରାହ୍ନ ସାଢ଼େ ୧ଟାରେ ନିଜ ଘରକୁ ଏସ୍‌ଟିଆଇ ଓଭରବ୍ରିଜ ନିକଟସ୍ଥ ରେଳ ଧାରଣା ଦେଇ ଅତିକ୍ରମ କରୁଥିବାବେଳେ ତାଙ୍କୁ ଏକ ମାଲଗାଡି ହଠାତ ଧକ୍କା ଦେଇଥିଲା। ଫଳରେ ସେ ରେଳ ଧାରଣା ଉପରେ ଛିଟିକି ପଡିଥିଲେ। ତାଙ୍କ ମୁଣ୍ଡ ଓ ଛାତିରେ ଖୁବ ଜୋରରେ ଆଘାତ ଲାଗିଥିଲା। ଅନ୍ୟ ଧାରଣାରେ ଜମ୍ମୁ-ତବି ସୁପରଫାଷ୍ଟର ଲୋକ ପାଇଲଟ ଏହି ଦୃଶ୍ୟ ଦେଖି ରାଉରକେଲା ଜିଆରପି ପୋଲିସକୁ ଖବର ଦେଇଥିଲେ। ଜିଆରପି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଧାରଣାରୁ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ପୋଲିସ ମାମଲା ନଂ. ୨୮/୨୪ ରୁଜୁ କରି ଘଟଣାର ତଦନ୍ତ କରୁଛି।

### କଂଗ୍ରେସର କର୍ମୀ ସମ୍ମିଳନୀ

ବଡ଼ଗାଁ,୨୧।୪( ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ସିଆମାଲ ନିକଟ ଗଣ୍ଡପଡାଠାରେ ରବିବାର ମଧ୍ୟାହ୍ନରେ ୫ଟି ପଞ୍ଚାୟତର କର୍ମୀଙ୍କୁ ନେଇ ବ୍ଲକ କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଚିନ୍ତାମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ତଳସରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ଭିତ୍ରିଆ, ରୁନଗା ପଞ୍ଚାୟତ ସଭାପତି ରବି କରିଆଲି, ଏକମା ପଞ୍ଚାୟତ ସଭାପତି ବିର୍ସା ଭେଙ୍ଗରା,ବାମଡେରା ପଞ୍ଚାୟତ ସଭାପତି ୱିଲିୟମ ଖେସ, ଟିମନା ପଞ୍ଚାୟତ ଆନନ୍ଦ କୁଜୁର, ପାମରା ପଞ୍ଚାୟତ ସଭାପତି ଲଳିତ ଏକ୍କା ଯୋଗଦେଇ ନିର୍ବାଚନ ପ୍ରଚାର ଓ ପରିଚାଳନା ଉପରେ ଆଲୋଚନା କରିବା ସହିତ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ବୈଠକ ଆରମ୍ଭରେ ହକି ତାରକା ପ୍ରବୋଧ ତିର୍କୀଙ୍କ ଟିକେଟ କଟାଯିବା ଘଟଣାରେ କର୍ମୀମାନେ ଦୁଃଖ ପ୍ରକାଶ କରିଥିଲେ। ତେବେ ଆଲୋଚନାରେ ବରିଷ୍ଠ କର୍ମକର୍ତ୍ତା ରାଜ୍ୟ ମୁଖ୍ୟ ଦେବେନ୍ଦ୍ର ଭିତ୍ରୀୟଙ୍କୁ ଟିକେଟ ଦେଇଥିବା ଓ ଶୃଙ୍ଖଳିତ କର୍ମୀ ଭାବେ ସମସ୍ତେ ଏକଜୁଟ ହୋଇ ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ଘର କୁ ଘର ଯାଇ କଂଗ୍ରେସର ନିର୍ବାଚନୀ ଇସ୍ତାହାରକୁ ଜଣାଇବା, ସମସ୍ତ ବୁଥରେ କିପରି ଅଧିକ ଭୋଟ ଅଣାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ନିଜ ସମ୍ପର୍କୀୟ, ବନ୍ଧୁ ,ପରିଜନଙ୍କୁ ଇସ୍ତାହାର ଉପରେ ବୁଝାଇ ଭୋଟ ମାଗିବାକୁ ବରିଷ୍ଠ କର୍ମକର୍ତ୍ତା ପରାମର୍ଶ ଦେଇଥିଲେ। ଏହି କର୍ମୀ ସମ୍ମିଳନୀରେ ବରିଷ୍ଠ କର୍ମୀ ସୂର୍ଯ୍ୟମଣି ନାଏକ, ଅନୁପ କେରକେଟା, ସୁଧୀର କେରକେଟା, ବିନୟ ନାଏକଙ୍କ ସହିତ ଶତାଧିକ କର୍ମୀ ଯୋଗଦେଇଥିଲେ।

# ସହରରେ ବଢୁଛି ନିଶା କାରବାର

ରାଉରକେଲା,୨୨।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ନିଶା କାରବାର ବଢ଼ିଚାଲିଛି। ସହରରେ ଅବକାରୀ ବିଭାଗ ଅନୁମୋଦନ ପ୍ରାପ୍ତ ମୋଟ ୪୦ଟି ଏଫଏଲ୍‌ଓ ଅଫ୍‌ସପ ଏବଂ ୧୯ଟି ଏଫ୍‌ଏଲ୍‌ଓ ଅନ୍‌ସପ ରହିଛି। ଏକ ସୂଚନା ମୁତାବକ, ସହରରେ ଦୈନିକ ୮୦ହଜାର ଲିଟରରୁ ଅଧିକ ବିୟର ବିକ୍ରି ହେଉଛି। ପ୍ରତିଦିନ ୧୮/୨୦ଲକ୍ଷ ଟଙ୍କାର ବିୟର କାରବାର ହେଉଥିବା ବେଳେ ପ୍ରତି ୧୦ଜଣ ପୁରୁଷ ମଧ୍ୟରୁ ୬ଜଣ ନିଶାପାନ କରୁଥିବା ଜଣାପଡ଼ିଛି। ଲୋକଙ୍କ ନିଶା ପ୍ରତି ବଢୁଥିବା ରୁଚିକୁ ଦେଖି ନିଶା କଳାବଜାରି ହେଉଛି। ଜିଲା ଅବକାରୀ ପୋଲିସ ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅବୈଧ କାରବାର ଉପରେ ବ୍ରେକ ଲଗାଇଛନ୍ତି। ଗତ ୨୧ରେ ଉଭୟ ବିଭାଗ ଦ୍ୱାରା ଗଠିତ ୫ ଜଣିଆ ଟିମ୍ ଗୋଟିଏ ଦିନରେ ସିଭିଲ ଟାଉନଶିପ, ପାନପୋଷ,ଜଳଦା,ବାଲୁଘାଟ ଓ ଦେଓଗାଁରୁ ୫ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୨୯,୯୦୦ ବିଏଲ ବିଦେଶୀ ବିୟର ଓ ୧୨,୭୩୫ ବିଏଲ ଦେଶୀ ମଦ ଜବତ କରି ରଘୁନାଥପାଲ୍ଲୀ ଥାନାକୁ ପଠାଇଥିଲା। ସେହିଭଳି ପୋଲିସ ମାର୍ଚ୍ଚରେ ୮କୋଟି ୬ଲକ୍ଷ ୧୦ହଜାର ୯୫ଟଙ୍କାର ଅବୈଧ କାରବାରକୁ ଭଣ୍ଡୁର କରିଥିବା ବେଳେ ଆଗକୁ ୧୦କୋଟି ୭୯ଲକ୍ଷ ୮୭ହଜାର ଟଙ୍କା ଅବୈଧ କାରବାରକୁ ଭଣ୍ଡୁର କରିବା ବିଭାଗ ନିଷ୍କର୍ଷରେ ଅଛି। ଏନେଇ ଅଣ-ଜାମିନ ଯୋଗ୍ୟ



ରାଉରକେଲା ଅବକାରୀ କାର୍ଯ୍ୟାଳୟ।

**ଅବକାରୀ ବିଭାଗ, ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି**

ୱାରେଣ୍ଟ ଜାରି କରିବା ସହ ୧୧୦ଧାରା ଜନିତ ଆଇନଗତ ପ୍ରକ୍ରିୟା ମଧ୍ୟ ଉଭୟ ଅବକାରୀ ଓ ପୋଲିସ ପକ୍ଷରୁ ଗ୍ରହଣ ହେଉଛି। ଏନେଇ ରାଉରକେଲା ଅବକାରୀ ବିଭାଗୀୟ ଅଧିକାରୀ ମୋହନ ପ୍ରଧାନଙ୍କୁ ପଚାରିବାରୁ, ବର୍ତ୍ତମାନ ରାଜ୍ୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ତେଣୁ ନିର୍ବାଚନରେ ଶାନ୍ତିଶୃଙ୍ଖଳା ବଜାୟ ପାଇଁ ଅବୈଧ ନିଶା କାରବାର ଉପରେ ବ୍ରେକ ଲାଗିବା ନିହାତି ଆବଶ୍ୟକ। ଏହା ସହିତ ଏନ୍‌ଫୋର୍ସମେଣ୍ଟ ଟିମ୍ ସହଯୋଗରେ ବହୁ ଅବୈଧ ନିଶା କାରବାର ଉପରେ ଅଙ୍କୁଶ ଲଗାଇ ସାରିଛୁ । ଆଗକୁ ଯାଞ୍ଚ ପ୍ରକ୍ରିୟା ଆହୁରି ଜୋରଦାର ହେବ ବୋଲି ସେ ପ୍ରକାଶ କରିଥିଲେ।

# ୮ ଦିନ ବିତିଲା: ହତ୍ୟାକାରୀଙ୍କ ପତ୍ତା ମିଳୁନି

ରାଉରକେଲା, ୨୨।୪( ସଙ୍ଗୀତା ଜେନା)

**ଲଲାଟକେଶରୀ ହତ୍ୟାକାଣ୍ଡ ମାମଲା**



ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୫ର ଏକ ସ୍କୁଲ ସମ୍ମୁଖରେ ହୋଇଥିବା ଯୁବକ ଲଲାଟକେଶରୀ ମହାପାତ୍ରଙ୍କ ହତ୍ୟାକାଣ୍ଡକୁ ୮ଦିନ ବିତିଯାଇଛି। ହେଲେ ପୋଲିସ ହତ୍ୟାକାରୀଙ୍କୁ ଖୋଜି ବାହାର କରିବାରେ ବିଫଳ ହୋଇଛି। ମୃତକଙ୍କ ଭଉଣୀ ତୃପ୍ତି ମହାପାତ୍ରଙ୍କ କହିବା ଅନୁଯାୟୀ, ଲଲାଟକେଶରୀ, ସ୍ତ୍ରୀ ଆଶାଲତା ମହାପାତ୍ର, ନାବାଳକ ପୁଅ ଓ ବଡ଼ ଭଉଣୀ ଇତିଶ୍ରୀ ମହାପାତ୍ରଙ୍କ ସହ ସେକ୍ଟର-୪ ବି/୬୩ରେ ରହୁଥିଲେ। ଇତିଶ୍ରୀ ସେକ୍ଟର-୪ ପୋଷ୍ଟ ଅଫିସ୍‌ରେ ପୋଷ୍ଟାଲ ଏଜେଣ୍ଟ ଭାବେ ଓ ଲଲାଟ ରାଉରକେଲା ଇସ୍ପାତ କାରଖାନାର ଏକ ଠିକାସଂସ୍ଥାର କାର୍ଯ୍ୟରତ ଥିଲେ। ହତ୍ୟାକାଣ୍ଡର ୮ ଦିନ ଆଗରୁ ଲଲାଟ ଓ ପରିବାରବର୍ଗ କେନ୍ଦ୍ରାପଡ଼ା ଧାନମଣ୍ଡଳ ଗ୍ରାମରେ ମା' ବାପାଙ୍କ ବର୍ଷିକିଆ ଶ୍ରାଦ୍ଧ ସାରି ରାଉରକେଲା ଫେରିଥିଲେ। ଏପ୍ରିଲ ୧୫ରେ କୌଣସି କାମରେ ସେ ବାହାରକୁ ଯାଇଥିଲେ। ରାତି ପ୍ରାୟ ସାଢ଼େ ୯ଟା ସମୟରେ ମଝିଆ ଭଉଣୀ ତୃପ୍ତିଙ୍କୁ ଫୋନ୍ କରି ଲଲାଟଙ୍କୁ କିଏ ଜଣେ ଛୁରୀ ମାରିଦେଇଥିବା ସୂଚନା ଦେଇଥିଲେ। ଘଟଣାସ୍ଥଳରେ ତୃପ୍ତି ଓ ଅନ୍ୟମାନେ ପହଞ୍ଚି ଲଲାଟଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ସେକ୍ଟର-୧୯ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଅତ୍ୟାଧିକ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ତୃପ୍ତି ସମ୍ପୃକ୍ତ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ନଂ.୮୦/୨୪ ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରାଯାଇଥିଲା। ଲଲାଟଙ୍କ ମୋବାଇଲ ଫୋନ୍‌କୁ ଥାନାରେ ରଖାଯାଇଛି। ଅପରପକ୍ଷରେ, ପୋଲିସ ପକ୍ଷରୁ ମାମଲା ତଦନ୍ତ ପରିସରଭୁକ୍ତ ରହିଛି। ସନ୍ଦେହ କରାଯାଉଥିବା ଲୋକଙ୍କୁ ପଚରାଉଚୁରା କରାଯାଉଛି ବୋଲି ଡିଏସ୍‌ପି ପୁଷ୍ପାରାଣୀ ନିନ୍‌ଗୀ କହିଛନ୍ତି।


ରାମଙ୍କ ସହିତ ପର୍ଶୁରାମଙ୍କ ବାଚନିକ ଯୁଦ୍ଧ।

# ଶ୍ରୀରାମଙ୍କ ସହିତ ପର୍ଶୁରାମଙ୍କ ଭେଟ, ବାଚନିକ ଯୁଦ୍ଧ

ବଡ଼ଗାଁ,୨୧।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁର ପ୍ରସିଦ୍ଧ ରାମଲୀଳା ଯାତ୍ରାର ପଞ୍ଚମ ଦିନରେ ଶ୍ରୀରାମଙ୍କ ସହିତ ପର୍ଶୁରାମଙ୍କ ଭେଟ ଓ ବାଚନିକ ଯୁଦ୍ଧ ମଞ୍ଚସ୍ଥ ହେଇଥିଲା। ବିଷୟବସ୍ତୁ ଅନୁଯାୟୀ, ଶ୍ରୀରାମଚନ୍ଦ୍ର ସୀତାଙ୍କୁ ନେଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କଲାବେଳେ ପର୍ଶୁରାମ ବାଟ ଓଗାଳିଥିଲେ। ଗୁରୁଙ୍କ ଧନୁ ( ଶିବଧନୁ) ଭାଙ୍ଗି ଥିବାରୁ ପର୍ଶୁରାମ ପ୍ରଚଣ୍ଡ କ୍ରୋଧିତ ହୋଇ ଆକ୍ଷେପ କରିଥିଲେ। ଉଭୟଙ୍କ ମଧ୍ୟରେ ବାଚନିକ ଯୁଦ୍ଧ ହୋଇଥିଲା। ଏହାପରେ ପର୍ଶୁରାମ ତାଙ୍କ ଧନୁରେ ଗୁଣ ଚଢାଇବାକୁ ଶ୍ରୀରାମଙ୍କୁ କହିଥିଲେ। ଶ୍ରୀରାମଚନ୍ଦ୍ର ପର୍ଶୁରାମଙ୍କ ଧନୁରେ ଗୁଣ ଚଳାଇବା ଦେଖି ପର୍ଶୁରାମ ଜାଣିପାରିଲେ ଶ୍ରୀରାମ ଜଣେ ସାଧାରଣ ପୁରୁଷ ନୁହଁନ୍ତି। ଶ୍ରୀରାମ ଅବତରି ପୁରୁଷ ଜାଣିପାରି ପ୍ରଣିପାତ କଲେ ଓ ମହିଭାର ସମ୍ଭାଳିବାକୁ କହି ତପସ୍ୟା ନିମନ୍ତେ ସେଠାରୁ ବନ ଅଭିମୁଖେ ପ୍ରସ୍ଥାନ କଲେ। ରାମାୟଣର ଏହି ବିଷୟବସ୍ତୁ ସହିତ ଦଶରଥଙ୍କ ତୀରରେ ଶ୍ରବଣ କୁମାର୍ ହତ ହେବା ଘଟଣାର କରୁଣ ଦୃଶ୍ୟ କଳାକାରମାନେ ପ୍ରଦର୍ଶିତ କରିଥିଲେ। ରାମ, ସୀତା, ପର୍ଶୁରାମ, ବିଶାମିତ୍ର ଭୂମିକାରେ ଯଥାକ୍ରମେ ଲୁଲୁ ପାଣିଗ୍ରାହୀ, ଟୁନୁ ପାଣିଗ୍ରାହୀ, ବିଟୁ ନାୟକ, ସୋନୁ ପାଣିଗ୍ରାହୀ ଓ ପଶାୟତ, ମହାଦେବ ସା, ଲାଲିନ୍ଦ୍ର ସା, ସତ୍ୟା ସାହୁ, ଟିକିଲି ସଖି ଅଭିନୟ କରିଥିଲେ। ପରଭା ବା ମେଢ଼ରେ ସରସ୍ୱତୀ ରୂପରେ ଆଦ୍ୟାଶା ପାଣିଗ୍ରାହୀ ପ୍ରଦର୍ଶିତ ହୋଇଥିଲେ।

# ଅଞ୍ଚଳର ବିକାଶରେ ସହାୟକ ହୁଅ: ଜନ ବାର୍ଲା



କୁଆଁରମୁଣ୍ଡା,୨୨।୪(ମହେନ୍ଦ୍ର କୁମାର ସାହୁ)

କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାଗୁଡ଼ିକୁ ରାଜ୍ୟ ସରକାର ନାମ ବଦଳାଇ ନିଜ ଯୋଜନା କହି ଲୋକଙ୍କୁ ଭୂଆଁ ବୁଲାଇ ଭୋଟ ନେଇ ଚାଲିଛନ୍ତି ବୋଲି ସୋମବାର ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଜୟଡେଗା ପଞ୍ଚାୟତ ପୁରୁଣାପାଣିଠାରେ ଭାଜପା ପକ୍ଷରୁ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜନ ବାର୍ଲା ଉପରୋକ୍ତ ଆକ୍ଷେପ କରିଛନ୍ତି। ମୁଁ ଜଣେ ଗରିବ ଆଦିବାସୀ ପରିବାରର ହୋଇଥିବା ବେଳେ ଚା ବିକ୍ରି କରି ପରିବାର ଚଳାଉଥିଲି। ଏହାରି ଭିତରେ ମୁଁ ମୋ ଅଞ୍ଚଳର ଆଦିବାସୀଙ୍କୁ ଏକାଠି କରିବା ସହ ସଂଘର୍ଷ କରି ଆଜି ନେତା ହୋଇପାରିଛି। ତେଣୁ ଆପଣମାନେ ନିଜ ଭିତରେ ଏକତା ଆଣି ଭାଜପାର ନୀତି,ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜେ ନିଜେ ନେତା ହେବା ସହ ଅଞ୍ଚଳର ବିକାଶରେ ସହାୟକ ହୁଅନ୍ତୁ ବୋଲି କେନ୍ଦ୍ର ମନ୍ତ୍ରୀ ବା ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଭାଜପା ପ୍ରାର୍ଥୀ ଶଙ୍କର ଓରାମ ଉପସ୍ଥିତ ଜନତାଙ୍କୁ ପଦ୍ମ ଫୁଲରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନାରୀ ନେତ୍ରୀ ରିନା ମେହେର,ଭାଜପା ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଦୋଳଗୋବିନ୍ଦ ଦାସ,କୁଆଁରମୁଣ୍ଡା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ,ମାନସୀଦ ଲୁଗୁନ,ପୂର୍ବତନ ସମିତି ସଭ୍ୟା ଆଲବିନା ପ୍ରଭା ତିର୍କି,ଅରୁଣ ପାଣିଗ୍ରାହୀ, ମୋତିଲାଲ ବଡ଼ାଇକ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ଏହି ସଭାରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଶତାଧିକ ଲୋକ ଉପସ୍ଥିତ ଥିଲେ।

# ବର୍ଣ୍ଣବୋଧରୁ ଶିଶୁ ସାହିତ୍ୟର ବିକାଶଧାରା ଆରମ୍ଭ

ରାଉରକେଲା,୨୨।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଗୁରୁକୁଳ ବୈଦିକ ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି ତେଲିଙ୍ଗିବାଜା ପତ୍ରିକାର ୨୨ତମ ସମ୍ମାନ ସମାରୋହ। ଏଥିରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ସେ ତାଙ୍କ ସ୍ୱାଗତ ଅଭିଭାଷଣରେ ଆଜିର ଶିଶୁ ଆସନ୍ତାକାଲିର ବାର୍ତ୍ତାବହ, ତେଣୁ ଶିଶୁ ମନସ୍ତତ୍ତ୍ୱ ବିକାଶରେ ଶିଶୁ ସାହିତ୍ୟକାରଙ୍କ ଅବଦାନ ସର୍ବଦା ଅତୁଳନୀୟ ବୋଲି ସେ କହିଥିଲେ। ପରେ ଶିଶୁ ସାହିତ୍ୟିକ ଚିତ୍ତରଞ୍ଜନ ବ୍ରହ୍ମା ଶିଶୁ ସାହିତ୍ୟିକ ଓ ଲେଖକଗଣ ଶିଶୁ ଓଠରେ ହସ ଫୁଟାଇବା ଭଳି ସାହିତ୍ୟ ରଚନା କରିବା ଆବଶ୍ୟକ ବୋଲି କହିଥିଲେ। ଏହା ପରେ ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷିକା ଡା. ସରୋଜିନୀ ସାହୁ ସାହିତ୍ୟିକ ଓ ଲେଖକଙ୍କର ମିଳିତ ଉଦ୍ୟମରେ ହିଁ ଶିଶୁ ସାହିତ୍ୟର ବିକାଶ ଧାରାର ଅଗ୍ରଗତି ବଜାୟ ରହିବ ବୋଲି କହିଥିଲେ। ପରେ ବିଶିଷ୍ଟ ଗାଳ୍ପିକ, ଔପନ୍ୟାସିକ ମନୋଜ କୁମାର ନାଏକ ଏବଂ ବିଶିଷ୍ଟ ଶିଶୁ ସାହିତ୍ୟିକ ପ୍ରଦୀପ୍ତଭାନୁ ମହାନ୍ତି କହିଥିଲେ, କବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧରୁ ଶିଶୁ ସାହିତ୍ୟର ବିକାଶ ଧାରା ଆରମ୍ଭ ହୋଇଛି। ତେଣୁ ଶିଶୁ ସାହିତ୍ୟ ରଚୟିତା ହେବା ଠୁଁ ପାଠକ ଓ ପୃଷ୍ଠପୋଷକ ହେବା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରିଥିଲେ। ସମାରୋହରେ ତେଲିଙ୍ଗିବାଜା ପତ୍ରିକା ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହ-ସମ୍ପାଦିକା ଅତିଥି ପରିଚୟ ପ୍ରଦାନ କରିଥିଲେ। କବୟିତ୍ରୀ କଳ୍ପନା ସାହୁଙ୍କ ମଞ୍ଚ ପରିଚାଳନାରେ ତେଲିଙ୍ଗିବାଜା ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଓ ଲେଖିକା ପ୍ରଭାତ ନଳିନୀ ସାହୁଙ୍କ ରଚିତ ଭାବଡୋରି ପିଲାଙ୍କ ଗଳ୍ପମାଳାକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ପରେ ଅନେକ ସାହିତ୍ୟିକ, ଗାଳ୍ପିକ, ଔପନ୍ୟାସିକ, କବୟିତ୍ରୀ, କବିଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ନିକୁଞ୍ଜ ବିହାରୀ ଦାଶ ଧନ୍ୟବାଦ ଦେଇଥିଲେ।

# ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ବିଶ୍ୱ ଧରିତ୍ରୀ ଦିବସ

ସୁନ୍ଦରଗଡ,୨୨।୪(ଜୟ ନାରାୟଣ ମେଣ୍ଡୁଲି)

ଧରିତ୍ରୀକୁ ଆମେ ଯେତେ ସୁରକ୍ଷିତ ରଖିବା,ସେ ଆମେ ପାଇଁ ସେତେ ସୁରକ୍ଷାର ବାଟ ଫିଟାଇ ଦେବ ବୋଲି ସୋମବାର ସୁନ୍ଦରଗଡ ପବ୍ଲିକ ସ୍କୁଲରେ ଆୟୋଜିତ ବିଶ୍ୱ ଧରିତ୍ରୀ ଦିବସ ପାଳନ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷା ହରପ୍ରିୟା ପଟେଲ ଅଧ୍ୟକ୍ଷତା କରି ଏହି ଦିବସର ତାତ୍ପର୍ଯ୍ୟ ଓ ପରିବେଶ ସମ୍ପର୍କିତ ବହୁ ଉପାଦେୟ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ସ୍କାଉଟ ମାଷ୍ଟର ତଥା ଇକୋ କ୍ଲବ ଶିକ୍ଷକ ଅଶୋକ ପରିଡା ଚଳିତ ବର୍ଷର ଥିମ ପ୍ଲାନେଟ ବନାମ ପ୍ଲାଷ୍ଟିକ ଉପରେ ଆଲୋଚନା କରି ପ୍ଲାଷ୍ଟିକ ଆମ ବିଶ୍ୱର କ'ଣ କ୍ଷତି କରୁଛି ଏବଂ ଏହି ଠାରୁ ଆମେ କିଭଳି ରକ୍ଷା ପାଇପାରିବା ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସକାଳେ ବିଦ୍ୟାଳୟର ସ୍କାଉଟ ଗାଇଡ ଛାତ୍ରୀଛାତ୍ର ହାତରେ ପ୍ଲାକାର୍ଡ ଧରି ସ୍କାଉଟ ମାଷ୍ଟର ଅଶୋକ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ଏକ ଶୋଭାଯାତ୍ରାରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ସନ୍ତୋଷ ମହନ୍ତ, ଦେବାଶିଷ ଦାସ,ପ୍ରୀତି ପ୍ରସାଦ, ପ୍ରିୟଙ୍କା ଜେନା, ସୂର୍ଯ୍ୟକାନ୍ତି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା।



ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରି ଥିବା ଶୋଭାଯାତ୍ରା।

# ବିଜେଡିରେ ଯୋଗଦେଲେ ଭାଜପା, କଂଗ୍ରେସ କର୍ମୀ

ସୁନ୍ଦରଗଡ,୨୨।୪(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡସ୍ଥିତ ଶଙ୍କର ମ୍ୟାରେଜ ହଲ ଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କଂଗ୍ରେସ ଓ ଭାଜପା ଛାଡ଼ି ବିଜେଡିରେ ୨୦୦୦ରୁ ଉର୍ଦ୍ଧ୍ୱ କର୍ମୀ ସାମିଲ ହୋଇଛନ୍ତି। ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀରେ ଯୋଗେଶ ସିଂଙ୍କ ନେତୃତ୍ୱରେ ଅନେକ ମହାମିଶ୍ରଣ ପର୍ବ ଆୟୋଜିତ ହୋଉଛି। ବିଜୁ ଜନତା ଦଳର ସୁନ୍ଦରଗଡ ପର୍ଯ୍ୟବେକ୍ଷକ ପ୍ରୀତି ରଞ୍ଜନ ଘଡ଼ାଇ ଓ ସହ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକଙ୍କ ମାର୍ଗଦର୍ଶନରେ ଯୋଗେଶ ସିଂ ତାଙ୍କ ନିର୍ବାଚନ ମଣ୍ଡଳୀରେ କୋଣଅନୁକୋଣକୁ ଏହି ଭଳି କାର୍ଯ୍ୟକ୍ରମ ଦ୍ୱାରା ପହଞ୍ଚି ପାରିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ମହାମିଶ୍ରଣ ପର୍ବରେ ସୁନ୍ଦରଗଡ କଂଗ୍ରେସର ପୂର୍ବତନ ଛାତ୍ର ଓ ଯୁବ କଂଗ୍ରେସ ସଭାପତି ତଥା ପୂର୍ବତନ ଜିଲା ସାଧାରଣ ସମ୍ପାଦକ ସଞ୍ଜୟ କୁମାର ସାହୁ ତାଙ୍କ ସହିତ ୩୧ ଜଣ ସମର୍ଥକଙ୍କସହ ବିଜେଡିରେ ସାମିଲ ହୋଇଥିଲେ। ସେହି ଭଳି କଂଗ୍ରେସର ବରିଷ୍ଠ କର୍ମକର୍ତ୍ତା ସଞ୍ଜୟ ପୃଷେଠ ଓ ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା କୁମୁଦିନୀ ରାଉତରାୟ ମଧ୍ୟ ବିଜେଡିରେ ସାମିଲ ହୋଇଥିଲେ। ଏହି ସମାବେଶରେ ହେମନ୍ତ ପାଢ଼ୀ, ଅମନ ହୁସେନ, ଅଖାର ହୁସେନ, କୈଳାଶ ତନ୍ତୀ, ସୁକାନ୍ତ ରୋହିଦାସ, ମଙ୍ଗଳ ଜୟପୁରୀଆ, ଟୁନା ମହାରଣାଙ୍କ ନେତୃତ୍ୱରେ ୧୯୭ କର୍ମୀ, ରାଜା ହୋତା,ସୁଶାନ୍ତ ଦେବ, ସୌମ୍ୟ ସାହୁ, ଟୁନା ମହାରଣା, ବିଶ୍ୱ ରାଉତ, ଗୌତମ ସନୋଏନ, ଦାମୋଦରଙ୍କ ନେତୃତ୍ୱରେ ୧୪୭ କର୍ମୀ, ଆୟାନ ହୁସେନ, କୁନାଲ ନାଥ, ଏମ.ଡି ହାସନ, ବଣ୍ଟି ପଟେଲ, ନିଲୁ ପଟେଲ, ସୌରଭ ପଟେଲ,ଶେଖର ପଟେଲ, ଦେବାଶିଷ ପଟେଲଙ୍କ ନେତୃତ୍ୱରେ ୨୪୨ କର୍ମୀ, ବେଣୁଧର ତାଣ୍ଡିଆଙ୍କ ନେତୃତ୍ୱରେ ୨୬ କର୍ମୀ,ଶୋଭନ ଦାଶ ଓ ପ୍ରଫୁଲ୍ଲ ରୋହିଦାସଙ୍କ ନେତୃତ୍ୱରେ ୬୯ କର୍ମୀ, ବୃନ୍ଦାବତୀ, ମୌସୁମୀ ତ୍ରିପାଠୀ, ରୀତା ସାହୁଙ୍କ ନେତୃତ୍ୱରେ ୧୧୭ କର୍ମୀ, ଉମେଶ ଶର୍ମା, ଲିଙ୍କନ ଓ ସାଗତ ଯୋଶୀଙ୍କ ନେତୃତ୍ୱରେ ୨୯ କର୍ମୀ, ରିତେଶ ସିଂ ଓ ସଚିନ୍ଦ୍ର ବିଶକର୍ମାଙ୍କ ନେତୃତ୍ୱରେ ୧୦୩ କର୍ମୀ, ତ୍ରିଲୋଚନ କାକଙ୍କ ନେତୃତ୍ୱରେ ୩୩୫ କର୍ମୀ, ନରଦୀପ ସିଂହଙ୍କ ନେତୃତ୍ୱରେ ୨୧୬ କର୍ମୀ ତଥା ସହାବାଜ ହୁସେନଙ୍କ ନେତୃତ୍ୱରେ ୪୩୭ କର୍ମୀ ଯୋଗ ଦେଇଥିଲେ। ଲଲାଟେନ୍ଦୁ ପରିଡ଼ାଙ୍କ ନେତୃତ୍ୱରେ ଦୁର୍ଗାବାହିନୀ ତ୍ୟାଗ କରି ୧୭ ଜଣ ଯୁବତୀ ତଥା ଜିଲା ଆଇନଜୀବୀ ସାମ୍ମୁଖ୍ୟର ସଭାପତି ଓ ଜିଲା ଲିଗାଲ ସେଲ ଅଧ୍ୟକ୍ଷ ଅଶୋକ ସ୍ୱାଇଁଙ୍କ ନେତୃତ୍ୱରେ ୨୬ ଜଣ ଆଇନଜୀବୀ ମଧ୍ୟ ବିଜେଡିରେ ସାମିଲ ହୋଇଥିଲେ। ଏହି ସମାବେଶରେ ସୁନ୍ଦରଗଡ ଖୱାଜା ଗରିବ ନୱାଜ କମିଟିର ୪୩ ଜଣ ସଦସ୍ୟଙ୍କ ସହିତ ଜାଭିର ଖାନ ଓ ମହମ୍ମଦ ରିଆଜଙ୍କ ନେତୃତ୍ୱରେ ୪୭ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ସାମିଲ ହୋଇଥିଲେ। ନବାଗତ କର୍ମୀଙ୍କୁ ବିଧାୟକ ପ୍ରାର୍ଥୀ ଯୋଗେଶ ସିଂ, ଲୋକସଭା ପ୍ରାର୍ଥୀ ଦିଲୀପ ତିର୍କୀ, ବିଜେଡିର ଜିଲା ପର୍ଯ୍ୟବେକ୍ଷକ ପ୍ରୀତି ରଞ୍ଜନ ଘଡ଼ାଇ, ସହ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ମାଝି, ବରିଷ୍ଠ ନେତା ଜଗଦିପ ପ୍ରତାପ ଦେଓ, ହିମାଂଶୁ ଷଡ଼ଙ୍ଗୀ ତଥା ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମଞ୍ଚରେ ଉପସ୍ଥିତ ରହି ବିଜେଡି ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଦଳର ବରିଷ୍ଠ କର୍ମକର୍ତ୍ତା ଜୟ ନାରାୟଣ ତ୍ରିପାଠୀ, ଆଶିଷ ତ୍ରିପାଠୀ, କାଶୀନାଥ ରାଉତ, ଅଶିନୀ ନାଏକ, ସମରେନ୍ଦ୍ର ସିଂ ଦେଓ, ମନୋଜ ପଟେଲ, ନରେଶ ସିଂ, ମହମ୍ମଦ ମୁସ୍ତାକ,ପ୍ରକାଶ ବହିଦାର,ଜିତୁ ଶେଖର ଦେଓ,ଚିତ୍ତ ନାଏକ, ଆଶିଷ ପଶାୟତ, ଦୀପକ ଆଚାର୍ଯ୍ୟ ତଥା ଅନେକ କର୍ମୀ ଉପସ୍ଥିତ ଥିଲେ। ବିଜେଡିର ଜିଲା ପର୍ଯ୍ୟବେକ୍ଷକ ପ୍ରିତିରଞ୍ଜନ ଘଡ଼ାଇ, ସହ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ ଓ ଯୋଗେଶ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ସାହାବାଜ ହୁସେନଙ୍କ ସଂଯୋଜନାରେ ଏବଂ ଉପନଗରପାଳ ଲଲାଟେନ୍ଦୁ ପରିଡ଼ାଙ୍କ ମଞ୍ଚ ପରିଚାଳନାରେ ମିଶ୍ରଣ ପର୍ବ ସମାହିତ ହୋଇଥିଲା।



## ସଂକ୍ଷେପରେ

### ମାନବିକତା ଦେଖାଇଲେ ଟିମ୍ ଶ୍ମଶାନ ବନ୍ଧୁ

ସୁନ୍ଦରଗଡ,୨୨।୪(ଜୟ ନାରାୟଣ ମେଣ୍ଡୁଲି): ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅନ୍ତର୍ଗତ ରେଙ୍ଗାଲି ପଞ୍ଚାୟତ ସରଧାପାଲି ଗ୍ରାମର ଶୁକଦେବ ଧୁରୁଆଙ୍କ ପୁଅ ମନୋରଞ୍ଜନ ଧୁରୁଆ(୪୫)ଙ୍କ ମୃତଦେହ ଗତ ୧୧ ତାରିଖରେ ପୋଲିସ ମହାନଦୀରୁ ଉଦ୍ଧାର କରିଥିଲା। ପ୍ରଥମେ ମୃତକଙ୍କ ପରିଚୟ ମିଳି ନ ଥିବାରୁ ବନହରପାଲି ପୋଲିସ ମୃତଦେହ ସୁନ୍ଦରଗଡ ମେଡିକାଲକୁ ଆଣି ଶବାଗାରରେ ରଖିଥିଲା । ଗଳିତ ମୃତଦେହ ଚିହ୍ନଟ କରିବା କଷ୍ଟକର ହୋଇ ପଡିଥିବା ବେଳେ ବନହରପାଲି ପୋଲିସ ନଂ ୧୮/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶନିବାର ମୃତକଙ୍କ ପରିଚୟ ମିଳିବା ପରେ ବନହରପାଲି ପୋଲିସ ମୃତକଙ୍କ ପରିବାର ସହିତ ସୁନ୍ଦରଗଡ ଆସିଥିଲା। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା । କିନ୍ତୁ ମୃତକଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ମୃତଦେହ ନିଜ ଗ୍ରାମକୁ ନେବାକୁ ଅକ୍ଷମତା ପ୍ରକାଶ କରିଥିଲେ। ବନହରପାଲି ପୋଲିସ କୌଣସି ସୂତ୍ରରୁ ଖବର ପାଇ ସୁନ୍ଦରଗଡର ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ଫୋନ କରି ସହଯୋଗ କରିବାକୁ ଅନୁରୋଧ କରିଥିଲେ। ପ୍ରଚଣ୍ଡ ଖରାକୁ ଖାତିର ନ କରି ଟିମ୍‌ର ସଦସ୍ୟମାନେ ନୀତି ନିୟମ ସହକାରେ ସୁନ୍ଦରଗଡ ସ୍ୱର୍ଗଦ୍ୱାରରେ ମୃତକଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ କରିଥିଲେ। ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

### ପ୍ରଶାସକର ଆତ୍ମଲିପି ଲୋକାର୍ପିତ

ରାଉରକେଲା,୨୨।୪,(ଦିନେଶ ମିଶ୍ର): ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ପ୍ରାକ୍ତନ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ରଚିତ ଆତ୍ମଜୀବନୀ ପୁସ୍ତକ ପ୍ରଶାସକର ଆତ୍ମଲିପି ସୋମବାର ଲୋକାର୍ପିତ ହୋଇଯାଇଛି। ସ୍ୱସ୍ତି ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କବି ରାଜୀବ ପାଣି ସଂଯୋଜନା କରିଥିବାବେଳେ ଡ. ସୀତାରାମ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ଡ. ପାରେଶ୍ୱର ବିଶ୍ୱାଳ ଓ ମୁଖ୍ୟବକ୍ତା ଭାବେ ଡ.ପ୍ରଭାତ କୁମାର ମଲ୍ଲିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଡ.ଶୁଶାନ୍ତ ପାଣି ଓ ସତ୍ୟମ ପାଣି ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ସହ ମହେନ୍ଦ୍ର ପଟ୍ଟନାୟକଙ୍କ ଉପରେ ଏକ ଗୀତିକବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୟଲକ୍ଷ୍ମୀ ପଟ୍ଟନାୟକ, ଶଙ୍କର ପ୍ରସାଦ ତ୍ରିପାଠୀ, ରାଜକୁମାର ମହାନ୍ତି, ଡ. ସୁମନ ଦତ୍ତ, ନିରୁପମା ପତି, ରଶ୍ମି ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସହରର ବହୁ ଅନୁଷ୍ଠାନର କର୍ମକର୍ତ୍ତା ସହ ବିଭିନ୍ନ କବି, ସଙ୍ଗଠକ ଓ ସାହିତ୍ୟିକ ଯୋଗଦେଇ ଥିଲେ।

### ବିଶୁଦ୍ଧ ହେଉଛି ନାଳ ପାଣି



ବିଶ୍ରା,୨୨।୪( ବଟକୃଷ୍ଣ ସ୍ୱାଇଁ): ସୀମାନ୍ତ ସରଣ୍ଡା ଜଙ୍ଗଲରୁ ପ୍ରଭାବିତ ହୋଇଥିବା ଝରଣା ପାଣି ନାଳରେ ପରିଣତ ହୋଇଛି। ଉକ୍ତ ନାଳକୁ ବିଶ୍ରା ନାଳ ଭାବେ ନାମିତ କରାଯାଇଛି। ଏହି ନାଳ ପାଣି ଉପରେ ହଜାର ହଜାର ସଂଖ୍ୟାରେ ଲୋକ ନିର୍ଭର କରନ୍ତି। ହେଲେ ଏହି ନାଳ ପାଣି ଏବେ ବିଶୁଦ୍ଧ ହୋଇପଡିଛି। ବିଶ୍ରା ସହରର ଡ୍ରେନ ପାଣି ଓ ଗାଧୋଇବା ପାଣି ସହ ପାଇଖାନା ପାଣି ନାଳକୁ ଆସୁଛି। ସହରରେ ଡ୍ରେନେଜ ବ୍ୟବସ୍ଥା ଠିକ ନ ଥିବାରୁ ପାଣି ବାହାରି ନାଳକୁ ଯାଉଛି। ପ୍ରତିବର୍ଷ ପ୍ରଶାସନ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ ସଫା କରାଯାଉଛି। ଜନ ସାଧାରଣଙ୍କ ସଚେତନ ଅଭାବରୁ ଡ୍ରେନ ପୋତି ହୋଇ ପଡିଥିବା ବେଳେ ପାଣି ସବୁ ରାସ୍ତା ଉପରେ ଜମା ହୋଇ ନାଳରେ ମିଶୁଛି। ଫଳରେ ଅଞ୍ଚଳବାସୀ ଅସୁବିଧା ଭୋଗୁଛନ୍ତି। ଏ ବିଷୟରେ ସ୍ଥାନୀୟ ସରପଞ୍ଚ ସୁରଜ କୁମାର ନାୟକଙ୍କୁ ପଚାରିବାରୁ, ପ୍ରତି ବର୍ଷ ଡ୍ରେନ ଗୁଡ଼ିକ ମରାମତି ହେଉଛି। ଜନସାଧାରଣ ସଜାଗ ରହୁ ନାହାଁନ୍ତି। ଆବର୍ଜନା ଗୁଡ଼ିକ ଡ୍ରେନରେ ପକାଇବାରୁ ଡ୍ରେନ ଜମା ହୋଇ ନାଳକୁ ଯାଉଛି। ଯାହା ଫଳରେ ପାଣି ବିଶୁଦ୍ଧ ହେଉଛି। ତୁରନ୍ତ ଡ୍ରେନ ଗୁଡ଼ିକ ମରାମତି କରାଯିବ ବୋଲି ସରପଞ୍ଚ ନାୟକ କହିଛନ୍ତି।

# ସମରେନ୍ଦ୍ର-ନରସିଂହଙ୍କ ମାରାଥନ ନିର୍ବାଚନୀ ପ୍ରଚାର

**ମିଛ କହି ଭୋଟ ମାଗୁଥିବା ରାଜନେତାଙ୍କୁ ଲୋକେ ଚିହ୍ନିଛନ୍ତି: ସମରେନ୍ଦ୍ର**

ବଲାଙ୍ଗୀର, ୨୨।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦେଓଗାଁ ବ୍ଲକର ମୁକୁନ୍ଦପୁର ଗ୍ରାମପଞ୍ଚାୟତର ତେଲପାଲି, ମହଲେଇ ପଞ୍ଚାୟତର ମହଲେଇ, ଉପରଝର ପଞ୍ଚାୟତର ଉପରଝର ଗାଁ ଠାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଏବଂ ବିଧାୟକ ନରସିଂହ ମିଶ୍ରଙ୍କ ମାରାଥନ୍ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ ଜାରି ରହିଛି। ରବିବାର ଉପରୋକ୍ତ ଗାଁଗୁଡିକରେ କଂଗ୍ରେସ ପକ୍ଷରୁ ଜନ ଆଶୀର୍ବାଦ ସଭାର ଆୟୋଜନ କରାଯାଇଥିଲା। ଏଥିରେ ପ୍ରାର୍ଥୀ ସମରେନ୍ଦ୍ର ଏବଂ ବିଧାୟକ ନରସିଂହ ଯୋଗଦାନ କରି କର୍ମୀ ଏବଂ ସମର୍ଥକଙ୍କୁ ଉତ୍ସାହିତ କରିଥିଲେ। ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର କହିଥିଲେ ଯେ, ଆଗକୁ ନିର୍ବାଚନ । ସବୁ ଦଳର ରାଜନେତା ଭୋଟ ମାଗିବା ପାଇଁ ଆପଣମାନଙ୍କ ପାଖକୁ ଆସିବେ । ଭୋଟ ଦେବା ବେଳେ ଆପଣମାନେ ନିଶ୍ଚିତ ଭାବେ ରାଜନେତାଙ୍କ ଅତୀତ କାର୍ଯ୍ୟକଳାପକୁ ତର୍ଜମା କରିବାକୁ ଅନୁରୋଧ। ଯେଉଁ ନେତାମାନେ ଦୀର୍ଘ ବର୍ଷ ଧରି ସରକାରର ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ଥାଇ ଲୋକଙ୍କ ସମସ୍ୟା ପ୍ରତି ଅଣଦେଖା କରିଛନ୍ତି ସେମାନେ ଏବେ ଲୋକଙ୍କ ପାଖକୁ ଆସି ପୁଣି ପ୍ରତିଶ୍ରୁତି ଦେବେ। ମିଛ କହୁଥିବା ନେତାଙ୍କୁ ଲୋକେ ଚିହ୍ନିଛନ୍ତି ଏବଂ ଠିକଣା ଜବାବ ଦେବେ ବୋଲି ସମରେନ୍ଦ୍ର କହିଥିଲେ। ବଲାଙ୍ଗୀର ବିଧାୟକ ମିଶ୍ର କହିଥିଲେ ଯେ, ଅବହେଳିତ ସମାଜର ସ୍ୱର ହେଉଛି କଂଗ୍ରେସ ଦଳ । ଦେଶ ଓ ରାଜ୍ୟରେ ଯଦି କେଉଁ ଦଳ ଲୋକଙ୍କ ହକ୍‌ର କଥା କହୁଛି ସେ ହେଉଛି କଂଗ୍ରେସ ଦଳ । ଅବହେଳିତ, ନିଷ୍ପେଷିତଙ୍କୁ ସାମାଜିକ ତଥା ଅର୍ଥନୈତିକ ସୁରକ୍ଷା ହେଉ କି ଯୁବତୀ, ଯୁବକଙ୍କୁ ରୋଜଗାରର କଥା ସେସବୁ ସମସ୍ୟାର ସମାଧାନ ପାଇଁ କେବଳ ନିର୍ବାଚନ ସମୟରେ ନୁହେଁ ବର୍ଷ ତମାମ ବିଧାନସଭା, ଲୋକସଭା ଓ ରାଜରାସ୍ତାରେ କଂଗ୍ରେସ ଦଳ ହିଁ ଅବହେଳିତଙ୍କ ସ୍ୱର ଭାବରେ ଅନବରତ କାମ କରିଆସୁଛି । ତେଣୁ ଏଥର ନିଶ୍ଚିତ ଭାବେ ଲୋକେ ଏଠି କଂଗ୍ରେସ ଦଳ ପ୍ରତି ପୁଣି ଆସ୍ଥା ପ୍ରକଟ କରିବେ ବୋଲି ବିଧାୟକ ନରସିଂହ ମିଶ୍ର କହିଥିଲେ। କାର୍ଯ୍ୟକ୍ରମଗୁଡ଼ିକରେ ଅନ୍ୟମାନଙ୍କ ମଧ୍ୟରେ ଦେଓଗାଁ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ରାମଜୀ ଚୌଧୁରୀ, ଆଦିବାସୀ ନେତା ମୟ ପ୍ରଧାନୀ, ସେବାଦଳ ମୁଖ୍ୟ ଅସିତ ମିଶ୍ର, ମନବୋଧ ହରପାଲ, ନାରାୟଣ ସାହୁ, ରାଜୁ ବିଶ୍ୱାଲ, ସରପଞ୍ଚ ଚିତ୍ତ ରଞ୍ଜନ ସାହୁ, ଶଙ୍କର୍ଷଣ ମହାପାତ୍ର, କୃଷ୍ଣଚନ୍ଦ୍ର ସାହୁ, ବରୁଣ ଧରୁଆ, ପଦ୍ମ ରଣା, ସରୋଜ ଭୋଇ ମଞ୍ଚାସୀନ ଥିଲେ ।



ଦେଓଗାଁ ବ୍ଲକର ବିଭିନ୍ନ ଗାଁରେ ଆୟୋଜିତ ଜନ ଆଶୀର୍ବାଦ ସଭାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ବକ୍ତବ୍ୟ ରଖୁଛନ୍ତି।

## ସାହିତ୍ୟ ପତ୍ରିକା ଚତୁରଙ୍ଗର ନୂଆ ସଂଖ୍ୟା ଉନ୍ମୋଚିତ

ବଲାଙ୍ଗୀର, ୨୨।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କୋଶଳ କଳାମଣ୍ଡଳର ମୁଖପତ୍ର ଚତୁରଙ୍ଗର ନୂଆ ସଂଖ୍ୟା ଉନ୍ମୋଚିତ ହୋଇଛି। ବଲାଙ୍ଗୀର ସଂସ୍କୃତି ଭବନଠାରେ ଚତୁରଙ୍ଗ ପତ୍ରିକା ସମ୍ପାଦନା ମଣ୍ଡଳୀ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାହିତ୍ୟ, ସଂସ୍କୃତି ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିବା ସହ ନୂଆ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। କିଭଳି ଅଧିକରୁ ଅଧିକ ପାଠକ ଚତୁରଙ୍ଗ ସହ ଯୋଡି ହେବେ ଏବଂ ଛାତ୍ରୀଛାତ୍ରମାନଙ୍କ ପାଖକୁ ଚତୁରଙ୍ଗ ପହଞ୍ଚିପାରିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ଚତୁରଙ୍ଗର ଆଗାମୀ ସଂଖ୍ୟାକୁ ବଲାଙ୍ଗୀର ଭିତ୍ତିକ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଆଗାମୀ ସଂଖ୍ୟା ବିଭିନ୍ନ ଦୃଷ୍ଟିକୋଣରୁ କିଭଳି ସ୍ୱତନ୍ତ୍ର ଏବଂ ସଂଗ୍ରହଣୀୟ ହେବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଚତୁରଙ୍ଗ ନବପ୍ରକାଶର ତୃତୀୟ ବର୍ଷ ଦ୍ୱିତୀୟ ସଂଖ୍ୟାକୁ ସମ୍ପାଦନା ମଣ୍ଡଳୀ ସଦସ୍ୟମାନେ ଉନ୍ମୋଚନ କରିଥିଲେ। ବୈଠକରେ ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ସନ୍ତୋଷ କୁମାର ରଥ, ସହସମ୍ପାଦକ ସନାତନ ଠାକୁର, ପରିଚାଳନା ସମ୍ପାଦକ ତଥା ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ସମ୍ପାଦନା ମଣ୍ଡଳୀ ସଦସ୍ୟ ଭାଗିରଥୀ ମିଶ୍ର, ସନ୍ଦୀପ କୁମାର କୁଅଁର, ଅଧ୍ୟାପକ ଜୟ କୁମାର ଆଚାର୍ଯ୍ୟ, ରଘୁନାଥ ବାବୁ, ବୀରେନ୍ଦ୍ର କୁମାର ଝାଙ୍କର, ନିଗମାନନ୍ଦ ନାଥ ଓ ବିଭୁକଲ୍ୟାଣ ଗଡତ୍ୟା ଉପସ୍ଥିତ ରହି ପତ୍ରିକା ଉନ୍ମୋଚନ କରିଥିଲେ।



ସମ୍ପାଦନା ମଣ୍ଡଳୀ ସଦସ୍ୟମାନେ ଚତୁରଙ୍ଗର ନୂଆ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।



ଜଣେ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଆର୍‌ଏସ୍‌ପି ଷ୍ଟିଲ ସିଲିକନ ମିଲର ଏକ ଦିବସୀୟ ଉତ୍ପାଦନ ରେକର୍ଡ ହାସଲ

ରାଉରକେଲା,୨୨।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସପିର ସିଲିକନ ଷ୍ଟିଲ ମିଲର ରିଭର୍ସିଙ୍ଗ ମିଲ ଏପ୍ରିଲ ୨୦ରେ ୬୩୦ ଟନ୍ କୋଏଲ ରୋଲିଙ୍ଗ ପୂର୍ବକ ନୂତନ ଏକଦିବସୀୟ ଉତ୍ପାଦନ ରେକର୍ଡ ସୃଷ୍ଟି କରିଛି। ଏଥିସହିତ ବିଭାଗ ମାର୍ଚ୍ଚ ୨୫ରେ ଉତ୍ପାଦିତ ପୂର୍ବ ଶ୍ରେଷ୍ଠ ୫୨୯ଟନ ରେକର୍ଡକୁ ଅତିକ୍ରମ କରିଛି। ଏହି ରେକର୍ଡ ସୃଷ୍ଟିକାରୀ ସଫଳତା ନେଇ ଏସଏଏସଏମ ସାମୂହିକଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ନେଇ ମିଲ ପରିଦର୍ଶନ କରିଥିଲେ। ଏସଏସଏମଙ୍କ ସହିତ ଏହି ପରିଦର୍ଶନରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ବିତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ ବେହୁରିଆ, ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭିନ୍ନ ଅପଷ୍ଟ୍ରିମ ଓ ସହଯୋଗୀ ବିଭାଗ ମୁଖ୍ୟ ତଥା ଏସଏସଏମ ଅଧିକାରୀ,କର୍ମଚାରୀ ଉପସ୍ଥିତ ଥିଲେ। ଏନେଇ ଅତନୁ ଭୈମିକ ତାଙ୍କ ବକ୍ତବ୍ୟରେ, ମିଲର ପୂର୍ଣ୍ଣ କ୍ଷମତା ବିନିଯୋଗ ପାଇଁ ପ୍ରଚେଷ୍ଟା ବଜାୟ ରଖିବା ପାଇଁ ଏସଏସଏମ ସାମୂହିକଙ୍କୁ ପ୍ରୋତ୍ସାହିତ କରି ସମ୍ବଳ ଗୁଡିକର ସମ୍ପୂର୍ଣ୍ଣ ଉପଯୋଗ ଦ୍ୱାରା ଉତ୍ପାଦନ ହ୍ରାସ କରାଯାଇ ପାରିବ ଓ ଆଗକୁ ଆହୁରି ବହୁତ ମାଇଲଖଣ୍ଟ ହାସଲ କରିବା ଦିଗରେ ନିପୁଣ କାର୍ଯ୍ୟଦକ୍ଷତା ପ୍ରୟୋଗ କରିବାକୁ କହିଥିଲେ। ପରେ ସୂର୍ଯ୍ୟବଂଶୀ ସାମୂହିକଙ୍କୁ ଅଭିନନ୍ଦନ ଜ୍ଞାପନ କରି ଉତ୍ପାଦନର ଗୁଣାତ୍ମକମାନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଅଧିକ ଲାଭାର୍ଜନ ହେବ ବୋଲି କହିଥିଲେ। ରୋଲସପ ବିଭାଗର ସିଜିଏମ ସୁବ୍ରତ କୁମାର ମଧ୍ୟ ମିଲ ପରିଦର୍ଶନ କରିଥିଲେ। ଏସଏସଏମ ବିଭାଗ ଜିଏମ ଇନଚାର୍ଜ ସି ଆର ମିଶ୍ର ପରିଦର୍ଶନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ପରିବେଶ ସଂକ୍ରାନ୍ତୀୟ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା

ରାଉରକେଲା,୨୨।୪,(ଦିନେଶ ମିଶ୍ର)

ରାଉରକେଲା ୱାଇଏମ୍‌ଏଫଆଇ ଓ ଏସପିସିବିର ମିଳିତ ଆନୁକୂଲ୍ୟରେ ପରିବେଶ ସଂକ୍ରାନ୍ତୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଷୟ ବସ୍ତୁ 'ଜମି ପୁନଃଉଦ୍ଧାର ମରୁଭୂମି ଓ ମରୁଡି ସ୍ଥିରତା' ଉପରେ ରଖା ଯାଇଥିଲା। ଏସପିସିବି ରାଉରକେଲାର ଆଞ୍ଚଳିକ ଅଧିକାରୀ ବୈଜ୍ଞାନିକ ଡ. ଅନୁପ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲର ପ୍ରାୟ ଶତାଧିକ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ। ଭାରତ ସରକାରଙ୍କ ମିଶନ ଲାଇଫ ଯୋଜନାରେ ନିଜ ନିଜ ଦୈନନ୍ଦିନ ଜୀବନରେ ପରିବେଶ ଆଧାରିତ ଜୀବନ ଶୈଳୀ ଆପଣାଇବା ଓ ପରିବେଶ ସୁରକ୍ଷା ପାଇଁ ଅନ୍ୟଙ୍କୁ ପ୍ରବର୍ତ୍ତାଇବାକୁ ଉପସ୍ଥିତ ଅତିଥି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ବିଭାଗୀୟ ଉପ ପରିବେଶଯନ୍ତ୍ରୀ ବିଜୟ କୁମାର ଭୋଇ, ଆର.ଆର ଦାସ, ପ୍ରୀତମ କୁମାର ପତି, ସୌମ୍ୟରଞ୍ଜନ ପ୍ରଧାନ, ସ୍କୁଲର ପ୍ରଧାନ ଶିକ୍ଷକ ଜଳଧର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସରିତା ନାୟକ, ପ୍ରମିଳା ରାଉତ, ପ୍ରତୀକ୍ଷା ମିତ୍ର, ସୁନିତା ମହାନ୍ତି, ଦେବେନ୍ଦ୍ର ମହାରଣାଙ୍କ ସହ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅର୍ଚ୍ଚନାଙ୍କୁ ଟିକେଟ: ବିଜେଡି କର୍ମୀ ଉଲ୍ଲସିତ

ରାଉରକେଲା,୨୨।୪(ଦିନେଶ ମିଶ୍ର)



ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ବିଧାନସଭା ପାଇଁ ଅର୍ଚ୍ଚନା ବେହେରାଙ୍କ ନାମ ସୋମବାର ଘୋଷଣା କରିଛନ୍ତି। ଅର୍ଚ୍ଚନା ହେଉଛନ୍ତି ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇଙ୍କ ସ୍ତ୍ରୀ। ଅର୍ଚ୍ଚନା ବିଜେଡି ବିଧାନସଭା ପ୍ରାର୍ଥୀ ଭାବେ ଟିକେଟ ପାଇଥିବାରୁ ସ୍ୱାମୀ ସୁବ୍ରତ ଓ ଦଳୀୟ କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ଅର୍ଚ୍ଚନା ଟିକେଟ ପାଇବା ପରେ ପ୍ରଥମେ ସ୍ୱାମୀ ସୁବ୍ରତ ଓ ଦଳୀୟ କର୍ମୀଙ୍କ ସହ ସେକ୍ଟର-୩ ସ୍ଥିତ ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକ ଛକରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଦଳକୁ କିଭଳି ତୃଣମୂଳ ସ୍ତରରେ ସଦୃଢ଼ କରି ବିଜୟୀ ହେବାକୁ ସାମୂହିକ ଶପଥପାଠ କରିଥିଲେ। ପରେ ଦଳୀୟ କର୍ମୀ ବାଣ ଫୁଟାଇ ପରସ୍ପରକୁ ମିଠା ବାଣ୍ଟି ସ୍ୱାଗତ କରିଥିଲେ। ଅର୍ଚ୍ଚନା ରଘୁନାଥପାଲ୍ଲୀ ନିର୍ବାଚନମଣ୍ଡଳୀରେ ଥିବା ବିଭିନ୍ନ ସଙ୍ଗଠନ ସହ ମିଶି ପୂର୍ବରୁ କାର୍ଯ୍ୟ କରିଥିବାବେଳେ ଚଳିତ ବର୍ଷ ନିର୍ବାଚନରେ କିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାକୁ ନେଇ ଭୋଟରଙ୍କୁ ଆକୃଷ୍ଟ କରିବେ ସେନେଇ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ନଗରସଭାପତି ସୁଧୀର ସୁନ୍ଦର ରାୟ, ମହିଳା ସଭାନେତ୍ରୀ ଇନ୍ଦିରା ନାୟକ, ରମାକାନ୍ତ ରଥ, ହରପ୍ରୀୟା ନାୟକ, ବିଜେଡି ଜିଲା ଉପସଭାପତି ଜୟନ୍ତୀ ଦାସ, ପ୍ରତିମା ରାଉତ, ଆଶାମଣି ଦାସ, ବୃନ୍ଦା ବାରିକ, ସୁଭଦ୍ରା ପ୍ରଧାନ, ଗୀତା ମଲ୍ଲିକ, ସରସ୍ୱତୀ ନାୟକ, ଛାତ୍ରସଭାପତି ରାକେଶ ସ୍ୱାଇଁ, ଯୁବ ସଭାପତି ସଞ୍ଜୀପ ସ୍ୱାଇଁ, ୟୁନିଟ ସଭାପତି ଅବଦୁଲ ରଜାକ୍ ଖାନଙ୍କ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ରାଶନ ଦୋକାନରେ ଅଗ୍ନିକାଣ୍ଡ

ରାଉରକେଲା, ୨୨।୪(ସଙ୍ଗୀତା ଜେନା)

ରଘୁନାଥପାଲୀ ଥାନା ଅନ୍ତର୍ଗତ ପ୍ରଧାନପାଲୀ ଅଞ୍ଚଳରେ ରବିବାର ରାତିରେ ଏକ ରାସନ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ପାନପୋଷ ଅଗ୍ନିଶମ ବିଭାଗର ଦମକଳ ନିଆଁକୁ ଆୟତ୍ତ କରିଥିଲା। ସୂଚନାଅନୁଯାୟୀ, ପ୍ରଧାନପାଲୀ ଅଞ୍ଚଳରେ ରାସନ ଦୋକାନ କରିଥିବା ପ୍ରଭାସୀନୀ ଲାକ୍ରାଙ୍କ ଦୋକାନ ପାର୍ଶ୍ୱରେ ଅନ୍ୟ ଜଣେ ବ୍ୟବସାୟୀଙ୍କ ଟିଫିନ୍ ସେଣ୍ଟର ରହିଛି। ଉକ୍ତ ଟିଫିନ୍ ସେଣ୍ଟରର ଚୁଲାରୁ ସମ୍ଭବତଃ ନିଆଁ ଏଠାକୁ ବ୍ୟାପୀ ଥିବା ସନ୍ଦେହ କରାଯାଉଛି। ଏଥିରେ କେହି କ୍ଷତିଗ୍ରସ୍ତ ହୋଇ ନ ଥିବା ଜଣାପଡ଼ିଛି।

## ଭାଜପା ନେତୃତ୍ୱ ଜିଲାକୁ ଅନଗ୍ରସରତାରୁ ମୁକ୍ତି ଦେବ

ବଲାଙ୍ଗୀର, ୨୨।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଲାଙ୍ଗୀର ମ୍ୟୁନିସିପାଲିଟି ଏବଂ ଦେଓଗାଁ ଏବଂ ବଲାଙ୍ଗୀର ସଦର ବ୍ଲକର ବିଭିନ୍ନ ଗାଁରେ ଭାଜପା ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ଜୋରଦାର ପ୍ରଚାର ଅଭିଯାନ ଚଳାଇଛନ୍ତି। ରବିବାର ସନ୍ଧ୍ୟାରେ ଭାଜପା ପ୍ରାର୍ଥୀ ଗୋପାଳଜୀ ବଲାଙ୍ଗୀର ସହରର ବିଭିନ୍ନ ପଡା ଏବଂ ଫଳମାର୍କେଟ ତଥା ମେନ୍ ମାର୍କେଟରେ ନିର୍ବାଚନ ପ୍ରଚାର କରିଥିଲେ। ବଲାଙ୍ଗୀର ସହର ପୁରୁଣା ସରକାରୀ ବସଷ୍ଟାଣ୍ଡ ପାଖ ଫଳ ମାର୍କେଟରେ ପାଣିଗ୍ରାହୀ ଫଳଦୋକାନୀଙ୍କୁ ଭେଟି ଭାଜପା ସମକ୍ଷରେ ଭେଟ ଦେବାକୁ ନିବେଦନ କରିଥିଲେ। ସେ କହିଥିଲେ ଯେ, ବଲାଙ୍ଗୀର ଅତୀତରେ ଅନଗ୍ରସରତା ଦେଖିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବିକାଶମୂଳକ କାର୍ଯ୍ୟ ହେଉଥିବା ବେଳେ ବଲାଙ୍ଗୀରରେ ଆଖିଦୃଶିଆ ବିକାଶ ହୋଇନାହିଁ। ଯେଉଁମାନେ କ୍ଷମତାକୁ ଆସୁଛନ୍ତି ସେମାନେ ପରିବର୍ତ୍ତନର ନାରା ଦେଇ ନିଜର ଉନ୍ନତି କରୁଛନ୍ତି। ରାଜ୍ୟ ସରକାର କେବଳ ନାରାରେ ଚାଲିଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ହଡପ କରି ନିଜର ନାଁରେ ଚଳାଇ ବାହାବା ନେଉଛି। ଏଣୁ ଏଥର ଉଭୟ ରାଜ୍ୟ ଓ କେନ୍ଦ୍ରରେ ଭାଜପାକୁ ଶାସନ କରିବାକୁ ବାଛନ୍ତୁ ତାପରେ ତୃଣମୂଳ ସ୍ତରରୁ କିପରି ଉନ୍ନତି ହେବ ତାହା ଦେଖିବେ ବୋଲି ଭାଜପା ବିଧାୟକ ପ୍ରାର୍ଥୀ ପାଣିଗ୍ରାହୀ ଫଳଦୋକାନୀଙ୍କୁ ବୁଝାଇଥିଲେ। ବିଧାୟକ ପାଣିଗ୍ରାହୀଙ୍କ ସହ ବରିଷ୍ଠ ନେତା ଓ ସଙ୍ଗଠକ ଗିରିଶ ସିଂଦେଓ, ମୁନା ପଟ୍ଟନାୟକ ଓ ଅନେକ ଭାଜପା କର୍ମୀ ଉପସ୍ଥିତ ଥିଲେ।



ଭାଜପା ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ବଲାଙ୍ଗୀର ଫଳମାର୍କେଟରେ ନିର୍ବାଚନୀ ପ୍ରଚାର କରୁଛନ୍ତି।

## ମଞ୍ଚସ୍ଥ ହେଲା ନାଟକ ରାମ ହନୁମାନ ଭେଟ, ବାଳୀ ବଧ

ବୌଦ୍ଧ,୨୨।୪(ଅଜିତ କୁମାର ବାରିକ)

**ବୌଦ୍ଧ ରାମଲୀଳା ଯାତ୍ରାର ଷଷ୍ଠ ଦିବସ**

ବୌଦ୍ଧର ଗଣପର୍ବ ରାମଲୀଳା ଯାତ୍ରା ମଙ୍ଗଳବାର ଦିନ ଷଷ୍ଠ ଦିବସରେ ପହଞ୍ଚିଛି। ପୌରାଣିକ କଥାବସ୍ତୁ ଆଧାରରେ ଷଷ୍ଠ ଦିବସରେ ବାଳୀ ବଧ ନାଟକ ମଞ୍ଚସ୍ଥ ହୋଇଛି। ଜଟାୟୁ ନିକଟରୁ ରାବଣ ଦ୍ୱାରା ସୀତାଙ୍କ ହରଣ ସୂଚନା ପାଇ ଶ୍ରୀରାମ ଓ ଲକ୍ଷ୍ମଣ ଦୁଃଖରେ ଭାଙ୍ଗି ପଡଛନ୍ତି। ସୂଚନା ଦେବା ପରେ ଜଟାୟୁର ମୃତ୍ୟୁ ହୋଇଯିବାରୁ ତାର ଅନ୍ତିମ ସଂସ୍କାର କରି ଶ୍ରୀରାମ ଓ ଲକ୍ଷ୍ମଣ ଘୋର ଜଙ୍ଗଲ ମଧ୍ୟରେ ସୀତାଙ୍କ ସନ୍ଧାନରେ ବାହାରି କିଷ୍କିନ୍ଧ୍ୟା ରାଜ୍ୟରେ ପହଞ୍ଚିଛନ୍ତି । ସେଠାରେ ପ୍ରଥମଥର ପାଇଁ ଭଗବାନ ଶ୍ରୀରାମ ଓ ପରମ ଭକ୍ତ ହନୁମାନଙ୍କ ମଧ୍ୟରେ ସାକ୍ଷାତ ହୋଇଛି।

କିଷ୍କିନ୍ଧ୍ୟାର ରାଜା ବାଳୀ ଦ୍ୱାରା ବିତାଡିତ ହୋଇ ସାନ ଭାଇ ସୁଗ୍ରୀବ ହନୁମାନଙ୍କ ସମେତ ନିଜର ବିଶ୍ୱସ୍ତ ସହଯୋଗୀମାନଙ୍କୁ ନେଇ ଋଷ୍ୟମୁକ ପାହାଡରେ ଆଶ୍ରୟ ନେଇଛନ୍ତି । ଜଣେ ତପସ୍ୱୀଙ୍କ ଅଭିଶାପ ଯୋଗୁ ବାଳୀ ଋଷ୍ୟମୁକ ପାହାଡରେ ପ୍ରବେଶ କରିପାରୁ ନ ଥିବାରୁ ସୁଗ୍ରୀବ ସେଠାରେ ଆଶ୍ରୟ ନେଇଛନ୍ତି । ଶ୍ରୀରାମ ଓ ଲକ୍ଷ୍ମଣ ବନରେ ବୁଲିବୁଲି ଉକ୍ତ ପାହାଡ ନିକଟରେ ପହଞ୍ଚିବା ପରେ ସୁଗ୍ରୀବ ପ୍ରଥମେ ସେମାନଙ୍କୁ ଦୂରରୁ ଦେଖି ଭୟଭୀତ ହୋଇଯାଇଛନ୍ତି । ଶ୍ରୀରାମ ଓ ଲକ୍ଷ୍ମଣଙ୍କ ପରିଚୟ ଓ ଆସିବାର ଉଦ୍ଦେଶ୍ୟ ଜାଣିବା ପାଇଁ ସେ ହନୁମାନଙ୍କୁ ପ୍ରେରଣ କରିଛନ୍ତି। ଭକ୍ତ ହନୁମାନ ବ୍ରାହ୍ମଣ ବେଶରେ ଆସି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ କିଷ୍କିନ୍ଧ୍ୟା ଆଗମନର କାରଣ ଓ ସେମାନଙ୍କ ପରିଚୟ ପଚାରିଛନ୍ତି। ଶ୍ରୀରାମଙ୍କ ପରିଚୟ ପାଇବା ପରେ ଭକ୍ତିରେ ଗଦଗଦ ହୋଇ ହନୁମାନ ନିଜକୁ ତାଙ୍କର ପାଦତଳେ ସମର୍ପି ଦେଇଛନ୍ତି। ଏକ ଭାବାବେଗ ପରିବେଶ ମଧ୍ୟରେ ଭକ୍ତ ଓ ଭଗବାନଙ୍କ ଭେଟ ହେବାପରେ ହନୁମାନ ଶୀରାମ ଓ ଲକ୍ଷ୍ମଣଙ୍କୁ ସାଙ୍ଗରେ ନେଇ ଋଷ୍ୟମୁକ ପର୍ବତକୁ ସୁଗ୍ରୀବଙ୍କ ନିକଟକୁ ନେଇ ଆସିଛନ୍ତି। ସୁଗ୍ରୀବଙ୍କ ନିକଟରୁ ଶ୍ରୀରାମ ଓ ଲକ୍ଷ୍ମଣ ବାଳୀ ଦ୍ୱାରା ତାଙ୍କ ପ୍ରତି ହୋଇଥିବା ଅତ୍ୟାଚାର ସଂପର୍କରେ ଶୁଣିବା ପରେ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସୁଗ୍ରୀବ ମଧ୍ୟ ସୀତାଙ୍କୁ ଖୋଜିବାରେ ସହାୟତା କରିବାର ପ୍ରତଶ୍ରୁତି ଦେବା ସହିତ ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ପ୍ରଗାଢ ହୋଇଛି। ସୁଗ୍ରୀବଙ୍କ ନିକଟରୁ ବାଳୀ ସଂପର୍କରେ ସମସ୍ତ ସୂଚନା ପାଇବା ପରେ ଶ୍ରୀରାମ ବାଳୀକୁ କୌଶଳକ୍ରମେ ବଧ କରିଛନ୍ତି। ବାଳୀର ମୃତ୍ୟୁ ପରେ ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟାର ସିଂହାସନରେ ଅଭିଷିକ୍ତ କରାଇ ଶ୍ରୀରାମ ଓ ଲକ୍ଷ୍ମଣ ବନବାସୀ ଜୀବନ ବିତାଇବାକୁ ପୁଣିଥରେ ଋଷ୍ୟମୁକ ପାହାଡକୁ ଫେରିଆସିଛନ୍ତି। ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚନା ଓ ଭବାନିଶଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଶ୍ରୀରାମଲୀଳା ନାଟ୍ୟ ସଂସଦର କଳାକାରମାନେ ନିଖୁଣ ଭାବରେ ପୌରାଣିକ କଥାବସ୍ତୁ ଅନୁଯାୟୀ ଚରିତ୍ରଗୁଡିକ ପ୍ରଦର୍ଶନ କରିଥିଲେ। ଏହାସହ ରାମଲୀଳା ଯାତ୍ରାକୁ ଅଧିକ ସରସ ସୁନ୍ଦର କରିବା ପାଇଁ କଚେରୀ ପଡିଆଠାରେ ମିନାବଜାର ଖୋଲାଯାଇଛି ।



ରାମଲୀଳା ନାଟକର ଏକ ଦୃଶ୍ୟ ।

## ସଂକ୍ଷେପରେ

### ମାନବିକତା ଦେଖାଇଲେ ଟିମ୍ ଶ୍ମଶାନ ବନ୍ଧୁ

ସୁନ୍ଦରଗଡ,୨୨।୪(ଜୟ ନାରାୟଣ ମେଣ୍ଡୁଲି): ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅନ୍ତର୍ଗତ ରେଙ୍ଗାଲି ପଞ୍ଚାୟତ ସରଧାପାଲି ଗ୍ରାମର ଶୁକଦେବ ଧୁରୁଆଙ୍କ ପୁଅ ମନୋରଞ୍ଜନ ଧୁରୁଆ(୪୫)ଙ୍କ ମୃତଦେହ ଗତ ୧୧ ତାରିଖରେ ପୋଲିସ ମହାନଦୀରୁ ଉଦ୍ଧାର କରିଥିଲା। ପ୍ରଥମେ ମୃତକଙ୍କ ପରିଚୟ ମିଳି ନ ଥିବାରୁ ବନହରପାଲି ପୋଲିସ ମୃତଦେହ ସୁନ୍ଦରଗଡ ମେଡିକାଲକୁ ଆଣି ଶବାଗାରରେ ରଖିଥିଲା । ଗଳିତ ମୃତଦେହ ଚିହ୍ନଟ କରିବା କଷ୍ଟକର ହୋଇ ପଡିଥିବା ବେଳେ ବନହରପାଲି ପୋଲିସ ନଂ ୧୮/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଶନିବାର ମୃତକଙ୍କ ପରିଚୟ ମିଳିବା ପରେ ବନହରପାଲି ପୋଲିସ ମୃତକଙ୍କ ପରିବାର ସହିତ ସୁନ୍ଦରଗଡ ଆସିଥିଲା। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା । କିନ୍ତୁ ମୃତକଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ମୃତଦେହ ନିଜ ଗ୍ରାମକୁ ନେବାକୁ ଅକ୍ଷମତା ପ୍ରକାଶ କରିଥିଲେ। ବନହରପାଲି ପୋଲିସ କୌଣସି ସୂତ୍ରରୁ ଖବର ପାଇ ସୁନ୍ଦରଗଡର ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ଫୋନ କରି ସହଯୋଗ କରିବାକୁ ଅନୁରୋଧ କରିଥିଲେ। ପ୍ରଚଣ୍ଡ ଖରାକୁ ଖାତିର ନ କରି ଟିମ୍‌ର ସଦସ୍ୟମାନେ ନୀତି ନିୟମ ସହକାରେ ସୁନ୍ଦରଗଡ ସ୍ୱର୍ଗଦ୍ୱାରରେ ମୃତକଙ୍କ ଅନ୍ତିମ ସଂସ୍କାର ସମ୍ପନ୍ନ କରିଥିଲେ। ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

### କଂଗ୍ରେସରେ କର୍ମୀ ସମାବେଶ

ରାଉରକେଲା, ୨୨।୪( ସଙ୍ଗୀତା ଜେନା) ରାଉରକେଲା କଂଗ୍ରେସ କାର୍ଯ୍ୟାଳୟରେ ସୋମବାର ସନ୍ଧ୍ୟାରେ କର୍ମୀ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ବିରେନ୍ଦ୍ରନାଥ ପଟ୍ଟନାୟକ, ରଘୁନାଥପାଲୀ ପ୍ରାର୍ଥୀ ଗୋପାଳ ଦାସ, ସୁନ୍ଦରଗଡ଼ ଏମ୍‌ପି ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ ସମେତ ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ଅଭିଷେକ ତ୍ରିପାଠୀ, ରାଉରକେଲା ଡିସିସି ରବି ରାୟ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ସାବିର ହୁସେନ୍ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ ପ୍ରାର୍ଥୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫଟୋ- ସେକ୍ଟର-୨୧ କାର୍ଯ୍ୟାଳୟରେ ସମାବେଶରେ ବିଭିନ୍ନ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀ।



ସେକ୍ଟର-୨୧ କାର୍ଯ୍ୟାଳୟରେ ସମାବେଶରେ ବିଭିନ୍ନ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀ।

### ବିଶୁଦ୍ଧ ହେଉଛି ନାଳ ପାଣି



ବିଶ୍ରା,୨୨।୪( ବଟକୃଷ୍ଣ ସ୍ୱାଇଁ): ସୀମାନ୍ତ ସରଣ୍ଡା ଜଙ୍ଗଲରୁ ପ୍ରଭାବିତ ହୋଇଥିବା ଝରଣା ପାଣି ନାଳରେ ପରିଣତ ହୋଇଛି। ଉକ୍ତ ନାଳକୁ ବିଶ୍ରା ନାଳ ଭାବେ ନାମିତ କରାଯାଇଛି। ଏହି ନାଳ ପାଣି ଉପରେ ହଜାର ହଜାର ସଂଖ୍ୟାରେ ଲୋକ ନିର୍ଭର କରନ୍ତି। ହେଲେ ଏହି ନାଳ ପାଣି ଏବେ ବିଶୁଦ୍ଧ ହୋଇପଡିଛି। ବିଶ୍ରା ସହରର ଡ୍ରେନ ପାଣି ଓ ଗାଧୋଇବା ପାଣି ସହ ପାଇଖାନା ପାଣି ନାଳକୁ ଆସୁଛି। ସହରରେ ଡ୍ରେନେଜ ବ୍ୟବସ୍ଥା ଠିକ ନ ଥିବାରୁ ପାଣି ବାହାରି ନାଳକୁ ଯାଉଛି। ପ୍ରତିବର୍ଷ ପ୍ରଶାସନ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ ସଫା କରାଯାଉଛି। ଜନ ସାଧାରଣଙ୍କ ସଚେତନ ଅଭାବରୁ ଡ୍ରେନ ପୋତି ହୋଇ ପଡିଥିବା ବେଳେ ପାଣି ସବୁ ରାସ୍ତା ଉପରେ ଜମା ହୋଇ ନାଳରେ ମିଶୁଛି। ଫଳରେ ଅଞ୍ଚଳବାସୀ ଅସୁବିଧା ଭୋଗୁଛନ୍ତି। ଏ ବିଷୟରେ ସ୍ଥାନୀୟ ସରପଞ୍ଚ ସୁରଜ କୁମାର ନାୟକଙ୍କୁ ପଚାରିବାରୁ, ପ୍ରତି ବର୍ଷ ଡ୍ରେନ ଗୁଡ଼ିକ ମରାମତି ହେଉଛି। ଜନସାଧାରଣ ସଜାଗ ରହୁ ନାହାଁନ୍ତି। ଆବର୍ଜନା ଗୁଡ଼ିକ ଡ୍ରେନରେ ପକାଇବାରୁ ଡ୍ରେନ ଜମା ହୋଇ ନାଳକୁ ଯାଉଛି। ଯାହା ଫଳରେ ପାଣି ବିଶୁଦ୍ଧ ହେଉଛି। ତୁରନ୍ତ ଡ୍ରେନ ଗୁଡ଼ିକ ମରାମତି କରାଯିବ ବୋଲି ସରପଞ୍ଚ ନାୟକ କହିଛନ୍ତି।

# ପ୍ରଚାର କଲେ, କର୍ମୀଙ୍କ ଘରେ ଖାଇଲେ

ସୁନ୍ଦରଗଡ,୨୨।୪(ଜୟ ନାରାୟଣ ମେଣ୍ଡୁଲି)



ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂହ ସୋମବାର ଟାଙ୍ଗରପାଲି ବ୍ଲକର କିରିପସିରା, ପୁଡ଼ାଡିହି, ଖମାରବାହାଲ, ଜାମୁନଢିପା, ସୁର୍ଡା ଏବଂ ନିଆଳିପାଲି ପଞ୍ଚାୟତର ଝିମେରମହୁଲ, ସିଂଘାଣିମୁଣ୍ଡା, କୁରୁଲୁଢିପା, ଚାଉରଢାଲ, ନିଆଳିପାଲି, ତେଲିପାଲି, ଦୂମେଡକୁଡ଼, କଦଳୀମୁଣ୍ଡା, ମୁଣ୍ଡା ଗାଁରେ ପ୍ରଚାର କାର୍ଯ୍ୟ କରିଥିଲେ। ଏହି ସମୟରେ ଗ୍ରାମର ମହିଳା ମାନେ ତାଙ୍କୁ ବନ୍ଦାପନା କରି ଗ୍ରାମକୁ ପାଛୋଟି ନେଇଥିଲେ। ଗ୍ରାମବାସୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରିଥିଲେ। ଯୋଗେଶ ସମସ୍ତ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ ଏବଂ ନବୀନ ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ତାଲିକା ଉପସ୍ଥାପନ କରିଥିଲେ। ନିର୍ବାଚନରେ ଲୋକସଭା ଏବଂ ବିଧାନସଭାରେ ବିଜେଡି ପ୍ରାର୍ଥୀଙ୍କୁ ଇଭିଏମରେ ବଟନ ଟିପି ବିଜୟୀ କରାଇବା ପାଇଁ ଅନୁରୋଧ କରିଥିଲେ। ଏହି ସମୟରେ ଯୋଗେଶ କିରିପସିରା ପଞ୍ଚାୟତର ଜଣେ କର୍ମୀଙ୍କ ଘରେ ତଳେ ବସି ପଖାଳ ଖାଇଥିଲେ। ଏହି ପ୍ରଚାର ସମୟରେ ବ୍ଲକ ସଭାପତି ଶୋଭନ ଦାସ, ଜିଲା ପରିଷଦ ସଭ୍ୟା ଗେଲବତୀ ପଟେଲ, ନିଆଳିପାଲି ସମିତି ସଭ୍ୟା ସୁରଭି ସାହୁ, କିରିପସିରା ସରପଞ୍ଚ ଗୌରୀ ମାଝି, ବରିଷ୍ଠ ନେତା, ରେମେଣ୍ଡା ସମିତି ସଭ୍ୟ ଜଟିଆ ମୁଣ୍ଡା, ବିରେନ୍ଦ୍ର ପଟେଲ, ଅମିତ ପଟେଲ, ନିତ୍ୟାନନ୍ଦ ପଟେଲ ପ୍ରମୁଖ ସାମିଲ ହୋଇ ସୁନ୍ଦରଗଡର ଉନ୍ନତି ପାଇଁ ଯୋଗେଶଙ୍କୁ ବିଜୟୀ କରିବାକୁ ଅନୁରୋଧ କରିଥିଲେ।

## ଅର୍ଚ୍ଚନାଙ୍କୁ ଟିକେଟ: ବିଜେଡି କର୍ମୀ ଉଲ୍ଲସିତ

ରାଉରକେଲା,୨୨।୪(ଦିନେଶ ମିଶ୍ର)



ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ବିଧାନସଭା ପାଇଁ ଅର୍ଚ୍ଚନା ବେହେରାଙ୍କ ନାମ ସୋମବାର ଘୋଷଣା କରିଛନ୍ତି। ଅର୍ଚ୍ଚନା ହେଉଛନ୍ତି ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇଙ୍କ ସ୍ତ୍ରୀ। ଅର୍ଚ୍ଚନା ବିଜେଡି ବିଧାନସଭା ପ୍ରାର୍ଥୀ ଭାବେ ଟିକେଟ ପାଇଥିବାରୁ ସ୍ୱାମୀ ସୁବ୍ରତ ଓ ଦଳୀୟ କର୍ମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ଅର୍ଚ୍ଚନା ଟିକେଟ ପାଇବା ପରେ ପ୍ରଥମେ ସ୍ୱାମୀ ସୁବ୍ରତ ଓ ଦଳୀୟ କର୍ମୀଙ୍କ ସହ ସେକ୍ଟର-୩ ସ୍ଥିତ ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ସେକ୍ଟର-୨ ସ୍ଥିତ ବିଜୁ ପଟ୍ଟନାୟକ ଛକରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଦଳକୁ କିଭଳି ତୃଣମୂଳ ସ୍ତରରେ ସୁଦୃଢ଼ କରି ବିଜୟୀ ହେବାକୁ ସାମୂହିକ ଶପଥପାଠ କରିଥିଲେ। ପରେ ଦଳୀୟ କର୍ମୀ ବାଣ ଫୁଟାଇ ପରସ୍ପରକୁ ମିଠା ବାଣ୍ଟି ସ୍ୱାଗତ କରିଥିଲେ। ଅର୍ଚ୍ଚନା ରଘୁନାଥପାଲ୍ଲୀ ନିର୍ବାଚନମଣ୍ଡଳୀରେ ଥିବା ବିଭିନ୍ନ ସଙ୍ଗଠନ ସହ ମିଶି ପୂର୍ବରୁ କାର୍ଯ୍ୟ କରିଥିବାବେଳେ ଚଳିତ ବର୍ଷ ନିର୍ବାଚନରେ କିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନାକୁ ନେଇ ଭୋଟରଙ୍କୁ ଆକୃଷ୍ଟ କରିବେ ସେନେଇ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ନଗରସଭାପତି ସୁଧୀର ସୁନ୍ଦର ରାୟ, ମହିଳା ସଭାନେତ୍ରୀ ଇନ୍ଦିରା ନାୟକ, ରମାକାନ୍ତ ରଥ, ହରପ୍ରୀୟା ନାୟକ, ବିଜେଡି ଜିଲା ଉପସଭାପତି ଜୟନ୍ତୀ ଦାସ, ପ୍ରତିମା ରାଉତ, ଆଶାମଣି ଦାସ, ବୃନ୍ଦା ବାରିକ, ସୁଭଦ୍ରା ପ୍ରଧାନ, ଗୀତା ମଲ୍ଲିକ, ସରସ୍ୱତୀ ନାୟକ, ଛାତ୍ରସଭାପତି ରାକେଶ ସ୍ୱାଇଁ, ଯୁବ ସଭାପତି ସଞ୍ଜୀପ ସ୍ୱାଇଁ, ୟୁନିଟ ସଭାପତି ଅବଦୁଲ ରଜାକ୍ ଖାନଙ୍କ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



ଜଣେ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ପରିବେଶ ସଂକ୍ରାନ୍ତୀୟ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା

ରାଉରକେଲା,୨୨।୪,(ଦିନେଶ ମିଶ୍ର)

ରାଉରକେଲା ୱାଇଏମ୍‌ଏଫଆଇ ଓ ଏସପିସିବିର ମିଳିତ ଆନୁକୂଲ୍ୟରେ ପରିବେଶ ସଂକ୍ରାନ୍ତୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଷୟ ବସ୍ତୁ 'ଜମି ପୁନଃଉଦ୍ଧାର ମରୁଭୂମି ଓ ମରୁଡି ସ୍ଥିରତା' ଉପରେ ରଖା ଯାଇଥିଲା। ଏସପିସିବି ରାଉରକେଲାର ଆଞ୍ଚଳିକ ଅଧିକାରୀ ବୈଜ୍ଞାନିକ ଡ. ଅନୁପ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲର ପ୍ରାୟ ଶତାଧିକ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ। ଭାରତ ସରକାରଙ୍କ ମିଶନ ଲାଇଫ ଯୋଜନାରେ ନିଜ ନିଜ ଦୈନନ୍ଦିନ ଜୀବନରେ ପରିବେଶ ଆଧାରିତ ଜୀବନ ଶୈଳୀ ଆପଣାଇବା ଓ ପରିବେଶ ସୁରକ୍ଷା ପାଇଁ ଅନ୍ୟଙ୍କୁ ପ୍ରବର୍ତ୍ତାଇବାକୁ ଉପସ୍ଥିତ ଅତିଥି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ବିଭାଗୀୟ ଉପ ପରିବେଶଯନ୍ତ୍ରୀ ବିଜୟ କୁମାର ଭୋଇ, ଆର.ଆର ଦାସ, ପ୍ରୀତମ କୁମାର ପତି, ସୌମ୍ୟରଞ୍ଜନ ପ୍ରଧାନ, ସ୍କୁଲର ପ୍ରଧାନ ଶିକ୍ଷକ ଜଳଧର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସରିତା ନାୟକ, ପ୍ରମିଳା ରାଉତ, ପ୍ରତୀକ୍ଷା ମିତ୍ର, ସୁନିତା ମହାନ୍ତି, ଦେବେନ୍ଦ୍ର ମହାରଣାଙ୍କ ସହ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଶନ ଦୋକାନରେ ଅଗ୍ନିକାଣ୍ଡ

ରାଉରକେଲା, ୨୨।୪(ସଙ୍ଗୀତା ଜେନା)

ରଘୁନାଥପାଲୀ ଥାନା ଅନ୍ତର୍ଗତ ପ୍ରଧାନପାଲୀ ଅଞ୍ଚଳରେ ରବିବାର ରାତିରେ ଏକ ରାସନ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ପାନପୋଷ ଅଗ୍ନିଶମ ବିଭାଗର ଦମକଳ ନିଆଁକୁ ଆୟତ୍ତ କରିଥିଲା। ସୂଚନାଅନୁଯାୟୀ, ପ୍ରଧାନପାଲୀ ଅଞ୍ଚଳରେ ରାସନ ଦୋକାନ କରିଥିବା ପ୍ରଭାସୀନୀ ଲାକ୍ରାଙ୍କ ଦୋକାନ ପାର୍ଶ୍ୱରେ ଅନ୍ୟ ଜଣେ ବ୍ୟବସାୟୀଙ୍କ ଟିଫିନ୍ ସେଣ୍ଟର ରହିଛି। ଉକ୍ତ ଟିଫିନ୍ ସେଣ୍ଟରର ଚୁଲାରୁ ସମ୍ଭବତଃ ନିଆଁ ଏଠାକୁ ବ୍ୟାପି ଥିବା ସନ୍ଦେହ କରାଯାଉଛି। ଏଥିରେ କେହି କ୍ଷତିଗ୍ରସ୍ତ ହୋଇ ନ ଥିବା ଜଣାପଡ଼ିଛି।

## ବିଜେଡିର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ

ରାଉରକେଲା,୨୨।୪,(ଦିନେଶ ମିଶ୍ର)

ବୀରମିତ୍ରପୁର ବିଜୁ ଜନତା ଦଳର ଏକ ସାଙ୍ଗଠନିକ ବୈଠକ, ମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ,ଜର୍ଜସେବା,ଆପ୍, ଜେଏମ୍‌ଏମ୍ ଦଳର ଶତାଧିକ କର୍ମୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲା ପର୍ଯ୍ୟବେକ୍ଷକ ପ୍ରୀତି ରଞ୍ଜନ ଘଡେଇ ଯୋଗଦେଇ ବିଭିନ୍ନ ଦଳରୁ ଆସିଥିବା କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଓଡିଶାର ବିକାଶର ସାରଥୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ଗାଦିରେ ବାସାଇବା ପାଇଁ ତାଙ୍କ ଦ୍ୱାରା ଚୟନ କରାଯାଇଥିବା ବୀରମିତ୍ରପୁର ବିଧାନସଭାପ୍ରାର୍ଥୀ ରୋହିତ ଯୋସେଫ ତିର୍କୀଙ୍କୁ ଓ ସୁନ୍ଦରଗଡ ଏମ୍‌ପି ପ୍ରାର୍ଥୀ ଦିଲୀପ ତିର୍କୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବୀରମିତ୍ରପୁର ନିର୍ବାଚନ ସଂଯୋଜକ ଦାୟିତ୍ୱରେ ଥିବା ସନ୍ଦୀପ ମିଶ୍ର, କୁଆଁରମୁଣ୍ଡା ଜିଲା ପରିଷ ୪ ସଦସ୍ୟ ରାଜେନ୍ଦ୍ର କୁଜୁର, ହାଲୁ ମୁଣ୍ଡାରୀ, ମନୋଜ ସେନାପତି, ନିବେଦିତା ବାଗେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦଳୀୟ ସାଙ୍ଗଗଠନିକ ବୈଠକରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।



ବିଧାୟକ ଜଣେ କର୍ମୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

## ଆର୍‌ଏସ୍‌ପି ଷ୍ଟିଲ ସିଲିକନ ମିଲର ଏକ ଦିବସୀୟ ଉତ୍ପାଦନ ରେକର୍ଡ ହାସଲ

ରାଉରକେଲା,୨୨।୪(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସପିର ସିଲିକନ ଷ୍ଟିଲ ମିଲର ରିଭର୍ସିଙ୍ଗ ମିଲ ଏପ୍ରିଲ ୨୦ରେ ୬୩୦ ଟନ୍ କୋଏଲ ରୋଲିଙ୍ଗ ପୂର୍ବକ ନୂତନ ଏକଦିବସୀୟ ଉତ୍ପାଦନ ରେକର୍ଡ ସୃଷ୍ଟି କରିଛି। ଏଥିସହିତ ବିଭାଗ ମାର୍ଚ୍ଚ ୨୫ରେ ଉତ୍ପାଦିତ ପୂର୍ବ ଶ୍ରେଷ୍ଠ ୫୨୯ଟନ ରେକର୍ଡକୁ ଅତିକ୍ରମ କରିଛି। ଏହି ରେକର୍ଡ ସୃଷ୍ଟିକାରୀ ସଫଳତା ନେଇ ଏସଏଏସଏମ ସାମୂହିକଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ନେଇ ମିଲ ପରିଦର୍ଶନ କରିଥିଲେ। ଏସଏସଏମଙ୍କ ସହିତ ଏହି ପରିଦର୍ଶନରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ବିତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ ବେହୁରୀଆ, ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭିନ୍ନ ଅପଷ୍ଟ୍ରିମ ଓ ସହଯୋଗୀ ବିଭାଗ ମୁଖ୍ୟ ତଥା ଏସଏସଏମ ଅଧିକାରୀ,କର୍ମଚାରୀ ଉପସ୍ଥିତ ଥିଲେ। ଏନେଇ ଅତନୁ ଭୌମିକ ତାଙ୍କ ବକ୍ତବ୍ୟରେ, ମିଲର ପୂର୍ଣ୍ଣ କ୍ଷମତା ବିନିଯୋଗ ପାଇଁ ପ୍ରଚେଷ୍ଟା ବଜାୟ ରଖିବା ପାଇଁ ଏସଏସଏମ ସାମୂହିକଙ୍କୁ ପ୍ରୋତ୍ସାହିତ କରି ସମ୍ବଳ ଗୁଡିକର ସମ୍ପୂର୍ଣ୍ଣ ଉପଯୋଗ ଦ୍ୱାରା ଉତ୍ପାଦନ ହ୍ରାସ କରାଯାଇ ପାରିବ ଓ ଆଗକୁ ଆହୁରି ବହୁତ ମାଇଲଖଣ୍ଟ ହାସଲ କରିବା ଦିଗରେ ନିପୁଣ କାର୍ଯ୍ୟଦକ୍ଷତା ପ୍ରୟୋଗ କରିବାକୁ କହିଥିଲେ। ପରେ ସୂର୍ଯ୍ୟବଂଶୀ ସାମୂହିକଙ୍କୁ ଅଭିନନ୍ଦନ ଜ୍ଞାପନ କରି ଉତ୍ପାଦନର ଗୁଣାତ୍ମକମାନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ଅଧିକ ଲାଭାର୍ଜନ ହେବ ବୋଲି କହିଥିଲେ। ରୋଲସପ ବିଭାଗର ସିଜିଏମ ସୁବ୍ରତ କୁମାର ମଧ ମିଲ ପରିଦର୍ଶନ କରିଥିଲେ। ଏସଏସଏମ ବିଭାଗ ଜିଏମ ଇନଚାର୍ଜ ସି ଆର ମିଶ୍ର ପରିଦର୍ଶନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## କନିକାରେ କୁସୁମଙ୍କ ନିର୍ବାଚନୀ ପ୍ରଚାର



କୁସୁମ ଟେଟେ ଘର ଘର ବୁଲି ପ୍ରଚାର କରୁଛନ୍ତି।

ସୁନ୍ଦରଗଡ଼,୨୨।୫(ଜୟ ନାରାୟଣ ମେଣ୍ଡୁଲି)

ସୋମବାର ସଦର ବିଧାନସଭା କ୍ଷେତ୍ରର ହେମଗିରି ବ୍ଲକ କନିକା ପଞ୍ଚାୟତର ଲୋକେଟଝରନ ଓ କନିକାରେ ଭାଜପା ବିଧାନସଭା ପ୍ରାର୍ଥୀ କୁସୁମ ଟେଟେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିବା ସହ କେତେକ ନାମ ସଂକୀର୍ତ୍ତନରେ ଯୋଗଦେଇଥିଲେ। ଏଥିସହ ଅଞ୍ଚଳର ବରିଷ୍ଠ ନାଗରିକଙ୍କୁ ଭେଟି ଆଶୀର୍ବାଦ ନେବା ସହ ନିର୍ବାଚନରେ ସହଯୋଗ କରିବାକୁ କହିଥିଲେ। କୁସୁମ ଟେଟେ ନିଜ ପ୍ରଚାର ଜୋର କରିଥିଲା ବେଳେ ବିଭିନ୍ନ ସଂଗଠନରୁ ତାଙ୍କୁ ସମର୍ଥନ ମିଳୁଥିବା ଦେଖିବାକୁ ମିଳିଛି। ରବିବାର ପ୍ରଥମଥର ପୌରାଞ୍ଚଳର ମସଜିଦପଡାର ଶତାଧିକ ଯୁବକ ଏକ ମିଶ୍ରଣ ପର୍ବରେରେ ସାମିଲ ହୋଇ କୁସୁମ ଟେଟେଙ୍କୁ ସମର୍ଥନ ଜଣାଇଛନ୍ତି। ସୋମବାର ସନ୍ଧ୍ୟାରେ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ କୁସୁମ ନିର୍ବାଚନୀ ସଭାରେ ଯୋଗଦେଇଛନ୍ତି।

## କାର୍ ଧକ୍କାରେ ମହିଳା ମୃତ, ଉତ୍ତେଜନା

ସମ୍ବଲପୁର,୨୨।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ ଯୁଗିପାଲି ସାରୁପଡ଼ା ନିକଟରେ କାର ଧକ୍କାରେ ଜଣେ ମହିଳାଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତା ସାରୁପଡ଼ାର ସୁମିତ୍ରା ମୁଣ୍ଡା(୨୦)। ଅନ୍ୟ ଦୁଇ ମହିଳାଙ୍କ ସହ ସୁମିତ୍ରା କାଇଁଶିର-ଜମାଦାରପାଲି ରାସ୍ତରେ ଚାଲିଚାଲି ଯାଉଥିଲେ। ଏହି ସମୟରେ ଯୁଗିପାଲି ନିକଟରେ ଏକ କାର(ଓଡି-୦୭-ଏସି-୨୩୩୪୫) ଦ୍ରୁତଗତିରେ ଆସି ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ଅନ୍ୟଦୁଇ ମହିଳା ଆହତ ହୋଇଥିବା ବେଳେ ସୁମିତ୍ରାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତାଙ୍କ ପରିବାରଙ୍କୁ କ୍ଷତିପୂରଣ ଦାବିରେ ରାସ୍ତାରେ ଶବରଖି ଦୀର୍ଘ ସମୟ ପର୍ଯ୍ୟନ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଅଇଁଠାପାଲି ପୋଲିସ ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ସଦର ତହସିଲଦାର ମନୋଜ କୁଜୁର ଘଟଣାସ୍ଥଳରେ ପହଞ୍ଚି ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହିତ ଅନ୍ୟାନ୍ୟ କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ପୋଲିସ ମୃତଦେହ ବ୍ୟବଛେଦ ପାଇଁ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା କାରକୁ ପୋଲିସ ଜବତ କରିବା ସହ ଚାଳକ ପ୍ରତାପ ପାତ୍ରକୁ ଥାନାରେ ଅଟକ ରଖିଛି।

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଫ୍ରିଜର ୟୁନିଟ୍ ପ୍ରଦାନ

କୁତ୍ରା,୨୨।୪ (ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ତେଲିଘନା ସ୍ଥିତ ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ ସାମାଜିକ ଦାୟିତ୍ୱବୋଧ ବିଭାଗ ପକ୍ଷରୁ ବ୍ଲକର ବିରିଙ୍ଗାଟୋଲି ଆଶ୍ରମ ବିଦ୍ୟାଳୟରେ ଏକ ୱାଟର ପ୍ୟୁରିଫାୟର୍ କମ ଫ୍ରିଜର୍ ୟୁନିଟ ସ୍ଥାପନ କରାଯାଇଛି। ଏଥିରେ ୨୮୦ ପିଲାଙ୍କୁ ନିରାପଦ ପାନୀୟ ଜଳ ଯୋଗାଇବା ଏବଂ ଶିଶୁମାନେ ଦୂଷିତ ପଦାର୍ଥରୁ ମୁକ୍ତ ହେବା, ଉତ୍ତମ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ଏବଂ ବିଭିନ୍ନ ରୋଗ ହେବାର ଆଶଙ୍କା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖିଛି। ଗ୍ରାମୀଣ ବିଦ୍ୟାଳୟର ପିଲାମାନଙ୍କ ପାଇଁ ଆରଓ ପ୍ୟୁରିଫାୟର୍ କମ ଫ୍ରିଜର୍ ୟୁନିଟ ଯୋଗାଣ ସାମାଜିକ ଦାୟିତ୍ୱ ଏବଂ ସମ୍ପ୍ରଦାୟର ବିକାଶ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ବୋଲି କହିଥିଲେ। ଛାତ୍ରମାନଙ୍କର ମୌଳିକ ଆବଶ୍ୟକତାକୁ ସମାଧାନ କରି ଶିବା ସିମେଣ୍ଟ ଏକ ଅନୁକୂଳ ଶିକ୍ଷଣ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖି ସେମାନଙ୍କର ଅଭିବୃଦ୍ଧି ଏବଂ ସୁସ୍ଥତାକୁ ବଢାଇଥାଏ। ଏହି କାର୍ଯ୍ୟକ୍ରମରେ ଶିବା ସିମେଣ୍ଟ ହେଡ-ଲ୍ୟାଣ୍ଡ ଆଣ୍ଡ ଲିୟସନ ସୁନୀଲ କୁମାର ନାଥ ଏସଏମସି, ସିଏସଆର ଟିମ ଏବଂ ସମସ୍ତ କର୍ମଚାରୀଙ୍କ ସହ ଶିବା ସିମେଣ୍ଟ ପ୍ରତି ଅଶେଷ କୃତଜ୍ଞତା ଜଣାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ପଣ୍ଡା ସମସ୍ତ କର୍ମଚାରୀଙ୍କ ସହ ଗ୍ରୀଷ୍ମ ସମୟରେ ଏହି ପ୍ରଶଂସନୀୟ ସମର୍ଥନ ପାଇଁ ଶିବା ସିମେଣ୍ଟ ପ୍ରତି ଅଶେଷ କୃତଜ୍ଞତା ଜଣାଇଥିଲେ। ଶିବା ସିମେଣ୍ଟ କାରଖାନା ମୁଖ୍ୟ ଅନିଲ କୁମାର ମିଶ୍ରଙ୍କ ମାର୍ଗଦର୍ଶନରେ ଏହି ପ୍ରକଳ୍ପ ଆରମ୍ଭ କରାଯାଇଥିଲା।




ଜେଏସଡବ୍ଲ୍ୟୁ ପକ୍ଷରୁ ଫ୍ରିଜର ୟୁନିଟ ପ୍ରଦାନ କରାଯାଉଛି।

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୩/୨୦୨୪ Bhubaneswar, Tuesday, April 23/ 2024

# ବାଗାନ ମୁକାବିଲା ପାଇଁ ଓଡ଼ିଶା ଏଫ୍‌ସି ପ୍ରସ୍ତୁତ



ଖବରଦାତା ସମ୍ମିଳନୀରେ ସର୍ଗିଓ ଲୋବେରା ଓ ଅମରିନ୍ଦର ସିଂ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

ଇତିହାସ ସୃଷ୍ଟି ହୋଇସାରିଛି। ଓଡ଼ିଶା ଏଫ୍‌ସି ପ୍ରଥମ ଥର ପାଇଁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ସେମିଫାଇନାଲରେ ପ୍ରବେଶ କରିଛି। ଏବେ ଏହି ସଫଳତାକୁ ଆହୁରି ଆଗକୁ ନେବା ସମୟ। ଦୁଇ ଚରଣ ବିଶିଷ୍ଟ ସେମିଫାଇନାଲର ପ୍ରଥମ ମ୍ୟାଚ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଭାରତର ଅନ୍ୟତମ ଶକ୍ତିଶାଳୀ କ୍ଲବ ମୋହନ ବାଗାନ ସୁପର ଜାଏଣ୍ଟକୁ ଭେଟିବ ଓଡ଼ିଶା ଏଫ୍‌ସି। ଲିଗ୍ ପର୍ଯ୍ୟାୟରେ ମୋହନ ବାଗାନ ୨୨ ମ୍ୟାଚରୁ ୪୮ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷସ୍ଥାନ ହାସଲ ସହ ସିଧାସଳଖ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟପକ୍ଷରେ ୪ର୍ଥ ସ୍ଥାନରେ ରହିଥିବା ଓଡ଼ିଶା ଏଫ୍‌ସି ପ୍ଲେ-ଅଫ୍‌ରେ କେରଳ ବ୍ଲାଷ୍ଟର୍ସକୁ ୨-୧ ଗୋଲରେ ହରାଇ ଆଗାମୀ ବଡ଼ ମୁକାବିଲାରେ ଅବତୀର୍ଣ୍ଣ

**କଳିଙ୍ଗରେ ଆଇଏସ୍‌ଏଲ୍ ସେମିଫାଇନାଲ-୧ ଆଜି**

ହୋଇଛି। ଚଳିତ ସିଜନର ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ସୁପର ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ୨ଟି ଯାକ ମୁକାବିଲା ବେଶ୍ ରୋଚକ ରହିଥିଲା। ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖି କଳିଙ୍ଗ ୱାରିୟର୍ସ ଦଳ ନିଜ ଦକ୍ଷତା ଦେଖାଇଥିଲା। ଘରୋଇ ପରିବେଶରେ ଅନୁଷ୍ଠିତ ଦ୍ୱିତୀୟ ମୁକାବିଲା ମଧ୍ୟ ଗୋଲଶୂନ୍ୟ ଡ୍ର ରହିଥିଲା। ତେଣୁ ଆଗାମୀ ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

ଟେବୁଲର ଶୀର୍ଷରେ ରହି ମୋହନ ବାଗାନ ଚଳିତବର୍ଷର ଶିଲ୍ଡ ବିଜେତା ହୋଇଛି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ଚଳିତ ସିଜନରେ କଳିଙ୍ଗ ଷ୍ଟାଡିୟମରେ ୧୨ ମ୍ୟାଚରେ ଅପରାଜେୟ ରହିଛି। କେବଳ ବେଙ୍ଗାଲୁରୁ ଏଫ୍‌ସି ଜାନୁୟାରୀ ୨୦୧୮ରୁ ନଭେମ୍ବର ୨୦୧୯ ମଧ୍ୟରେ ସର୍ବାଧିକ ୧୯ଟି ମ୍ୟାଚରେ ଘରୋଇ ପରିବେଶରେ ଅପରାଜେୟ ରହି ଓଡ଼ିଶା ଏଫ୍‌ସିଠାରୁ ଆଗରେ ରହିଛି। ମୋହନ ବାଗାନ ସୁପର ଜାଏଣ୍ଟ ୨୨ ଲିଗ୍ ମ୍ୟାଚରେ ୪୭ଟି ଗୋଲ ସ୍କୋର କରିଛି। ଏହା ଅନ୍ୟ ଦଳଗୁଡ଼ିକ ପାଇଁ ସତର୍କ ଘଣ୍ଟି ସଦୃଶ ହୋଇଛି। ତେଣୁ ଓଡ଼ିଶା ଏଫ୍‌ସିକୁ ଆଗାମୀ ମ୍ୟାଚ ସତର୍କତାର ସହ ଖେଳିବାକୁ ପଡ଼ିବ। କାରଣ ଇତିହାସ ଦେଖିଲେ ମୋହନ ବାଗାନ ବିପକ୍ଷରେ ଓଡ଼ିଶା ଏଫ୍‌ସିର ଓଭରଅଲ୍ ରେକର୍ଡ ଭଲ ନାହିଁ। ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୯ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ମୋହନ ବାଗାନ ସୁପର ଜାଏଣ୍ଟ ୪ ମ୍ୟାଚ ଜିତିଥିବାବେଳେ ୫ ଗେମ୍ ଡ୍ର ରହିଛି। ଅର୍ଥାତ୍ ଏହି ଦଳ ବିପକ୍ଷରେ ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖିନାହିଁ।

ସୋମବାର ଅନୁଷ୍ଠିତ ପ୍ରି- ମ୍ୟାଚ ଖବରଦାତା ସମ୍ମିଳନୀରେ ଆଗାମୀ ମୁକାବିଲା ଏବଂ ଓଡ଼ିଶା ଏଫ୍‌ସିର ସମ୍ଭାବନା ସମ୍ପର୍କରେ ନିଜ ମତ ରଖିଥିଲେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ତାରକା ଗୋଲକିପର ଅମରିନ୍ଦର ସିଂ। "ଆଗାମୀ ମ୍ୟାଚ କଷ୍ଟସାଧ୍ୟ ହେବ। ଆମେ ବର୍ତ୍ତମାନର ଶିଲ୍ଡ ବିଜେତାଙ୍କୁ ଭେଟିବାକୁ ଯାଉଛୁ। ମୋହନ ବାଗାନ ଏକ ଭଲ ଦଳ। ଆମେ ମଧ୍ୟ ଉତ୍ତମ ଦଳ ଏବଂ କଳିଙ୍ଗରେ ଅପରାଜେୟ ଅଛୁ। ଘରୋଇ ପରିବେଶରେ ଥିବା ଫଳାଫଳକୁ ନେଇ ମୋମେଣ୍ଟମକୁ ଆମେ ବଜାୟ ରଖିବାକୁ ଚେଷ୍ଟା କରିବୁ। ସିଜନରେ ଅପରାଜେୟ ରହିବା ଆମର ମୁଖ୍ୟ ଟାର୍ଗେଟ। ସେମିଫାଇନାଲରେ ପ୍ରବେଶ କରିବା ଆମପାଇଁ ବହୁତ ସ୍ୱତନ୍ତ୍ର ଥିଲା। ଆମେ କ୍ଲବ ପାଇଁ ଆହୁରି ସଫଳତା ଆଣିବାକୁ ଚାହୁଁଛୁ। ଆମେ ଆଉ ଏକପାଦ ଆଗକୁ ଯିବାକୁ ଲକ୍ଷ୍ୟ ରଖିଛୁ। ଯଦି ଫାଇନାଲରେ ପ୍ରବେଶ କରୁ ତେବେ ବହୁତ ବଡ଼ କଥା ହେବ। ଟ୍ରଫି ଜିତିବାକୁ ହେଲେ ଉତ୍ତମ ଦଳ ଗଠନ ଆବଶ୍ୟକ। ଆମ ଦଳର ଖେଳାଳିମାନେ ସଫଳତା ପାଇଁ ବ୍ୟଗ୍ର। ପ୍ଲେ-ଅଫ୍ ମ୍ୟାଚରେ ସେମାନେ ତାହା କାମରେ କରି ଦେଖାଇଛନ୍ତି" ବୋଲି ଲୋବେରା ପ୍ରକାଶ କରିଛନ୍ତି।

"ଆଇଏସ୍‌ଏଲ୍‌ର ପାଖାପାଖି ପ୍ରତି ସଂସ୍କରଣରେ ଖେଳିବା ସୁଯୋଗ ପାଇଥିବାରୁ ମୁଁ ବହୁତ ଖୁସି। କେବଳ ଗୋଲ୍ଡେନ ଗ୍ଲୋଭ୍ସ ନୁହେଁ ବରଂ ଆଇଏସ୍‌ଏଲ୍ ଟ୍ରଫି ଚାମ୍ପିୟନ ହେବା ମୋର ମୁଖ୍ୟ ଲକ୍ଷ୍ୟ। ସିଜନସାରା ଦର୍ଶକମାନେ ଆମକୁ ସମର୍ଥନ କରି ଆସିଛନ୍ତି। ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ। ଅଧିକରୁ ଅଧିକ ସଂଖ୍ୟାରେ ଦର୍ଶକମାନେ ଷ୍ଟାଡିୟମକୁ ଆସନ୍ତୁ ଏବଂ ଆଗାମୀ ମ୍ୟାଚ ପାଇଁ ଆମକୁ ଉତ୍ସାହିତ କରନ୍ତୁ" ବୋଲି ଅମରିନ୍ଦର କହିଛନ୍ତି।




ମୋହନ ବାଗାନ ସୁପର ଜାଏଣ୍ଟ ଓ ଓଡ଼ିଶା ଏଫ୍‌ସି ଦଳର ଖେଳାଳିଙ୍କ ଅଭ୍ୟାସ।

# ଖୋର୍ଦ୍ଧା ଜିଲା ପ୍ରତିଯୋଗୀଙ୍କୁ ସର୍ବାଧିକ ପଦକ

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

ଭୁବନେଶ୍ୱର ରୋଲର ସେକଟିଂ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୧୪ଶ ଓଡ଼ିଶା ରାଜ୍ୟ ରୋଲର ସ୍କେଟିଂ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ଜିଲା ସର୍ବାଧିକ ୫୪ଟି ପଦକ ହାସଲ କରି ଓଭରଅଲ୍ ଚାମ୍ପିୟନ ହୋଇଛି। ଭୁବନେଶ୍ୱର ୩୬, କଟକ ୨୦, ଯାଜପୁର ୧୧ ଓ ଭଦ୍ରକ ୫ ପଦକ ହାସଲ କରି ଏହି ତାଲିକାରେ ପଛକୁପଛ ରହିଛନ୍ତି। ପ୍ରତିଯୋଗିତାର ବିଭିନ୍ନ ବିଭାଗ ଓ ବୟସ ବର୍ଗରେ ପଦକ ହାସଲକାରୀ ସ୍କେଟରଙ୍କ ନାମ ନିମ୍ନରେ ପ୍ରଦତ୍ତ କରାଗଲା। କ୍ୱାଡ୍ ବାଳକ (୬ ବର୍ଷରୁ କମ୍): ଅଭନେଶ ନାୟକ, ୬ରୁ ୮ ବର୍ଷ: ସୀତାଂଶୁ ସାହୁ, ରୋଶନ ସଚଦେବ, ଲାଭ୍ୟାସ୍ମିଶ ସାହୁ, ୮ରୁ ୧୦: ସନ୍ଦିପ କୁମାର ସାହୁ, ରୋନକ

**ଓଡ଼ିଶା ରୋଲର ସ୍କେଟିଂ ଚାମ୍ପିୟନଶିପ୍ ଉଦ୍‌ଯାପିତ**

ମଲିକ, ରୁଦ୍ରାଂଶ ଖୁଣ୍ଟିଆ, ୧୦ରୁ ୧୨ ବର୍ଷ: ବ୍ରିଜେଶ ସାହୁ, ରୂପମ ରୁହାନ ପଟେଲ, ଆୟୁଷ୍ମାନ ପଣ୍ଡା, ୧୨ରୁ ୧୪ ବର୍ଷ: ଆଦିତ୍ୟ କୁମାର ପଟେଲ, ଅଙ୍କିତ ନାୟକ, ସୌର୍ଯ୍ୟ ଦାସ, ୧୪ରୁ ୧୬ ବର୍ଷ: ଆୟୂଷ ଜେନା, ସୂର୍ଯ୍ୟ ପ୍ରତ୍ୟୁଷ ନାୟକ ଓ ପ୍ରୀତ ପ୍ରୀତମ ଜେନା। ସେହିପରି କ୍ୱାଡ୍ ବାଳିକା ୬ ବର୍ଷରୁ କମ୍ ବର୍ଗରେ ଦ୍ରିଶନା ବରାଳ, ହିୟାନା ଗର୍ଗ, ସାୟେଶା ମହାନ୍ତି, ୬ରୁ ୮ ବର୍ଷରେ ରୋହାଂଶି ଆଚାର୍ଯ୍ୟ, ଲଗ୍ନିକା ମହାପାତ୍ର, ୮ରୁ ୧୦ ବର୍ଷରେ ଭନ୍ୟା, ଆରୁଷି ଦାସ, ଶାତକ୍ଷୀ ଦାଶ, ୧୦ରୁ ୧୨ ବର୍ଷରେ ଏଲ. ଦୀକ୍ଷତା, ସାନ୍‌ଭି ନାୟକ, ଆରୁଷି ପ୍ରୀମା କାନୁନ୍‌ଗୋ, ୧୨ରୁ ୧୪ ବର୍ଷରେ ଅନୁସ୍କା ରାୟ ଓ ଜଶ୍ମିନ ସାମନ୍ତରାୟ। ଇନ୍‌ଲାଇନ୍ ବାଳକ ୬ ବର୍ଷରୁ କମ୍‌ରେ ସମ୍ଭବ ସ୍ୱାଭିମାନ ନନ୍ଦ, ୬ରୁ ୮ ବର୍ଷରେ ଶିଭଙ୍କ ନାୟକ, ନୈତିକ ଗର୍ଗ, ଅଭିଷେକ ସାହୁ, ୮ରୁ ୧୦ ବର୍ଷରେ ଅର୍ନବ ମିଶ୍ର, ଅଶ୍ଳେଷ ନାୟକ, ଆୟାନ ବର୍ଦ୍ଧନ, ୧୦ରୁ ୧୨ ବର୍ଷରେ ଅମିତ ବିକ୍ରମ ରାଉତରାୟ, ୧୨ରୁ ୧୪ ବର୍ଷରେ ଆରୁଷ ଦାସ, ୧୪ରୁ ୧୬ ବର୍ଷରେ ରୋହିତ କୁମାର ଭୋଇ, ସ୍ୱସ୍ତିକ ପ୍ରହରାଜ ଓ ସାଇ ଶ୍ରେୟାଂଶୁ ରାଉତ। ଇନ୍‌ଲାଇନ୍ ବାଳିକା ୬ ବର୍ଷରୁ କମ୍‌ରେ ସାନ୍‌ଭି ଶିବାନୀ ନାୟକ, ୮ରୁ ୧୦ ବର୍ଷରେ ଅଦ୍ୱିତା ନାଥ, ସୁଦୀକ୍ଷା ସ୍ୱାଇଁ, କୃତିକା ସାହୁ ଓ ୧୦ରୁ ୧୨ ବର୍ଷରେ ରକ୍ଷିତା ଭରିତା ପଦକ ହାସଲ କରିଛନ୍ତି। ଅର୍ଥନରି ପେରୁମଲ ଓ ବିଜୟ କାନ୍ତ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥି ଜେନା ଓ ଭୁବନେଶ୍ୱର ରୋଲର ସ୍କେଟିଂ ଆସୋସିଏଶନ ଉପସଭାପତି ସୌଦାମିନୀ ପାତ୍ର ଓ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ଥିଲେ।



ଓଡ଼ିଶା ରୋଲର ସ୍କେଟିଂ ଚାମ୍ପିୟନଶିପ୍ ଅବସରରେ ପ୍ରତିଯୋଗୀମାନେ।

# ବ୍ରହ୍ମେଶ୍ୱର ଏକାଦଶ ଚାମ୍ପିୟନ



ରସୁଲଗଡ଼ ପ୍ରିମିୟର ଲିଗ୍ ଚାମ୍ପିୟନ ବ୍ରହ୍ମେଶ୍ୱର ଏକାଦଶ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

ରସୁଲଗଡ଼ ପ୍ରିମିୟର ଲିଗ୍‌ର ୯ମ ସଂସ୍କରଣ ଉଦ୍‌ଯାପିତ ହୋଇଛି। ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ବ୍ରହ୍ମେଶ୍ୱର ଏକାଦଶ ଚାମ୍ପିୟନ ହୋଇଛି। ଫାଇନାଲରେ ବ୍ରହ୍ମେଶ୍ୱର ୮ ଉଇକେଟରେ ଜୟ ମା' ଦୁର୍ଗା ଏକାଦଶକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜୟ ମା' ଦୁର୍ଗା ଦଳ ୧୨ ଓଭରରେ ୧୪୧ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଉମାକାନ୍ତ ଜଗଦ୍ଦେବ ୨୫ ବଲ୍‌ରୁ ସର୍ବାଧିକ ୫୩ ରନ କରିଥିଲେ। ବିପକ୍ଷ ଦଳର

**ରସୁଲଗଡ଼ ପ୍ରିମିୟର ଲିଗ୍ ଉଦ୍‌ଯାପିତ**

ଦେବପ୍ରିୟ ମହାନ୍ତି ମାତ୍ର ୭ ରନ ଦେଇ ୨ଟି ଉଇକେଟ ନେଇଥିଲେ। ୧୪୨ ରନର ବିଜୟ ଲକ୍ଷ୍ୟନେଇ ବ୍ରହ୍ମେଶ୍ୱର ଏକାଦଶ ୧୦.୨ ଓଭରରେ ୨ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ସତ୍ୟନାରାୟଣ ରାଉତ ୨୧ ବଲ୍‌ରୁ ୫୦ ରନକରି ଦଳକୁ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ପରାଜିତ ଦଳର ରାକେଶ ବଳିୟାରସିଂ ଗୋଟିଏ ଉଇକେଟ ନେଇଥିଲେ। ସତ୍ୟନାରାୟଣ ରାଉତ ଶ୍ରେଷ୍ଠ ବ୍ୟାଟର, ପ୍ଲେୟର ଅଫ୍ ଦି ଫାଇନାଲ ଓ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ସେ ୪ ମ୍ୟାଚରୁ ମୋଟ ୨୦୬ ରନ ସ୍କୋର କରିଥିଲେ। ରଶ୍ମି ରଞ୍ଜନ ଚାନ୍ଦ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଶିବରାଜ ଚମ୍ପତି ଓ କାଳନ୍ଦି ରାଉତ ମ୍ୟାଚ ପରିଚାଳନା କରିଥିଲେ। ପ୍ରକାଶ ରାଉତରାୟ, ଅନିଲ ବଳିୟାରସିଂ, ସ୍ନେହାଶିଷ ଜେନା, ଟୁଟୁ ବଳିୟାରସିଂ ଓ ଦେବାଶିଷ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଶେଷ ଥର ଲାଭର କପ୍ ଖେଳିବେ ନାଡାଲ

**ବର୍ଲିନ, ୨୨।୪ (ଏପି):** ସେପ୍ଟେମ୍ବରରେ ବର୍ଲିନଠାରେ ଲାଭର କପ୍ ଖେଳିବେ ରାଫାଲ ନାଡାଲ ସୋମବାର ପ୍ରକାଶ କରିଛନ୍ତି। ୨୨ଥର ଗ୍ରାଣ୍ଡସ୍ଲାମ ବିଜେତାଙ୍କର ଏହା ଅନ୍ୟତମ ଶେଷ ଟୁର୍ନାମେଣ୍ଟ ହେବ। ନାଡାଲ ପୂର୍ବରୁ ସୂଚନା ଦେଇ ସାରିଛନ୍ତି ଯେ, ୨୦୨୪ ଟୁର୍‌ରେ ତାଙ୍କର ଶେଷ ବର୍ଷ ହେବ। ଗତ ସପ୍ତାହରେ ବାର୍ସିଲୋନାରେ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ଆଲେକ୍ସ ଡି' ମିନାଉରଙ୍କଠାରୁ ହାରିଯାଇଥିଲେ, ଯେଉଁଠାରେ କି ସେ ୧୨ଥର ଟାଇଟଲ ବିଜୟୀ ହୋଇଥିଲେ। ସେତେବେଳେ ସେ ସେଠାରେ କହିଥିଲେ ସମ୍ଭବତଃ ଏଠାରେ ଏହା ହେଉଛି ତାଙ୍କର ଶେଷ ମ୍ୟାଚ। ୩୭ ବର୍ଷୀୟ ସ୍ପାନିଶ ଷ୍ଟାର ବହୁଦିନ ହେଲା ଆଘାତଜନିତ ସମସ୍ୟା ସହ ସଂଘର୍ଷ କରିଆସୁଛନ୍ତି।

# 'ଗୁକେଶ ଭବିଷ୍ୟତର ବିଶ୍ୱ ଚାମ୍ପିୟନ'

**ନୂଆଦିଲ୍ଲୀ, ୨୨।୪(ପି.ଟି.)**

ମର୍ଯ୍ୟାଦାପୂର୍ଣ୍ଣ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଜିତି ଭାରତର ଡି. ଗୁକେଶ ଏକ ଐତିହାସିକ ସଫଳତା ହାସଲ କରିଛନ୍ତି। କେବଳ ଚେସ୍ ନୁହେଁ ସବୁ ମହଲରେ ତାଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ଏପରି କି ତାଙ୍କୁ ଭବିଷ୍ୟତର ବିଶ୍ୱ ଚାମ୍ପିୟନ ବୋଲି ଲୋକେ କହୁଛନ୍ତି। ଫାଇନାଲ ରାଉଣ୍ଡରେ ଆମେରିକାର ହିକାରୁ ନାକାମୁରାଙ୍କ ସହ ଡ୍ର ରଖିବା ଦ୍ୱାରା ସେ କେବଳ ସମ୍ମାନଜନକ ଟୁର୍ନାମେଣ୍ଟ ଜିତି ନାହାନ୍ତି, ମାତ୍ର ୧୭ବର୍ଷ ବୟସରେ ସେ ସର୍ବକନିଷ୍ଠ ବିଶ୍ୱ ଟାଇଟଲ ଚ୍ୟାଲେଞ୍ଜର ହୋଇପାରିଛନ୍ତି। ୫ଥର ବିଶ୍ୱ ଚାମ୍ପିୟନ ତଥା ଅନ୍ୟତମ ଭାରତୀୟ ଭାବେ କ୍ୟାଣ୍ଡିଡେଟ୍ସ ଜିତିଥିବା କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ ପ୍ରଥମ ବ୍ୟକ୍ତି ଭାବେ ଏହି ସ୍ୱଳ୍ପ ବୟସ୍କଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ପାଇଁ ଚେସ୍ ପରିବାର ଗର୍ବିତ। ବିଭିନ୍ନ କଠିନ ପରିସ୍ଥିତିରେ ମ୍ୟାଚ୍‌କୁ ଯେପରି ହାତେଇଛ ଏବଂ ଖେଳିଛ ସେଥିପାଇଁ ସେ ନିଜେ ବ୍ୟକ୍ତିଗତ ଗର୍ବିତ ବୋଲି ଆନନ୍ଦ ସୋସିଆଲ ମିଡିଆ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଗୁକେଶଙ୍କ ଏହି ପ୍ରେରଣାଦାୟକ ବିଜୟର ଉଚ୍ଚ ପ୍ରଶଂସା କରିଛନ୍ତି। ଗୁକେଶ ସର୍ବକନିଷ୍ଠ ଖେଳାଳି ହିସାବରେ ଫିଡେ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଜିତିଥିବାରୁ ଭାରତ ଗର୍ବିତ। ଅନେକ ଚେସ୍ ଖେଳାଳିଙ୍କ ପାଇଁ ସେ ପ୍ରେରଣାର ଉତ୍ସ ପାଲଟିଥିବା କହିଛନ୍ତି। କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ଗୁକେଶଙ୍କୁ ସାବାସୀ ଜଣାଇଛନ୍ତି। ମାତ୍ର ୧୭ ବର୍ଷ ବୟସରେ ଫିଡେ କ୍ୟାଣ୍ଡିଡେଟ୍ସ ଜିତିବା ବହୁତ ବଡ଼ ସଫଳତା ବୋଲି ସେ କହିଛନ୍ତି। ଆଗକୁ ବଢ଼ ଆମେ ତୁମ ସାଥିରେ ଅଛୁ ବୋଲି ସେ କହିଛନ୍ତି। ମାତ୍ର ୧୨ ବର୍ଷ ବୟସରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବାରେ ଗୁକେଶ ଚେସ୍ ଇତିହାସରେ ତୃତୀୟ ସର୍ବକନିଷ୍ଠ ଖେଳାଳି। ଇଂଲିଶ ଗ୍ରାଣ୍ଡମାଷ୍ଟର ଡେଭିଡ୍ ହାୱେଲ କହିଛନ୍ତି ଏହି ଗୁକେଶଙ୍କ ବିପକ୍ଷରେ ସେ ପ୍ରଥମ ମ୍ୟାଚ ସମୟରେ ତାଙ୍କ ପ୍ରତିଭା ସମ୍ପର୍କରେ ସୁରାକ ପାଇଥିଲେ। ଭାରତର ଏହି ସ୍ୱଳ୍ପ ବୟସ୍କ ଖେଳାଳି ଭବିଷ୍ୟତର ବିଶ୍ୱ ଚାମ୍ପିୟନ ବୋଲି ହାୱେଲ ଟୁଇଟ କରିଛନ୍ତି। ଗୁକେଶଙ୍କ ଚମକପ୍ରଦ ପ୍ରଦର୍ଶନକୁ ନେଇ ପୂର୍ବତନ ବିଶ୍ୱ ଚାମ୍ପିୟନ ଓ ଗ୍ରାଣ୍ଡମାଷ୍ଟର ରୁଷିଆର ଭ୍ଲାଡିମିର କ୍ରାମ୍‌ନିକ୍ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ କ୍ୟାରିଅରରେ ସେ ଯେତୋଟି ଗେମ୍ ଦେଖିଛନ୍ତି ଗୁକେଶଙ୍କ ସୋମବାର ଗେମ୍ ସର୍ବଶ୍ରେଷ୍ଠ ବୋଲି ସେ କହିଛନ୍ତି। ଏହି ବିଜୟ ଦ୍ୱାରା ଗୁକେଶ କିମ୍ବଦନ୍ତୀ ଗ୍ୟାରି କାସ୍ପାରୋଭଙ୍କ ଦୀର୍ଘ ୪୦ ବର୍ଷର ରେକର୍ଡକୁ ଭଙ୍ଗ

**ବିଭିନ୍ନ ମହଲରୁ ପ୍ରଶଂସାର ସୁଅ**

କରିଦେଇଛନ୍ତି। ରୁଷିଆର ଏହି ୨୨ ବର୍ଷୀୟ ଖେଳାଳିଙ୍କୁ ଯେତେବେଳ ମାତ୍ର ୨୨ ବର୍ଷ ବୟସ ହୋଇଥିଲା, ସେ ୧୯୮୪ରେ ନିଜ ଦେଶର ଆନାଟୋଲି କାର୍ପୋଭଙ୍କ ସହ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଥିଲେ। ଗୁକେଶ ବିଶ୍ୱ ଚାମ୍ପିୟନ ହେବା ଲାଗି ଚଳିତବର୍ଷ ପରବର୍ତ୍ତୀ ଭାଗରେ ବର୍ତ୍ତମାନ ବିଶ୍ୱ ଚାମ୍ପିୟନ ଥିବା ଚାଇନାର ଡିଙ୍ଗ୍ ଲିରେନଙ୍କ ସହ ମୁକାବିଲା କରିବେ। ଗୁକେଶ ସର୍ବକନିଷ୍ଠ ଚ୍ୟାଲେଞ୍ଜର ହୋଇ ଉଭା ହୋଇଥିବାରୁ ମହିଳା ବିଭାଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କୋନେରୁ ହମ୍ପି ତାଙ୍କୁ ଅଭିନନ୍ଦନ ଜଣାଇନ୍ତି।



ଆମେରିକାର ହିକାରୁ ନାକାମୁରାଙ୍କ ବିପକ୍ଷରେ ଅନ୍ତିମ ରାଉଣ୍ଡ ମ୍ୟାଚ ଖେଳିବା ଅବସରରେ ଭାରତର ଡି. ଗୁକେଶ (ଡାହାଣ)।

# ରୁଡ୍‌ଙ୍କୁ କ୍ୟାରିୟରର ବଡ଼ ଟାଇଟଲ



ଟ୍ରଫି ସହ କାସ୍ପର ରୁଡ୍।

**ବାର୍ସିଲୋନା ଓପନ ଟେନିସ**

**ବାର୍ସିଲୋନା, ୨୨।୪ (ଏପି)**

କାସ୍ପର ରୁଡ୍ ବାର୍ସିଲୋନା ଓପନ ଟେନିସ ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟର ଫାଇନାଲରେ ସେ ଷ୍ଟିଫାନସ ସିତ୍‌ସିପାସଙ୍କୁ ୭-୫, ୬-୩ରେ ହରାଇ ଦେଇଛନ୍ତି। ଏଥିସହିତ ସେ ମଣ୍ଟେ କାର୍ଲୋ ମାଷ୍ଟର୍ସ ଫାଇନାଲ ପରାଜୟର ପ୍ରତିଶୋଧ ମାତ୍ର ଏକ ସପ୍ତାହ ପରେ ନେଇ ପାରିଛନ୍ତି। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ଟାଇଟଲ। ଏହି ବର୍ଷ ସେ ଖେଳିଥିବା ଅନ୍ୟ ୩ଟି ଫାଇନାଲରେ ସେ ହାରିଯାଇଥିଲେ। ମଣ୍ଟେ କାର୍ଲୋଠାରେ ୭ମ ସିଡ୍ ସିତ୍‌ସିପାସ ସିଧାସଳଖ ସେଟ୍‌ରେ ସହଜସାଧ୍ୟ ବିଜୟ ହାସଲ କରିଥଲେ। କିନ୍ତୁ ଏଥର ରୁଡ୍‌ଙ୍କୁ ମିଳିଥିବା ୬ଟି ବ୍ରେକ୍ ପଏଣ୍ଟ ମଧ୍ୟରୁ ତିନୋଟିରେ ବିଜୟ ହାସଲ କରିଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ